ଧରିତ୍ରୀ 52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୯/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 29/2026 Page 14 ₹ 7.00
୫୨ଶ ଭାଗ ୧୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 123 ମୂଲ୍ୟ₹୭/-

**ଦୁଃଖ ବଖାଣିଲେ ବରୁଣ ଧାୱନ**
'ବର୍ଡର ୨'ର ସଫଳତା ସତ୍ତ୍ୱେ ଅଭିନେତା ବରୁଣ ଧାୱନ ଝିଅ ଲାରାଙ୍କ ଗମ୍ଭୀର ରୋଗକୁ ନେଇ ଦୁଃଖିତ ଅଛନ୍ତି। ଏହା ବର୍ଣ୍ଣନା କରିବା ବେଳେ ସେ ଭାବପ୍ରବଣ ହୋଇପଡ଼ିଥିଲେ। ୦୨

୧୪ **କୋହଲିଙ୍କ ପ୍ରଭାବୀ ବ୍ୟାଟିଂ**
ଆଇପିଏଲ୍ ଉଦ୍‌ଘାଟନୀରେ ବିରାଟ କୋହଲିଙ୍କ ପ୍ରଭାବୀ ବ୍ୟାଟିଂ ବଳରେ ସନରାଇଜର୍ସ ହାଇଦ୍ରାବାଦକୁ ହରାଇ ଦେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ




ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଥିବାବେଳେ ଲକ୍‌ଡାଉନ୍ ଭଳି ସ୍ଥିତି ଉପୁଜିପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଭାରତ ତଥା ଓଡ଼ିଶାରେ ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ଏବେଠୁ ସାଇକେଲ ଚଲାଇବା ଅଭ୍ୟାସ କରିବାକୁ ଆହ୍ୱାନ ଦେଇ ବନ୍ଦେ ମାତରମ୍ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ସଚେତନତା ସୃଷ୍ଟି କରାଯାଉଛି। (ଫଟୋ : ମନୋରଞ୍ଜନ ମିଶ୍ର)

# ମୋଦି-ଟ୍ରମ୍ପ ଆଲୋଚନାରେ ମସ୍କ

ଟ୍ରମ୍ପ ପ୍ରଶାସନଠାରୁ ଦୀର୍ଘଦିନ ଧରି ଦୂରେଇ ରହିଥିବା ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ନିକଟରେ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିଲା। ହେଲେ ଏହି ସମୟରେ ଏଲନ୍ ମସ୍କ ଉପସ୍ଥିତ ରହିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ତାହାକୁ ନେଇ ବିବାଦ ଦେଖାଦେଇଛି। ନ୍ୟୁୟର୍କ ଟାଇମ୍ସର ଏ ସଂକ୍ରାନ୍ତ ରିପୋର୍ଟକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଅନ୍ୟପକ୍ଷରେ ବିଶ୍ଳେଷକଙ୍କ ମତରେ ମସ୍କ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ସୁରକ୍ଷା ଦେବା ଲାଗି ଟ୍ରମ୍ପଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛନ୍ତି।

## ଖଣ୍ଡନ କଲା ଭାରତ



ଡୋନାଲ୍ଡ ଟ୍ରମ୍ପ | ଏଲନ୍ ମସ୍କ | ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୨୮।୩

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାର୍ଚ୍ଚ ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟେଲିଫୋନ୍ କରି ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଫେବୃଆରୀ ୨୮ରେ ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଯୁଦ୍ଧ ଆରମ୍ଭ କରିଥିଲେ ମଧ୍ୟ ଏହାର ୨୪ ଦିନ ପରେ ଟ୍ରମ୍ପ ମୋଦିଙ୍କୁ ଫୋନ୍ କରିଥିଲେ। ଯୁଦ୍ଧ ଅବଧି ମଧ୍ୟରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ଆଲୋଚନା ଥିଲା। ହେଲେ ଏହି ସମୟରେ ଏଲନ୍ ମସ୍କ ଉପସ୍ଥିତ ରହିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ବିବାଦ ତେଜିଛି। ବିଶ୍ୱର ଦୁଇ ପ୍ରମୁଖ ନେତାଙ୍କ କଥାବାର୍ତ୍ତା ବେଳେ ଜଣେ ବେସରକାରୀ ବ୍ୟକ୍ତି କିଭଳି ଉପସ୍ଥିତ ରହିଲେ ବୋଲି ପ୍ରଶ୍ନ ଉଠିଛି।

ଟ୍ରମ୍ପ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କ ନାମ ପ୍ରକାଶ ନ କରି ନ୍ୟୁୟର୍କ ଟାଇମ୍ସ ଏହି ରିପୋର୍ଟ ପ୍ରକାଶ କରିଥିଲେ ହେଁ ଏହି ବିଷୟକୁ ଭାରତ ସରକାରଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ପ୍ରବକ୍ତା ନ୍ୟୁୟର୍କ ଟାଇମ୍ସର ଏହି ରିପୋର୍ଟକୁ ଖଣ୍ଡନ କରି କହିଛନ୍ତି, ଉକ୍ତ ରିପୋର୍ଟ ଆମେ ପଢ଼ିଛୁ। କିନ୍ତୁ ଟ୍ରମ୍ପ-ମୋଦିଙ୍କ ଆଲୋଚନା ସମୟରେ କେବଳ ସେହି ଦୁଇ ଜଣ ହିଁ ଉପସ୍ଥିତ ଥିଲେ, ସେଠାରେ ଅନ୍ୟ କେହି ନ ଥିଲେ। ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟକୁ ନେଇ ଦୁଇ ନେତା ଆଲୋଚନା କରୁଥିଲାବେଳେ ସେଠାରେ ଅନ୍ୟ ଜଣଙ୍କ ଉପସ୍ଥିତି କିଭଳି ସମ୍ଭବ ହେବ ବୋଲି ପ୍ରବକ୍ତା ଜଣକ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା କରିବା ପରେ ପ୍ରଧାନମନ୍ତ୍ରୀ ମୋଦି 'X'ରେ ପୋଷ୍ଟକରି ଯୁଦ୍ଧକୁ ନେଇ ଉପୁଜିଥିବା ସଙ୍କଟର ସମାଧାନ ଦିଗରେ କଥାବାର୍ତ୍ତା ହୋଇଥିବା ଉଲ୍ଲେଖ କରିଥିଲେ। ବିଶେଷକରି ଇରାନ୍ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ବୈଶ୍ୱିକ ଇନ୍ଧନ ଯୋଗାଣ କ୍ଷେତ୍ରକୁ ପ୍ରଭାବିତ କରିଥିବାରୁ ଏହାକୁ ମୁକ୍ତ କରି ତୈଳ ଓ ଗ୍ୟାସ୍ ଯୋଗାଣ କ୍ଷେତ୍ରକୁ ସ୍ୱାଭାବିକ କରିବାକୁ ଆଲୋଚନା ହୋଇଥିବା ମୋଦି କହିଥିଲେ।

# ଯୁକ୍ତ୨ ପରୀକ୍ଷା ଦେଲେନି ୫୦୩୧ ଛାତ୍ରୀଛାତ୍ର

## ଏପ୍ରିଲ ୨ରୁ ଖାତାଦେଖା

ଭୁବନେଶ୍ୱର,୨୮।୩ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଶନିବାର ଶେଷ ହୋଇଛି। ଚଳିତ ବର୍ଷ ମୋଟ ୪ ଲକ୍ଷ ୧ ହଜାର ୬୨୩ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିବାବେଳେ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି। ଅବଶିଷ୍ଟ ୫୦୩୧ ଛାତ୍ରୀଛାତ୍ର ପରୀକ୍ଷା ଦେଇନାହାନ୍ତି। କଳାରେ ସର୍ବାଧିକ ୩୧୫୭ ପିଲା ପରୀକ୍ଷା ଦେଇ ନ ଥିବାବେଳେ ବିଜ୍ଞାନରେ ୯୨୪, ବାଣିଜ୍ୟରେ ୫୪୯ ଓ ଧନ୍ଦାମୂଳକ ଶିକ୍ଷାରେ ୪୦୧ ଜଣ ଅନୁପସ୍ଥିତ ରହିଥିବା ସିଏଚ୍ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏପ୍ରିଲ ୨ରୁ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ଖାତାଦେଖା ଚାଲିବ। ଅନ୍‌ଲାଇନ୍ ଖାତାଦେଖା ପାଇଁ ୭୫ଟି ଏବଂ ଅଫ୍‌ଲାଇନ୍ ପାଇଁ ୭୬ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ପ୍ରଥମ ପର୍ଯ୍ୟାୟ ଆସନ୍ତା ୨ରୁ ୧୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୧୫ରୁ ୨୬ ଯାଏ ଖାତାଦେଖା ହେବ। ମୋଟ ୧୬ ହଜାର ଅଧ୍ୟାପିକା/ଅଧ୍ୟାପକ ମୂଲ୍ୟାୟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମାସେ ମଧ୍ୟରେ ମୂଲ୍ୟାୟନ ସରିବା ପରେ ଟେବୁଲେଶନ୍ ଓ ଅନ୍ୟାନ୍ୟ ପ୍ରକ୍ରିୟା ସାରି ୪୦ରୁ ୪୫ ଦିନ ଅର୍ଥାତ୍ ମେ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ରେଜଲ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୂଲ୍ୟାୟନକାରୀଙ୍କ ପାଇଁ ପାନୀୟ ଜଳ ସହ ସମସ୍ତ ପ୍ରକାର ସୁବିଧା କରାଯିବ ବୋଲି ପରିଡ଼ା ପ୍ରକାଶ କରିଛନ୍ତି।

ଆଜିର ସମ୍ପାଦକୀୟ
ପକ୍ଷପାତିତା ଭାର

RAMRAJ
SHIRTINGS & SUITINGS
COTTON • LINEN
Distributor :
S.R.R. Distributors
P 339, Ground Floor, Gautam Nagar, Bhubaneswar - 751 014
Ph : 70772 42777, 90000 76075, 73737 80147

# ୧ରୁ ନୂଆ ସୁଭଦ୍ରା ଆବେଦନ

ଭୁବନେଶ୍ୱର,୨୮।୩ (ସୁଚିସ୍ମିତା ସାହୁ)

ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ଐତିହାସିକ ତଥା ପ୍ରମୁଖ କଲ୍ୟାଣକାରୀ ଯୋଜନା 'ସୁଭଦ୍ରା'ରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀ ସାମିଲ ହେବେ। ଏଥିପାଇଁ ଏପ୍ରିଲ ୧ରୁ ନୂଆ ଆବେଦନ ଆରମ୍ଭ ହେବ। ଏହା ଏପ୍ରିଲ ୩୦ ପର୍ଯ୍ୟନ୍ତ ଅର୍ଥାତ୍ ଏକମାସ ଧରି ଚାଲିବ। ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ। ୨୦୨୬ ଏପ୍ରିଲ ୧ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ବର୍ଷରୁ ୬୦ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଆବଶ୍ୟକ ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ଦୁଇଟି କିସ୍ତିରେ ବାର୍ଷିକ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ ବୋଲି ଶନିବାର ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ। ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରିପାରିବେ। ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ପାଇପାରିବେ। ସୁଭଦ୍ରା ଯୋଜନାରେ ଯେପରି କୌଣସି ଯୋଗ୍ୟହିତାଧିକାରୀ ବାଦ୍ ନ ପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ଆବଶ୍ୟକ ବ୍ୟବସ୍ଥା କରିଛନ୍ତି ବୋଲି ସୂଚନା ଦିଆଯାଇଛି।

SIKSHA 'O' ANUSANDHAN
SAAT-2026
Empowering students for a brighter future
MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)
APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes
NIRF INDIA RANKINGS 2025
- 15th Best in University Category
- 66th Best in Management Category
INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026
To apply for admission through SAAT, Please visit: www.soa.ac.in

AAA KHORDHA
ARYAVART ANCIENT ACADEMY
www.aaaschool.in
Where Tradition Meets Progressive Learning
ADMISSION OPEN
Hostel facilities available from Std. VI onwards
CLASS XI STREAMS
SCIENCE
COMMERCE
HUMANITIES
*Up to 100% Fee Waiver for Meritorious Students Qualifying A-TAT
Integrated Coaching Programs Available
- JEE (Main & Advance)
- NEET
- NDA
- NISER & OUAT
- CI FOUNDATION (CPT)
- CLAT & INTEGRATED LAW
- CIVIL SERVICES PREPARATION
5th BATCH SUMMER BRIDGE COURSE starts from
2nd April 2026
Lush Green Campus | Modern Infrastructure | Expert Faculty | Sports & Extracurricular
Book Your Seat Now
9337666760
Main Campus: Haladipada, Khordha, Bhubaneswar
*Conditions Applied

ଧରିତ୍ରୀ 52 Years

DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୯/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 29/2026 | Page 14 | ₹ 7.00

୫୨ଶ ଭାଗ ୧୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 123 | ମୂଲ୍ୟ₹୭/-





**ଦୁଃଖ ବଖାଣିଲେ ବରୁଣ ଧାୱନ**

'ବର୍ଡର ୨'ର ସଫଳତା ସତ୍ତ୍ୱେ ଅଭିନେତା ବରୁଣ ଧାୱନ ଝିଅ ଲାରାଙ୍କ ଗମ୍ଭୀର ରୋଗକୁ ନେଇ ଦୁଃଖିତ ଅଛନ୍ତି। ଏହା ବର୍ଣ୍ଣନା କରିବା ବେଳେ ସେ ଭାବପ୍ରବଣ ହୋଇପଡ଼ିଥିଲେ। ୦୨

୧୪ **କୋହଲିଙ୍କ ପ୍ରଭାବୀ ବ୍ୟାଟିଂ**

ଆଇପିଏଲ୍ ଉଦ୍ଘାଟନୀରେ ବିରାଟ କୋହଲିଙ୍କ ପ୍ରଭାବୀ ବ୍ୟାଟିଂ ବଳରେ ସନରାଇଜର୍ସ ହାଇଦ୍ରାବାଦକୁ ହରାଇ ଦେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ।







ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଥିବାବେଳେ ଲକ୍‌ଡାଉନ୍ ଭଳି ସ୍ଥିତି ଉପୁଜିପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଭାରତ ତଥା ଓଡ଼ିଶାରେ ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ଏବେଠୁ ସାଇକେଲ ଚଲାଇବା ଅଭ୍ୟାସ କରିବାକୁ ଆହ୍ୱାନ ଦେଇ ବନ୍ଦେ ମାତରମ୍ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ସଚେତନତା ସୃଷ୍ଟି କରାଯାଉଛି। **(ଫଟୋ : ମନୋରଞ୍ଜନ ମିଶ୍ର)**

# ମୋଦି-ଟ୍ରମ୍ପ୍ ଆଲୋଚନାରେ ମସ୍କ

**ଖଣ୍ଡନ କଲା ଭାରତ**




**ଟ୍ରମ୍ପ୍ ପ୍ରଶାସନଠାରୁ ଦୀର୍ଘଦିନ ଧରି ଦୂରେଇ ରହିଥିବା ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ନିକଟରେ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିଲା। ହେଲେ ଏହି ସମୟରେ ଏଲନ୍ ମସ୍କ ଉପସ୍ଥିତ ରହିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ତାହାକୁ ନେଇ ବିବାଦ ଦେଖାଦେଇଛି। ନ୍ୟୁୟର୍କ ଟାଇମ୍ସର ଏ ସଂକ୍ରାନ୍ତ ରିପୋର୍ଟକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଅନ୍ୟପକ୍ଷରେ ବିଶ୍ଳେଷକଙ୍କ ମତରେ ମସ୍କ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ସୁରକ୍ଷା ଦେବା ଲାଗି ଟ୍ରମ୍ପ୍‌ଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛନ୍ତି।**

ନୂଆଦିଲ୍ଲୀ,୨୮।୩

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମାର୍ଚ୍ଚ ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟେଲିଫୋନ୍ କରି ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଫେବୃଆରୀ ୨୮ରେ ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଯୁଦ୍ଧ ଆରମ୍ଭ କରିଥିଲେ ମଧ୍ୟ ଏହାର ୨୪ ଦିନ ପରେ ଟ୍ରମ୍ପ୍ ମୋଦିଙ୍କୁ ଫୋନ୍ କରିଥିଲେ। ଯୁଦ୍ଧ ଅବଧି ମଧ୍ୟରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ଆଲୋଚନା ଥିଲା। ହେଲେ ଏହି ସମୟରେ ଏଲନ୍ ମସ୍କ ଉପସ୍ଥିତ ରହିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ବିବାଦ ତେଜିଛି। ବିଶ୍ୱର ଦୁଇ ପ୍ରମୁଖ ନେତାଙ୍କ କଥାବାର୍ତ୍ତା ବେଳେ ଜଣେ ବେସରକାରୀ ବ୍ୟକ୍ତି କିଭଳି ଉପସ୍ଥିତ ରହିଲେ ବୋଲି ପ୍ରଶ୍ନ ଉଠିଛି।

ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କ ନାମ ପ୍ରକାଶ ନ କରି ନ୍ୟୁୟର୍କ ଟାଇମ୍ସ ଏହି ରିପୋର୍ଟ ପ୍ରକାଶ କରିଥିଲେ ହେଁ ଏହି ବିଷୟକୁ ଭାରତ ସରକାରଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ପ୍ରବକ୍ତା ନ୍ୟୁୟର୍କ ଟାଇମ୍ସର ଏହି ରିପୋର୍ଟକୁ ଖଣ୍ଡନ କରି କହିଛନ୍ତି, ଉକ୍ତ ରିପୋର୍ଟ ଆମେ ପଢ଼ିଛୁ। କିନ୍ତୁ ଟ୍ରମ୍ପ୍-ମୋଦିଙ୍କ ଆଲୋଚନା ସମୟରେ କେବଳ ସେହି ଦୁଇ ଜଣ ହିଁ ଉପସ୍ଥିତ ଥିଲେ, ସେଠାରେ ଅନ୍ୟ କେହି ନ ଥିଲେ। ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟକୁ ନେଇ ଦୁଇ ନେତା ଆଲୋଚନା କରୁଥିଲାବେଳେ ସେଠାରେ ଅନ୍ୟ ଜଣଙ୍କ ଉପସ୍ଥିତି କିଭଳି ସମ୍ଭବ ହେବ ବୋଲି ପ୍ରବକ୍ତା ଜଣକ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସହ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା କରିବା ପରେ ପ୍ରଧାନମନ୍ତ୍ରୀ ମୋଦି 'X'ରେ ପୋଷ୍ଟକରି ଯୁଦ୍ଧକୁ ନେଇ ଉପୁଜିଥିବା ସଙ୍କଟର ସମାଧାନ ଦିଗରେ କଥାବାର୍ତ୍ତା ହୋଇଥିବା ଉଲ୍ଲେଖ କରିଥିଲେ। ବିଶେଷକରି ଇରାନ୍ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ବୈଶ୍ୱିକ ଇନ୍ଧନ ଯୋଗାଣ କ୍ଷେତ୍ରକୁ ପ୍ରଭାବିତ କରିଥିବାରୁ ଏହାକୁ ମୁକ୍ତ କରି ତୈଳ ଓ ଗ୍ୟାସ୍ ଯୋଗାଣ କ୍ଷେତ୍ରକୁ ସ୍ୱାଭାବିକ କରିବାକୁ ଆଲୋଚନା ହୋଇଥିବା ମୋଦି କହିଥିଲେ।

# ଯୁକ୍ତ୨ ପରୀକ୍ଷା ଦେଲେନି ୫୦୩୧ ଛାତ୍ରୀଛାତ୍ର

**ଏପ୍ରିଲ ୨ରୁ ଖାତାଦେଖା**

ଭୁବନେଶ୍ୱର,୨୮।୩ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଶନିବାର ଶେଷ ହୋଇଛି। ଚଳିତ ବର୍ଷ ମୋଟ ୪ ଲକ୍ଷ ୧ ହଜାର ୬୨୩ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିବାବେଳେ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି। ଅବଶିଷ୍ଟ ୫୦୩୧ ଛାତ୍ରୀଛାତ୍ର ପରୀକ୍ଷା ଦେଇନାହାନ୍ତି। କଳାରେ ସର୍ବାଧିକ ୩୧୫୭ ପିଲା ପରୀକ୍ଷା ଦେଇ ନ ଥିବାବେଳେ ବିଜ୍ଞାନରେ ୯୨୪, ବାଣିଜ୍ୟରେ ୫୪୯ ଓ ଧନ୍ଦାମୂଳକ ଶିକ୍ଷାରେ ୪୦୧ ଜଣ ଅନୁପସ୍ଥିତ ରହିଥିବା ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏପ୍ରିଲ ୨ରୁ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ଖାତାଦେଖା ଚାଲିବ। ଅନ୍‌ଲାଇନ୍ ଖାତାଦେଖା ପାଇଁ ୭୫ଟି ଏବଂ ଅଫ୍‌ଲାଇନ୍ ପାଇଁ ୭୭ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ପ୍ରଥମ ପର୍ଯ୍ୟାୟ ଆସନ୍ତା ୨ରୁ ୧୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୧୫ରୁ ୨୭ ଯାଏ ଖାତାଦେଖା ହେବ। ମୋଟ ୧୬ ହଜାର ଅଧ୍ୟାପିକା/ଅଧ୍ୟାପକ ମୂଲ୍ୟାୟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମାସେ ମଧ୍ୟରେ ମୂଲ୍ୟାୟନ ସରିବା ପରେ ଟେବୁଲେଶନ୍ ଓ ଅନ୍ୟାନ୍ୟ ପ୍ରକ୍ରିୟା ସାରି ୪୦ରୁ ୪୫ ଦିନ ଅର୍ଥାତ୍ ମେ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ରେଜଲ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୂଲ୍ୟାୟନକାରୀଙ୍କ ପାଇଁ ପାନୀୟ ଜଳ ସହ ସମସ୍ତ ପ୍ରକାର ସୁବିଧା କରାଯିବ ବୋଲି ପରିଡ଼ା ପ୍ରକାଶ କରିଛନ୍ତି।


**ଆଜିର ସମ୍ପାଦକୀୟ**

**ପକ୍ଷପାତିତା ଭାର**


# ୧ରୁ ନୂଆ ସୁଭଦ୍ରା ଆବେଦନ

ଭୁବନେଶ୍ୱର,୨୮।୩ (ସୁଚିସ୍ମିତା ସାହୁ)

ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ଐତିହାସିକ ତଥା ପ୍ରମୁଖ କଲ୍ୟାଣକାରୀ ଯୋଜନା 'ସୁଭଦ୍ରା'ରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀ ସାମିଲ ହେବେ। ଏଥିପାଇଁ ଏପ୍ରିଲ ୧ରୁ ନୂଆ ଆବେଦନ ଆରମ୍ଭ ହେବ। ଏହା ଏପ୍ରିଲ ୩୦ ପର୍ଯ୍ୟନ୍ତ ଅର୍ଥାତ୍ ଏକମାସ ଧରି ଚାଲିବ। ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ। ୨୦୧୬ ଏପ୍ରିଲ ୧ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ବର୍ଷରୁ ୬୦ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଆବଶ୍ୟକ ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ଦୁଇଟି କିସ୍ତିରେ ବାର୍ଷିକ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ ବୋଲି ଶନିବାର ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ। ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରିପାରିବେ। ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ପାଇପାରିବେ। ସୁଭଦ୍ରା ଯୋଜନାରେ ଯେପରି କୌଣସି ଯୋଗ୍ୟହିତାଧିକାରୀ ବାଦ୍ ନ ପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ଆବଶ୍ୟକ ବ୍ୟବସ୍ଥା କରିଛନ୍ତି ବୋଲି ସୂଚନା ଦିଆଯାଇଛି।


RAMRAJ
SHIRTINGS & SUITINGS
COTTON • LINEN
Distributor :
Ramlal Rupchand
Nandi Sahi, Cuttack - 753 001
Ph : 94370 94433

SIKSHA 'O' ANUSANDHAN
SAAT-2026
Empowering students for a brighter future
MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

AAA KHORDHA
ARYAVART ANCIENT ACADEMY
www.aaaschool.in
Where Tradition Meets Progressive Learning
ADMISSION OPEN
Hostel facilities available from Std. VI onwards
CLASS XI STREAMS
SCIENCE
COMMERCE
HUMANITIES
*Up to 100% Fee Waiver for Meritorious Students Qualifying A-TAT
Integrated Coaching Programs Available
- JEE (Main & Advance)
- NEET
- NDA
- NISER & OUAT
- CI FOUNDATION (CPT)
- CLAT & INTEGRATED LAW
- CIVIL SERVICES PREPARATION
5th BATCH SUMMER BRIDGE COURSE starts from
2nd April 2026





Lush Green Campus | Modern Infrastructure | Expert Faculty | Sports & Extracurricular





Book Your Seat Now
9337666760
Main Campus:
Haladipada, Khordha, Bhubaneswar
*Conditions Applied

**ଇଣ୍ଡିଗୋ ବିମାନର ଜରୁରୀ ଅବତରଣ**

ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ଶନିବାର ସକାଳେ ୧୬୧ ଯାତ୍ରୀଙ୍କୁ ନେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଦିଲ୍ଲୀ ଯାଉଥିବାବେଳେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବାରୁ ଏହାକୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବିମାନରୁ ବାହାର କରାଯାଇଥିବାବେଳେ କୌଣସି କ୍ଷୟକ୍ଷତି ଘଟି ନ ଥିବା ଅଗ୍ନିଶମ ବିଭାଗ କହିଛି।



ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନର ଏକଚାଟିଆ ଶାସନ ବ୍ୟବସ୍ଥା ବିରୋଧରେ ଶନିବାର ୱାଶିଂଟନର ମେମୋରିଆଲ ବ୍ରିଜ୍ ନିକଟରେ ଅନୁଷ୍ଠିତ 'ନୋ କିଙ୍ଗ୍‌ସ ପ୍ରୋଟେଷ୍ଟ'ରେ ବହୁସଂଖ୍ୟାରେ ଲୋକେ ଯୋଗ ଦେଇଛନ୍ତି।

# ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଓଲି ଗିରଫ

କାଠମାଣ୍ଡୁ,୨୮।୩ (ପି.ଟି.)

ନେପାଳର ନୂଆ ପ୍ରଧାନମନ୍ତ୍ରୀ ଭାବେ ବଲେନ୍ଦ୍ର ଶାହ ଶପଥ ନେବାର ଦିନକ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ଶନିବାର ଗିରଫ କରାଯାଇଛି। ଗତବର୍ଷ ନେପାଳରେ ଜେନ୍ ଜି ଆନ୍ଦୋଳନ ଦମନକୁ ନେଇ ତଦନ୍ତ କମିଶନଙ୍କ ରିପୋର୍ଟ ଆଧାରରେ ନୂଆ ସରକାର ଓଲିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସିପିଏନ୍-ୟୁଏମ୍ଏଲ୍ ଅଧ୍ୟକ୍ଷ ଓଲିଙ୍କୁ ଭକ୍ତପୁର ଜିଲାର ଗୁଣ୍ଡୁ ଅଞ୍ଚଳରୁ ଗିରଫ କରାଯାଇଥିବାବେଳେ ପୂର୍ବତନ ଗୃହମନ୍ତ୍ରୀ ତଥା ନେପାଳୀ କଂଗ୍ରେସ ନେତା ରମେଶ ଲେଖକଙ୍କୁ ତାଙ୍କ ବାସଭବନରୁ ଗିରଫ କରାଯାଇଥିବା ପୋଲିସ କହିଛି।

ଗତବର୍ଷ ସେପ୍ଟେମ୍ବର ୮ ଓ ୯ରେ ନେପାଳରେ ଜେନ୍ ଜି ଆନ୍ଦୋଳନ ଜୋର୍‌ଦାର ହୋଇଥିଲା, ଯେଉଁଥିରେ ବହୁ ଯୁବକଙ୍କ ସମେତ ୭୬ ଜଣଙ୍କ ଜୀବନ ଯାଇଥିଲା। ଆନ୍ଦୋଳନକୁ ଦମନ କରିବାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଓଲି ଏବଂ ଗୃହମନ୍ତ୍ରୀ ଲେଖକ ସମ୍ପୃକ୍ତ ଥିବା ଅଭିଯୋଗ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ଆପରାଧିକ ଆଇନ ଅନୁଯାୟୀ ଉଭୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତ କମିଶନ ସୁପାରିସ କରିଥିଲେ।

## ପ୍ରତିବାଦରେ ସିପିଏନ୍-ୟୁଏମ୍ଏଲ୍‌ର ବିକ୍ଷୋଭ


କେ.ପି. ଶର୍ମା ଓଲି

ଓଲିଙ୍କ ଗିରଫଦାରିକୁ ନେଇ ନେପାଳୀ ରାଜନୈତିକ ଦଳଗୁଡ଼ିକ ନବଗଠିତ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଦଳର ଅଧ୍ୟକ୍ଷଙ୍କୁ ଗିରଫ କରାଯିବା ଏକ ରାଜନୈତିକ ପ୍ରତିଶୋଧ ବୋଲି କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ୟୁନାଇଟେଡ୍ ମାର୍କ୍ସିଷ୍ଟ-ଲେନିନିଷ୍ଟ) (ସିପିଏନ୍-ୟୁଏମ୍ଏଲ୍) ସମ୍ପାଦକ ମହେଶ ବସନେଟ୍ କହିଛନ୍ତି। ଓଲିଙ୍କ ଗିରଫଦାରି ପ୍ରତିବାଦରେ ସିପିଏନ୍-ୟୁଏମ୍ଏଲ୍ ପକ୍ଷରୁ ନେପାଳର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଛି।

# ମଧ୍ୟପ୍ରାଚ୍ୟରେ ରୁଷିଆ-ୟୁକ୍ରେନ୍ ପରୋକ୍ଷ ଲଢ଼େଇ

**ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧକୁ ସପ୍ତାହ ମଧ୍ୟରେ ଶେଷ କରିବାକୁ ଯୋଜନା କରିଥିଲେ ହେଁ ଏହି ଯୁଦ୍ଧ ଏବେ ଦୀର୍ଘମିଆଦୀ ଯୁଦ୍ଧରେ ପରିଣତ ହୋଇଛି। ଦୁଇ ଶତ୍ରୁ ରାଷ୍ଟ୍ରଙ୍କ ଆକ୍ରମଣକୁ ଇରାନ୍ ଯେଉଁଭଳି ମୁକାବିଲା କରିଚାଲିଛି ତାହା କେବଳ ଆମେରିକା କିମ୍ବା ଇସ୍ରାଏଲ ନୁହେଁ, ପାଶ୍ଚାତ୍ତ୍ୟ ଜଗତର ବହୁ ଶକ୍ତିଶାଳୀ ଦେଶକୁ ମଧ୍ୟ ବିସ୍ମିତ କରିଦେଇଛି। ତେବେ ଇରାନ୍‌ର ଏହି ଦୃଢ଼ ସାମର୍ଥ୍ୟ ପଛରେ ତାହାର ଡ୍ରୋନ୍ କ୍ଷମତା ହିଁ ଶତ୍ରୁ ରାଷ୍ଟ୍ରଙ୍କ ପାଇଁ କାଳ ହୋଇଛି। କିନ୍ତୁ ଇରାନ୍ ନିର୍ମିତ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଅସ୍ତ୍ର ଯୋଗାଣକୁ ନେଇ ମଧ୍ୟପ୍ରାଚ୍ୟ ଏବେ ଏକ ଗୋଲକ ଚକ୍ର (ୱିପନ୍ ସପ୍ଲାଇ ଲୁପ୍)ରେ ପରିଣତ ହୋଇଛି। କେବଳ ସେତିକି ନୁହେଁ, ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟ ପରୋକ୍ଷ ଯୁଦ୍ଧକୁ ଓହ୍ଲାଇଛନ୍ତି।**

ତେହରାନ୍/ରିଆଧ ,୨୮।୩

ଫେବୃଆରୀ ୨୮ରେ ଆରମ୍ଭ ହୋଇଥିବା ଇରାନ୍-ଆମେରିକା ଯୁଦ୍ଧ ୧ ମାସରେ ପହଞ୍ଚିଛି। ଇରାନ୍‌ର ଆୟାତୋଲ୍ଲା ଖାମେନେଇ ନେତୃତ୍ୱାଧୀନ ସରକାରକୁ ହଟାଇ ସେଠାରେ ନୂଆ ସରକାର ପ୍ରତିଷ୍ଠା କରିବା ସହ ସପ୍ତାହ ମଧ୍ୟରେ ଯୁଦ୍ଧ ଶେଷ କରିବାକୁ ଯୋଜନା କରିଥିବା ଆମେରିକା ଏବେ ମହାଯୁଦ୍ଧ ମଧ୍ୟକୁ ଠେଲି ହୋଇଯାଇଛି। ଆମେରିକା ଓ ଇସ୍ରାଏଲ ଭଳି ୨ ମହାଶକ୍ତିଙ୍କୁ ଇରାନ୍ ଲଗାତର ଭାବେ ଯେଉଁଭଳି ମୁକାବିଲା କରିଚାଲିଛି; ତାହା କେବଳ ଏହି ଦୁଇ ରାଷ୍ଟ୍ର ନୁହନ୍ତି, ବିଶ୍ୱର ଅନ୍ୟ ଶକ୍ତିଶାଳୀ ରାଷ୍ଟ୍ରଙ୍କୁ ମଧ୍ୟ ବିସ୍ମିତ କରିଦେଇଛି। ତେବେ ଇରାନ୍‌ର ଏହି ଦୃଢ଼ ସାମର୍ଥ୍ୟ ପଛରେ ତାହାର ବୃହତ୍ ଡ୍ରୋନ୍ କ୍ଷମତା ହିଁ ସହାୟକ ହୋଇଛି। ସ୍ୱଳ୍ପ ବ୍ୟୟରେ ଇରାନ୍ ନିର୍ମାଣ କରିଥିବା ଡ୍ରୋନ୍ ଦ୍ୱାରା ଆମେରିକାକୁ ଟାର୍ଗେଟ କରି ଉପସାଗରୀୟ ଅଞ୍ଚଳର ବିଭିନ୍ନ ଦେଶ ଉପରେ ଆକ୍ରମଣ କରି ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲାବେଳେ ଆମେରିକା ଏହି ଡ୍ରୋନ୍‌କୁ ପ୍ରତିହତ କରିବାକୁ ବହୁ କୋଟି ଟଙ୍କା ମୂଲ୍ୟର ଟୋମାହକ୍ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ପଡ଼ିଛି। ଆମେରିକାର ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଆଗରେ ଇରାନ୍‌ର ଏହି ଶସ୍ତା ଡ୍ରୋନ୍ ମହଙ୍ଗା ପଡ଼ିଥିଲାବେଳେ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି। ସବୁଠୁ ବଡ଼ କଥା ହେଲା ଇରାନ୍ ନିର୍ମିତ ଡ୍ରୋନ୍ ପରେ ରୁଷିଆ ଦ୍ୱାରା ଆହୁରି ବିକଶିତ ହେବା ପରେ ଏହାକୁ ଇରାନ୍ ଏବେ ଶତ୍ରୁ ରାଷ୍ଟ୍ରଙ୍କ ବିରୋଧରେ ପ୍ରୟୋଗ କରିଛି।


ଇରାନ୍‌ର 'ସାହିଦ୍-୧୩୬ କାମିକାଜେ' ଡ୍ରୋନ।

୨୦୨୨ରେ ଆରମ୍ଭ ହୋଇଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବେଳେ ଇରାନ୍ ରୁଷିଆକୁ 'ସାହିଦ୍-୧୩୬ କାମିକାଜେ' ଡ୍ରୋନ ଯୋଗାଇଥିଲା। ରୁଷିଆ ଏହି ଶ୍ରେଣୀର ଡ୍ରୋନ୍‌କୁ ଆହୁରି ବିକଶିତ କରି ଏହାର ନାମକରଣ 'ଗେରାନ୍-୨' ରଖି ୟୁକ୍ରେନ ବିପକ୍ଷରେ ବ୍ୟବହାର କରିଥିଲା। ୪ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଏହି ଯୁଦ୍ଧରେ ରୁଷିଆ ଡ୍ରୋନ୍‌କୁ ପ୍ରତିହତ କରିବାକୁ ୟୁକ୍ରେନ ମଧ୍ୟ ନୂଆ ଉପାୟ ଯୋଡି ଏହାକୁ ଆହୁରି ବିକଶିତ କରିଥିଲା। ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ରୁଷିଆ ଇରାନ୍‌କୁ ଗେରାନ୍-୨ ଡ୍ରୋନ୍ ଦେଇ ଋଣ ଶୁଝିଥିଲାବେଳେ ଏହାକୁ ଇରାନ୍ ସାଉଦି ଆରବ, କାତାର, ବାହାରିନ୍, ୟୁଏଇ, ଜୋର୍ଡାନ ଆଦି ରାଷ୍ଟ୍ର ବିରୋଧରେ ନିୟୋଜିତ କରିଛି। ଅପରପକ୍ଷେ ଇରାନ୍‌ର ଡ୍ରୋନ୍ ଆକ୍ରମଣରୁ ସୁରକ୍ଷା ଦେବାକୁ ୟୁକ୍ରେନ ଏହିସବୁ ରାଷ୍ଟ୍ରଙ୍କୁ ସହଯୋଗ କରୁଛି। ଫଳରେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଏବେ ରୁଷିଆ ଏବଂ ୟୁକ୍ରେନ୍ ପରୋକ୍ଷ ଭାବେ ଲଢ଼େଇକୁ ଓହ୍ଲାଇଛନ୍ତି।

## ୨୨୮ ଡ୍ରୋନ୍ ବିଶେଷଜ୍ଞ ପଠାଇଛି ୟୁକ୍ରେନ୍

ଆମେରିକା ପ୍ରାୟ ମାସ ଧରି ଇରାନ୍ ଯୁଦ୍ଧରେ ଲିପ୍ତ ରହିଥିବାରୁ ୟୁକ୍ରେନ୍‌କୁ ଆମେରିକା ସମେତ ପାଶ୍ଚାତ୍ତ୍ୟ ଦେଶଗୁଡିକରୁ ମିଳୁଥିବା ସହାୟତା ହ୍ରାସ ପାଇଛି। ବିକଳ୍ପ ସମ୍ବଳ ଯୋଗାଡ଼ ଲକ୍ଷ୍ୟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏବେ ଉପସାଗରୀୟ ଦେଶଗୁଡିକର ସହାୟତା ଲୋଡିଛନ୍ତି। ସାଉଦି ଆରବ, କାତାର, ବାହାରିନ୍, ୟୁଏଇ, ଜୋର୍ଡାନ ଆଦି ଦେଶକୁ ଡ୍ରୋନ୍ ସହାୟତା କରିବାକୁ ସେ ୨୨୮ ବିଶେଷଜ୍ଞଙ୍କୁ ପଠାଇବା ସହିତ ଗତ ୨୬ ତାରିଖରେ ସାଉଦି ଆରବ ଗସ୍ତ କରି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମନ୍‌ଙ୍କୁ ଭେଟି ଉପସାଗରୀୟ ଦେଶଗୁଡିକ ସହ ସାମରିକ ସହଯୋଗ ପ୍ରତିଷ୍ଠା କରିବାକୁ ଆଲୋଚନା କରିଛନ୍ତି।

# ନାଗରିକଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ରାଜନାଥ

ନୂଆଦିଲ୍ଲୀ,୨୮।୩

ପଶ୍ଚିମ ଏସିଆରେ ଯୁଦ୍ଧ ଲାଗିରହିଥିବାବେଳେ ସରକାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଯୁଦ୍ଧର ଯେକୌଣସି ପ୍ରଭାବରୁ ଭାରତୀୟମାନଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିଛନ୍ତି। ଯୁଦ୍ଧ ସ୍ଥିତିକୁ ନେଇ ରାଜନାଥଙ୍କ ଅଧ୍ୟକ୍ଷତାରେ ଏକ ଅଣଆନୁଷ୍ଠାନିକ ମନ୍ତ୍ରୀଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇନ୍ଧନ ଯୋଗାଣ, ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଉପଲବ୍ଧତା, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସ୍ଥିରତା ଓ ଯୋଗାଣ ଶୃଙ୍ଖଳର ସୁଦୃଢ଼ତାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ସରକାର ନେଇ ଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରାଯାଇଥିଲା। ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ୍ ସିଂ ପୁରୀ, ଶକ୍ତି ମନ୍ତ୍ରୀ ମନୋହରଲାଲ୍, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ନାବାଳିକା ପୀଡ଼ିତାଙ୍କ ପରିଚୟ ପ୍ରଘଟକୁ ନିନ୍ଦାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮।୩

ନାବାଳିକା ବଳାତ୍କାର ପୀଡ଼ିତାଙ୍କ ପରିଚୟ ପ୍ରଘଟ କରାଯିବାକୁ ସୁପ୍ରିମକୋର୍ଟ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ପୀଡ଼ିତାଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କ ନାମ ଯେପରି କୋର୍ଟ ଅର୍ଡରଗୁଡ଼ିକରେ ନ ରହେ, ତାହା ସୁନିଶ୍ଚିତ କରିବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ ନିପୁନ୍ ସାକ୍ସେନା ମାମଲାର ରାୟରେ ସୁପ୍ରିମକୋର୍ଟ କହିଥିଲେ, ବଳାତ୍କାର ପୀଡ଼ିତାଙ୍କ ନାମ କିମ୍ବା ପରୋକ୍ଷରେ ଏପରି କୌଣସି ତଥ୍ୟ ଛାପା ଗଣମାଧ୍ୟମ, ଇଲେକ୍ଟ୍ରୋନିକ୍ ମାଧ୍ୟମ, ସୋସିଆଲ ମିଡିଆ ଇତ୍ୟାଦିରେ ପ୍ରକାଶ କରାଯାଇପାରିବ ନାହିଁ, ଯେଉଁଥିରୁ ପୀଡ଼ିତାଙ୍କୁ ଚିହ୍ନଟ କରାଯାଇପାରିବ ଓ ତାଙ୍କ ପରିଚୟ ସାମ୍ନାକୁ ଆସିବ। ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି, ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶନାମା ଅନୁପାଳନରେ ହୋଇଥିବା ତ୍ରୁଟି ପାଇଁ ଅଦାଲତଗୁଡ଼ିକର ଉଦାସୀନତା ଓ ଏଭଳି ଅପରାଧ ଯୋଗୁ ସାମାଜିକ କଳଙ୍କ ସମ୍ପର୍କିତ ସଚେତନତାର ଅଭାବ ଦାୟୀ।

# ଦିନକରେ ଇରାନ୍‌ରେ ୫୦ ଏୟାର ଷ୍ଟ୍ରାଇକ୍

ତେହରାନ୍/ତେଲ୍ ଆଭିଭ୍ ,୨୮।୩

ଇରାନ୍-ଆମେରିକା ଯୁଦ୍ଧ ଥମିବା ବଦଳରେ ବେଳକୁ ବେଳ ଆହୁରି ଭୟାନକ ହେବାରେ ଲାଗିଛି। ଇରାନ୍‌କୁ ଆମେରିକା ଦେଇଥିବା ୧୦ ଦିନିଆ ଯୁଦ୍ଧ ବିରତି ମହଲତ ସତ୍ତ୍ୱେ ଇରାନ୍ ଉପରେ ଘନ ଘନ ଆକ୍ରମଣ ଜାରି ରହିଛି। ଶନିବାର ଇସ୍ରାଏଲ ଇରାନ୍‌ର ୩ ସହର ଉପରେ ବୋମାମାଡ଼ କରିଛି। ଏହି ସହରଗୁଡିକରେ ରହିଥିବା ଇରାନ୍‌ର ପ୍ରମୁଖ ଅସ୍ତ୍ର ନିର୍ମାଣକାରୀ କାରଖାନାକୁ ଟାର୍ଗେଟ କରି ଇସ୍ରାଏଲର ୫୦ ଲଢୁଆ ବିମାନ ବୋମାମାଡ଼ କରିଛନ୍ତି। ଇରାନ୍‌ର ବାଲିଷ୍ଟିକ୍ ମିଶାଇଲ ଓ ଆଣ୍ଟି-ଏୟାରକ୍ରାଫ୍ଟ ମିଶାଇଲ ଶିଳ୍ପ ସମେତ ହମାସ୍ ଏବଂ ହିଜ୍‌ବୁଲ୍ଲା ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକୁ ଇରାନ୍ ଯୋଗାଉଥିବା ଅତ୍ୟାଧୁନିକ ଡିଭାଇସ୍ କାରଖାନା ଉପରେ ବୋମାମାଡ଼ କରାଯାଇଛି ବୋଲି ଇସ୍ରାଏଲର ଆଇଡିଏଫ୍ କହିଛି। ଏହି ଆକ୍ରମଣରେ ଏକାଧିକ ଲୋକ ଆହତ ହୋଇଥିଲାବେଳେ ବହୁ ଶିଳ୍ପ ୟୁନିଟ୍ ସମେତ କେତେକ ଆବାସିକ ଘର ଧ୍ୱଂସ ହୋଇଯାଇଥିବା କୁହାଯାଇଛି।

## ଯୁଦ୍ଧରେ ସାମିଲ ହେଲା ହୁଟି ସଙ୍ଗଠନ

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ୟେମେନ୍‌ର ହୁଟି ବିଦ୍ରୋହୀ ସଙ୍ଗଠନ ସାମିଲ ହୋଇଛି। ଇରାନ୍‌ର ଛାୟା ସେନା ଭାବେ ପରିଚିତ ଏହି ସଙ୍ଗଠନ ଶନିବାର ଇସ୍ରାଏଲର କେତେକ ସାମରିକ ଘାଟିକୁ ଟାର୍ଗେଟକରି ବାଲିଷ୍ଟିକ୍ ମିଶାଇଲ ମାଡ଼ କରିଛି। ଇରାନ୍ ଯୁଦ୍ଧରେ ହୁଟି ବିଦ୍ରୋହୀ ସାମିଲ ହେବାପରେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଜଟିଳ ରୂପ ନେବ ବୋଲି ଆଶଙ୍କା ବଢ଼ିଛି।

# ସାଉଦି କ୍ରାଉନ୍ ପ୍ରିନ୍ସଙ୍କ ସହ କଥାହେଲେ ମୋଦି

ନୂଆଦିଲ୍ଲୀ,୨୮।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ମୁଖ୍ୟତଃ ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ଆଲୋଚନା ହୋଇଥିବାବେଳେ ଜାହାଜ ଚଳାଚଳ ସ୍ୱାଧୀନତାକୁ ସୁନିଶ୍ଚିତ କରିବା ଏବଂ ଜଳପଥକୁ ମୁକ୍ତ ରଖିବା ଉପରେ ଉଭୟ ସହମତ ହୋଇଛନ୍ତି। ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ୍ ସେନା ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାଠାରୁ ଏହା ମୋଦି ଓ ସଲ୍‌ମାନଙ୍କ ମଧ୍ୟରେ ଦ୍ୱିତୀୟ କଥାବାର୍ତ୍ତା।

# ଇଥାନଲ୍ ମିଶ୍ରଣ ତୈଳ ନିର୍ଭରଶୀଳତା କମାଇବ

ନୂଆଦିଲ୍ଲୀ,୨୮।୩

ପଶ୍ଚିମ ଏସିଆରେ ମାସେ ହେଲା ଲାଗିରହିଥିବା ଯୁଦ୍ଧଜନିତ ଚ୍ୟାଲେଞ୍ଜକୁ ଭାରତ ପୂରା ଦମ୍‌ରେ ସାମ୍ନା କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଜେୱାରଠାରେ ନଏଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରକୁ ଉଦ୍‌ଘାଟନ କରିବା ଅବସରରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ନାଗରିକମାନଙ୍କ ସୁରକ୍ଷା ପାଇଁ ଦେଶ ସମସ୍ତ ଆବଶ୍ୟକ ପଦକ୍ଷେପ ନେଉଛି। ଯୁଦ୍ଧ ଯୋଗୁ ଖାଦ୍ୟ, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍, କୋଇଲା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପ୍ରଭାବିତ ହୋଇଛି। ପ୍ରତ୍ୟେକ ଦେଶ ଏହିସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ଆଶଙ୍କା କରାଯାଉଛି। ତେବେ ଭାରତ ଏହି ସଙ୍କଟ ବିରୋଧରେ ପୂରା ଦମ୍‌ରେ ଲଢ଼େଇ କରୁଥିବା ମୋଦି କହିଛନ୍ତି। ଏହି ଅବସରରେ ସେ ପେଟ୍ରୋଲରେ ଇଥାନଲ ମିଶ୍ରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ଦ୍ୱାରା ତୈଳ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଇଥାନଲ୍ ଉତ୍ପାଦନ ଏବଂ ପେଟ୍ରୋଲରେ ଏହାର ମିଶ୍ରଣକୁ ବଢ଼ାଯାଇ ନ ଥିଲେ ଦେଶକୁ ପ୍ରତିବର୍ଷ ୪.୫ କୋଟି ବ୍ୟାରେଲ୍ ଅଶୋଧିତ ତୈଳ ଆମଦାନୀ କରିବାକୁ ପଡୁଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ନଏଡା ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



# ଛାତ୍ରଙ୍କୁ ଆତଙ୍କବାଦୀ କହିଥିବା ପ୍ରଫେସରଙ୍କ ବିରୋଧରେ ମାମଲା

ବେଙ୍ଗାଲୁରୁ,୨୮।୩

ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ସମୟରେ ଜଣେ ଛାତ୍ରଙ୍କୁ ଆତଙ୍କବାଦୀ କହିଥିବା ପ୍ରଫେସରଙ୍କ ବିରୋଧରେ ଶନିବାର ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଛାତ୍ର ଜଣଙ୍କୁ ପ୍ରଫେସର ଭର୍ତ୍ସନା କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ଛାତ୍ର ଜଣଙ୍କ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଶୁକ୍ରବାର ପ୍ରଫେସରଙ୍କୁ କଲେଜରୁ ନିଲମ୍ବନ କରାଯାଇଥିଲା। ପୋଲିସ ତାଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୯ ଏବଂ ୩୫୨ ଅନୁଯାୟୀ ମାମଲା ରୁଜୁ କରିଛି।

# ୧୬୪ ଆସନରେ ପ୍ରାର୍ଥୀ ଦେଲା ଡିଏମ୍‌କେ

ଚେନ୍ନାଇ,୨୮।୩

୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଶାସକ ଡିଏମ୍‌କେ (ଦ୍ରାବିଡ ମୁନେତ୍ରା କାଝାଗମ୍) ଶନିବାର ୧୬୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ଅବଶିଷ୍ଟ ୭୦ ଆସନ ସହଯୋଗୀ ଦଳଗୁଡ଼ିକ ପାଇଁ ଛାଡ଼ିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମେଣ୍ଟ ସହଯୋଗୀମାନଙ୍କ ସହ ଆସନ ବୁଝାମଣା ସୂତ୍ର ସହ ଦଳୀୟ ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ କରିଛନ୍ତି। ପ୍ରାର୍ଥୀ ତାଲିକାରେ ଅଧିକାଂଶ ମନ୍ତ୍ରୀଙ୍କୁ ରଖାଯାଇଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ନୂଆ ମୁହଁଙ୍କୁ ସାମିଲ କରାଯାଇଛି। ସହଯୋଗୀ ଦଳ ମଧ୍ୟରେ କଂଗ୍ରେସ ୨୮ ଆସନରେ ପ୍ରାର୍ଥୀ ଦେବାକୁ ଥିବାବେଳେ ଡିଏମ୍‌ଡିକେ ୧୦, ଭିସିକେ ୮, ସିପିଆଇ ୫, ସିପିଆଇ(ଏମ୍) ୫, ଏମ୍‌ଡିଏମ୍‌କେ ୪ ଆସନରେ ଲଢ଼ିବ।


ଏମ୍.କେ. ଷ୍ଟାଲିନ୍

ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଷ୍ଟାଲିନ୍ ପୁନର୍ବାର କୋଲାଥୁର୍ ଆସନରୁ ଲଢ଼ିବାକୁ ଯାଉଥିବାବେଳେ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ଚେପକ୍-ଟ୍ରିପ୍ଲିକେନ୍ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ମା ସୁବ୍ରମଣ୍ୟମ, ଏଚ୍‌ଆର୍ ଏବଂ ସିଇ ମନ୍ତ୍ରୀ ପି.କେ. ସେକରବାବୁ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଟି.ଏମ୍. ଅନବରସାନ ସେମାନଙ୍କ ପୂର୍ବ ଆସନରେ ଲଢ଼ିବାକୁ ସ୍ଥିର ହୋଇଛି। ଏପରିକି ଏଆଇଏଡିଏମ୍‌କେରୁ ଆସି ନିକଟରେ ଡିଏମ୍‌କେରେ ସାମିଲ ହୋଇଥିବା ନେତା ମଧ୍ୟ ଟିକେଟ ପାଇଛନ୍ତି। ୩ ଥରର ମୁଖ୍ୟମନ୍ତ୍ରୀ ଓ ପନୀରସେଲ୍‌ଭାମଙ୍କୁ ବୋଡିନାୟାକ୍କାନୁର ଆସନ ଦିଆଯାଇଥିବାବେଳେ ପୌଲ ମନୋଜ ପାଣ୍ଡିଆନ୍ ଅଲଙ୍ଗୁଲମ୍ ଏବଂ ପୂର୍ବତନ ମନ୍ତ୍ରୀ ଆର୍. ବୈଥିଲିଙ୍ଗମ୍ ଓରାଥାନାଡୁ ଆସନରୁ ଲଢ଼ିବେ।



# ଦୁଃଖ ବଖାଣିଲେ ବରୁଣ ଧାୱନ

ମୁମ୍ବାଇ

ଅଭିନେତା ବରୁଣ ଧାୱନ ଇଣ୍ଡଷ୍ଟ୍ରିର ସବୁଠାରୁ ନିର୍ଭରଯୋଗ୍ୟ ଅଭିନେତା ଭାବରେ ଉଭା ହୋଇଛନ୍ତି। ଆଜିକାଲି ସେ ତାଙ୍କର ବ୍ଲକବଷ୍ଟର ୱାର୍ ଡ୍ରାମା ଫିଲ୍ମ 'ବର୍ଡର ୨'ର ସଫଳତାରେ ବେଶ୍ ଖୁସି ଅଛନ୍ତି। କିନ୍ତୁ ଏହି ଖୁସି ଭିତରେ ତାଙ୍କୁ ଏକ ଦୁଃଖ ଘାରୁଛି। ତାଙ୍କ ଝିଅ ଲାରା ଏକ ଗମ୍ଭୀର ରୋଗର ଶିକାର ହୋଇଛନ୍ତି। ନିକଟରେ ଏକ ସାକ୍ଷାତକାରରେ ବରୁଣ ନିଜ ଦୁଃଖ କାହାଣୀ ବର୍ଣ୍ଣନା କରି ଭାବପ୍ରବଣ ହୋଇପଡ଼ିଛନ୍ତି। ଲାରାଙ୍କୁ ମାତ୍ର ୧.୫ ବର୍ଷ ହୋଇଥିବାବେଳେ ହିପ୍ ଡେଭଲପମେଣ୍ଟାଲ ଡିସ୍‌ପ୍ଲାସିଆ (DDH) ରୋଗରେ ପୀଡିତ ହୋଇଥିଲେ। ଏହି ରୋଗ ସାଧାରଣ ଭାବରେ ଚାଲିବା ଏବଂ ଦୌଡ଼ିବା କ୍ଷମତାକୁ ପ୍ରଭାବିତ କରେ। ପ୍ରାରମ୍ଭିକ ସମୟରେ ଆର୍ଥ୍ରାଇଟିସ ହେବାର ସମ୍ଭାବନା ଥାଏ ଏବଂ ସ୍ଲିପ୍ ଡିସ୍କର ବିପଦ ବଢ଼ିଯାଏ। ଭାରତରେ ଏପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ବ୍ୟାପକ ସ୍କ୍ରିନିଂ ଉପଲବ୍ଧ ନାହିଁ। ଅଢ଼େଇ ମାସ ପର୍ଯ୍ୟନ୍ତ ଝିଅର ଚିକିତ୍ସା ଚାଲିଥିଲା। ଆମ ପରିବାର ପାଇଁ ଏହି ସମୟ ବେଶ୍ କଷ୍ଟଦାୟକ ଥିଲା। ଏବେ ସେ ଧୀରେ ଧୀରେ ସୁସ୍ଥ ହେଉଥିବା ବରୁଣ କହିଛନ୍ତି। ଅନେକ ବର୍ଷର ଡେଟିଂ ପରେ ବରୁଣ-ନତାଶା ଦଲାଲ ୨୦୨୧ ଜାନୁଆରୀ ୨୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୨୪, ଜୁନ୍ ୩ରେ ସେମାନେ ଝିଅ ଲାରାଙ୍କୁ ସ୍ୱାଗତ କରିଥିଲେ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୯/୨୦୨୬ | Bhubaneswar, Sunday, March 29/2026





ନୟାଗଡ଼ ଜିଲା ଦଶପଲ୍ଲା ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ଟାକେରା ପିଠାଖାଇ ଘାଟିରେ ଶୁକ୍ରବାର ରାତିରେ ଦୁର୍ଘଟଣାଗ୍ରସ୍ତ ଟୁରିଷ୍ଟ ବସ୍।

# ପିଠାଖାଇ ଘାଟିରେ ଟୁରିଷ୍ଟ ବସ୍ ଦୁର୍ଘଟଣା, ୫ ମୃତ

■ ୩୫ ଆହତଙ୍କ ମଧ୍ୟରୁ ୨ ଗୁରୁତର

■ ୪ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ନୟାଗଡ଼/ଦଶପଲ୍ଲା,୨୮।୩ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)**

ନୟାଗଡ଼ ଜିଲା ଦଶପଲ୍ଲା ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଟାକେରା ପିଠାଖାଇ ଘାଟିରେ ଶୁକ୍ରବାର ରାତି ପ୍ରାୟ ୧ଟାରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୫ ଆହତ ହୋଇଛନ୍ତି।

ମୃତକମାନେ ହେଲେ ବସ୍‌ର ଦ୍ୱିତୀୟ ଡ୍ରାଇଭର ଗଞ୍ଜାମ ଜିଲା କୁଲାଡ଼ର ପ୍ରବୀଣ କୁମାର ସାହୁ (୨୮)। ମୃତ ଯାତ୍ରୀ ହେଲେ ବ୍ରହ୍ମପୁର ଅଶୋକନଗର ୩ୟ ଲେନ୍‌ର ଏଲ. ହରିପାତ୍ର (୬୨) ଓ ସ୍ତ୍ରୀ ଏଲ. ଲକ୍ଷ୍ମୀ ପାତ୍ର(୫୫), ବ୍ରହ୍ମପୁର ବ୍ୟାଙ୍କ କଲୋନୀ ୮ମ ଲେନର ସୁପ୍ରଭା ସାହୁ (୫୩) ଓ ବ୍ରହ୍ମପୁର ଧୋବାବନ୍ଧ ସାହିର ସୁମନ୍ତି ସାହୁ(୨୯)। ଆହତ ୩୫ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

ଗଞ୍ଜାମ ଜିଲା ସୋରଡ଼ାରୁ ଶୁକ୍ରବାର ରାତିରେ ୫୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଅନିଲ ନାମକ ବସ୍ (ଓଡି୦୨ସି ୨୦୮୮) ବଲାଙ୍ଗୀର ଜିଲା ହରିଶଙ୍କର ଓ ନୃସିଂହନାଥ ଯାଉଥିଲା। ବସ୍ ଦଶପଲ୍ଲାରେ ପହଞ୍ଚିବା ପରେ ସ୍ଥାନୀୟ ଏକ ଢାବାରେ ସମସ୍ତେ ରାତିରେ ଖାଇଥିଲେ। ସେଠାରୁ ବାହାରିବା ପରେ ବସ୍‌ଟି ଭାରସାମ୍ୟ ହରାଇ ପିଠାଖାଇ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ଟି ପ୍ରଥମେ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ପରେ ଏକ ପଥରରେ ବାଜି ଓଲଟି ପଡ଼ିଥିଲା। ଶୁକ୍ରବାର ରାତିରେ ନୟାଗଡ଼ ଜିଲାରେ ବର୍ଷା, ପବନ ହୋଇଥିବାରୁ ବିଦ୍ୟୁତ୍ ନ ଥିଲା। ଦୁର୍ଘଟଣା ଖବର ଜଣାପଡ଼ିବା ପରେ ସ୍ଥାନୀୟ ଲୋକ, ୫ ଆମ୍ବୁଲାନ୍ସ, ୨ ଦମକଳ ଗାଡ଼ିରେ କର୍ମଚାରୀଙ୍କ ସମେତ ଦଶପଲ୍ଲା ଥାନା ପୋଲିସ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ବସ୍ ପଛ ପାଖକାଚ ଭାଙ୍ଗି କେତେକ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ଅନ୍ୟ କେତେକଙ୍କୁ ଗାଡ଼ିର ସମ୍ନା କାଚ ଭାଙ୍ଗାଯାଇ ଉଦ୍ଧାର କରାଯାଇଥିଲା। ବସ୍‌ର ସମସ୍ତ ☞ପୃଷ୍ଠା-୪

## ମା'ଙ୍କୁ ହରାଇଲେ ଭଉଣୀଭାଇ

**ବ୍ରହ୍ମପୁର,୨୮।୩(ଅଶୋକ କୁମାର ସାହୁ)**

ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ଟାକେରା ପିଠାଖାଇ ଘାଟିରେ ଟୁରିଷ୍ଟ ବସ୍ ଦୁର୍ଘଟଣାରେ ମୃତକମାନଙ୍କ ମଧ୍ୟରେ ବ୍ରହ୍ମପୁର ଧୋବାବନ୍ଧ ସାହିର ସୁମନ୍ତି ସାହୁ ଅଛନ୍ତି। ସ୍ୱାମୀ ପରିତ୍ୟକ୍ତା ସୁମନ୍ତିଙ୍କ ପୁଅ ଅଭିଜିତ (୧୫) ଓ ଝିଅ ସୁରଭି (୧୪) କାନ୍ଦି କାନ୍ଦି ଏବେ ଆମେ ଅନାଥ ହୋଇଗଲୁ ବୋଲି କହିଛନ୍ତି। ସୁମନ୍ତିଙ୍କ ମା' ସତ୍ୟ ସାହୁ କହିଛନ୍ତି, ପିଲାଙ୍କୁ ଛାଡି ଝିଅ ବୁଲିବାକୁ ଯାଇଥିଲା। ୪ ଦିନରେ ଫେରିବି ବୋଲି କହିଥିଲା। ହେଲେ ସେ ସବୁଦିନ ପାଇଁ ଛାଡ଼ି ଚାଲିଗଲା। ମୁଢ଼ି ଓ ମିକ୍ସଚର କରି ଝିଅ ତାର ପରିବାର ପୋଷୁଥିଲା। ଏବେ

**ପାଳିବା ଚିନ୍ତାରେ ଆଈ**

ପିଲା ୨ଟି ମୋ ପାଖରେ ଅଛନ୍ତି। କେମିତି ନାତିନାତୁଣୀଙ୍କୁ ପୋଷିବେ ତାକୁ ନେଇ ସତ୍ୟ କାନ୍ଦୁଛନ୍ତି। ଏଭଳି ଦୁଃଖଦ ସମୟରେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳ ତାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ କହିଛନ୍ତି ଯେ, ଦୁର୍ଘଟଣା ହୃଦୟ ବିଦାରକ ଥିଲା। ନୟାଗଡ଼ରୁ ମୃତଦେହ କିଭଳି ଆସିବ ତାକୁ ନେଇ ବିଧାୟକ କେ. ଅନିଲ କୁମାର ଯୋଜନା କରୁଛନ୍ତି। ସୁମନ୍ତିଙ୍କର ଘର ଦ୍ୱାର ନ ଥିବାବେଳେ ସରକାରଙ୍କ ତରଫରୁ ତାଙ୍କ ପରିବାରକୁ ସବୁକିଛି ସହାୟତା ଯୋଗାଇ ଦେବା ପାଇଁ ଚେଷ୍ଟା ଚାଲିଥିବା ସେ କହିଛନ୍ତି।



ଆଈଙ୍କ ପାଖରେ ମା'ଙ୍କୁ ହରାଇଥିବା ଭଉଣୀଭାଇ।

# ଟ୍ରିବ୍ୟୁନାଲରେ ବୈଷୟିକ କମିଟି ରିପୋର୍ଟ ଦାଖଲ

**ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)**

**ମହାନଦୀ ଜଳ ବିବାଦ ମାମଲା**

■ ମୋଟ୍ ୧୨ ଥର ବସିସାରିଲାଣି ବୈଷୟିକ କମିଟି ବୈଠକ

■ ୧୧ରେ ପରବର୍ତ୍ତୀ ଶୁଣାଣି, ୧୩ରେ ସରୁଛି ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ

ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହନାଦୀ ଜଳ ବିବାଦକୁ ନେଇ ଶନିବାର ଟ୍ରିବ୍ୟୁନାଲରେ ଶୁଣାଣି ହୋଇଛି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ବେଲା ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଏହି ଶୁଣାଣି କରାଯାଇଛି। ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଶୁଣାଣି ସମୟରେ ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ। ସେ ଓଡ଼ିଶା ବୈଷୟିକ ଟିମ୍‌ର ସମ୍ପୂର୍ଣ୍ଣ ବିବରଣୀ ଟ୍ରିବ୍ୟୁନାଲରେ ଉପସ୍ଥାପନ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଛତିଶଗଡ଼ ସରକାର ମଧ୍ୟ ତାଙ୍କ ବୈଷୟିକ ଟିମ୍‌ର ରିପୋର୍ଟ ଟ୍ରିବ୍ୟୁନାଲରେ ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟମାନେ କିଛିଦିନ ତଳେ ଓଡ଼ିଶା ଏବଂ ଛତିଶଗଡ଼ ଗସ୍ତରେ ଆସିଥିଲେ। ଏହି ଅବସରରେ ସେମାନେ ହୀରାକୁଦଠାରୁ ଆରମ୍ଭକରି ମହାନଦୀ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ଟ୍ରିବ୍ୟୁନାଲ ସଦସ୍ୟମାନଙ୍କୁ ରାଜ୍ୟ ଅତିଥି ଭାବେ ମାନ୍ୟତା ମିଳିବା ସହ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯାଇଥିଲା। ସେହିପରି ଉକ୍ତ ଟିମ୍ ମାର୍ଚ୍ଚ ୭ରୁ ୧୧ ପର୍ଯ୍ୟନ୍ତ ଛତିଶଗଡ଼ ଯାଇ ସ୍ଥିତି ପରଖିଥିଲେ।

ଏଜି ଆଚାର୍ଯ୍ୟ କହିଛନ୍ତି, ଶନିବାର ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ସେ ମହାନଦୀ ବାବଦରେ ବିସ୍ତୃତ ତଥ୍ୟ ରଖିଛନ୍ତି। ଗତ ୨୫ ତାରିଖରେ ୨ ରାଜ୍ୟକୁ ନେଇ ଗଠିତ ବୈଷୟିକ କମିଟିର ଶେଷ ବୈଠକ ହୋଇଥିଲା। ବୈଷୟିକ କମିଟିର ବୈଠକ ଏହା ଭିତରେ ମୋଟ୍ ୧୨ ଥର ଅନୁଷ୍ଠିତ ହୋଇସାରିଛି। ତେଣୁ ଟ୍ରିବ୍ୟୁନାଲରେ ବୈଷୟିକ କମିଟି ରିପୋର୍ଟକୁ ରଖାଯାଇଥିଲା। ଏହାସହ ଟ୍ରିବ୍ୟୁନାଲଙ୍କ ଅବଧି ଆସନ୍ତା ୧୩ ତାରିଖରେ ସରିବାକୁ ଯାଉଛି। ତେଣୁ ୨ ରାଜ୍ୟ ମିଳିତ ଭାବେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ଲାଗି ଅନୁରୋଧ କରିଥିଲେ। ସେହି ଅନୁଯାୟୀ କେନ୍ଦ୍ର ସରକାରଙ୍କୁ କାର୍ଯ୍ୟକାଳ ବୃଦ୍ଧି ଲାଗି ଟ୍ରିବ୍ୟୁନାଲ ଅନୁରୋଧ କରିଛନ୍ତି। ଆସନ୍ତା ୧୧ ତାରିଖ ଶୁଣାଣି ରହିଛି। ଉଭୟ ରାଜ୍ୟ ଆପୋସ ବୁଝାମଣା ସପକ୍ଷରେ ଥିବା ବିଷୟ ଜଣାଇଥିବା ପୀତାମ୍ବର ସୂଚନା ଦେଇଛନ୍ତି।

# ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବହିର୍ବିଭାଗରେ ନିଆଁ

**କଟକ,୨୮।୩(ଶିଳ୍ପା ପ୍ରିୟଦର୍ଶିନୀ)**



ଏସ୍‌ସିବି ମେଡିକାଲ ପିଛା ଛାଡୁନି ଅଗ୍ନିକାଣ୍ଡ। ଶନିବାର ପୁଣି ମେଡିକାଲରେ ଶର୍ଟସର୍କିଟରୁ ନିଆଁ ଲାଗିଛି। ଅପରାହ୍ନ ପ୍ରାୟ ୪ଟା ସମୟରେ ମେଡିକାଲର ପ୍ଲାଷ୍ଟିକ ସର୍ଜରି ବହିର୍ବିଭାଗର ଲିଫ୍ଟ ସମ୍ମୁଖରେ ଥିବା ପଙ୍ଖା ବୁଲୁଥିବାବେଳେ ହଠାତ୍ ଏଥିରୁ ନିଆଁ ଓ ଧୂଆଁ ବାହାରିଥିଲା। ପଙ୍ଖାରୁ ନିଆଁ ବାହାରିବା ଦେଖି ଉକ୍ତ ବିଭାଗରେ ଥିବା ରୋଗୀ, ସମ୍ପର୍କୀୟ, ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଉପସ୍ଥିତ କର୍ମଚାରୀମାନେ ତୁରନ୍ତ ଅଗ୍ନିଶମ ବିଭାଗକୁ ଅବଗତ କରିବାରୁ ଘଟଣାସ୍ଥଳରେ ଉକ୍ତ ବିଭାଗର ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ପଙ୍ଖାରେ ସାମାନ୍ୟ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ଅଧିକାରୀ ପ୍ରକାଶ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ପ୍ରକାଶ ଯୋଗ୍ୟ, ଗତ ୧୫ ତାରିଖ ବିଳମ୍ବିତ ରାତିରେ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସରକାରଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର

**ଶର୍ଟସର୍କିଟରୁ ପଙ୍ଖାରୁ ନିଆଁ, ଭୟଭୀତ ଲୋକେ**

ପ୍ରତ୍ୟେକ କୋଠାରେ ଅଗ୍ନି ନିରାପତ୍ତା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସମସ୍ୟାର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ପରେ କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ମେଡିକାଲ, କଲେଜ ଓ ହଷ୍ଟେଲର ପ୍ରତ୍ୟେକ କୋଣଅନୁକୋଣ ଯାଞ୍ଚ କରାଯାଇଥିଲା।






## ଥାନାରୁ ଅଭିଯୁକ୍ତ ଫେରାର: ଏଏସ୍‌ଆଇ, ୨ କନ୍‌ଷ୍ଟେବଲ ନିଲମ୍ବିତ

**ଯାଜପୁର/ବ୍ରହ୍ମବରଦା (ହର୍ଷବର୍ଦ୍ଧନ ବେହେରା/ଯଯାତି କେଶରୀ ବେହେରା),୨୮।୩**

ଯାଜପୁର ଜିଲା ବ୍ରହ୍ମବରଦା ଥାନାରୁ ଜଣେ ଅଭିଯୁକ୍ତ ଫେରାର ହେବା ଘଟଣାରେ ଏସ୍‌ପି ୟଶପ୍ରତାପ ଶ୍ରୀମଲ ଶନିବାର ଏଏସ୍‌ଆଇ ଅଚ୍ୟୁତାନନ୍ଦ ଦାସ, କନ୍‌ଷ୍ଟେବଲ ବିଦ୍ୟାପତି ପଲେଇ ଓ ସନ୍ତୋଷ ସାହୁଙ୍କୁ ନିଲମ୍ବନ କରିଛନ୍ତି। ଯାଜପୁର ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ରଙ୍କ ତଦନ୍ତ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନାଯୋଗ୍ୟ ଯେ, ବ୍ରହ୍ମବରଦା ଥାନା ଅଧୀନ କୁଣ୍ଡପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ଘଟଣାରେ ଚାନ୍ଦମୋହିନୀ ଗ୍ରାମର ଆଶିଷ ବେହେରା(୨୪)ଙ୍କୁ ପୋଲିସ ୨୭।୩।୨୦୨୫ରେ ଅଟକ ରଖି ☞ପୃଷ୍ଠା-୪

# ଝଡ଼ବର୍ଷା: ୧୬ ଜିଲାକୁ ୟେଲୋ ୱାର୍ନିଂ

## ୨୨ ସ୍ଥାନରେ ୩୫ ଡିଗ୍ରୀ ଉପରେ ତାପମାତ୍ରା

**ଭୁବନେଶ୍ୱର,୨୮।୩(ବନ୍ଦନା ସେଠୀ)**

ଏବେ ରାଜ୍ୟରେ ଦିନବେଳା ପ୍ରଚଣ୍ଡ ଖରା ଅନୁଭୂତ ହେଉଥିବାବେଳେ ଅପରାହ୍ନରୁ ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚୁଛି। ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଓ ବାୟୁ ପରିବର୍ତ୍ତନ ପ୍ରଭାବରେ ଏପ୍ରିଲ ୩ ଯାଏ ବିଭିନ୍ନ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ଓ କୁଆପଥର ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ରବିବାର ୧୬ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲାରେ ବର୍ଷା ସମୟରେ ୪୦ରୁ ୫୦ କି.ମି ବେଗରେ ପବନ ବହିବା ନେଇ ସତର୍କ ସୂଚନା ଦିଆଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କୋରାପୁଟ ଏବଂ ମାଲକାନଗିରି ଜିଲାରେ ବର୍ଷା ସମୟରେ ୩୦ରୁ ୪୦ କି.ମି ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସୋମବାର ୧୯ ଜିଲାକୁ ଓ ମଙ୍ଗଳବାର ୨୫ଟି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ☞ପୃଷ୍ଠା-୪

## ରାତିଅଧରେ ଚାଲିଗଲା ୨ ଜୀବନ

**ବାରିପଦା,୨୮।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାର ଆଖପାଖ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଝଡ଼ ତୋଫାନ ଓ ପ୍ରବଳ ବର୍ଷାରେ ବ୍ୟାପକ କ୍ଷତି ଘଟିଛି। ପୃଥକ ସ୍ଥାନରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ କୁଳିଅଣା ଥାନା ଅଧୀନ କାଠଶିରସି ଅଞ୍ଚଳର ରାମଦାସ ହାଁସଦା(୩୩) ଓ ଅନ୍ୟ ଜଣେ ଖୁଣ୍ଟା ଥାନା ଅଧୀନ କାଦଡିହା ଅଞ୍ଚଳର ନଗେନ ମୁର୍ମୁ (୩୫)। ଏ ସଂକ୍ରାନ୍ତରେ ପୋଲିସ ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଝଡ଼ତୋଫାନ ଯୋଗୁ ୩ଜଣ ଗୁରୁତର ଆହତ ହୋଇ ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାଏକଙ୍କ ବଳିଦାନ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଡାକ୍ତରଖାନା ଛକ, ସମୟ: ସକାଳ ୯ଟା।
- ରାମକ୍ରିଷ୍ଣ ମିଶନ ପକ୍ଷରୁ 'ଭାଲ୍ୟୁ ଏଜୁକେଶନ ଫର୍ ଟିଚର୍ସ' ସେମିନାର, ସ୍ଥାନ: ରାମକ୍ରିଷ୍ଣ ମିଶନ ପରିସର, ସମୟ: ସକାଳ ୯ଟା ୧୫।
- ଚିଲିକା ଆଞ୍ଚଳିକ ବିକାଶ ପରିଷଦର ତ୍ରୟୋଦଶ ବାର୍ଷିକୋତ୍ସବ ଓ ସାଧାରଣ ଅଧିବେଶନ, ସ୍ଥାନ: ରେଡ୍‌କ୍ରସ ଭବନ ପରିସର, ସମୟ: ସକାଳ ୯ଟା ୩୦।
- ଲୋକ ଅଧିକାର ସମାବେଶ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ପାଇକ ବିଦ୍ରୋହ ଦିବସ ପାଳନ, ସ୍ଥାନ: ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟ, ରାଜ୍ୟ ସଂଗ୍ରହାଳୟ ସମ୍ମୁଖ, ସମୟ: ଅପରାହ୍ନ ୪ଟା।
- ଇଟିକିଲି ମିଟିକିଲି ପରିବାର ପକ୍ଷରୁ 'ମାମୁଘର ସ୍ମୃତି, ସଂସ୍କୃତି ଓ କଳ୍ପନାର ଏକ ସୁନ୍ଦର ଜଗତ' ଆଲୋଚନାଚକ୍ର, ସ୍ଥାନ: ଇଟିକିଲି ମିଟିକିଲି କାର୍ଯ୍ୟାଳୟ, ଇନ୍‌ଫୋସିଟି ଏରିଆ, ସମୟ: ଅପରାହ୍ନ ୫ଟା।
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୦୨ତମ ରାଜ୍ୟସ୍ତରୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ପୂର୍ବ ରଙ୍ଗ ଜାତୀୟ ନାଟକ ଉତ୍ସବରେ 'ଅନୁକୂଳ ଅଟୋପର', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସରସ୍ୱତୀ ଶିକ୍ଷା ମନ୍ଦିରର ୨୨ତମ ବାର୍ଷିକୋତ୍ସବ 'ବୈଶାଖୀ-୨୦୨୬', ସ୍ଥାନ: ନହରକଣ୍ଟା ସ୍ଥିତ ବିଦ୍ୟାଳୟ ନିକଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ୪୭ତମ ବାର୍ଷିକ ରାମଲୀଳାର ରାମ ନାଟକ 'ଗଙ୍ଗା ସ୍ନାନ ଓ ତାଡ଼କା ବଧ', ସ୍ଥାନ: ବେଣୁପୁର ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।
- ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ପକ୍ଷରୁ ରାମଲୀଳାର ନାଟକ 'ଶ୍ରୀରାମଙ୍କ ଜନ୍ମ', ସ୍ଥାନ: ଗୋତଳବିନ୍ଧା ଗ୍ରାମର ସୀତା ରାମେଶ୍ୱର ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମ ନାଟକ 'ମାରିଚ ସୁବାହୁ ବଧ ଓ ତାଡ଼କା ବଧ, ସ୍ଥାନ: କାକରୁଦ୍ରପୁରସ୍ଥିତ ପତିତପାବନ ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମଲୀଳାର ରାମ ନାଟକ ପରିବେଷଣ, ସ୍ଥାନ: ବାଇଚୁଆ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।

## କଟକ

- ଆଶୀର୍ବାଦ ଫାଉଣ୍ଡେଶନ ଆନୁକୂଲ୍ୟରେ ରକ୍ତଦାନ ଶିବିର, ସ୍ଥାନ: ସାଇବୃନ୍ଦାବନ ଗାର୍ଡେନ, ଅନ୍ଦରପୁର, ସମୟ: ସକାଳ ୯ଟା।
- କଟକ ମହାନଗର ନିଗମ ପକ୍ଷରୁ ଜିଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର'ର ନବମ ଦିବସ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଭାରତୀୟ ଏକାଡେମୀ ଟ୍ରଷ୍ଟ ପକ୍ଷରୁ ଆତ୍ମନିର୍ଭର ପ୍ରଶିକ୍ଷଣ ଶିବିର, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୪ଟା।
- କଟକ ବୈଶାଖୀ ବାଣିଜ୍ୟ ମେଳାର ଚତୁର୍ଥ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଲୀଳା ଉତ୍ସବ, ସ୍ଥାନ: ଦୁଲଣାପୁର ରଘୁନାଥ ମନ୍ଦିର, ବାଙ୍କୀ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଚତୁର୍ଥ ରାଜ୍ୟସ୍ତରୀୟ ବୀର କଳିଙ୍ଗ ପୁତ୍ର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା, ସ୍ଥାନ: ବ୍ୟାୟାମ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଭଗବତୀ ବିଦ୍ୟାନିକେତନର ୨୭ତମ ବାର୍ଷିକୋତ୍ସବ, ସ୍ଥାନ: ଭୋଳାନାଥ ବିଦ୍ୟାପୀଠ, ସମୟ: ଅପରାହ୍ନ ୫ଟା।
- ଶ୍ରୀକ୍ଷେତ୍ର ଥ୍ରୋ ବଲ୍ ପ୍ରିମିୟର ଲିଗ୍ ସମ୍ପର୍କରେ ବୈଠକ, ସ୍ଥାନ: ଝାଡ଼େଶ୍ୱରୀ କ୍ଲବ, ସମୟ: ସନ୍ଧ୍ୟା ୬ଟା୩୦।
- ମକର ଉତ୍ସବ, ସ୍ଥାନ: ତାଳବଣିଆ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଆର୍ଟିଷ୍ଟ ଆସୋସିଏଶନର ବାର୍ଷିକୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୮ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ ପରିସର, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ବାର୍ଷିକୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଦଧିବାମନ ଦେବଙ୍କ ପୀଠ, ସୁଆଁଳ, ବେଗୁନିଆ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ତଳସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ବ୍ରାହ୍ମଣ ସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।

## ବାଲେଶ୍ୱର

- ବିଶ୍ୱ ମୁଢ଼ି ଦିବସ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଭୂଜା ଖିଆ ପୀରବାବାଙ୍କ ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଭୂଜାଖିଆ ପୀର ସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପତିରାଜପୁର ମେଳଣ କମିଟିର ସମୀକ୍ଷା ବୈଠକ, ସ୍ଥାନ: ପତିରାଜପୁର ମେଳଣ ପଡିଆ, ଖଇରା ବ୍ଲକ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ପ୍ରେମପୃଥିବୀର ସାରସ୍ୱତ ବନ୍ଧୁମିଳନ ଓ ପ୍ରେମ ପଖାଳ ମହୋତ୍ସବ, ସ୍ଥାନ: ଆରଡ଼ି ଛକ ପ୍ରେମନଗର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ରକ୍ତଦାନ ଶିବିର, ସ୍ଥାନ: ଚମ୍ପୁଆ ପୋଲିସ ଷ୍ଟେସନ, ସମୟ: ସକାଳ ୮ଟା
- ପ୍ରମୁଖ ଜନଗୋଷ୍ଠୀ କାର୍ଯ୍ୟକ୍ରମ, ସ୍ଥାନ: ନଗର ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସହିଦ ରାଜ କିଶୋର ମୁଣ୍ଡା ଜୟନ୍ତୀ, ସ୍ଥାନ: ନୂଆଗାଁ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଶିମିଳିପାଳ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ରଙ୍ଗାମାଟିଆ କଲ୍ୟାଣ ମଣ୍ଡପ ତକତପୁର ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ, ସ୍ଥାନ: ମଣ୍ଡଳ କାରାଗାର, ସମୟ: ସକାଳ ୮ ଟା।
- ଗୁରୁକୁଳ ଇଣ୍ଟରନ୍ୟାସନାଲ ସ୍କୁଲରେ ରକ୍ତଦାନ ଶିବିର, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ ଟା।
- ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ବାର୍ଷିକୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ମଧ୍ୟାହ୍ନ ୧୨ ଟା।

## ଗଞ୍ଜାମ

- ଶ୍ରୀଅରବିନ୍ଦ ଦିବ୍ୟ ଚେତନା ଆଶ୍ରମ, ଶ୍ରୀଅରବିନ୍ଦ ପାଠଚକ୍ର ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଆସିକା ସହର ଉପକଣ୍ଠ ରେଡିଦାମୋଦରପଲ୍ଲୀ, ସମୟ: ସକାଳ ୭ଟା।

## ଢେଙ୍କାନାଳ

- ସାଇ ସତ୍‌ସଙ୍ଗ ସେବା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ- ଢେଙ୍କାନାଳ ଶ୍ରୀରାମ ମଣ୍ଡପ, ସମୟ: ସକାଳ ସାଢେ ୮ଟା।
- ଭୁବନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୭ ତମ ବାର୍ଷିକ ଉତ୍ସବ , ସ୍ଥାନ: ଭୁବନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସର, ସମୟ: ଅପରାହ୍ନ ୩ଟା ୩୦।

## ଅନୁଗୋଳ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ସକାଳ ୯ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ପରିକ୍ରମାର ୨୮ ତମ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ଏନ୍‌ଏସି ହାଇସ୍କୁଲ ପରିସର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ବିଜୟା ଦଶମୀ ମହାଯଜ୍ଞ, ସ୍ଥାନ: ମେଳଣ ପଡିଆ, ମେଡିକାଲ ବଜାର, ଧାମନଗର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ସମ୍ଭବ ପତ୍ରିକାର ୨୨ତମ ବାର୍ଷିକ ସମାରୋହ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିରଜା କୃପା ସାହିତ୍ୟ ପରିବାର ପକ୍ଷରୁ ୫ମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୬ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ୫୪ତମ ଓଡ଼ିଶା ପ୍ରସିଦ୍ଧ ଗଣିଆ ଲଙ୍କାପୋଡି ଯାତ୍ରା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୩ୟ ଦିବସରେ ପୂଜା ପାଠ, ଶ୍ରୀରାମଙ୍କ ବନବାସ, ସ୍ଥାନ: ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପୀଠ ଗଣିଆ, ସମୟ:ପୂର୍ବାହ୍ନ ୧୦ଟାରୁ ପ୍ରାତଃ ୫ଟା ।

## ରାୟଗଡ଼ା

- ଶିଶୁ ମହୋତ୍ସବ ପାଇଁ ଆଞ୍ଚା ମାଳା ଅଣାଯିବା କାର୍ଯ୍ୟକ୍ରମ, ସ୍ଥାନ: କାଶୀ ବିଶ୍ୱନାଥ ମନ୍ଦିର, ଗୁଣପୁର, ସମୟ: ସକାଳ ୬ଟା।
- ମା' ମଝିଘରିଆଣୀଙ୍କ ସୁନାବେଶ, ସ୍ଥାନ: ମଝିଘରିଆଣୀ ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ଟା ୫୦।

## କୋରାପୁଟ

- ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: କୋରାପୁଟ ମେଡିକାଲ କଲେଜ ଛକ, ସମୟ: ସକାଳ ୯ଟା।
- ବିଏସ୍‌ଏଫ୍ ପକ୍ଷରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ଓ ଡଗ୍ ଶୋ, ସ୍ଥାନ: ରାଜାନଗର, ଜୟପୁର, ସମୟ: ସକାଳ ୯ଟା ୩୦।
- ହିନ୍ଦୁ ନବବର୍ଷ ଉପଲକ୍ଷେ ଆରଏସ୍‌ଏସ୍‌ର ଶୋଭାଯାତ୍ରା, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୩ଟା।

## ମାଲକାନଗିରି

- ସାମ୍ବାଦିକ ସଂଘ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଓ ଅଧିବେଶନ, ସ୍ଥାନ: ମାଲକାନଗିରି ଏଜୁକେସନ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ବେଙ୍ଗଲୀ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ନରନାରାୟଣ ସେବାଶ୍ରମ, ପୋଟରୁ, ସମୟ: ଅପରାହ୍ନ ୨ଟା।

## ସମ୍ବଲପୁର

- ଗଙ୍ଗାଧର ମେହେର ବିଶ୍ୱବିଶ୍ୱଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ କୁଦୋପାଲି ଶହୀଦ ଶୀର୍ଷକ କର୍ମଶାଳା, ସ୍ଥାନ: ଅମୃତ ବିହାର, ସମୟ : ପୂର୍ବାହ୍ନ ୧୦ଟା।
- ମା'କାମାକ୍ଷା ଦେବୀଙ୍କ ଚୈତ୍ର ସ୍ୱତନ୍ତ୍ର ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ସକାଳ ୯ଟା ୩୦।

## ବଲାଙ୍ଗୀର

- ମନ କୀ ବାତ କାର୍ଯ୍ୟକ୍ରମ ଓ ଏସ୍‌ଆଇଆର ଉପରେ ବୈଠକ, ସ୍ଥାନ: ଅଗ୍ରେସନ ଭବନ, ଲୋଇସିଂହା, ସମୟ : ସକାଳ ୯ଟା।
- ଶ୍ରୀ ଶ୍ରୀ ୧୦୦୮ ଶ୍ରୀ ଡଙ୍ଗରବୁଢା ପୁଞ୍ଜିପଥର ପୂଜା ମହୋତ୍ସବ ତଥା ବତିଶ ପ୍ରହରୀ ନାମଯଜ୍ଞ, ସ୍ଥାନ: ପୁଞ୍ଜିପଥର ମନ୍ଦିର,ସର୍ଗିଗୁଡା, କଣ୍ଟାବାଞ୍ଜି, ସମୟ : ପୂର୍ବାହ୍ନ ୯ଟା ୧୫ ମିନିଟ।

## ରାଉରକେଲା

- ବାସନ୍ତୀକ ଦୁର୍ଗାପୂଜା ପୀଠେ ୧୦ମୀ, ସ୍ଥାନ: ସେକ୍ଟର-୩ ବାସନ୍ତୀ ପଡ଼ିଆ, ସମୟ: ସକାଳ ୮ଟା।
- ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନର ବାର୍ଷିକ ବୈଠକ, ସ୍ଥାନ: କୋଏଲନଗର ଅବସର ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଏକକ ଅଭିନୟ ପ୍ରତିଯୋଗିତା,ସ୍ଥାନ:ସୌଖିନ ରଙ୍ଗମଞ୍ଚ, ବରଗଡ଼,ସମୟ:ସକାଳ ୧୦ଟା।
- ଜେନିଥ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି

- କଳାହାଣ୍ଡି ଓକିଲ ସଂଘର ସମ୍ବର୍ଦ୍ଧନା ସଭା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବହୁଜନ ସମାଜ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ଆମ୍ବେଡକର ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ତୃତୀୟ ଦିବସରେ ନାଟକ ବନବାସ, ସ୍ଥାନ: ଶ୍ରୀ ରଘୁନାଥ ଜିଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼

- ରାମନବମୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରବଚନ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ବ୍ଲକ ରାଏକେଡାରେ ରାମଲୀଳାର ତୃତୀୟ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନିକା ଶିଶୁମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।

## ନୂଆପଡ଼ା

- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ୧୨ନଂ. ୱାର୍ଡ କୁଅଁରପଡ଼ା, ସମୟ: ସକାଳ ୮ଟା ୩୦।
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ରିଷଗାଁ, ସମୟ: ସକାଳ ୮ଟା ୩୫।

## ଝାରସୁଗୁଡ଼ା

- ଶିବଙ୍କ ରୁଦ୍ରାଭିଷେକ ପୂଜା, ସ୍ଥାନ: ମହାକାଳ ମନ୍ଦିର,ବାଗଡିହି, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଜୀବନଚର୍ଯ୍ୟା ସୁନ୍ଦର ରହିବ। ରାଶ୍ୟାଧିପ ମଙ୍ଗଳଙ୍କ ଏକାଦଶସ୍ଥ ସ୍ଥିତିଜନିତ ପ୍ରତ୍ୟେକ କାର୍ଯ୍ୟରେ ସଫଳ ହେବେ। ଅଶ୍ୱିନୀ ନକ୍ଷତ୍ର ସକାଶେ ସମସ୍ୟାଗୁଡ଼ିକ ବ୍ୟସ୍ତତା ସୃଷ୍ଟି କରାଇବେ। ପାରସ୍ପରିକ ଆଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରିଆସିବ।

**ବୃଷ** ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ମନମୁଖି ଶାସନ ଓ ସ୍ୱାଧୀନ ମତବ୍ୟକ୍ତ ଘରୋଇ କଳହକୁ ଜନ୍ମଦେବ। କୃତ୍ତିକା ନକ୍ଷତ୍ରର କାମ ଚାପ ସହ ଦୈହିକ ଅସୁସ୍ଥତାର ସୂଚନା ରହିଛି। ପ୍ରକାଶନ, ଆଇନ ଅଦାଲତ, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ପୂର୍ବପରି ଚାଲୁ ରହିବ। ସାଙ୍ଗସାଥୀ କହିବେ ବହୁତ, କିନ୍ତୁ କାମ କଲାବେଳକୁ ଦେଖାମିଳିନପାରେ।

**ମିଥୁନ** କର୍ମାଧିପତି ବୃହସ୍ପତି ରାଶିରେ ଅବସ୍ଥାନ କରି କର୍ମାରମ୍ଭ ସକାଶେ ଅନୁପ୍ରେରିତ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ କଳହ ଲାଗିପାରେ। ବନ୍ଧୁଙ୍କ ସହିତ ଟଙ୍କା ପଇସା ସମ୍ପର୍କିତ ଝାମେଲାର ସମ୍ମୁଖୀନ ହେବେ। ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ବିଷୟରେ ସନ୍ତୋଷଜନକ ଫଳ ପାଇବେ।

**କର୍କଟ** ପାପଗ୍ରହ ଦୃଷ୍ଟି ବିବର୍ଜିତ ରାଶ୍ୟାଧିପ ଚନ୍ଦ୍ର ଦୈହିକ, ମାନସିକ ଓ ସାମାଜିକ ସ୍ଥିତିକୁ ସୁଦୃଢ଼ କରାଇବ। ଧନାଧିପ ରବିଙ୍କ ସୁପ୍ରଭାବରେ ବନ୍ଧୁଙ୍କ ନିକଟରୁ ଅର୍ଥ ପାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ, ସଭାସମିତିରେ, ସଠିକ୍ ସିଦ୍ଧାନ୍ତ ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଅର୍ଥନୈତିକ ସ୍ଥିତି ଓ ପାରିବାରିକ ସଦ୍ଭାବର ଅଭାବ ରହିବ ନାହିଁ।

**ସିଂହ** ଚନ୍ଦ୍ରଙ୍କ କୋଣଭାବସ୍ଥ ରବି ଯୋଗୁ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶରେ କିଛି ସ୍ୱାଭାବିକତା ଫେରିପାରେ। ଶନିକ୍ଷେତ୍ରସ୍ଥ ବୁଧଙ୍କ ଯୋଗୁ ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ବିଳମ୍ବରେ ପାଇଯିବେ। କର୍ମ କ୍ଷେତ୍ରରେ ବାଧା ଉପୁଜିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ଚିନ୍ତିତ ହେବେ।

**କନ୍ୟା** ଏକାଦଶସ୍ଥ ଚନ୍ଦ୍ର ଉଦ୍ୟମକୁ ଚରିତାର୍ଥ କରାଇବ। ଦିନଚର୍ଯ୍ୟା ମଧ୍ୟରେ ଯାହାକୁ ଯାହା କହିବେ କିମ୍ବା କରିବେ, ସବୁ ସୁବିଧାରେ ସମ୍ପନ୍ନ ହେବ। ଦୀର୍ଘଦିନର ଚେଷ୍ଟା ପରେ ଉପରିସ୍ଥଙ୍କ ସହୃଦୟତାରୁ ଋଣସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟର ପ୍ରତିବନ୍ଧକ ଓ ଯାତ୍ରାରେ ଦୁଶ୍ଚିନ୍ତା ବଢ଼ିପାରେ।

**ତୁଳା** ଆଶା ବାସ୍ତବତାରେ ପରିଣତ ହେବା ସହ ଯାହା ପାଇବା କଥା ତାହା ପାଇବେ। ଶନିଙ୍କ ସ୍ଥିତିରୁ ପ୍ରତ୍ୟେକ କ୍ଷେତ୍ରରେ କାଳକ୍ଷେପଣ ନୀତି ସମସ୍ୟା ଓ ବିଳମ୍ବ ସୃଷ୍ଟି କରିବ। ଅତି ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଜିର ସକାଳୁଆ ଯାତ୍ରା ଶୁଭପ୍ରଦ ହେବ, ବ୍ୟବସାୟିକ ସ୍ଥିତି ମଧ୍ୟ ମନ୍ଦ ହେବନି।

**ବିଛା** ଭାଗ୍ୟାଧିପତି ଚନ୍ଦ୍ରଙ୍କ ଆରୋହଣ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ କରାଇବ। ପରିବାରାଧିପତି ଶନିଙ୍କ ଦୁଃସ୍ଥାନ ସ୍ଥିତି ବିନା କାରଣରେ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରାଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କ୍ରୀଡ଼ା, ସାମ୍ବାଦିକତା, ସାହିତ୍ୟରେ ସୁନାମ ଅର୍ଜନ କରିବେ।

**ଧନୁ** ଆଜି ବୈଷୟିକ ଅଭିବୃଦ୍ଧିରୁ ଖୁସି ହେବେ, କିନ୍ତୁ ବିଭିନ୍ନ କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବିବାଦ କାରଣରୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ ଏବଂ ପାରିବାରିକ, ପରିବହନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** କେନ୍ଦ୍ରସ୍ଥ ଶୁକ୍ର ଆପଣଙ୍କ ପାରିବାରିକ ଏବଂ କର୍ମକ୍ଷେତ୍ରକୁ ଜୀବନଯାତ୍ରାକୁ ସରସ, ସୁନ୍ଦର କରାଇପାରନ୍ତି। ଭୁଲ୍ ବୁଝାମଣା ନେଇ ଅଶାନ୍ତି ଓ କର୍ମକ୍ଷେତ୍ରରେ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ।

**କୁମ୍ଭ** ଶୁଭଗ୍ରହ ପ୍ରଭାବରୁ ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ପ୍ରଫୁଲ୍ଲତା କାର୍ଯ୍ୟ ସିଦ୍ଧି ପାଇଁ ମନୋବଳ ସୃଷ୍ଟି କରିବ। ସକାଳେ ଶୁଭ ଖବର ପାଇ ଖୁସି ହୋଇଯିବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିବେ।

**ମୀନ** ଉଚ୍ଚାରୋହୀ ରବିଙ୍କ ଯୋଗୁ ଆପଣଙ୍କ ପ୍ରତିଷ୍ଠା ଓ ଲୋକ ସମ୍ପର୍କକୁ ନିଜ ଲୋକମାନେ ଭଲ ଦୃଷ୍ଟିରେ ଦେଖିନପାରନ୍ତି। ବାରମ୍ବାର ଚେଷ୍ଟା କରି ଆସୁଥିବା କାମଗୁଡ଼ିକ ଆଜି ଠିକ୍ ଭାବରେ ସମ୍ପନ୍ନ ହୋଇଯିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ର କରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ।

ଆଜି ମାର୍ଚ୍ଚ ୨୯ ତାରିଖ, ଚୈତ୍ର ଶୁକ୍ଳପକ୍ଷର ସର୍ବସମ୍ମତ କାମଦା (ଶଯ୍ଯା) ଏକାଦଶୀଯୁକ୍ତ ଦ୍ୱାଦଶୀ ରବିବାର। ରବିନାରାୟଣ ବ୍ରତ, ଶ୍ରୀମନ୍ଦିରରେ ସୀତା ବିବାହ, ଶହୀଦ୍ ଲକ୍ଷ୍ମଣନାୟକଙ୍କ ଫାଶୀ ଦିବସ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାଶିନକ୍ଷତ୍ର- ଅଶ୍ଳେଷା/କର୍କଟ, ଘ.୨।୩୮ମି. ଗତେ ମଘା/ସିଂହ, ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୪୬ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୨୨ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୫ ଗତେ ଘ.୦୫।୫୬ମି. ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରଣୀ ଗଙ୍ଗା**
**ପେଯ ପିଇ କରି ବାନ୍ଧିଚୁ ସଙ୍ଗା।**

କୃପଣ ନ ହେଲେ ସଞ୍ଚୟ କରିବା କଷ୍ଟକର। ଭବିଷ୍ୟତକୁ ସୁଦୃଢ଼ ଏବଂ ସୁରକ୍ଷିତ କରିବା ଲାଗି ସଞ୍ଚୟ ମନୋବୃତ୍ତି ରଖିବା ବୁଦ୍ଧିମତ୍ତାର ପରିଚୟ ହୋଇଥାଏ। ଘରକୁ ସ୍ୱର୍ଗଠାରୁ ସୁନ୍ଦର କରିବାରେ ଗୃହିଣୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରିସ୍ଥଳେ ବହୁ କଷ୍ଟ କରି ଘର ପ୍ରତି ପୂର୍ଣ୍ଣ ସମର୍ପିତା ଥିବା ଗୃହିଣୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ମୁଣ୍ଡ ଟାକୁ ଟାକୁ**
**କାହୁଁ ଆଣିଥିଲି ଥାକୁଲିଟାକୁ**
**ଚୁଡ଼ା କୁଟି ଖାଇବାକୁ।**

ଆବଶ୍ୟକତାଠୁ ଅଧିକ ମୋଟା ହେଲେ ବ୍ୟକ୍ତି ସ୍ୱଚ୍ଛନ୍ଦରେ କାମଦାମ କରିପାରି ନ ଥାଏ। ଥାକୁଲି ସ୍ତ୍ରୀ ମୋଟୀ ହୋଇଥିବା ଦୃଷ୍ଟିରୁ ଆଦୌ କାର୍ଯ୍ୟଦକ୍ଷ ହୋଇପାରୁ ନ ଥିବାବେଳେ ତା'ପ୍ରତି ଏଭଳି ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କୋଇଲା ପରିବହନକୁ ନେଇ କୋଶଳାରେ ଉତ୍ତେଜନା

**■ ଆନ୍ଦୋଳନରେ ସାମିଲ ହେଲେ ୨୦ରୁ ଅଧିକ ଗାଁର ଲୋକ**

**■ ଥାନାରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ସଜାଗ**

ଛେଣ୍ଡିପଦା,୨୮।୩ (ଅଜିତ ଧଳ)

ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ଛେଣ୍ଡିପଦା ଥାନା କୋଶଳା ଗ୍ରାମ ଦେଇ କୋଇଲା ପରିବହନକୁ ବିରୋଧ କରି କୋଶଳା ଗ୍ରାମବାସୀ ୨୨ଦିନ ହେବ ଧାରଣା ଦେଇଥିବାବେଳେ ଶନିବାର ସନ୍ଧ୍ୟାରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଅନୁଗୋଳ ଗୋଇନ୍ଦା ବିଭାଗ ପକ୍ଷରୁ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଠାଯାଇଥିବା ଏକ ଚିଠିକୁ ନେଇ ଉତ୍ତେଜନା ବଢ଼ିଥିବା ବେଳେ ଆନ୍ଦୋଳନରେ ୨୦ରୁ ଅଧିକ ଗ୍ରାମର ପ୍ରାୟ ୭ ହଜାର ଲୋକ ସାମିଲ ହୋଇଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ଛେଣ୍ଡିପଦା ଥାନାରେ ୨ ଜଣ ମାଜିଷ୍ଟ୍ରେଟଙ୍କ ସହିତ ପ୍ରାୟ ୧୦ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଅଛନ୍ତି।

ସୂଚନା ଅନୁଯାୟୀ, ସିଙ୍ଗରେନି କମ୍ପାନୀ ପକ୍ଷରୁ ଛେଣ୍ଡିପଦାରେ ନୟନୀ କୋଇଲା ଖଣି ପ୍ରତିଷ୍ଠା କରାଯାଇଛି। ମାର୍ଚ୍ଚ ୫ ତାରିଖରେ ଟ୍ରକ୍ ଯୋଗେ କୋଶଳା ଗାଁ ଦେଇ କୋଇଲା ପରିବହନ ଉଦ୍ୟମ କରାଯାଇଥିଲେ ହେଁ ରାଜପଥରେ ଗ୍ରାମବାସୀଙ୍କ ଧାରଣା ଯୋଗୁ ଗାଡ଼ିଗୁଡ଼ିକ ଫେରିଯାଇଥିଲା। ଗତ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକ କରାଯାଇଥିଲେ ହେଁ ଗ୍ରାମବାସୀ ଏଥିରେ ସହମତ ନ ହୋଇ ଧାରଣା ଜାରି ରଖିଛନ୍ତି। ଶୁକ୍ରବାର ଅନୁଗୋଳ ଗୋଇନ୍ଦା ବିଭାଗ ପକ୍ଷରୁ ନଂ. ୧୮୧୩ରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଚିଠି କରାଯାଇ ଧାରଣାସ୍ଥଳରେ ଆମ୍ବୁଲାନ୍ସ, ଡାକ୍ତର ନିୟୋଜିତ କରିବାକୁ ଅନୁରୋଧ କରାଯାଇଥିଲା। ଉକ୍ତ ଚିଠି ସମ୍ପର୍କରେ ଖବର ମିଳିବା ପରେ ଆନ୍ଦୋଳନକାରୀଙ୍କ ଭିତରେ ଉତ୍ତେଜନା ଦେଖାଦେଇଥିଲା। ଏହି ସମୟରେ ଏକ ପ୍ରଚାର ଗାଡିକୁ ପୋଲିସ ଜବରଦସ୍ତ ନେଇଯାଉଥିବାବେଳେ ଗ୍ରାମବାସୀ ଅଟକାଇବାରୁ ଉତ୍ତେଜନା ବଢ଼ିଯାଇଥିଲା। ଏ ନେଇ ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି, କୋଇଲା ପରିବହନ ଆନ୍ଦୋଳନକୁ ନେଇ ପୋଲିସ ଫୋର୍ସ ଆସିଛନ୍ତି। ଗ୍ରାମବାସୀଙ୍କ ସହିତ ପ୍ରଥମେ ଆଲୋଚନା କରାଯିବ। ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ନିଆଯିବ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି, ଗୋଇନ୍ଦା ବିଭାଗ ପକ୍ଷରୁ ଚିଠି ଆସିଛି।

## ୩ୟ ପୃଷ୍ଠାର ଅବଶିଷ୍ଟାଂଶ

### ପିଠାଖାଇ ଘାଟିରେ...

ଯାତ୍ରୀ ଆହତ ହୋଇଥିବାବେଳେ ୩୫ ଜଣ ଯାତ୍ରୀଙ୍କ ଅବସ୍ଥା ଭଲ ନ ଥିଲା। ଆହତମାନଙ୍କୁ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଯାତ୍ରୀ ପୁଷ୍ପାଞ୍ଜଳି ସାହୁଙ୍କ ସୂଚନା ଅନୁସାରେ ବସ୍‌ଟି ଦ୍ରୁତ ଗତିରେ ଯାଉଥିଲା। ଘାଟ ବୁଲାଣିରେ ଡ୍ରାଇଭର କାଟି ନ ପାରିବାରୁ ବସ୍‌ଟି ଓଲଟି ପଡ଼ିଥିଲା। ବସ୍‌ର ମୁଖ୍ୟ ଡ୍ରାଇଭର ଅଜିତ ଗୌଡ଼ କହିଛନ୍ତି, ସେ ଆଗକୁ ଗାଡ଼ି ଚଲାଇବା ପାଇଁ ବିଶ୍ରାମ ନେଇଥିଲେ। ଦୁର୍ଘଟଣାରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ନୟାଗଡ଼ ଡାକ୍ତରଖାନାରେ ତାଙ୍କ ଚେତା ଫେରିଥିଲା। ଏମ୍‌ଭିଆଇ ପ୍ରକାଶ କୁମାର ଦୀପ୍‌ଙ୍କ ସୂଚନା ଅନୁସାରେ ବସ୍‌ର କାଗଜପତ୍ର ଠିକ୍ ଥିଲା। ଟାୟାର ବି ନୂଆ ରହିଛି। ଟୁରିଷ୍ଟ ଡ୍ରାଇଭର ଘାଟି ରାସ୍ତାର ସାର୍କ କର୍ପ ଟର୍ଣ୍ଣିଂ ସମ୍ପର୍କରେ ଜାଣି ନ ପାରି ଦ୍ରୁତ ଗତିରେ ନେଉଥିବାବେଳେ ଅଟକାଇ ନ ପାରି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିବା ଜଣାପଡୁଛି। ଡ୍ରାଇଭର ନିଶାସକ୍ତ ଥିଲେ କି ନାହିଁ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବସ୍‌ଟି ୩ ଦିନିଆ ଟୁରରେ ହରିଶଙ୍କର, ସମ୍ବଲପୁର, ଘଟଗାଁ ତାରିଣୀ, ପୁରୀ ଆଦି ୧୧ଟି ସ୍ଥାନ ବୁଲିଥାନ୍ତା ।

### ଥାନାରୁ ଅଭିଯୁକ୍ତ...

ପଟରାଉତ୍ରା କରିଥିଲା। ତା' ପରଦିନ ଭୋର ସମୟରେ ରାତ୍ରି ଦାୟିତ୍ୱରେ ଥିବା ଉପରୋକ୍ତ ପୋଲିସ କର୍ମଚାରୀମାନେ ଶୋଇ ପଡ଼ିଥିବା ଦେଖି ଅଭିଯୁକ୍ତ ଆଶିଷ କୌଶଳ କ୍ରମେ ଖସି ପଳାଇଥିଲେ। ଥାନା ଭିତରୁ ଏକ ମୋବାଇଲ ଏବଂ ଟାବଲେଟ ମଧ୍ୟ ନେଇ ଯାଇଥିଲେ। ଏପରିକି ସେ ଥାନା ନିକଟରେ ଥିବା ବରଦାସାହିର ଚିନ୍ମୟ କୁମାର ରାଉତ(ରାଜୁ)ଙ୍କ ଏକ ବାଇକ ଚୋରି କରି ସେଥିରେ ଫେରାର ମାରିଥିଲେ।

### ଝଡ଼ବର୍ଷା: ୧୬...

ଗତ ୨୪ ଘଣ୍ଟାରେ କନ୍ଧମାଳ ଜିଲା ଚକାପାଦରେ ସର୍ବାଧିକ ୩୪.୨ ମି.ମି. ବର୍ଷା ହୋଇଛି। ଟିକାବାଲିରେ ୩୨ ମି.ମି., ମୟୂରଭଞ୍ଜ ଜିଲା କରଞ୍ଜିଆରେ ୩୦ ମି.ମି., ନଓ୍ୱନରେ ୨୩.୨ ମି.ମି. ଓ ସୁକ୍ରୁଲିରେ ୨୧.୫ ମି.ମି., ଗଜପତି ଜିଲା ନୂଆଗଡ଼ରେ ୨୫ ମି.ମି., ଗଞ୍ଜାମ ଚିକିଟିରେ ୨୨.୬ ମି.ମି., କନ୍ଧମାଳ କଳିଙ୍ଗରେ ୨୨ ମି.ମି., କେନ୍ଦୁଝର ତେଲକୋଇରେ ୨୧.୮ ମି.ମି., ଅନୁଗୋଳ ଆଠମଲ୍ଲିକରେ ୨୦.୩ ମି.ମି. ବର୍ଷା ରେକର୍ଡ ହୋଇଛି। ଅନ୍ୟପକ୍ଷରେ ଶନିବାର ୨୨ଟି ସ୍ଥାନର ତାପମାତ୍ରା ୩୫ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଥିଲା। ତାଳଚେର ଏବଂ ଭବାନୀପାଟଣାରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଝାରସୁଗୁଡାରେ ୩୮.୨ ଡିଗ୍ରୀ, ସୋନପୁର ୩୮.୨ ଡିଗ୍ରୀ, ବଲାଙ୍ଗୀର ୩୮ ଡିଗ୍ରୀ, ଅନୁଗୋଳ ୩୬.୭ ଡିଗ୍ରୀ, ବରଗଡ଼ ୩୬.୬ ଡିଗ୍ରୀ, ନୟାଗଡ଼ ୩୬.୫ ଡିଗ୍ରୀ, ନୂଆପଡା ୩୬.୫ ଡିଗ୍ରୀ, ହୀରାକୁଦ ୩୬.୪ ଡିଗ୍ରୀ, ସମ୍ବଲପୁର ୩୬.୪ ଡିଗ୍ରୀ, ରାଉରକେଲା ୩୬.୨ ଡିଗ୍ରୀ, ଢେଙ୍କାନାଳ ୩୬.୧ ଡିଗ୍ରୀ, ପାରଳାଖେମୁଣ୍ଡି ଓ ନବରଙ୍ଗପୁରରେ ୩୬ ଡିଗ୍ରୀ ରହିଥିଲା।




# ପେଟ୍ରୋଲ ଢାଳି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ତାଳବସ୍ତ/ବାଙ୍କୀ,୨୮।୩(ସୁବ୍ରତ କୁମାର ନାୟକ/ଶୁଭେନ୍ଦୁ ମହାପାତ୍ର)**

କଟକ ଜିଲା ଡମପଡା ବ୍ଲକ ଅନ୍ତର୍ଗତ ବିଲିପଡ଼ା ପଞ୍ଚାୟତର ତାରିଣୀ ମନ୍ଦିର ଉଦ୍ୟାନ ନିକଟରେ ଶନିବାର ଏକ ଅଘଟଣ ଘଟିଛି। ଜଣେ ଯୁବକ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ସେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତ ମଝି ସାହିର ସୌମ୍ୟରଞ୍ଜନ ବାରିକ(୨୮)। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେଠାରେ ସୌମ୍ୟଙ୍କ ଅବସ୍ଥା ଭଲ ଥିବା ଜଣେ ସମ୍ପର୍କୀୟ କହିଛନ୍ତି। ପ୍ରେମଜନିତ ଘଟଣାକୁ ନେଇ ଏହି କାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ସୌମ୍ୟ ଏକ ବାଇକ୍ ଯୋଗେ ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ତାରିଣୀ ଉଦ୍ୟାନ ପାଖରେ ପହଞ୍ଚିଥିଲେ। ସେଠାରେ ସେ ଉକ୍ତ ଗ୍ରାମର ଜଣେ ଯୁବତୀଙ୍କୁ ଦେଖା କରିଥିଲେ। ଉଭୟ କିଛି ସମୟ ପର୍ଯ୍ୟନ୍ତ ସେଠାରେ

## ପ୍ରେମଜନିତ କାରଣକୁ ନେଇ ସନ୍ଦେହ

କଥାବାର୍ତ୍ତା ହେବାପରେ କୌଣସି କଥାକୁ ନେଇ ପରସ୍ପର ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ସୌମ୍ୟ ସାଙ୍ଗରେ ଆଣିଥିବା ପେଟ୍ରୋଲକୁ ନିଜ ଦେହରେ ଢାଳି ନିଆଁ ଲଗାଇଦେଇଥିଲେ। ସମ୍ପୃକ୍ତ ଯୁବତୀ ତାଙ୍କୁ ଉଦ୍ଧାର କରି ନିଜ ସ୍କୁଟିରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସା ଦାୟିତ୍ୱରେ ଥିବା ଡା. ମାର୍କଣ୍ଡେୟ ଆଚାର୍ଯ୍ୟଙ୍କ କହିବାନୁଯାୟୀ, ସୌମ୍ୟଙ୍କ ଶରୀରର ୩୬ ପ୍ରତିଶତ ପୋଡ଼ିଯାଇଛି। ଏସମ୍ପର୍କରେ ବାଙ୍କୀ ଥାନାକୁ ଅବଗତ କରାଇ ପ୍ରାଥମିକ ଚିକିତ୍ସା କରାଯାଇଛି। ଅବସ୍ଥା ଗୁରୁତର ଥିବାରୁ ଆମ୍ବୁଲାନ୍ସ ଯୋଗୁ ତାଙ୍କୁ କଟକ ପଠାଇ ଦିଆଯାଇଛି। ଖବରପାଇ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ଭୂୟାଁ ଏବଂ ଏସ୍‌ଡିପିଓ ବାଳକୃଷ୍ଣ କୁଅଁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗ୍ରାମର କିଛି ଯୁବ ଗୋଷ୍ଠୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏହା ଏକ ପ୍ରେମଜନିତ ଘଟଣା। ଉଭୟଙ୍କ ଘର ଗୋଟିଏ ଗାଁରେ, କିନ୍ତୁ ଜାତି ଅଲଗା ଥିବାରୁ ଏହା ବିବାହରେ ପ୍ରତିବନ୍ଧକ ସାଜିଛି। ସେଥିପାଇଁ ସୌମ୍ୟ ଏପରି ନିଷ୍ପତ୍ତି ନେଇଥାଇପାରନ୍ତି। ପୋଲିସ ଅଧିକ ତଦନ୍ତ କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।

## ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

### ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି

**ଆସିକା,୨୮।୩(ସୁରେନ୍ଦ୍ର ନାଥ ସାହୁ)**

ଗଞ୍ଜାମ ଜିଲା ଆସିକା ବ୍ଲକ୍‌କୋଟିନେଡ଼ା ଥାନା ଅନ୍ତର୍ଗତ ଭେଟନେଇ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଯୁକ୍ତ୩ରେ ପଢୁଥିବା ଜଣେ ଛାତ୍ରୀ ଦେହରେ କିରୋସିନ ଢାଳିବା ପରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ପରିବାରର ସମସ୍ତେ ଦାଣ୍ଡପଟେ ଥିବାବେଳେ ଛାତ୍ରୀ ଜଣକ ବାଥ୍‌ରୁମରେ ଏଭଳି କାଣ୍ଡ କରିଛନ୍ତି। ପରିବାର ଲୋକେ ଏହା ଜାଣିବାରୁ ତାଙ୍କୁ ଚିକିତ୍ସା ଲାଗି ଆସିକା ଡାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ଛାତ୍ରୀଙ୍କ ଶରୀରର ୪୦ରୁ ୫୦ ପ୍ରତିଶତ ପୋଡିଯାଇଛି। ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଛାତ୍ରୀଜଣକ ଆତ୍ମାହୁତି ଉଦ୍ୟମ କରିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଛାତ୍ରୀଙ୍କର କୋଦଳା ଅଞ୍ଚଳର ଜଣେ ଯୁବକଙ୍କ ସହ ସମ୍ପର୍କ ରହିଥିଲା। କୌଣସି ମତାନ୍ତରକୁ ନେଇ ଶୁକ୍ରବାର ରାତିରେ ସେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ କୋଟିନେଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୯୮/୨୬ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିଥିବା ବେଳେ ଛାତ୍ରୀ ଜଣକ ଆତ୍ମାହୁତି ଉଦ୍ୟମ କରିଛନ୍ତି।

# ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ


ମୋହନ ଚରଣ ମାଝୀ

**ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ କାର୍ଯ୍ୟକ୍ରମ ରହିଛି। ଏହାସହ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ତାଙ୍କର ଯୋଗଦେବାର ଅଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ତାଙ୍କ ସାଙ୍ଗରେ ଗସ୍ତ କରିଥିବା ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଏହି ଅବସରରେ ଭେଟିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ରାଜ୍ୟର କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେ ଆଲୋଚନା କରିବେ ବୋଲି କୁହାଯାଉଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତସୂଚୀ ନେଇ ବିଶେଷ କୌଣସି ସୂଚନା ବାହାରକୁ ଜଣାଯାଇ ନାହିଁ। ତେଣୁ ରାଜ୍ୟ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏହି ଅବସରରେ ହୋଇପାରେ ବୋଲି ଅଫିସରମାନଙ୍କ ଭିତରେ ଚର୍ଚ୍ଚା ଚାଲିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ୨୯ ରବିବାର ବିଳମ୍ବିତ ସନ୍ଧ୍ୟା କିମ୍ବା ସୋମବାର ପୂର୍ବାହ୍ନ ୧୨ ସୁଦ୍ଧା ଓଡ଼ିଶା ଫେରିପାରନ୍ତି ବୋଲି କୁହାଯାଉଛି।

# ସ୍ଲରି ପାଇପ୍ ବିଛାଇବା ନାଁରେ ମୋରମ ଲୁଟ୍

## ସ୍ଥାନୀୟ ଲୋକଙ୍କ ବିରୋଧ, ହାଇୱା ଜବତକଲା ବନ ବିଭାଗ

**ଯାଜପୁର/କୋରେଇ (ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି), ୨୮।୩**

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃ ଲୁହାପଥର ପରିବହନ ପାଇଁ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରୁ ପାରାଦୀପ ଷ୍ଟିଲ ପ୍ଲାଣ୍ଟକୁ ସ୍ଲରି ପାଇପ୍‌ଲାଇନ୍ ବିଛା କାର୍ଯ୍ୟ ଚଳାଇଛି। ଏଥିରେ ଚାଷୀଙ୍କ ଜମି ଆଇନ ଅନୁସାରେ ଅଧିଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ଠକି ଜବରଦସ୍ତ ଜମି ଅକ୍ତିଆରକରି ପାଇପ୍ ବିଛା ଚାଲିଥିବାରୁ ସମ୍ପୃକ୍ତ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେତେଜଣ ଜମି ମାଲିକଙ୍କୁ ଆବଶ୍ୟକ କ୍ଷତିପୂରଣ ବଦଳରେ ନାମକୁ ମାତ୍ର ୨ରୁ ୫ ହଜାର ଟଙ୍କା ଦିଆଯାଉଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ଏହାକୁ ଚାଷୀମାନେ ବିରୋଧ କଲେ ସ୍ଥାନୀୟ ଦଲାଲ ଓ କେତେଜଣ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଚାଷୀମାନଙ୍କୁ ଧମକ ଦେଉଛନ୍ତି। ଏନେଇ ଅଭିଯୋଗ କଲେ ବି ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଖାଲି ସେତିକି ନୁହେଁ, ବ୍ୟାସନଗର ତହସିଲ ଅଧୀନ ରଗଡ଼ି ମୌଜା ଜଙ୍ଗଲ ଜମିରୁ ବ୍ୟାପକ ମୋରମ୍ ଲୁଟ ହେଉଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ ସ୍ଲରି ପାଇପ୍ ଲାଇନ୍ ପାଇଁ ଖନନ ହେଉଥିବା ଗର୍ତ୍ତରୁ ବାହାରୁଥିବା ମୋରମ ସେହି ସ୍ଥାନରେ ପୋତାଯିବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ କମ୍ପାନୀ ପକ୍ଷରୁ ପୋକ୍‌ଲିନ୍ ମେଶିନରେ ଲୋଡିଂ କରି ହାଇୱାରେ ଅନ୍ୟତ୍ର ନିଆଯାଉଛି। ରଗଡି ଅଞ୍ଚଳରେ ଗତ ୧୦ ଦିନ ହେବ ଏହି କାରବାର ଚାଲି ଆସୁଥିବାବେଳେ ଗୁରୁବାର ଏହାକୁ ଅନ୍ଧାରୀ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ରାଉତରାୟଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ପ୍ରବଳ ବିରୋଧ କରିଛନ୍ତି। ଘଟଣାସ୍ଥଳରେ ଯାଜପୁର ରୋଡ୍ ଫରେଷ୍ଟ ରେଞ୍ଜ ଅଧିକାରୀ ଧର୍ମେନ୍ଦ୍ର କୁମାର ପ୍ରଧାନ ପହଞ୍ଚି ଓଡି୦୯ପି୫୭୧୪ ନମ୍ବର ବିଶିଷ୍ଟ ଏକ ମୋରମ୍ ବୋଝେଇ ହାଇୱା ଜବତ କରିଛନ୍ତି। ପୋକ୍‌ଲିନ୍ ଡ୍ରାଇଭର ଖସି ପଳାଇବାରୁ ଗାଡିକୁ ବନ ବିଭାଗ କର୍ମଚାରୀମାନେ ଜଗି ରହିଥିବା ରେଞ୍ଜ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।


ସ୍ଲରି ପାଇପ୍ ବିଛା କାର୍ଯ୍ୟ ଚାଲିଛି।


ବନ ବିଭାଗ ଜବତ କରିଥିବା ହାଇୱା।

# ବିରତୋଳା ଯୋଗିଯୋଗିଆଣୀ ପାହାଡ଼ରେ ବାଘ

**ସୁନ୍ଦରଗଡ,୨୮।୩ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ବିରତୋଳା ଯୋଗିଯୋଗିଆଣୀ ପାହାଡ ତଳେ ଏକ ବାଘ ବିଚରଣ କରୁଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଶନିବାର ଭୋର ସମୟରେ ବିରତୋଳା ଖେଳପଡିଆର ଅନତି ଦୂର ଯୋଗିଯୋଗିଆଣୀ ପାହାଡ଼ ପାଖରେ ଏକ ଗାଈକୁ ଏକ ଅଜଣା ଜନ୍ତୁ ଶିକାର କରିଥିବା ଦେଖିବାକୁ ମିଳିଛି। ଶିକାର କରିବା ସହ କିଛି ଦୂର ପର୍ଯ୍ୟନ୍ତ ଟାଣି ଟାଣି ନେଇଥିବା ଜଣାପଡିଛି। ପାଦ ଚିହ୍ନ ଓ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଜଙ୍ଗଲୀ ବାଘ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ହେଲେ ବନ ବିଭାଗ ତରଫରୁ ଏହା ବାଘ କି ନୁହେଁ ତାହା ସ୍ପଷ୍ଟ କରାଯାଇ ନାହିଁ। ସଦର ରେଞ୍ଜ ଅଫିସର ବାସୁଦେବ ନାୟକ କହିଛନ୍ତି, ସେହି ପାହାଡ ଅଞ୍ଚଳରେ କ୍ୟାମେରା ସଂଯୋଗ କରାଯିବା ସହ ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

# ସହରରେ ୨୫, ଗ୍ରାମାଞ୍ଚଳରେ ୪୫ ଦିନରେ ଗୋଟେ ଗ୍ୟାସ୍‌: ମନ୍ତ୍ରୀ ପାତ୍ର

**ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)**

ଦେଶରେ ଗୋଟେ ଭୟର ବାତାବରଣ ସୃଷ୍ଟି କରାଯାଇଛି। ଲୋକମାନେ ଆଗକୁ କାଳେ ଲମ୍ବା ଯୁଦ୍ଧ ହୋଇଯିବ ଏବଂ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲ ମିଳିବ କି ନାହିଁ ସେହି ଚିନ୍ତାରେ ରହୁଛନ୍ତି। ତେଣୁ ଆଗୁଆ ଗ୍ୟାସ୍, ପେଟ୍ରୋଲ ଏବଂ ଡିଜେଲ ମହଜୁଦ ରଖିବା ଲାଗି ସେମାନେ ଚିନ୍ତା କରୁଛନ୍ତି। ଏସବୁ ସ୍ଥିତିକୁ ଦେଖିବା ପରେ ୩୦ ପ୍ରତିଶତ ଅଧିକ ଗ୍ୟାସ୍ ବୁକିଂ ହୋଇଛି। ସହରାଞ୍ଚଳ ଲୋକଙ୍କୁ ୨୫ ଏବଂ ଗ୍ରାମାଞ୍ଚଳ ଲୋକଙ୍କୁ ୪୫ ଦିନରେ ଗୋଟିଏ ଏଲ୍‌ପିଜି ଦେବା ଲାଗି ଯୋଜନା ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଥିଲା। ଏଥିରେ ମୁଖ୍ୟତଃ ୯ଟି ରାଜ୍ୟକୁ ଡକାଯାଇଥିଲା। ୯ ରାଜ୍ୟର ଯୋଗାଣ ମନ୍ତ୍ରୀମାନେ ଆସିଥିଲେ। ଏହି ବୈଠକ କେନ୍ଦ୍ର ମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ହର୍‌ଦୀପ ପୁରୀ ସିଂ ଏଥିରେ ଉପସ୍ଥିତ ଥିଲେ। ପାଇପ୍ ଯୋଗେ ଗ୍ୟାସ୍ ପହଞ୍ଚାଇବା ଲାଗି ଆଲୋଚନା ହୋଇଛି। ଓଡ଼ିଶାରେ ସେଭଳି ପିଏନ୍‌ଜି(ପାଇପ୍‌ଡ ନ୍ୟାଚୁରାଲ ଗ୍ୟାସ୍) ସୁବିଧା ବିଶେଷତଃ ନାହିଁ। ଭୁବନେଶ୍ୱରରେ ମଧ୍ୟ ସବୁଠାରେ ଏହି ବ୍ୟବସ୍ଥା କରାଯାଇନାହିଁ। ତେଣୁ ରାଜ୍ୟର ସହରଗୁଡ଼ିକରେ କିପରି ଲୋକଙ୍କୁ ପାଇପ୍ ଯୋଗେ ପିଏନ୍‌ଜି ଦିଆଯିବ ସେନେଇ ଆଲୋଚନା ହୋଇଛି। ଏହାଦ୍ୱାରା ଲୋକଙ୍କୁ ଘରେ ପହଞ୍ଚାଇବାକୁ ଯେଉଁ ଗାଡ଼ି ଅସୁବିଧା ରହୁଛି ତାହା ହେବ ନାହିଁ, ଲୋକଙ୍କୁ ଏହା ୧୨ରୁ ୧୩ ଟଙ୍କା କମ୍ ଦରରେ ମଧ୍ୟ ମିଳିବ। ନଗରଗୁଡ଼ିକୁ ପିଏନ୍‌ଜି ଗ୍ୟାସ୍ ବ୍ୟବସ୍ଥା ପହଞ୍ଚାଇବା ମୁଖ୍ୟ ଲକ୍ଷ୍ୟ। ସହରାଞ୍ଚଳରେ ଲୋକଙ୍କୁ ୨୫ ଏବଂ ଗ୍ରାମାଞ୍ଚଳରେ ୪୫ ଦିନରେ ଗୋଟିଏ ଲେଖାଏ ଗ୍ୟାସ୍ ଦିଆଯିବ। ଗ୍ୟାସ୍, ପେଟ୍ରୋଲ କିମ୍ବା ଡିଜେଲର କିଛି ଅଭାବ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଭୟର ବାତାବରଣ ଥିବାରୁ ଲୋକମାନେ ଅଧିକ ମହଜୁଦ କରିବା ଲାଗି ବ୍ୟସ୍ତ ହୋଇପଡୁଛନ୍ତି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

## ସହରାଞ୍ଚଳରେ ପିଏନ୍‌ଜି ବ୍ୟବସ୍ଥା ପାଇଁ ଦିଲ୍ଲୀ ବୈଠକରେ ଆଲୋଚନା


କୃଷ୍ଣଚନ୍ଦ୍ର ପାତ୍ର

# ରାମନବମୀ ଶୋଭାଯାତ୍ରାରେ ଗୁଳି ଫୁଟାଇଲେ ବିଧାୟକ

- ଟିଟିଲାଗଡ଼ ବିଧାୟକ, ପିଏସ୍‌ଓଙ୍କ ବିରୋଧରେ ମାମଲା, ବନ୍ଧୁକ ଜବତ
- ବିଧାୟକଙ୍କ ପିଏସ୍‌ଓ ନିଲମ୍ବିତ
- ଖେଳଣା ବନ୍ଧୁକ ଫୁଟାଇଛି, ବିଜେଡି ଅପପ୍ରଚାର କରୁଛି: ନବୀନ

**ବଲାଙ୍ଗୀର/ଟିଟିଲାଗଡ଼,୨୮।୩ (ବୀରେନ୍ଦ୍ର କୁମାର ଖାଙ୍କର/ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ଶୁକ୍ରବାର ଶ୍ରୀରାମ ନବମୀ ଉତ୍ସବ ଶୋଭାଯାତ୍ରାରେ ଫୁଟିଛି ଗୁଳି। ଆଉ ଏହି ଗୁଳି ଚଳାଇଛନ୍ତି ସ୍ଥାନୀୟ ବିଧାୟକ ନବୀନ ଜୈନ। ନବୀନ ଏକାଧିକ ସ୍ଥାନରେ ଫାଙ୍କା ଗୁଳିଚାଳନା କରିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଉପସ୍ଥିତିରେ ସେ କିଭଳି ଫାଙ୍କା ଗୁଳିଚାଳନା କଲେ ବୋଲି ବିଜେଡି ପ୍ରଶ୍ନ କରିବା ସହ ଏନେଇ ବିଧାୟକଙ୍କୁ କଡ଼ା ସମାଲୋଚନା କରିଛି। ଅନ୍ୟପଟେ ଜୈନ ଏଭଳି ଅଭିଯୋଗକୁ ଖଣ୍ଡନ କରି ବନ୍ଧୁକ ନୁହେଁ, ଏହା ଖେଳଣା ବନ୍ଧୁକ ଥିଲା ବୋଲି କହିଛନ୍ତି। ରାମନବମୀ ରାଲିରେ ଲୋକେ ଖୁସି ମନାଉଥିଲେ। ଏଠାରେ କେହି ଜଣେ ତାଙ୍କୁ ଖେଳଣା ବନ୍ଧୁକ ଦେବାରୁ ସେ ଚଳାଇଥିଲେ ବୋଲି କହି ବିଜେଡିକୁ ସମାଲୋଚନା କରିଛନ୍ତି। ଅତିରିକ୍ତ ଏସ୍‌ପି ହିମାଂଶୁ ଶେଖର ବେହେରା କହିଛନ୍ତି, ବିଧାୟକ ଏବଂ ତାଙ୍କ ପିଏସ୍‌ଓଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଉକ୍ତ ବନ୍ଧୁକକୁ ଜବତ କରାଯାଇଛି। ଜବତ ବନ୍ଧୁକ(.୩୨ ବୋର୍) ଇଣ୍ଡିଆନ ଅର୍ଡିନାନ୍ସ ଫ୍ୟାକ୍ଟ୍ରିରେ ନିର୍ମିତ ହୋଇଥିବାବେଳେ ଏହାର ଲାଇସେନ୍ସ ବିଧାୟକଙ୍କ ନାମରେ ରହିଛି। ବନ୍ଧୁକରୁ ୩ରାଉଣ୍ଡ ଗୁଳି ବ୍ଲାଙ୍କ ଫାୟାରିଂ ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ବିଧାୟକଙ୍କ ପିଏସ୍‌ଓ ପ୍ରେମଚାନ୍ଦ ନାଗଙ୍କୁ ନିଲମ୍ବିତ କରାଯାଇଥିବା ବେହେରା କହିଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବଲାଙ୍ଗୀର ଗସ୍ତକରି ମାମଲାର ଛାନ୍‌ଭିନ୍ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଶ୍ରୀରାମ ନବମୀ ଉପଲକ୍ଷେ ଠିକାଦାରପଡ଼ା ରାଧାକୃଷ୍ଣ ମନ୍ଦିରରୁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଟିଟିଲାଗଡ଼ ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ କୁନି କୁନି ପିଲାମାନେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ଭୂମିକାରେ ସଜେଇ ହୋଇ ସୁସଜ୍ଜିତ ରଥରେ ପରିକ୍ରମା କରୁଥିଲେ। ଏହି ଶୋଭାଯାତ୍ରାରେ ସହରର ଶତାଧିକ ମହିଳା, ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବି ମୁତୟନ ହୋଇଥିଲେ। ସହରର ଶାସ୍ତ୍ରୀ ଛକରେ ଶୋଭାଯାତ୍ରା ପହଞ୍ଚିବା ପରେ ବିଧାୟକ ଏଥିରେ ସାମିଲ ହୋଇଥିଲେ। ସେଠାରେ ବିଧାୟକ ଏକ ପିସ୍ତଲ (ବନ୍ଧୁକ) ଉପରମୁହାଁ କରି ଫାଙ୍କା ଗୁଳିଚାଳନା କରିଥିଲେ। ଗୁଳି ଫୁଟାଇବା ପରେ ଏହାକୁ ବିଧାୟକ ପ୍ୟାଣ୍ଟ ଭିତରେ ଭରି ଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହି ସମୟରେ ତାଙ୍କ ପିଏସ୍‌ଓ ଏବଂ ଅନ୍ୟ ପୋଲିସ ମଧ୍ୟ ଉପସ୍ଥିତ ଥିଲେ। ଏନେଇ ବିଜେଡି ପକ୍ଷରୁ ବିଧାୟକଙ୍କୁ କଡ଼ା ସମାଲୋଚନା କରାଯିବା ସହ ରବିବାର ଟିଟିଲାଗଡ଼ ଥାନାରେ ବିଧାୟକଙ୍କ ବିରୋଧରେ ଅଭିଯୋଗ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ଏଭଳି ପ୍ରତିକ୍ରିୟା ପରେ ଜୈନ କହଛନ୍ତି, ରାଲିରେ ସେ ଖେଳଣା ବନ୍ଧୁକ ଫୁଟାଇଛନ୍ତି। ଟିଟିଲାଗଡ଼ର ବିକାଶ କଥା ଛାଡ଼ି ଏଭଳି ପ୍ରସଙ୍ଗକୁ ଧରି ବିଜେଡି ଅପପ୍ରଚାର କରିବାକୁ ଚେଷ୍ଟା କରୁଛି। ତେବେ ବିଧାୟକ ନବୀନ ଖେଳନା ବନ୍ଧୁକ ଧରିଥିବା କହୁଥିବାବେଳେ ପୋଲିସ ଲାଇସେନ୍ସପ୍ରାପ୍ତ ବନ୍ଧୁକକୁ ଜବତ କରିଥିବା କହିବା ଘଟଣା ଏବେ ଆଲୋଚନାର ବିଷୟ ପାଲଟିଛି।

## ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

**ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)**

ରାମନବମୀ ଅବସରରେ ଟିଟିଲାଗଡ଼ରେ ଅନୁଷ୍ଠିତ ଶୋଭାଯାତ୍ରାରେ ବିଧାୟକ ନବୀନ ଜୈନ ବନ୍ଧୁକ ବାହାରକରି ସର୍ବସାଧାରଣଙ୍କ ସାମ୍ନାରେ ଉପରକୁ ଫାଙ୍କା ଗୁଳିଚାଳନା କରିଥିଲେ। ଏହା ଭାଜପା ବିଧାୟକଙ୍କ ଔଦ୍ଧତ୍ୟର ନଗ୍ନ ଚିତ୍ର ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶନିବାର ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଟୁକୁନି ସାହୁ କହିଛନ୍ତି, ଜୈନ ସରକାରୀ ଦଳର ବିଧାୟକ ହୋଇ ସରକାରୀ ନ୍ୟାୟ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି। ଜନପ୍ରତିନିଧି ହୋଇ ଟିଟିଲାଗଡ଼ ପରି ଶାନ୍ତିପୂର୍ଣ୍ଣ ଜାଗାରେ ସର୍ବସାଧାରଣରେ ଗୁଳି ଫୁଟାଇବା ଏକ ଅପରାଧ। ତେଣୁ ପୋଲିସ ତାଙ୍କୁ ତୁରନ୍ତ ଗିରଫ କରୁ। ଜୈନଙ୍କ ପାଇଁ ଏଭଳି ଘଟଣା ନୂଆ ନୁହେଁ। ପୂର୍ବରୁ ହୋଲି ଶୋଭାଯାତ୍ରାରେ ମଧ୍ୟ ନିଶାସକ୍ତ ଅବସ୍ଥାରେ ଜଣେ କର୍ମୀଙ୍କୁ ଏକ ଚଳନ୍ତା ଅଟୋରୁ ସେ ଠେଲିଦେଇଥିଲେ। ପରେ କର୍ମୀଙ୍କ ମୃତ୍ୟୁ ଘଟିଥିଲା। ସରକାରୀ ଦଳର ବିଧାୟକ ହୋଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଭାଜପା ସରକାରରେ ବହୁ ବିଧାୟକ ଓ ମନ୍ତ୍ରୀ ଆଇନ ଶୃଙ୍ଖଳା ବ୍ୟବସ୍ଥାର ଉଲ୍ଲଂଘନ କରୁଛନ୍ତି। ଅନ୍ୟ ସ୍ଥାନରେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଆଇନକୁ ଫୁଙ୍କରି ବିନା ହେଲ୍‌ମେଟ୍‌ରେ ବିଶୃଙ୍ଖଳିତ ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ଟୁକୁନି ଅଭିଯୋଗ କରିଛନ୍ତି।


ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଶୁକ୍ରବାର ରାମନବମୀ ରାଲିରେ ଗୁଳି ଫୁଟାଉଥିବା ଦୃଶ୍ୟ।

# ଅଶୋକ ପଣ୍ଡା 'ସେଲ୍'ର ନୂତନ ଅଧ୍ୟକ୍ଷ



**ରାଉରକେଲା,୨୮।୩(ସଙ୍ଗୀତା ଜେନା)**

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ନୂତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବେ ଡ. ଅଶୋକ ପଣ୍ଡାଙ୍କୁ ଚୟନ କରାଯାଇଛି। ନୂଆଦିଲ୍ଲୀଠାରେ ଶନିବାର ଏହି ଚୟନ ପ୍ରକ୍ରିୟା ହୋଇଥିଲା। ପଣ୍ଡା ସେଲ୍‌ର ବିତ୍ତ ନିର୍ଦ୍ଦେଶକ ତଥା ନିର୍ଦ୍ଦେଶକ (ବାଣିଜ୍ୟ) ଅତିରିକ୍ତ ଦାୟିତ୍ୱରେ ଥିଲେ। ଏହି ଅବସରରେ ନୂତନ ସିଏମ୍‌ଡିଙ୍କୁ ବିଏମ୍‌ଏସ୍, ଆର୍‌ଏସ୍‌ଏସ୍ ସମେତ ଅନ୍ୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସିଟୁର ସର୍ବଭାରତୀୟ ଉପାଧ୍ୟକ୍ଷ ତଥା ଏନ୍‌ଜେସିଏସ୍ ସଦସ୍ୟ ବିଷ୍ଣୁ ମହାନ୍ତି, ଷ୍ଟିଲ ଏମ୍ପ୍ଲଏଜ୍ ଟ୍ରେଡ୍ ୟୁନିୟନ(ସିଟୁ)ର ସାଧାରଣ ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ବସନ୍ତ ନାୟକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଶନିବାର ସିଏମ୍‌ଡି ପଦବୀ ପାଇଁ ଅନୁଷ୍ଠିତ ସାକ୍ଷାତକାରରେ ବର୍ତ୍ତମାନ ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମାଙ୍କ ସମେତ ସେଲ୍‌ର ବିଭିନ୍ନ ୟୁନିଟ୍ ତଥା ଭାରତୀୟ ରେଳୱେର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

No. 15001/11/2526



ଓଡ଼ିଶା ସରକାର

ମହାନ ସ୍ୱାଧୀନତା ସଂଗ୍ରାମୀ
ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୨୯ ମାର୍ଚ୍ଚ, ୨୦୨୬

ସକାଳ ୮ ଘଟିକା - ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସକାଳ ଘ.୮.୩୦ ମିନିଟ୍ - ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲ୍ ଛକ ଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସକାଳ ୯ ଘଟିକା - ଓଡ଼ିଶା ବିଧାନ ସଭା ପାର୍ଶ୍ୱ ଗେଟ୍ ନମ୍ବର -୧ ସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା
ସମ୍ମାନନୀୟ ଅତିଥି–ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକଗଣ
ମୁଖ୍ୟ ବକ୍ତା – ଡଃ ସୋମା ଚାନ୍ଦ, ବିଶଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/15001/2/25-26/0011

ମଣିଷର ସ୍ୱର୍ଗାରୋହଣ ନୁହେଁ- ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆଧ୍ୟାତ୍ମିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। - ଶ୍ରୀଅରବିନ୍ଦ

# ପକ୍ଷପାତିତା ଭାର



ଆକାର ପଟେଲ

ଏକ ପରିକଳ୍ପିତ ସ୍ଥିତିର ପରିଣାମ ସମ୍ପର୍କରେ ବିଚାର କରାଯାଉ। କଳ୍ପନା କରନ୍ତୁ ଯେ ଦୁଇଟି ବଡ଼ କ୍ଷେପଣାସ୍ତ୍ର ହ୍ୱାଇଟ୍ ହାଉସ ଉପରେ ମାଡ଼ କଲା। ପ୍ରଥମଟି ଏପରି ସମୟରେ ଆବାସିକ କ୍ୱାର୍ଟର୍ସଗୁଡ଼ିକୁ ଆଘାତ କଲା ଯେତେବେଳେ ସମସ୍ତେ ଘରେ ଥିଲେ। ମନେକରାଯାଉ, ରାଷ୍ଟ୍ରପତି ଟ୍ରମ୍ପ, ତାଙ୍କ ପତ୍ନୀ ମେଲାନିଆ, ପୁଅ ଡୋନାଲ୍ଡ ଓ ଏରିକ ଏବଂ ସେମାନଙ୍କ ସ୍ତ୍ରୀ ଓ ପିଲାମାନେ ଘରେ ଥିବା ସମୟରେ ପ୍ରଥମ କ୍ଷେପଣାସ୍ତ୍ର ମାଡ଼ରେ ସମସ୍ତେ ପ୍ରାଣ ହରାଇଲେ। ପରେ ଏକତ୍ରିତ ହୋଇଥିବା ଅନ୍ୟସବୁ ପରିବାରର ସଦସ୍ୟଙ୍କୁ ସାହାଯ୍ୟ କରିବାକୁ ଉଦ୍ଧାରକାରୀମାନେ ଯିବା ବେଳେ ଦ୍ୱିତୀୟ କ୍ଷେପଣାସ୍ତ୍ରରେ ସେମାନଙ୍କ ପ୍ରାଣ ଚାଲିଗଲା। ଏହାପରେ, କଳ୍ପନା କରନ୍ତୁ ଯେ ଟ୍ରମ୍ପଙ୍କ କ୍ୟାବିନେଟ ସଦସ୍ୟ ବୈଦେଶିକ ମନ୍ତ୍ରୀ (ସେମାନେ କହନ୍ତି ବିଦେଶ ସଚିବ) ରୁବିଓ, ପ୍ରତିରକ୍ଷା ମନ୍ତ୍ରୀ ପିଟର ହେଗସେଥ ଏବଂ ଅନ୍ୟମାନଙ୍କର ପରିବାର ସହିତ ଘରେ ମୃତ୍ୟୁ ଘଟିଛି। କଳ୍ପନା କରନ୍ତୁ, ଆମେରିକାର ଏକ ସ୍କୁଲ ଉପରେ ଆକ୍ରମଣ କରାଯାଇ ୧୫୦ରୁ ଅଧିକ ଛାତ୍ରୀଙ୍କୁ ହତ୍ୟା କରାଯାଇଛି। ଏହା ବ୍ୟତୀତ କଳ୍ପନା କରନ୍ତୁ ଯେ ଏତେ ଲୋକଙ୍କୁ ହତ୍ୟା କରିଥିବା ଏକ ସଂସ୍ଥା ଗୁପ୍ତ ଭାବରେ ଆମେରିକାର ଗୋଟିଏ ଯୁଦ୍ଧଜାହାଜକୁ ଆକ୍ରମଣ କରି ବୁଡ଼ାଇ ଦେଇ ଅଧିକାଂଶ ନାବିକଙ୍କୁ ହତ୍ୟା କରିଛି। ପାଠକମାନଙ୍କୁ ଏହି କଳ୍ପିତ ବିଷୟଗୁଡ଼ିକ ଉପରେ ବିଚାର କରିବା ପାଇଁ ଭାବିବାକୁ ପଡ଼ିବ ନାହିଁ, କାରଣ ଏସବୁ ଘଟଣା ଆମେରିକୀୟଙ୍କ କ୍ଷେତ୍ରରେ ନୁହେଁ ବରଂ ପ୍ରକୃତରେ ଇରାନୀମାନଙ୍କ ସହିତ ଘଟିଛି ଏବଂ ସେସବୁ ଆମେରିକା କରିଥିଲା। ଯଦି ଉପରୋକ୍ତ ବିଷୟଗୁଡ଼ିକ ବିଭ୍ରାନ୍ତକାରୀ ଲାଗୁଛି, ତେବେ ଏହାର କାରଣ ହେଉଛି ଆମେ ଇରାନୀମାନଙ୍କ ବିଷୟରେ ଚିନ୍ତା ନ କରି ଆମେରିକୀୟଙ୍କୁ ଭିନ୍ନ ଭାବରେ ଦେଖିବାକୁ ବାଧ୍ୟ ହୋଇଛୁ। ଇରାନକୁ ନିରନ୍ତର ଭାବେ ନିନ୍ଦା କରିବା ଏବଂ ଧମକ ଦିଆଗଲେ ମଧ୍ୟ (ଯେପରି ଇରାକ, ଆଫଗାନିସ୍ତାନ ଇତ୍ୟାଦି କ୍ଷେତ୍ରରେ ହୋଇଥିଲା) ଆମେ ଆମେରିକୀୟମାନଙ୍କ ପ୍ରତି ଯେପରି ସହାନୁଭୂତି ଦେଖାଇପାରୁଛୁ ଇରନୀଙ୍କ ପ୍ରତି ସେତିକି ଦେଖାଇ ପାରିନାହୁଁ। ଏବେ ଆମେ କଳ୍ପିତ ଭାବନାକୁ ଛାଡ଼ି ଯୁଦ୍ଧ ଶେଷ କରିବା ପାଇଁ ଦୁଇପକ୍ଷ ଯେଉଁ ଦୁଇଟି ସର୍ତ୍ତାବଳୀ ତାଲିକା ଦେଇଛନ୍ତି ତାହା ଉପରେ ବିଚାର କରିବା। ଆମେରିକୀୟଙ୍କ ତାଲିକାରେ ୧୫ଟି ବିଷୟ ରହିଛି। ଏଗୁଡ଼ିକ ହେଲା: ୧. ଇରାନକୁ ଏହାର ପରମାଣୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିବ। ୨. ସମସ୍ତ ୟୁରାନିୟମ ସମୃଦ୍ଧୀକରଣ ବନ୍ଦ ହେଉ। ୩. ଏହାର ଅବାଧ ଯାଞ୍ଚ ପାଇଁ ଆମେରିକାକୁ ଅନୁମତି ମିଳୁ। ୪. ବାଲିଷ୍ଟିକ କ୍ଷେପଣାସ୍ତ୍ର ବିକାଶ ବନ୍ଦ କରୁ। ୫. ସାମରିକ କ୍ଷମତା ହ୍ରାସ କରୁ। ୬. ପାଲେଷ୍ଟାଇନ ଏବଂ ଲେବାନନ୍‌ର ଗୋଷ୍ଠୀଗୁଡ଼ିକୁ ସମର୍ଥନ ବନ୍ଦ କରୁ। ୭. ବିଦେଶରେ ପ୍ରଭାବ ଶେଷ କରୁ। ୮. ହର୍ମୁଜ ଷ୍ଟ୍ରେଟର ନିୟନ୍ତ୍ରଣ ହସ୍ତାନ୍ତର କରୁ। ୯. ଜାହାଜ ଚଳାଚଳ ପଥ ଉପରେ ନିୟନ୍ତ୍ରଣ ଛାଡ଼ୁ। ୧୦. ଉପସାଗରରେ ଆମେରିକୀୟ ସହଯୋଗୀଙ୍କ ବିରୋଧରେ ଆକ୍ରମଣ ବନ୍ଦ କରୁ। ୧୧. ଆଞ୍ଚଳିକ ଯୁଦ୍ଧ ହ୍ରାସ କରୁ। ୧୨. ଆମେରିକା ନେତୃତ୍ୱାଧୀନ ଆଲୋଚନାରେ ସାମିଲ ହେଉ। ୧୩. ଦୀର୍ଘକାଳୀନ ତଦାରଖ ଏବଂ ଅନୁପାଳନ ସର୍ତ୍ତାବଳୀକୁ ଗ୍ରହଣ କରୁ। ୧୪. ଅସ୍ତ୍ରଶସ୍ତ୍ର ସ୍ଥାନାନ୍ତର ସୀମିତ ରଖୁ। ୧୫. ଭବିଷ୍ୟତରେ ଆଚରଣ ପରିବର୍ତ୍ତନ କରୁ। ଇରାନୀଙ୍କ ପାଖରେ ପାଞ୍ଚଟି ସର୍ତ୍ତର ତାଲିକା ଅଛି –୧. ଇରାନୀ ନେତାଙ୍କ ହତ୍ୟା ବନ୍ଦ ହେବା ଉଚିତ। ୨. ଭବିଷ୍ୟତରେ କୌଣସି ଯୁଦ୍ଧ ନ ହେବାର ଗ୍ୟାରେଣ୍ଟି ଦିଆଯାଉ। ୩. ଏହି ଯୁଦ୍ଧର କ୍ଷତି ଭରଣା କରାଯାଉ। ୪. ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଚଳାଇଥିବା ବ୍ୟାପକ ଯୁଦ୍ଧ ବନ୍ଦ ହେଉ। ୫. ହର୍ମୁଜ ଷ୍ଟ୍ରେଟ ଉପରେ ଇରାନର ସାର୍ବଭୌମ ଅଧିକାରକୁ ସ୍ୱୀକୃତି ଦିଆଯାଉ।

ଆମେ ଏଠାରେ ଆଉ କିଛି ବିଷୟକୁ ଅନୁଧ୍ୟାନ କରିପାରିବା। ଇରାନ ଅନେକ ବିଷୟ କହିଛି ଏବଂ ବିଶ୍ୱ ସେସବୁକୁ ଶୁଣିଥିଲେ ମଧ୍ୟ ତାଲିକାରେ ସେଥିରୁ କେତେକ ବିଷୟ ନାହିଁ। ଭାରତ, ପାକିସ୍ତାନ, ଆମେରିକା ଓ ଇସ୍ରାଏଲ ପରି ୟୁରାନିୟମ ସମୃଦ୍ଧୀକରଣ ଏବଂ ଶାନ୍ତିପୂର୍ଣ୍ଣ ପରମାଣୁ କାର୍ଯ୍ୟକ୍ରମ ପାଇଁ ଇରାନର ଅଧିକାର ଅଛି। ହେଲେ ସେମାନେ ଏହାକୁ କାହିଁକି ସାମିଲ କରୁନାହାନ୍ତି? ଦେଖିବାକୁ ଗଲେ, ଇରାନର ତାଲିକାଟି ପ୍ରତିରକ୍ଷାମୂଳକ ଏବଂ ଯେଉଁମାନେ ଏହା ବିରୋଧରେ ଯୁଦ୍ଧ କରିଛନ୍ତି ସେମାନଙ୍କ ଉପରେ କୌଣସି ଦାବି ରଖେ ନାହିଁ। ଟ୍ରମ୍ପଙ୍କ ତାଲିକା ବିଷୟରେ କ'ଣ କୁହାଯାଇପାରେ? ଏହା ଆକ୍ରମଣାତ୍ମକ, ସର୍ବୋଚ୍ଚବାଦୀ ତଥା ପାଗଳାମି ବା ବିଶୃଙ୍ଖଳ ଭାବନାକୁ ପ୍ରକାଶ କରେ। ଆକ୍ରମଣକୁ ଦେଖିଲେ କୌଣସି ପ୍ରକାରେ ବୁଝାମଣାର ସୁଯୋଗ ନାହିଁ। ଉନ୍ମତ୍ତ ଆଚରଣ ଦୃଷ୍ଟିରୁ ଅନୁମାନ କରାଯାଏ ଯେ, ଆମେରିକା ଏବଂ ଇସ୍ରାଏଲ ଏବେ ଏହି ସଂଘର୍ଷ ଜାରି ରଖିବା ସ୍ଥିତିରେ ଅଛନ୍ତି। ଏହି କାରଣରୁ, ଦୁର୍ଭାଗ୍ୟବଶତଃ ଏହି ସଂଘର୍ଷ ଏବଂ ଏହାର ପ୍ରଭାବ ସହ ଜଡ଼ିତ ଆମ ସମସ୍ତଙ୍କର ଯନ୍ତ୍ରଣା ଶୀଘ୍ର ଶେଷ ହେବାର ଆଶା ନାହିଁ।

ଏବେ ଗୋଟିଏ ଶେଷ କଥା ବିଚାର କରନ୍ତୁ। ଯଦି ଆମେ ଯାହା କଳ୍ପନା କରିଥିଲୁ ତାହା ଘଟିଥାନ୍ତା ଏବଂ ଆମେରିକା, ଟ୍ରମ୍ପ ଏବଂ ତାଙ୍କ ପରିବାର, ତାଙ୍କ ମନ୍ତ୍ରୀ ଏବଂ ଆମେରିକୀୟ ସ୍କୁଲ ଛାତ୍ରୀ ଏବଂ ନାବିକମାନଙ୍କୁ ହତ୍ୟା କରାଯାଇଥାନ୍ତା, ତେବେ କ'ଣ ଆମ ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଫେବୃଆରୀ ୨୮ ପରଠାରୁ ଯାହା କହି ଆସିଛନ୍ତି ତାହା କହିଥାନ୍ତେ ଏବଂ କରିଥାନ୍ତେ? ମୋର ସନ୍ଦେହ ରହୁଛି। ଆମେ 'ବସୁଧୈବ କୁଟୁମ୍ବକମ' କହୁ। ତେବେ ଆମେ କ'ଣ ପ୍ରକୃତରେ ଏହା କହିବାକୁ ଚାହୁଁଛୁ ଯେ ଭାରତର ଜ୍ଞାନ ହେଉଛି ବିଶ୍ୱ ଏବଂ ଏହାର ସମସ୍ତ ଲୋକଙ୍କୁ ଗୋଟିଏ ପରିବାର ଭାବରେ ବିବେଚନା କରିବା? ଉତ୍ତର ହେଉଛି 'ନା', ଯାହା ଭାରତର କାର୍ଯ୍ୟରେ ସ୍ପଷ୍ଟ ଭାବରେ ପ୍ରତୀୟମାନ। ଯେଉଁ ସମ୍ପର୍କୀୟମାନେ ଭୌଗୋଳିକ ଦୃଷ୍ଟିରୁ ନିକଟତର (ଇରାନ ଏବଂ ଭାରତର ୧୯୪୭ ପର୍ଯ୍ୟନ୍ତ ଏକ ଭୌତିକ ସୀମା ଥିଲା), କିନ୍ତୁ ମାନସିକ ଭାବରେ ଦୂରରେ ଥିଲେ, ସେମାନଙ୍କୁ ବି ଏଡ଼ାଇ ଦିଆଯାଇପାରେ ଏବଂ ସେମାନଙ୍କର ଆଘାତକୁ ଅଣଦେଖା ବି କରାଯାଇପାରେ, ଯେପରି ଆମେ ଇରାନ କ୍ଷେତ୍ରରେ କରିଛୁ। ମୁଁ ପ୍ରଶ୍ନ କରୁଛି, ବିଶ୍ୱକୁ ଏବଂ ଏଠାରେ ଘଟୁଥିବା ଘଟଣାଗୁଡ଼ିକୁ ଅନୁଧ୍ୟାନ କରିବା ସମୟରେ ଆମେ ଅବିଶ୍ୱାସ ଓ ପକ୍ଷପାତିତାରେ ନିଜକୁ ଭାରଗ୍ରସ୍ତ କରିଛୁ ବାଲି ଭାବୁଛୁ କି?

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | 6 | 5 | |
| | | | | | | | | 2 |
| | | | | | | | 9 | |
| | 6 | | | 7 | | | 8 | |
| | 4 | | 6 | 5 | | | | |
| | | 5 | | 9 | 3 | | 1 | |
| | | 3 | 5 | 8 | | | | |
| | | | | | 1 | | 7 | 3 |
| | 8 | | 4 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 6 | 8 | 1 | 4 | 5 | 2 | 9 |
| 9 | 4 | 8 | 7 | 2 | 5 | 3 | 6 | 1 |
| 5 | 2 | 1 | 6 | 3 | 9 | 8 | 4 | 7 |
| 3 | 1 | 7 | 5 | 6 | 2 | 9 | 8 | 4 |
| 6 | 5 | 9 | 4 | 8 | 1 | 2 | 7 | 3 |
| 2 | 8 | 4 | 9 | 7 | 3 | 6 | 1 | 5 |
| 1 | 9 | 5 | 2 | 4 | 8 | 7 | 3 | 6 |
| 4 | 7 | 2 | 3 | 9 | 6 | 1 | 5 | 8 |
| 8 | 6 | 3 | 1 | 5 | 7 | 4 | 9 | 2 |

ଗତକାଲିର ଉତ୍ତର

# ବ୍ୟକ୍ତିଗତ ସ୍ୱାଧୀନତା ଓ ସାମାଜିକ ଦାୟିତ୍ୱବୋଧ



ବୃହସ୍ପତି ସାମଲ

ଭାରତୀୟ ସଂସ୍କୃତି ଓ ପାରମ୍ପରିକ ଚିନ୍ତାଧାରାରେ ବିବାହ କେବଳ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଏକ ସାଧାରଣ ସମ୍ପର୍କ ନୁହେଁ, ବରଂ ଦୁଇଟି ପରିବାର ମଧ୍ୟରେ ଏକ ପବିତ୍ର ବନ୍ଧନ। ବେଦ ଓ ପୁରାଣଗୁଡ଼ିକରେ ଗୃହସ୍ଥ ଜୀବନକୁ ସମାଜର ମୂଳ ଆଧାର ଭାବେ ଉଲ୍ଲେଖ କରାଯାଇଛି। ବିବାହ ପରେ ନବବଧୂ କେବଳ ଘରର ସଦସ୍ୟ ଭାବେ ନୁହେଁ, ବରଂ ସମ୍ମାନ ଓ ସମନ୍ୱୟର କେନ୍ଦ୍ରବିନ୍ଦୁ ଭାବେ ପରିବାରକୁ ସୁସଂଗଠିତ କରନ୍ତି। ଏହି ପାରମ୍ପରିକ ଧାରଣା ନାରୀଙ୍କୁ ପାରିବାରିକ ଦାୟିତ୍ୱର ରକ୍ଷକ ଭାବେ ସୂଚିତ କରୁଥିଲେ ବି ଜଣେ ବିବାହିତ ନାରୀର ବ୍ୟକ୍ତିଗତ ସ୍ୱାଧୀନତା ଓ ପାରିବାରିକ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ।

ଏହି ପରିପ୍ରେକ୍ଷୀରେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସାମ୍ପ୍ରତିକ ଅବଲୋକନ ଭାରତୀୟ ଆଇନ ବ୍ୟବସ୍ଥାରେ ବ୍ୟକ୍ତିଗତ ସ୍ୱାଧୀନତାର ଏକ ଶକ୍ତିଶାଳୀ ସ୍ୱୀକୃତିକୁ ପ୍ରତିଫଳିତ କରୁଛି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଯଦି ଜଣେ ପ୍ରାପ୍ତବୟସ୍କା ନାରୀ ସ୍ୱତନ୍ତ୍ର ଭାବେ ବସବାସ କରିବାକୁ ଚାହାନ୍ତି, ତେବେ ତାଙ୍କ ମାତାପିତା କିମ୍ବା ଶ୍ୱଶୁରଘର ପକ୍ଷରୁ ତାଙ୍କୁ ସେମାନଙ୍କ ସହିତ ରହିବାକୁ ବାଧ୍ୟ କରିବାର କୌଣସି ଆଇନଗତ ଅଧିକାର ନାହିଁ। ସାମ୍ବିଧାନିକ ଦୃଷ୍ଟିକୋଣରୁ ଏହା ଦେଶର ପ୍ରତ୍ୟେକ ନାଗରିକଙ୍କୁ ମିଳୁଥିବା ବ୍ୟକ୍ତିଗତ ସ୍ୱାଧୀନତା ଓ ମର୍ଯ୍ୟାଦା ସହ ସମନ୍ୱୟ ରକ୍ଷା କରୁଥିବା ବେଳେ, ଏପରି ରାୟ ତା'ର ଆଇନଗତ ସଠିକତାର ଊର୍ଦ୍ଧ୍ୱରେ ଏକ ଗଭୀର ସାମାଜିକ ତଥା ନୈତିକ ପ୍ରଶ୍ନ ସୃଷ୍ଟି କରୁଛି। ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସମାଜ କିପରି ଏଭଳି କ୍ରମବର୍ଦ୍ଧିଷ୍ଣୁ ବ୍ୟକ୍ତିଗତ ସ୍ୱାଧୀନତା ହାସଲ କରିବାର ମାନସିକତା ଓ ବୟସ୍କ ମାତାପିତା, ଶାଶୁଶ୍ୱଶୁର ଓ ଅନ୍ୟ ପରିଜନଙ୍କୁ ନେଇ ପରିବାରକୁ ଏକତା ସୂତ୍ରରେ ବାନ୍ଧି ରଖୁଥିବା ପାରମ୍ପରିକ ନୈତିକ ଦାୟିତ୍ୱବୋଧ ମଧ୍ୟରେ ସନ୍ତୁଳନ ରକ୍ଷା କରିବ? ଭାରତରେ, ଯେଉଁଠି ପାରିବାରିକ ବିଧିବ୍ୟବସ୍ଥା ଐତିହାସିକ ଭାବେ ସାମାଜିକ ସୁରକ୍ଷାର ମୂଳ ଅଙ୍ଗ ରୂପେ କାମ କରିଆସିଛି, ପ୍ରାପ୍ତବୟସ୍କା ଅଥବା ବିବାହିତା ମହିଳାଟିଏ ବ୍ୟକ୍ତିଗତ ସ୍ୱାଧୀନତା ଆଳରେ ପରିବାରରୁ ଦୂରେଇ ଯିବାର ପରିଣାମ ଅତ୍ୟନ୍ତ ନୈରାଶ୍ୟଜନକ ଓ ନକାରାତ୍ମକ ହୋଇପାରେ। ତେଣୁ ଏହି ବିଷୟରେ ଏକ ସମାଲୋଚନାତ୍ମକ ବିଶ୍ଳେଷଣ ପାଇଁ ବ୍ୟକ୍ତିଗତ ଅଧିକାର ସହିତ ପରିବାର ଓ ବୃଦ୍ଧ ମାତାପିତା ତଥା ଶାଶୁଶ୍ୱଶୁର ସମ୍ମୁଖୀନ ହେଉଥିବା ପରିବର୍ତ୍ତନଶୀଳ ଆହ୍ୱାନକୁ ବୁଝିବାର ଆବଶ୍ୟକତା ରହିଛି।

ଭାରତ ବର୍ତ୍ତମାନ ଏକ ବଡ଼ ଜନସାଂଖ୍ୟିକ ଓ ସାମାଜିକ ପରିବର୍ତ୍ତନ ଭିତରେ ଗତିଶୀଳ। ଉଲ୍ଲେଖନୀୟ ଘଟଣା ହେଉଛି ବୟସ୍କଙ୍କ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି। ୨୦୧୧ରେ ୮.୬% ଥିବା ବୟସ୍କଙ୍କ ହାର ଅବିରତ ବୃଦ୍ଧି ପାଇ ୨୦୨୬ରେ ପ୍ରାୟ ୨୩ କୋଟିକୁ ପହଞ୍ଚିଛି, ଯାହା ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୧୫%। ୨୦୫୦ ସୁଦ୍ଧା ଏହି ସଂଖ୍ୟା ୨୦%ରୁ ଅଧିକ ହୋଇ ଭାରତକୁ ଏକ ପ୍ରକାଶ୍ୟ ବୟସ୍କ ସମାଜରେ ପରିଣତ କରିବ। ଭାରତର ଅଧିକାଂଶ ବୟସ୍କ ନାଗରିକ ତାଙ୍କ ସନ୍ତାନସନ୍ତତି ଓ ପରିବାର ଉପରେ ମାନସିକ, ଆର୍ଥିକ ଓ ସାମାଜିକ ସମର୍ଥନ ପାଇଁ ନିର୍ଭରଶୀଳ ଥିବାରୁ ଏହି ଜନସାଂଖ୍ୟିକ ପରିବର୍ତ୍ତନ ପାରମ୍ପରିକ ପାରିବାରିକ ବ୍ୟବସ୍ଥା ଉପରେ ଚାପ ସୃଷ୍ଟି କରୁଛି। ସହରୀକରଣ, ଚାକିରି, ଉଚ୍ଚ ଶିକ୍ଷା ଓ ବ୍ୟକ୍ତିଗତ ସ୍ୱାଧୀନତା ପ୍ରତି କ୍ରମବର୍ଦ୍ଧିଷ୍ଣୁ ଆକାଂକ୍ଷା ଯୋଗୁ ଭାରତରେ ସଂଯୁକ୍ତ ପରିବାର ପ୍ରଣାଳୀ ଦୁର୍ବଳ ହୋଇ ଏକ ସଂକୁଚିତ ପରିବାର ପ୍ରଥା ଆଡକୁ ଧାବମାନ। ପାଶ୍ଚାତ୍ୟ ଦେଶଗୁଡ଼ିକ ଭଳି ଭାରତର ସରକାରୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ସେତେଟା ମଜଭୁତ ନୁହେଁ। ଫଳରେ ବୃଦ୍ଧ ମାତାପିତାଙ୍କ ପାଇଁ ପ୍ରଧାନ ଓ ପ୍ରାଥମିକ ସହାୟତା କେନ୍ଦ୍ର ସାଜିଥିବା ଏସବୁ ସଂଯୁକ୍ତ ପରିବାରରୁ ଦୂରେଇ ଯାଇ ଏଇ ବୟସ୍କ ନାଗରିକମାନେ ଏକୁଟିଆପଣ ଓ ଅବହେଳାର ସମ୍ମୁଖୀନ ହେଉଛନ୍ତି। ଅଧିକନ୍ତୁ, ବୟସ୍କଙ୍କ ଆର୍ଥିକ ଦୁର୍ବଳତା ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି। ଜାତିସଂଘ ଜନସଂଖ୍ୟା ତହବିଲ ରିପୋର୍ଟ ଅନୁସାରେ ଭାରତର ୪୦%ରୁ ଅଧିକ ବୟସ୍କ ଗରିବତମ ଆର୍ଥିକ ଶ୍ରେଣୀରେ ଅଛନ୍ତି ଏବଂ ପ୍ରାୟ ୧୮.୭% ବୟସ୍କଙ୍କ ପାଖରେ କୌଣସି ନିୟମିତ ଆୟ ନାହିଁ। ଏହି ତଥ୍ୟଗୁଡ଼ିକ ଏକ କଠୋର ସତ୍ୟକୁ ପ୍ରକାଶ କରେ ଯେ ଭାରତର ଅନେକ କୋଟି ବୟସ୍କ ନାଗରିକ ତାଙ୍କର ଜୀବନ ଓ ସମ୍ମାନ ରକ୍ଷା ପାଇଁ ପରିବାର ଉପରେ ନିର୍ଭରଶୀଳ। ପାରିବାରିକ ସମ୍ପର୍କ ଦୁର୍ବଳ ହେଲେ ଏହାର ପରିଣାମ କେବଳ ଭାବନାତ୍ମକ ନୁହେଁ, ଆର୍ଥିକ ଓ ସାମାଜିକ ମଧ୍ୟ ହୁଏ।



ଏହି ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ ବସବାସ ସ୍ୱାଧୀନତାର ଆଇନଗତ ସ୍ୱୀକୃତିକୁ ସତର୍କତାର ସହ ବୁଝିବା ଆବଶ୍ୟକ। ପ୍ରାପ୍ତବୟସ୍କ, ବିଶେଷ କରି ବିବାହିତା ନାରୀମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତାକୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଅଦାଲତଙ୍କ ଉପରୋକ୍ତ ନ୍ୟାୟିକ ନିର୍ଦ୍ଦେଶ ପାରିବାରିକ ହିଂସା, ବୈବାହିକ ବିବାଦ କିମ୍ବା ମାନସିକ ଚାପ ଥିବା ସମୟରେ ତାଙ୍କ ସୁରକ୍ଷା ପାଇଁ ଆବଶ୍ୟକ ହୋଇପାରେ। କିନ୍ତୁ ଯଦି ଏହି ବ୍ୟକ୍ତିଗତ ସ୍ୱାଧୀନତା ସମସ୍ତ ପାରିବାରିକ ଦାୟିତ୍ୱରୁ ମୁକ୍ତ ହୋଇଯାଏ, ତେବେ ତାହା ଏକ ସାମାଜିକ ସମସ୍ୟା ପ୍ରକଟ କରିବା ସ୍ୱାଭାବିକ। ଭାରତୀୟ ସମାଜରେ ବିବାହ ସମ୍ପର୍କ ସହିତ କିଛି ଦାୟିତ୍ୱ ଓ ପରସ୍ପର ଆଶା ଜଡିତ ରହେ। ବୃଦ୍ଧ ମାତାପିତା ଓ ଶାଶୁଶ୍ୱଶୁରଙ୍କ ପ୍ରତି ଦାୟିତ୍ୱ ଏହି ପାରମ୍ପରିକ ମୂଲ୍ୟବୋଧର ଏକ ପ୍ରମୁଖ ଅଂଶ। ଯଦିଓ ଏହି ଦାୟିତ୍ୱ ସବୁବେଳେ ଆଇନରେ ବାଧ୍ୟତାମୂଳକ ନୁହେଁ, ସାମାଜିକ ସମନ୍ୱୟ ରକ୍ଷା ପାଇଁ ଏହା ଆବଶ୍ୟକ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଭାରତ ସରକାର ମାତାପିତା ଓ ବୟସ୍କ ନାଗରିକ ଭରଣପୋଷଣ ଏବଂ କଲ୍ୟାଣ ଅଧିନିୟମ ୨୦୦୭ ପରି ଆଇନ ପ୍ରଣୟନ କରିଛନ୍ତି, ଯାହା ଅନୁସାରେ ସନ୍ତାନମାନେ ତାଙ୍କ ମାତାପିତାଙ୍କ ଭରଣପୋଷଣ କରିବାକୁ ଆଇନଗତ ଭାବେ ବାଧ୍ୟ। ତଥାପି କେବଳ ଆଇନ ଦ୍ୱାରା ପାରିବାରିକ ସମ୍ପର୍କର ନୈତିକ ମୂଲ୍ୟବୋଧକୁ ପୂରଣ କରିହେବ ନାହିଁ। ଆଇନ ଆର୍ଥିକ ସହାୟତାକୁ ବାଧ୍ୟ କରିପାରେ, କିନ୍ତୁ ସେହି ସ୍ନେହ, ମମତା ଓ ସମ୍ମାନକୁ ଜନ୍ମ ଦେଇପାରେ ନାହିଁ, ଯାହା ବୃଦ୍ଧ ମାତାପିତା ତାଙ୍କ ପରିବାରରୁ ଆଶା କରନ୍ତି।

ଆଉ ଗୋଟିଏ ସମସ୍ୟା ହେଉଛି ବୟସ୍କଙ୍କ କ୍ରମବର୍ଦ୍ଧିଷ୍ଣୁ ଏକାକୀ ବସବାସ। ସାମାଜିକ ସଂଗଠନମାନଙ୍କ ରିପୋର୍ଟ ଅନୁସାରେ ୨୩%ରୁ (୧୮%ରୁ ଊର୍ଦ୍ଧ୍ୱ ମହିଳା ଓ ୫%ରୁ ଊର୍ଦ୍ଧ୍ୱ ପୁରୁଷ) ବୟସ୍କ ନାଗରିକ ଏବେ ପରିବାରର ସମର୍ଥନ ବିନା ଏକୁଟିଆ ରହୁଛନ୍ତି। ଆବର୍ତ୍ତୀୟ ଶ୍ରମଶକ୍ତି ସର୍ବେକ୍ଷଣ ୨୦୨୩-୨୪ ଅନୁଯାୟୀ ପାଖାପାଖି ୧୫ କୋଟି ବୟସ୍କ ନାଗରିକ ମଧ୍ୟରୁ ଅନ୍ୟୂନ ତିନି କୋଟି (୨୦%, ଯାହା ସହରାଞ୍ଚଳରେ ୨୧.୬% ଓ ଗ୍ରାମାଞ୍ଚଳରେ ୧୮.୩%) ଏହିଭଳି ପରିବାରର ବିନା ସହାୟତାରେ ସମୟ ଅତିବାହିତ କରୁଛନ୍ତି। ଏହି ପରିସ୍ଥିତି ପରିବାରର ପାରମ୍ପରିକ ମୂଲ୍ୟବୋଧ ଓ ଆଧୁନିକ ଜୀବନ ଶୈଳୀ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ଦୂରତାକୁ ପ୍ରକାଶ କରେ। ଗୋଟିଏ ପଟେ ସମାଜରେ ବ୍ୟକ୍ତିଗତ ସ୍ୱାଧୀନତା ଗୁରୁତ୍ୱ ପାଉଥିବା ବେଳେ, ଅନ୍ୟ ପଟେ ପାରିବାରିକ ବନ୍ଧନ ଦୁର୍ବଳ ହୋଇ ବୟସ୍କମାନେ ଅସୁରକ୍ଷିତ ହେଉଛନ୍ତି।

ଏହିଭଳି ସ୍ଥିତିରେ ବ୍ୟକ୍ତିଗତ ସ୍ୱାଧୀନତା ଓ ପାରିବାରିକ ଦାୟିତ୍ୱବୋଧ ଭିତରେ ଏକ ସନ୍ତୁଳନ ଦୃଷ୍ଟିକୋଣ ରହିବା ଆବଶ୍ୟକ। ବ୍ୟକ୍ତିଗତ ସ୍ୱାଧୀନତା ଲୋକତନ୍ତ୍ରର ମୂଳ ଆଧାର ଓ ଏହାକୁ ସୁରକ୍ଷିତ ରଖିବା ଦରକାର। ବିଶେଷତଃ ନାରୀମାନେ ଅତ୍ୟଧିକ ସାମାଜିକ କଟକଣାର ସମ୍ମୁଖୀନ ହୋଇଥିବାରୁ ତାଙ୍କ ସ୍ୱାଧୀନତାର ଆଇନଗତ ସ୍ୱୀକୃତି ଲିଙ୍ଗ ସମାନତା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ଏହି ସ୍ୱାଧୀନତା ପାରିବାରିକ ଦାୟିତ୍ୱରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବା ଉଚିତ ନୁହେଁ। ଏକ ସୁସ୍ଥ ସମାଜ ଉଭୟ ବ୍ୟକ୍ତିଗତ ଅଧିକାର ଓ ସାମୂହିକ ଦାୟିତ୍ୱକୁ ପୋଷଣ କରିବା ଆବଶ୍ୟକ। ତେଣୁ ଅଦାଲତର ଏହି ରାୟ କେବଳ ଏକ ଆଇନଗତ ପ୍ରଶ୍ନ ନୁହେଁ, ବରଂ ଆମ ସମାଜର ପରିବର୍ତ୍ତିତ ନୈତିକ ପରିଦୃଶ୍ୟର ପ୍ରତିଫଳନ। ଆଇନ ଅଧିକାରକୁ ନିର୍ଦ୍ଧାରଣ କରେ, କିନ୍ତୁ ପରିବାରର ସ୍ଥିରତା, କରୁଣା, ସମ୍ମାନ ଓ ଦାୟିତ୍ୱ ମୂଲ୍ୟବୋଧ ଉପରେ ନିର୍ଭର କରେ। ଏକ ସନ୍ତୁଳନ ଦୃଷ୍ଟିଭଙ୍ଗୀ ହିଁ ଉଭୟକୁ ସୁରକ୍ଷିତ ରଖିପାରିବ।

ମୋ: ୯୪୩୭୦୨୨୬୬୯

# ଗ୍ରାହକଙ୍କ ବୌଦ୍ଧିକ ସତର୍କତା



ଓମ୍ ପ୍ରକାଶ ଦଳାଇ

ସାମ୍ପ୍ରତିକ ପଣ୍ୟକୈନ୍ଦ୍ରିକ ସଭ୍ୟତାରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଅଧିକ ମୁନାଫାଖୋର ମନୋବୃତ୍ତି ପୋଷଣ କରି ଅନେକ ସମୟରେ ଗ୍ରାହକମାନଙ୍କୁ ଶୋଷଣର ଚକ୍ରବ୍ୟୂହରେ ଆବଦ୍ଧ କରନ୍ତି। ଏହି ପରିପ୍ରେକ୍ଷୀରେ, ୧୯୬୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ ଏଫ୍. କେନେଡିଙ୍କ ଦ୍ୱାରା ପ୍ରଦତ୍ତ ଐତିହାସିକ ଅଭିଭାଷଣ ଗ୍ରାହକ ସଚେତନତାର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଥିଲା। ଭାରତୀୟ ସମ୍ବିଧାନ ଓ ବୈଧାନିକ ବ୍ୟବସ୍ଥା ଅନୁଯାୟୀ, 'ଗ୍ରାହକ ସୁରକ୍ଷା ଆଇନ-୨୦୧୯' ମାଧ୍ୟମରେ କ୍ରେତାମାନଙ୍କୁ ସୁରକ୍ଷା, ସୂଚନା, ଚୟନ, ଶୁଣାଣି ଏବଂ ପ୍ରତିକାର ଭଳି ଷଡ଼ବିଧ ମୌଳିକ ଅଧିକାର ପ୍ରଦାନ କରାଯାଇଛି। ବିଶେଷକରି ସାମ୍ପ୍ରତିକ ଡିଜିଟାଲ ଯୁଗରେ ଇ-କମର୍ସ ଓ ଅନ୍‌ଲାଇନ କାରବାର ବୃଦ୍ଧି ପାଉଥିବାରୁ ବିଭ୍ରାନ୍ତିକର ବିଜ୍ଞାପନ ଓ ସାଇବର ଠକେଇ ଏକ ଆହ୍ୱାନ ଭାବେ ଉଭା ହୋଇଛି। ଜଣେ ସଚେତନ ଗ୍ରାହକ ଭାବେ କ୍ରୟ ସମୟରେ ଠିକ୍ ବିଲ୍ ଗ୍ରହଣ କରିବା, ସାମଗ୍ରୀର ସ୍ଥିତିସ୍ଥାପକତା ଓ ଗୁଣବତ୍ତା ଯାଞ୍ଚ କରିବା ଏବଂ ଅସାଧୁ ବ୍ୟବସାୟିକ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ଏକ ନୈତିକ ଦାୟିତ୍ୱ। 'ଜାଗୋ ଗ୍ରାହକ ଜାଗୋ'ର ମୂଳମନ୍ତ୍ର କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଏହା ଏକ ଶୋଷଣମୁକ୍ତ ଓ ସ୍ୱଚ୍ଛ ବଜାର ବ୍ୟବସ୍ଥାର ମୂଳଦୁଆ। ଯଦି ପ୍ରତ୍ୟେକ ଗ୍ରାହକ ନିଜର ବୈଧାନିକ ଶକ୍ତି ପ୍ରତି ଅବଗତ ରହନ୍ତି, ତେବେ ବ୍ୟବସାୟିକ କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ମନମୁଖି ଶାସନ ଓ ପ୍ରତାରଣାର ଅନ୍ତ ଘଟିବ ଏବଂ ଏକ ସମୃଦ୍ଧ ଅର୍ଥନୀତି ଗଠିତ ହୋଇପାରିବ। ଆଧୁନିକ ପଣ୍ୟକୈନ୍ଦ୍ରିକ ଅର୍ଥବ୍ୟବସ୍ଥାର ଜଟିଳ ଆବର୍ତ୍ତ ମଧ୍ୟରେ ଗ୍ରାହକ ହେଉଛନ୍ତି ସର୍ବବୃହତ୍ ଅର୍ଥନୈତିକ ଗୋଷ୍ଠୀ, ମାତ୍ର ବିଡ଼ମ୍ବନାର ବିଷୟ ଏହି ଯେ ସେମାନେ ପ୍ରାୟତଃ ବ୍ୟବସାୟିକ କୂଟନୀତି ଓ ପ୍ରତାରଣାର ସହଜ ଶିକାର ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ, ପ୍ରତିବର୍ଷ 'ବିଶ୍ୱ ଗ୍ରାହକ ଅଧିକାର ଦିବସ' ଭାବେ ପାଳନ କରାଯାଇ ଜଣେ ସାଧାରଣ କ୍ରେତାକୁ ତା'ର ବୈଧାନିକ ଶକ୍ତି ଓ ଅଧିକାର ସମ୍ପର୍କରେ ସଚେତନ କରାଯାଏ। ସାମ୍ପ୍ରତିକ ସମୟରେ ଭାରତୀୟ ପରିପ୍ରେକ୍ଷୀରେ 'ଗ୍ରାହକ ସୁରକ୍ଷା ଆଇନ-୨୦୧୯' ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଗ୍ରାହକମାନଙ୍କୁ ସୁରକ୍ଷା, ସୂଚନା, ଚୟନ, ଶୁଣାଣି, କ୍ଷତିପୂରଣ ଏବଂ ଗ୍ରାହକ ଶିକ୍ଷା ଭଳି ଷଡ଼ବିଧ ସାମ୍ବିଧାନିକ କବଚ ପ୍ରଦାନ କରିଛି।

ବର୍ତ୍ତମାନର ଡିଜିଟାଲ ବିପ୍ଳବ ଓ ଇ-କମର୍ସର ପ୍ରାଦୁର୍ଭାବ ଯୋଗୁ ବଜାରର ସ୍ୱରୂପ ପରିବର୍ତ୍ତିତ ହୋଇଛି, ଯାହାଫଳରେ ବିଭ୍ରାନ୍ତିକର ବିଜ୍ଞାପନ,



ସାଇବର ପ୍ରତାରଣା ଏବଂ ନକଲି ସାମଗ୍ରୀର ବିକ୍ରୟ ଭଳି ନୂତନ ଆହ୍ୱାନ ସୃଷ୍ଟି ହୋଇଛି। ଅସାଧୁ ବ୍ୟବସାୟୀଙ୍କ ମୁନାଫାଖୋର ମନୋବୃତ୍ତି ଓ କୃତ୍ରିମ ଅଭାବ ସୃଷ୍ଟି କରିବା ଭଳି ଅପପ୍ରଥାକୁ ରୋକିବା ପାଇଁ ଗ୍ରାହକଙ୍କ ମଧ୍ୟରେ ବୌଦ୍ଧିକ ଜାଗରଣ ଅପରିହାର୍ଯ୍ୟ। ଜଣେ ସତର୍କ କ୍ରେତା ଭାବେ କ୍ରୟ ସମୟରେ ଠିକ୍ ବିଜ୍ଞପ୍ତି ପଢ଼ିବା, କ୍ୟାଶ ମେମୋ ବା ବିଲ୍ ସଂଗ୍ରହ କରିବା ଏବଂ ସାମଗ୍ରୀର ଗୁଣବତ୍ତା ଚିହ୍ନ (ଯଥା- ISI, AGMARK, FSSAI) ଯାଞ୍ଚ କରିବା ଏକ ନୈତିକ ଉତ୍ତରଦାୟିତ୍ୱ। ଯେତେବେଳେ ଜଣେ ଗ୍ରାହକ ନିଜର ଅଧିକାର ପ୍ରତି ସଜାଗ ରହେ, ସେତେବେଳେ ବଜାରରେ ସ୍ୱଚ୍ଛତା ଓ ସାଧୁତା ପ୍ରତିଷ୍ଠିତ ହୁଏ।

ସାମ୍ପ୍ରତିକ ପରିପ୍ରେକ୍ଷୀରେ ଓଡ଼ିଶାରେ ଗ୍ରାହକ ଅଧିକାରର ସ୍ଥିତି ଏକ ଜଟିଳ ସନ୍ଧିକ୍ଷଣରେ ପହଞ୍ଚିଛି, ଯେଉଁଠାରେ ବୈଧାନିକ ସୁରକ୍ଷା ସତ୍ତ୍ୱେ ଉପଭୋକ୍ତାମାନେ ବ୍ୟାପକ ଶୋଷଣର ସମ୍ମୁଖୀନ ହେଉଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବିଶେଷକରି ପେଟ୍ରୋଲ ପମ୍ପ ଓ ସୁନା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକରେ ଓଜନ ଓ ପରିମାପରେ ହେଉଥିବା ହେରଫେର ଚିନ୍ତାର ବିଷୟ ପାଲଟିଛି। ନିକଟରେ ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ବିଭାଗର ଯାଞ୍ଚ ଅନୁଯାୟୀ ଶତାଧିକ ପ୍ରତିଷ୍ଠାନ ବିରୋଧରେ ଅନିୟମିତତା ପାଇଁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରାଯାଇଛି। ଓଡ଼ିଶାରେ ଗ୍ରାହକ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ବା 'ରାଜ୍ୟ ଗ୍ରାହକ ବିବାଦ ପ୍ରତିକାର କମିଶନ' ଏବଂ ଜିଲା କମିଶନଗୁଡ଼ିକରେ ବିଚାରପତି ଓ କର୍ମଚାରୀ ପଦବୀ ଖାଲି ପଡ଼ିଥିବାରୁ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେଉଛି, ଯାହା ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ପରିସ୍ଥିତିରେ, ରାଜ୍ୟ ସରକାରଙ୍କ 'ଓଡ଼ିଶା ଗ୍ରାହକ କଲ୍ୟାଣ ପାଣ୍ଠି' ମାଧ୍ୟମରେ ପଞ୍ଚାୟତ ସ୍ତରରେ ସଚେତନତା ସୃଷ୍ଟି କରିବା ସହ 'ଇ-ଦାଖଲ' ପରି ଡିଜିଟାଲ ମଞ୍ଚକୁ ପ୍ରୋତ୍ସାହିତ କରାଯାଉଛି, ଯେଉଁଥିରେ ଗ୍ରାହକମାନେ ନିଜର ଅଭିଯୋଗ ଘରେ ବସି ଦାଖଲ କରିପାରିବେ। ବଜାରର ଏହି ସ୍ୱେଚ୍ଛାଚାରିତାକୁ ପ୍ରତିହତ କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ନାଗରିକ ନିଜର 'କ୍ୟାଶ ମେମୋ' ବା ବିଲ୍ ମାଗିବା ପ୍ରତି ସଜାଗ ରହିବା ଏବଂ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏକ ନୈତିକ ତଥା ବୈଧାନିକ ଦାୟିତ୍ୱ।

ଗ୍ରାହକ ଶୋଷଣର ମୂଳୋତ୍ପାଟନ ପାଇଁ କେବଳ ସରକାରୀ ନିୟମାବଳୀ ଯଥେଷ୍ଟ ନୁହେଁ, ବରଂ ଏଥିପାଇଁ ପ୍ରତ୍ୟେକ କ୍ରେତାଙ୍କର ବୌଦ୍ଧିକ ସତର୍କତା ଓ ନୈତିକ ଦାୟିତ୍ୱବୋଧ ଏକ ଅପରିହାର୍ଯ୍ୟ କବଚ। କ୍ରୟ ସମୟରେ ଅନ୍ଧବିଶ୍ୱାସ ପରିହାର କରି ସାମଗ୍ରୀର ସ୍ଥିତିସ୍ଥାପକତା, ଶୁଦ୍ଧତା ମାନକ ଚିହ୍ନ ଏବଂ ସର୍ବୋପରି ଏକ ବୈଧାନିକ ଜିଏସ୍‌ଟି ବିଲ୍ ସଂଗ୍ରହ କରିବା ହିଁ ଅସାଧୁ ବ୍ୟବସାୟୀଙ୍କ କୂଟକାପଟ୍ୟ ବିରୋଧରେ ସର୍ବଶ୍ରେଷ୍ଠ ପ୍ରମାଣ। ବଜାରର ସ୍ୱେଚ୍ଛାଚାରିତାକୁ ପ୍ରତିହତ କରିବା ପାଇଁ ବ୍ୟକ୍ତିଗତ ସ୍ତରରୁ ଊର୍ଦ୍ଧ୍ୱକୁ ଯାଇ ସଂଗଠିତ ଗ୍ରାହକ ପରିଷଦ ମାଧ୍ୟମରେ ସାମୂହିକ ସ୍ୱର ଉତ୍ତୋଳନ କରିବା ଦ୍ୱାରା ହିଁ ଶୋଷଣକାରୀ ଶକ୍ତିଙ୍କ ଉପରେ ଚାପ ସୃଷ୍ଟି କରାଯାଇପାରିବ।

ପିରିଜିପୁର, ପୁରୀ
ମୋ: ୭୦୭୭୫୬୩୭୭୧

## ଏଇ ଭାରତରେ

କୃଷି ଉତ୍ପାଦନ ବୃଦ୍ଧି କରିବା ସକାଶେ କୃଷକମାନେ ବ୍ୟାପକ ଭାବେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରୁଛନ୍ତି। ବିଶେଷକରି ସେମାନେ ପାରମ୍ପରିକ ପଦ୍ଧତିରେ କୀଟନାଶକ ସିଞ୍ଚନ କରୁଛନ୍ତି ଏବଂ ଏହା ଯୋଗୁ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାରମ୍ପରିକ ପଦ୍ଧତିରେ ଅଧିକ କୀଟନାଶକ ଦରକାର ହୋଇଥାଏ ଏବଂ ଖର୍ଚ୍ଚ ବି ବେଶି ହୁଏ। ଏବେ ଏହି ସମସ୍ୟା ଦୂର କରିପାରୁଛି ଏକ ରୋବୋ। ମହାରାଷ୍ଟ୍ର ନାସିକ୍ ଜିଲା ଅୱାନଖେଦ ଗାଁର ଆଦିତ୍ୟ ପିଙ୍ଗଲେ ଏହି ରୋବୋ ନିର୍ମାଣ କରିଛନ୍ତି। ଉଲ୍ଲେଖନୀୟ, ଏହି ରୋବୋ ଅଦରକାରୀ ଜିନିଷରୁ ତିଆରି ହୋଇଛି। ଆଦିତ୍ୟ ଏଭଳି ଏକ ରୋବୋ ନିର୍ମାଣ କରିବା ପୂର୍ବରୁ ସାଲାମ ମୁମ୍ବାଇ ଫାଉଣ୍ଡେଶନରୁ ମୋବାଇଲ ମରାମତି ପ୍ରଶିକ୍ଷଣ ନେଇଥିଲେ। ସେହି ସମୟରେ ସେ ରୋବୋ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଭାଗନେଇ ତାହାର ନିର୍ମାଣ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ରୋବୋ ନିର୍ମାଣରେ ତାଙ୍କୁ ସାଙ୍ଗ ପରାଶରାମ ଓ ଅଭିଜିତ୍ ସହଯୋଗ କରିଥିଲେ। ଆଦିତ୍ୟ ନିର୍ମାଣ କରିଥିବା ରୋବୋ ୧୨ ଭୋଲ୍ଟ ବ୍ୟାଟେରିରେ ଚାଲୁଛି। ରୋବୋ ସହଜରେ ରିଚାର୍ଜ କରାଯାଇପାରୁଛି। ମୋବାଇଲ ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଉଛି। ଏହା ଏକାଥରକେ ୧୬ ଲିଟର କୀଟନାଶକ ନେଇ ଫସଲରେ ସିଞ୍ଚନ କରୁଛି। ରୋବୋଟି ପୂରା ହାଲୁକା ଓ ଶସ୍ତା।

## ଚିରନ୍ତନୀ

ରଙ୍ଗର ଢେଉ ନାଚେ ବିଲେ ବାଡ଼େ ବିଚରି
ଗନ୍ଧର ଧୂପ ତହିଁ ଉଠାଇ
ମଳୟର ନିର୍ଝର ଫେରିଆସେ ମରତେ
ସ୍ୱର୍ଗର ପାରିଜାତ ଫୁଟାଇ
ଫେରିଆସେ ଯଉବନ ଉଦାମ ଗତିରେ
ବନ୍ଧନରାଶି ଶତ ତୁଟାଇ।

-(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯୁଦ୍ଧ ନୁହେଁ ଶାନ୍ତି ଦରକାର

ମହାଶୟ,

ଗତ ଚାରିବର୍ଷ ଧରି ରୁଷିଆ ଏବଂ ୟୁକ୍ରେନ ଭିତରେ ସଂଘର୍ଷ ଚାଲିଛି। ଚଉଦ ହଜାରରୁ ଅଧିକ ଲୋକ ଏହି ଯୁଦ୍ଧରେ ମୃତ୍ୟୁବରଣ କରି ସାରିଲେଣି। ଏହି ଯୁଦ୍ଧର ଅବସାନ ହେବା ଦେଖାଯାଉନାହିଁ। ଏତିକି ବେଳେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିଛନ୍ତି। ଇରାନକୁ ନ୍ୟୁକ୍ଲିୟର ପ୍ରୋଗ୍ରାମକୁ ସ୍ଥଗିତ କରିବା ପାଇଁ ଆମେରିକା ଓ ଇସ୍ରାଏଲ ଧମକ ଦେଉଛନ୍ତି। ଇସ୍ରାଏଲ ଏବଂ ଆମେରିକାର ସୈନ୍ୟ ଘାଟିକୁ ଇରାନ ଟାର୍ଗେଟ କରିଛି। ବିଶେଷ କରି କତାର, ବାହାରିନ, ଇରାକରେ ଥିବା ଆମେରିକାର ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇଛି। ଏହି ଯୁଦ୍ଧ ପାଇଁ ବିଶ୍ୱରେ ତୈଳ ଓ ଗ୍ୟାସ ସଙ୍କଟ ଦେଖିବାକୁ ମିଳିଛି। ଭାରତରେ ଲୋକମାନେ ଲମ୍ବା ଲାଇନରେ ଠିଆ ହୋଇ ଗ୍ୟାସ ସିଲିଣ୍ଡର ନେଉଛନ୍ତି। ସିଲିଣ୍ଡର ମୂଲ୍ୟ ବଢ଼ିଯାଇଛି। ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲା ଖାମେନେଇଙ୍କ ମୃତ୍ୟୁ ଘଟିଛି। ତେବେ ଆମେରିକା ଯୁଦ୍ଧ ବିରତି ଘୋଷଣା କରିଥିବା ବେଳେ ଇରାନ ତରଫରୁ କୌଣସି ଯୁଦ୍ଧ ବିରତି ଘୋଷଣା କରାଯାଇନାହିଁ। ବର୍ତ୍ତମାନ ଏହି ସମସ୍ୟା ଭିତରେ ବିଶ୍ୱର ଅର୍ଥନୀତି ପ୍ରଭାବିତ ହୋଇଛି। ସମଗ୍ର ବିଶ୍ୱ ଏହି ସଙ୍କଟରୁ ମୁକ୍ତି ପାଇବା ପାଇଁ ଚାହୁଁଛି। ମଧ୍ୟସ୍ଥତା ପାଇଁ ପାକିସ୍ତାନ ଓ ତୁର୍କୀ ଆଗେଇ ଆସିଛନ୍ତି କିନ୍ତୁ ଏହା କେତେଦୂର ସଫଳ ହୋଇପାରିବ ଜଣାନାହିଁ। ଭାରତରେ ଏହି ମଧ୍ୟସ୍ଥତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି କାହିଁକି ଭାରତକୁ ମଧ୍ୟସ୍ଥତା ପାଇଁ ଦେଶଗୁଡ଼ିକ ଅନୁରୋଧ କଲେ ନାହିଁ? ଭାରତ ଉପରେ ଦେଶଗୁଡ଼ିକ କାହିଁକି ଭରସା କରିପାରିଲେ ନାହିଁ। ଯାହା ହେଲେ ମଧ୍ୟ ଆମକୁ ଶାନ୍ତି ଦରକାର। ଆଶା କରାଯାଏ ଏହି ଯୁଦ୍ଧର ଅବସାନ ହେବ।

– କାଳୀ ଦାସ, ବ୍ରହ୍ମପୁର, ଖୋଡାସିଙ୍ଗି, କଳିଙ୍ଗନଗର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଝଡ଼ବର୍ଷାରେ ବ୍ୟାପକ କ୍ଷତି

**ଟାଙ୍ଗୀ,୨୮।୩ (ରଘୁନାଥ ସାହୁ):** ଖୋର୍ଦ୍ଧା ଜିଲାର ଟାଙ୍ଗୀ ବ୍ଲକ ସହ ଚିଲିକା ବ୍ଲକ ଅଞ୍ଚଳରେ ଶୁକ୍ରବାର ରାତିରେ ଝଡ଼ବର୍ଷା ହୋଇଛି। ରାମ ନବମୀ ପାଇଁ ଭକ୍ତମାନେ ଶ୍ରୀରାମଙ୍କୁ ଦର୍ଶନ କରି ଘରକୁ ଫେରୁଥିବା ବେଳେ ହଠାତ ବର୍ଷା ସହ ପବନ ହୋଇଥିଲା। ଫଳରେ ଟାଙ୍ଗୀ ଓ ଚିଲିକା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ବହୁ ଗଛ ଉପୁଡ଼ିବା ସହ ଡାଳ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି।

### ଗଁପୁରରେ ବିଶ୍ୱଶାନ୍ତି ମହାଯଜ୍ଞ

**ବାଘମାରୀ,୨୮।୩ (ମିହିର ରଞ୍ଜନ ମହାପାତ୍ର):** ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମର ଆରାଧ୍ୟ ଭାଗବତ ଗୋସାଇଁ ଓ ପ୍ରଭୁ ରଘୁନାଥଙ୍କ ବିଜେସ୍ଥଳରେ ଦୁଇଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବ୍ରାହ୍ମଣସାହିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ହରିବନ୍ଧୁ ପଣ୍ଡା ଓ ସହଧର୍ମିଣୀ ସଚଳା ପଣ୍ଡା କର୍ତ୍ତାଭାବେ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଶୁକ୍ରବାର ଅଙ୍କୁରାରୋପଣ, ମଣ୍ଡଳକରଣ, ଶାଳାମଣ୍ଡନ କାର୍ଯ୍ୟକ୍ରମ ହୋଇଥିବା ବେଳେ ଶନିବାର ସାମୁହିକ କଳସ ଯାତ୍ରା, ଅଗ୍ନିସ୍ଥାପନ, ରଘୁନାଥ ଦେବଙ୍କ ଅଭିଷେକ, ଗୀତାପାଠ ଓ ଆହୁତି ପ୍ରଦାନ ସହ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥଲା। ବ୍ରଜବନ୍ଧୁ ପଣ୍ଡା, ସନ୍ତୋଷ ପଣ୍ଡା, ଡ.ସୁଶାନ୍ତ କୁମାର ଶତପଥୀ, ହଟ୍ଟକେଶର ପଣ୍ଡା, ପଞ୍ଚାନନ ପଣ୍ଡା, ସୋମନାଥ ପଣ୍ଡା, ବିଶ୍ୱଜିତ ପଣ୍ଡା, ଅଖିଳ ବେହେରା, ଗୋପାଳ ପଣ୍ଡା, ବାବୁଲି ମଣ୍ଡଳ, ନାରାୟଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପାଞ୍ଚାଳୀଙ୍କ ମହାଗାଥାରେ ବିମୋହିତ ଦର୍ଶକ

**ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତାର ମିଳିତ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଚାଲିଛି ଜାତୀୟ ନାଟକ ଉତ୍ସବ 'ପୂର୍ବରଙ୍ଗ-୨୦୨୬'। ଶନିବାର ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନାଟ୍ୟକାର ନନ୍ଦ କିଶୋର ଆଚାର୍ଯ୍ୟଙ୍କ ରଚିତ ହିନ୍ଦୀ ନାଟକ 'ପାଞ୍ଚାଳୀ' ମଞ୍ଚସ୍ଥ ହୋଇଥିଲା। ହିମାଚଳ କଲ୍ଚର ରିସର୍ଚ୍ଚ ଫୋରମ ଓ ଥିଏଟର ରେପରଟୋରୀ ଦ୍ୱାରା ପ୍ରସ୍ତୁତ 'ପାଞ୍ଚାଳୀ'ର ନିର୍ଦ୍ଦେଶନା ଦେଇଥିଲେ ନାଟ୍ୟକାର ପ୍ରଫେସର ସୁରେଶ ଶର୍ମା। ଅଭିନେତ୍ରୀ ସମ୍ପା ମଣ୍ଡଳ ଓ ରିଧିମା ବାଙ୍ଗା ଚମତ୍କାର ଅଭିନୟ ମାଧ୍ୟମରେ ପାଞ୍ଚାଳୀଙ୍କ ମହାଗାଥାକୁ ଜୀବନ୍ତ ଭାବେ ପରିବେଷଣ କରିଥିଲେ। ପାଞ୍ଚାଳୀଙ୍କ ଆର୍ବିଭାବଠାରୁ ଆରମ୍ଭ କରି ମହାଭାରତ ଯୁଦ୍ଧ ଏବଂ ଯୁଦ୍ଧ ପରର ବିଭୀଷିକାକୁ ପାଞ୍ଚାଳୀଙ୍କ ଦୃଷ୍ଟିକୋଣରେ ଦର୍ଶକଙ୍କ ସମ୍ମୁଖରେ ପ୍ରସ୍ତୁତ କରାଯାଇଥିଲା। ପାଞ୍ଚାଳୀଙ୍କ ଶକ୍ତି, ସାମର୍ଥ୍ୟ, ସାଧନା, ବେଦନା ଏବଂ ମନସ୍ତତ୍ତ୍ୱର ବିଶ୍ଳେଷଣ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ନାଟ୍ୟକାର ଅନନ୍ତ ମହାପାତ୍ର, ଗୌରହରି ଦାସ, ଧୀରେନ୍ଦ୍ର ନାଥ ମଲ୍ଲିକ, ଦୋଳଗୋବିନ୍ଦ ରଥ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ଼. ଚନ୍ଦ୍ର ଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିବାର ନାଟକ ଉତ୍ସବର ତୃତୀୟ ସନ୍ଧ୍ୟାରେ ବଙ୍ଗଳା ନାଟକ 'ଅନୁକୂଲ ଅତୋପର' ପରିବେଷଣ କରାଯିବ।

# 'ସମ୍ପର୍କର ସେତୁ ଗ୍ରାମୀଣ ମହୋତ୍ସବ'

**ବେଗୁନିଆ,୨୮।୩ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**



ଆମ ଗାଁ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ଆମ ଗାଁ ମହୋତ୍ସବର ୪ର୍ଥ ସନ୍ଧ୍ୟା**

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଗ୍ରାମସ୍ଥିତ ମହୋତ୍ସବ ପଡ଼ିଆରେ ଚାଲିଥିବା ଆମ ଗାଁ ମହୋତ୍ସବର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା। ନୟାଗଡ ବିଧାୟକ ଡ.ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାଭାବେ ଦଶପଲ୍ଲା ବିଧାୟକ ରମେଶ ବେହେରା ଏବଂ ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, କଣ୍ଟାବାଡ଼ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଶ୍ୱନିୟନ୍ତାଙ୍କ ବାରମାସରେ ତେରପର୍ବ ପାଳନ ଭଳି ଗାଁଗଣ୍ଡାରେ ବିଭିନ୍ନ ପର୍ବ ପାଳନ କରାଯାଏ। ହେଲେ ଗ୍ରାମାଞ୍ଚଳରେ ଆୟୋଜିତ ହେଉଥିବା ମହୋତ୍ସବ ପଡିଆରେ ଅନନ୍ୟ ଉଦାହରଣ ସୃଷ୍ଟି କରେ, ଯାହାକି ପାଶ୍ଚାତ୍ୟରେ ଯୁବବର୍ଗଙ୍କ ପାଇଁ ସମ୍ପର୍କର ସେତୁଭଳି କାମ କରେ ବୋଲି ଅତିଥି ଡ.ସାହୁ ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୁଲିଆ ଛଉ ନୃତ୍ୟ, ଗଞ୍ଜାମର ସୁଗମ ସଙ୍ଗୀତ, କଳାହାଣ୍ଡିର ଘୁମୁରା, ଆଞ୍ଚଳିକ କଳିଙ୍ଗ ପାଇକ ଆଖଡ଼ା, ସୁବାସ ସୁର ସଙ୍ଗୀତ, ଡିଭାଇନ ଡ୍ୟାନ୍ସ ଗ୍ରୁପ ଓ ମର୍ଡନ ଡ୍ୟାନ୍ସ ଗ୍ରୁପର ନୃତ୍ୟଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ହାସ୍ୟ ଅଭିନେତା ବିଭୁ ମିଶ୍ର, ବାପିନା ମହାପାତ୍ରଙ୍କ କମେଡିରେ ଦର୍ଶକ ଖୁସି ମନାଇଥିଲେ। କମିଟି ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ଅମୀୟ ଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ଚିତ୍ତରଞ୍ଜନ ହୋତା, ମନୋରଞ୍ଜନ ପଣ୍ଡା, ଉଦ୍ଧବ ବାରିକ, ରବୀନ୍ଦ୍ର ବାରିକ, ନିତ୍ୟାନନ୍ଦ ସେନାପତି, ମୃତ୍ୟୁଞ୍ଜୟ ପଣ୍ଡା, ଦିବାକର ପଣ୍ଡା, ଭଗବାନ ଦାଶ, ହରିବନ୍ଧୁ ଦାଶ, ପ୍ରେମାନନ୍ଦ ସେଠୀ, ସ୍ୱାଧୀନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆମ ଗାଁ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଶନିବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଜୁଏଲେରୀ ଦୋକାନରୁ ଡକାୟତି ଯୋଜନା, ଇଗଲ ଗ୍ୟାଙ୍ଗ୍‌ର ୪ ଗିରଫ

**ଭୁବନେଶ୍ୱର,୨୮।୩(ତ୍ରିନାଥ ମହାନ୍ତି)**

ଜଗନ୍ନାଥ ନଗର ମେନ୍ ରୋଡ୍‌ରେ ଥିବା ମହାବୀର ଜୁଏଲର୍ସରୁ ଡକାୟତି ପୂର୍ବରୁ ଯୋଜନାକୁ ପଣ୍ଡ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ। କେନାଲ ରୋଡ୍‌ସ୍ଥିତ ଜୋକା ପୋଖରୀ ନିକଟ ଖୋଲା ପଡିଆରେ ଯୋଜନା ଚାଲିଥିବାବେଳେ ପୋଲିସ ଚଢାଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ସବୁ ଇଗଲ ଗ୍ୟାଙ୍ଗ୍‌ର ସଦସ୍ୟ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ଲେଙ୍କାସାହିର କାହ୍ନୁ ଲେଙ୍କା, ତଳ ସାହିର ଓମ୍ ଶ୍ରୀ ସାଇ ଆଶୀର୍ବାଦ, ବଳରାମ ଭୋଇ ଏବଂ ରାଉତସାହିର ବିଶ୍ୱମୋହନ ନାୟକ। ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ହାତୁଡ଼ି, ଗୋଟିଏ ଆରୀ, ଲୁହାରଡ଼, ମଦ ବୋତଲ ଏବଂ ଲଙ୍କାଗୁଣ୍ଡ ଜବତ କରାଯାଇଛି। ଡକାୟତି ପାଇଁ ଜୋକା ପୋଖରୀ ନିକଟ ଖୋଲା ପଡିଆରେ ଯୋଜନା ଚାଲିଥିବା ଲକ୍ଷ୍ମୀସାଗର ଥାନା ପୋଲିସ ସୂଚନା ପାଇ ସ୍ୱତନ୍ତ୍ର ଟିମ୍ ରାତି ପ୍ରାୟ ୧୧ଟା ୫୦ରେ ସେଠାରେ ଚଢ଼ାଉ କରିଥିଲା।

# ଶ୍ରୀରାମଙ୍କ ପାଠପଢ଼ା ଆରମ୍ଭ: ସୁବାହୁ, ତାଡ଼କାସୁର ବଧ



**ଯାଁଳା,୨୮।୩(ବୁଲା ବାରିକ)**

ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ରାମଲୀଳା ନାଟକ ରଘୁନାଥ ଦେବ ନାଟ୍ୟ ପରିଷଦର କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଛି। ଶନିବାର ଦ୍ୱିତୀୟ ଦିନରେ ଶ୍ରୀରାମଙ୍କ ପାଠପଢ଼ା ଆରମ୍ଭ ସହ ତାଡ଼କାସୁର, ସୁବାହୁ ବଧ ଚିତାକର୍ଷକ ଥିଲା। ନାଟକରେ ବିଜୟ ବାରିକ ରାମ ଭୂମିକାରେ ଅଭିନୟ କରିଥିବା ବେଳେ, ସୁନୀଲ ମଙ୍ଗରାଜ ଲକ୍ଷ୍ମଣ, ପ୍ରମୋଦ ମହାପାତ୍ର ତାଡ଼କାସୁର, ସଞ୍ଜୟ ପରିଡ଼ା କୌଶଲ୍ୟା, କୁଶ ମହାପାତ୍ର ମାରୀଚ, ଗଗନ ସାଇଁ ସୁବାହୁ, ଅନୀଲ ପରିଡା ଭରତ, ବେଣୁଧର ଜନକ, କୁନା ପ୍ରଧାନ ଜନକରାଣୀ, ରବୀନ୍ଦ୍ର ବାରିକ ବିଶ୍ୱାମିତ୍ର ପ୍ରମୁଖ କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

### ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉ

**ନିରାକାରପୁର,୨୮।୩ (ମାନସ ଚନ୍ଦ୍ର ପଟ୍ଟନାୟକ):** ଅଶୋକାଷ୍ଟମୀ ଅବସରରେ ରଥରେ ଆସି ପଣାକିଆରିରେ ବିଶ୍ରାମ ନେଇଥିବା ଶ୍ରୀକପିଳେଶ୍ୱର, ମାତା ପାର୍ବତୀ, ବଡ଼ଭାଇ ଗ୍ରାମେଶ୍ୱରଦେବ ଓ ମାତା ଗ୍ରାମେଶ୍ୱରୀ ରଥରେ ଆସି ପଣା କିଆରିର ବେଦବାଡ଼ିରେ ବିଶ୍ରାମ ନେଇଥିଲେ। ପାରମ୍ପରିକ ରୀତିରେ ଶୁକ୍ରବାର ସନ୍ଧ୍ୟାରେ ପାଟପଟୁଆରରେ ଡିଆସ୍ଥିତ ଗୁଣ୍ଡିଚା ମନ୍ଦିର(ଗୋପୀନାଥ)ମନ୍ଦିରରେ ବିଜେ କରି ଆସୀନ ହୋଇଛନ୍ତି। ଶନିବାରଠାରୁ ଶ୍ରୀଜୀଉଙ୍କୁ ହରିହର ମନ୍ତ୍ରରେ ପୂଜାର୍ଚ୍ଚନା କରାଯାଉଥିବା ମୁଖ୍ୟ ପୂଜକ ଧ୍ରୁବ କିଶୋର ମହାପାତ୍ର କହିଛନ୍ତି। ଏହି ଅବସରରେ ବିଭିନ୍ନ ସାହିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପୁରୀ ଜିଲା ସାକ୍ଷୀଗୋପାଳ ବ୍ଲକ ପଣସପାଟଣା ଗ୍ରାମର ଗୁରୁ ମନୋଜ କୁମାର ସାହୁ ନରି ମହାରଣା ଓ ସାଥୀଙ୍କ ଦ୍ୱାରା ନବରଙ୍ଗ ପରିବେଷଣ କରାଯାଉଛି। ଅନୁରୂପଭାବେ ଭୋଇସାହିରେ ନୟାଗଡ଼ ଜିଲାରୁ ଆସିଥିବା କଳାକାରଙ୍କ ଦ୍ୱାରା ରାମ ନାଟକ ସମେତ ପଡୋଶୀ ସାହିଗୁଡିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବା ମନ୍ଦିର ପରିଚାଳନା କମିଟିର ସଭାପତି କିଶୋର କୁମାର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସୂଚନା ଦେଇଛନ୍ତି।

# କୁଖ୍ୟାତ ଗଞ୍ଜେଇ ବେପାରୀ ପୁଷ୍ପା, ସହଯୋଗୀ ଗିରଫ

**ଭୁବନେଶ୍ୱର,୨୮।୩(ତ୍ରିନାଥ ମହାନ୍ତି)**

ଅବକାରୀ ଟିମ୍‌କୁ ଚକ୍‌ମା ଦେଇ ଖସିଯାଉଥିବା ପୁଷ୍ପା ଓରଫ ମନୋରଞ୍ଜନ ରାଉଳ ଶେଷରେ ଶନିବାର ଧରାପଡିଛନ୍ତି। ଟଙ୍କପାଣିରୋଡ୍ ସାଇମନ୍ଦିର ନିକଟରେ ଯାଉଥିବାବେଳେ ପୁଷ୍ପା ଓ ତାଙ୍କ ସହଯୋଗୀ ଅମରଜିତ୍ ପାତ୍ରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୫ କେଜି ଗଞ୍ଜେଇ, ଗୋଟିଏ କାର ଏବଂ ୯ଟି ହାତ ତିଆରି ସୁତୁଲି ବୋମା ଜବତ କରାଯାଇଛି। ଉଭୟ କାରରେ ଯାଉଥିବା ବେଳେ ଅବକାରୀ ଟିମ୍ ପିଛା କରିଥିଲେ ହେଲେ ପୁଷ୍ପା ହାତ ତିଆରି ସୁତୁଲି ବୋମା ପକାଇ ପୂର୍ବପରି ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଚାରିପଟୁ ଘେରି ଯିବାରୁ ସେ ଆଉ ଯାଇପାରି ନ ଥିଲେ। ପୁଷ୍ପା ଜଣେ ପେଷାଦାର ଗଞ୍ଜେଇ ବେପାରୀ। ସେ ଦାମୀ କାରରେ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଏବଂ ଖୋର୍ଦ୍ଧାର ଆଖପାଖରେ ବିକ୍ରି କରନ୍ତି। ପୂର୍ବରୁ ମଧ୍ୟ ସେ ୩ଥର ଅବକାରୀ ଟିମ୍‌କୁ ଚକ୍‌ମା ଦେଇ ଆତଙ୍କ ଖେଳାଇ ଖସି ଯାଇଥିଲେ। ୨୦୨୫ ଡିସେମ୍ବର ୧୭ରେ ଦୁଇଟି ଗଞ୍ଜେଇ ଗାଡ଼ି ଜବତ କରାଯାଇଥିଲା। ଏହି ମାମଲାରେ ୨ଜଣ ଗିରଫ ହୋଇଥିବା ବେଳେ ପୁଷ୍ପା ଫେରାର ହେବାରେ ସକ୍ଷମ ହୋଇଥିଲେ। ତାଙ୍କୁ ଗିରଫ କରିବା ପାଇଁ ଅବକାରୀ ବିଭାଗ ଖୋଜୁଥିଲା। ଗତ ମାର୍ଚ୍ଚ ୧୭ରେ ଏକ କାରରେ ଗଞ୍ଜେଇ ଚାଲାଣ କରୁଥିବାବେଳେ ଅବକାରୀ ଟିମ କାରଟିକୁ ପିଛା କରିଥିଲେ।

# ମା'ରାମଚଣ୍ଡୀଙ୍କ ନବପତ୍ରିକା ହୋମ, ବାର୍ଷିକ ମହାଯଜ୍ଞ



**ବୋଲଗଡ଼,୨୮।୩(ଦେବବ୍ରତ ହୋତା)**

ବୋଲଗଡ଼ ଗଡ଼ର ଆରାଧ୍ୟା ମା'ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ହୋମଯଜ୍ଞର ଶନିବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ପ୍ରତ୍ୟେକ ବର୍ଷ ଭଳି ଆୟୋଜିତ ବାର୍ଷିକୋତ୍ସବ ଅଶୋକାଷ୍ଟମୀ ଦିନ ଠାରୁ ମା'ଙ୍କ ଗଡ଼ଭିତର ସାହି ମନ୍ଦିର ପରିସରରେ ନବପତ୍ରିକା ହୋମକାର୍ଯ୍ୟ ସହ ହୋଇଥିଲା। ଶ୍ରଦ୍ଧାଳୁମାନେ କଳସଯାତ୍ରାରେ ନିକଟ ଗଡ଼ସାଗରଠାରେ ପୂଜାର୍ଚ୍ଚନା ପରେ ପବିତ୍ରଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ୩୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ କଳସ ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଅଗ୍ନିସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ରଘୁନାଥ ଦଳବେହେରା ଓ ତାଙ୍କ ସହଧର୍ମିଣୀ କବିତା ଦଳବେହେରା କର୍ତ୍ତାକର୍ତ୍ତୀ ଭାବେ ଘୃତଦାନ କାର୍ଯ୍ୟ ସମ୍ପାଦିତ କରିଥିଲେ। ଅପରାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ ଏବଂ ସନ୍ଧ୍ୟାରେ କଳସ ବିସର୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ଆତସବାଜି ପ୍ରଦର୍ଶିତ ହୋଇଥିଲା। ଲଲାଟେନ୍ଦୁ କେଶରୀ ସିଂ, ବୀର ଦାସ, ସନାତନ ପାଟ୍ଟଶାଣି, ପାର୍ବତୀ କାନ୍ତ ଚମ୍ପତିରାୟ, ରାଜେନ୍ଦ୍ର ପାଲଟାସିଂ, ଜୟ କୃଷ୍ଣ ଦଳବେହେରା, ରାମ ମାର୍ଥା, ଗୌରାଙ୍ଗ ଚମ୍ପତି, ପ୍ରଫୁଲ୍ଲ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କୁସୁପଙ୍ଗୀ କ୍ରିକେଟ ଟିମ୍ ଚାମ୍ପିୟନ

**କଳାପଥର,୨୮।୩(ଗଙ୍ଗାଧର ସାହୁ)**

ଟମପଡ଼ା ବ୍ଲକ ଅନ୍ତର୍ଗତ ନରଗାଙ୍ଗ ପଞ୍ଚାୟତର ତ୍ରିଦେବ ତ୍ରୀନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କୁସୁପଙ୍ଗୀ କ୍ରିକେଟ ଟିମ୍ ଏବଂ ବ୍ରହ୍ମପୁରା କ୍ରିକେଟ ଟିମ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। କୁସୁପଙ୍ଗୀ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ବିନିମୟରେ ୧୦୮ରନ ସଂଗ୍ରହ କରିଥିଲା। ଜବାବରେ ବ୍ରହ୍ମପୁରା କ୍ରିକେଟ ଟିମ୍ ସମସ୍ତ ଉଇକେଟ ବିନିମୟରେ ୯୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ କୁସୁପଙ୍ଗୀ କ୍ରିକେଟ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

ପ୍ରଶାନ୍ତ କୁମାର ଜେନା ଓ ପପୁ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ତୁଷାର କାନ୍ତ ଚକ୍ରବର୍ତ୍ତୀ, ମୁଖ୍ୟ ବକ୍ତା ବଳରାମ ପାଇକରାୟ, ସମ୍ମାନିତ ଅତିଥିଭାବେ ସରୋଜ କୁମାର ମତଗଜସିଂହ, ଗଣେଶ୍ୱର ଜେନା, ରମେଶ କୁମାର ଜେନା, ହରିବନ୍ଧୁ ଜେନା, ଅସଫ ଖାଁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମ୍ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। କୁସୁପଙ୍ଗୀ ଟିମର ବିଭୁନା ନାୟକଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଟ୍ରଫି ପ୍ରଦାନ କରାଯାଇଥିଲା। କୁନି ସ୍ୱେଚ୍ଛାସେବୀ ବାଦଲ ଜେନା ଓ ବବୁଲ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ କୁମାର ରାଉତ, ମୁକେଶ କୁମାର ଜେନା, ଅଭିଜିତ ନାୟକ, ଆଲୋକବ୍ରତ ନାୟକ, ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ପିସିସି ପଦନପୁର ଚାମ୍ପିୟନ

**ଜଟଣୀ,୨୮।୩ (ରବୀନ୍ଦ୍ରନାଥ ମହାକୁଡ଼)**

ସାମାଜିକ କର୍ମୀ ଡମ୍ବରୁଧର ମହାପାତ୍ରଙ୍କ ସ୍ମୃତିରେ ମା'ବରୁଣେଇ କ୍ରିକେଟ କ୍ଲବ ବେଲପଡ଼ା-ଖୋଲାଦ୍ୱାର ଦ୍ୱାରା ସ୍ଥାନୀୟ ବାଟ ମହାବୀର ନାଟ୍ୟ କଳା ସଂସଦ ପଡ଼ିଆରେ ଆୟୋଜିତ ୧୬ବର୍ଷରୁ କମ୍ ପଦନପୁର ପଞ୍ଚାୟତ କ୍ରିକେଟ ଟୁର୍ନାମେଣ୍ଟରେ ପିସିସି ପଦନପୁର ଟିମ୍ ଚାମ୍ପିୟନ ହୋଇଛି। ଶନିବାର ଫାଇନାଲ ମ୍ୟାଚ୍ ଏମବିସିସି ବେଲପଡ଼ା ଏବଂ ପିସିସି ପଦନପୁର ଟିମ୍ ମଧ୍ୟରେ ହୋଇଥିଲା। ଏମବିସିସି ବେଲପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୫ଉଇକେଟ ବିନିମୟରେ ୧୬୦ରନ ସଂଗ୍ରହ କରିଥିଲା। ଜବାବରେ ପିସିସି ପଦନପୁର ଟିମ୍ ୧୦ଓଭରରେ ୨ ଉଇକେଟ ବିନିମୟରେ ୧୬୨ରନ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡ.ଉମାକାନ୍ତ ପଟ୍ଟନାୟକ, ଅଧ୍ୟାପକ ସାରଙ୍ଗଧର ମହାପାତ୍ର, ଗଜେନ୍ଦ୍ର ମହାପାତ୍ର, ମଧୁସୂଦନ ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, କୃଷ୍ଣ ଚନ୍ଦ୍ର ସାହୁ, ସତୀଶ ଶର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଏବଂ ରନରଅପ୍ ଟିମ୍‌କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସଂଯୋଜକ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ମଞ୍ଚ ନାଟକ ବିକାଶ ପାଇଁ ସହଭାଗିତା ଜରୁରୀ

**ଖୋର୍ଦ୍ଧା,୨୮।୩(ପ୍ରଭାତ ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ଖୋର୍ଦ୍ଧା ଆନୁକୂଲ୍ୟରେ ଜିଲା ସଂସ୍କୃତି ଭବନ ପରିସରରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାଟକ ପରମ୍ପରା ସମ୍ପର୍କରେ ଆଲୋକପାତ କରିବା ସହ ମଞ୍ଚ ନାଟକ ଆବହମାନ କାଳରୁ ସମାଜକୁ ପ୍ରଭାବିତ କରିଆସିଛି ବୋଲି କହିଥିଲେ। ସାଂସ୍କୃତିକ ପରିଷଦର ସମ୍ପାଦକ ଗିରିଶ ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ, ବର୍ତ୍ତମାନ ସମୟରେ ମଞ୍ଚ ନାଟକର ସ୍ଥିତି ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ ସମାଜରେ ସୁଧାର ଆଣିବା ପାଇଁ ନାଟକର ପରମ୍ପରାକୁ ଉଜ୍ଜୀବିତ କରିବାର ଆବଶ୍ୟକ ଉପରେ କହିଥିଲେ। ମଞ୍ଚ ନାଟକରେ ସମାଜିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡ.ଅନ୍ତର୍ଯ୍ୟାମୀ ତ୍ରିପାଠୀ, ନାଟ୍ୟ ସଂସ୍ଥାଗୁଡିକର ଉତ୍ଥାନ ନିମନ୍ତେ ଉଦ୍ୟମ ଜାରି ରଖିବା ପାଇଁ ମଞ୍ଚ କଳାକାର ଓ ନାଟ୍ୟ ଅନୁଷ୍ଠାନମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତା ଜିତେନ୍ଦ୍ର ପଟ୍ଟନାୟକ ବିଶ୍ୱରେ ପ୍ରଚଳିତ ନାଟକର ଐତିହ୍ୟ ପ୍ରସଙ୍ଗରେ ଆଲୋକପାତ କରି ଓଡ଼ିଆ ମଞ୍ଚ ନାଟକକୁ ସମୃଦ୍ଧ କରିବା ପାଇଁ ସହଭାଗିତା ଓ ସମନ୍ୱୟତା ଜରୁରୀ ବୋଲି କହିଥିଲେ। ବିଶ୍ୱନାଥ ସାହୁ ସଭାପତିତ୍ୱ ଭାଷଣରେ ନାଟକଟିଏ ମଞ୍ଚସ୍ଥ କରିବାରେ ଯେଉଁ ସମସ୍ୟା ସାମ୍ନା କରିବାକୁ ପଡୁଛି ସେ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ନାଟକର ସମାଜରେ ମୂଲ୍ୟବୋଧ ପ୍ରସଙ୍ଗ ଆଲୋଚନାଚକ୍ର ସହିତ ଦୁଇଟି କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମ କ୍ଷୁଦ୍ର ନାଟକ 'କବାଡି ବାଲା' ରଚନା ନିର୍ଦ୍ଦେଶନା ଡ.ଅନ୍ତର୍ଯ୍ୟାମୀ ତ୍ରିପାଠୀ ଜଟଣୀ ଡାକ୍ତରଖାନାର କର୍ମଚାରୀଙ୍କ ଦ୍ୱାରା ପରିବେଷଣ ହୋଇଥଲା। ଦ୍ୱିତୀୟ ହାସ୍ୟ ରସାତ୍ମକ ନାଟକ 'ମଲମ' ରଚନା କେଳୁଚରଣ ସାମନ୍ତରାୟ ଏବଂ ସଚ୍ଚିଦାନନ୍ଦ ବାରିକଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ ମଞ୍ଚସ୍ଥ ହେଉଥିଲା। ନାଟ୍ୟ ନିର୍ଦ୍ଦେଶକ ବିଧାନ ମହାନ୍ତି, ବରିଷ୍ଠ ନାଗରିକ କୃଷ୍ଣ ଚନ୍ଦ୍ର ହରିଚନ୍ଦନ, ଶିକ୍ଷାବିତ୍ ନିରଞ୍ଜନ ମହାନ୍ତି, ସଞ୍ଜୟ ପଟ୍ଟନାୟକଙ୍କ ସମେତ ନାଟ୍ୟ କଳାକାର, ନିର୍ଦ୍ଦେଶକ ଏବଂ କଳାପ୍ରେମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାର୍ ସିରିଜ ଦୁର୍ଘଟଣାରେ ୨ବାଇକ୍ ଚାଳକ ଆହତ

ଭୁବନେଶ୍ୱର,୨୮।୩(ତ୍ରିନାଥ ମହାନ୍ତି)

ମୈତ୍ରୀବିହାର ଥାନା ବିଡିଏ ଫ୍ଲାଟ ମାର୍କେଟ ନିକଟରେ ଶନିବାର ରାତି ପ୍ରାୟ ୮ଟା ସମୟରେ ଏକ କାର ସିରିଜ ଦୁର୍ଘଟଣା ଘଟାଇଛି। କାର୍ ଚାଳକ ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଆସି ପ୍ରଥମେ ଏକ ସ୍କୁଟି ଏବଂ ପରେ ବାଇକ୍‌କୁ ଧକ୍କା ଦେବା ପରେ କାରଟି ଡିଭାଇଡ଼ର ଉପରକୁ ଚଢ଼ି ଯାଇଥିଲା। ଦୁର୍ଘଟଣା ଫଳରେ ଦୁଇ ବାଇକ୍ ଚାଳକ ଆହତ ହୋଇଥିଲେ। ଖବର ପାଇ ପିସିଆର ଭ୍ୟାନ୍ ପ୍ରଥମେ ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାର ପରେ ସେଠାରେ କିଛି ସମୟ ପାଇଁ ଟ୍ରାଫିକ୍ ସମସ୍ୟା ଦେଖା ଦେଇଥିଲା। ପୋଲିସ ଦୁର୍ଘଟଣା କାରକୁ ଥାନାକୁ ନେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଦାଢ଼ାପାଟଣା ଗ୍ରାମ କମିଟି ସଭାପତିଙ୍କ ପରଲୋକ

ତ୍ରିଶୁଳିଆ/ ବାରଙ୍ଗ, ୨୮।୩(ତୁଷାରକାନ୍ତ ବେହେରା/ ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଅଞ୍ଚଳର ଖୁବ୍ ଜଣାଶୁଣା ବ୍ୟକ୍ତିତ୍ୱ ତଥା ଦାଢ଼ାପାଟଣା ଗ୍ରାମ କମିଟିର ସଭାପତି ବିଜୟ କୁମାର ସାହୁ(୬୭)ଙ୍କ



ପରଲୋକ ହୋଇଛି। ସେ କଟକସ୍ଥିତ ଏକ ଘରୋଇ ମେଡିକାଲ୍‌ରେ ଚିକିତ୍ସିତ ହୋଇ ଶନିବାର ଘରକୁ ଫେରିଥିଲେ। କିନ୍ତୁ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ବିଶିଷ୍ଟ ସମାଜସେବୀ, ପରୋପକାରୀ, ମିଷ୍ଟଭାଷୀ, ଆଧ୍ୟାତ୍ମିକବାଦୀ ମଣିଷ ଥିଲେ। ତାଙ୍କ ମୃତ୍ୟୁରେ ବାରଙ୍ଗ ଅଞ୍ଚଳ, ତଥା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଖବର ପାଇଁ ବାରଙ୍ଗ ତଥା ଆଖପାଖ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସାଧାରଣ ଲୋକ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଦେଇ ଶେଷ ଦର୍ଶନ କରିଥିଲେ। ତାଙ୍କର ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମଝିଆ ପୁଅ ରାଜୀବ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

# ଗଞ୍ଜେଇ ବେପାରୀ ପୁଷ୍ପା, ସହଯୋଗୀ ଗିରଫ

**୪୫ କେଜି ଗଞ୍ଜେଇ, କାର ସହ ୯ ସୁତୁଲି ବୋମା ଜବତ**

- ■ବୋମା ଫିଙ୍ଗି ଖସି ଯିବାକୁ ଉଦ୍ୟମ କରିଥିଲେ
- ■ପୂର୍ବରୁ ୩ଥର ଖସିଯାଇଥିଲେ, ଗ୍ୟାଙ୍ଗରେ ଅଛନ୍ତି ଏକାଧିକ ଯୁବତୀ





ଭୁବନେଶ୍ୱର,୨୮।୩(ତ୍ରିନାଥ ମହାନ୍ତି)

ଅବକାରୀ ଟିମ୍‌କୁ ଚକ୍‌ମା ଦେଇ ଖସିଯାଉଥିବା ପୁଷ୍ପା ଓରଫ ମନୋରଞ୍ଜନ ରାଉଳ ଶେଷରେ ଶନିବାର ଧରାପଡ଼ିଛନ୍ତି। ଟଙ୍କପାଣିରୋଡ୍ ସାଇମନ୍ଦିର ନିକଟରେ ଯାଉଥିବାବେଳେ ପୁଷ୍ପା ଓ ତାଙ୍କ ସହଯୋଗୀ ଅମରଜିତ୍ ପାତ୍ରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୫ କେଜି ଗଞ୍ଜେଇ, ଗୋଟିଏ କାର୍ ଏବଂ ୯ଟି ହାତ ତିଆରି ସୁତୁଲି ବୋମା ଜବତ କରାଯାଇଛି। ଉଭୟ କାରରେ ଯାଉଥିବା ବେଳେ ଅବକାରୀ ଟିମ୍ ପିଛା କରିଥିଲେ ହେଲେ ପୁଷ୍ପା ହାତ ତିଆରି ସୁତୁଲି ବୋମା ପକାଇ ପୂର୍ବପରି ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଚାରିପଟୁ ଘେରି ଯିବାରୁ ସେ ଆଉ ଯାଇପାରି ନ ଥିଲେ।

ପୁଷ୍ପା ଜଣେ ପେସାଦାର ଗଞ୍ଜେଇ ବେପାରୀ। ସେ ଦାମୀ କାରରେ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଏବଂ ଖୋର୍ଦ୍ଧାର ଆଖପାଖରେ ବିକ୍ରି କରନ୍ତି। ପୂର୍ବରୁ ମଧ୍ୟ ସେ ୩ଥର ଅବକାରୀ ଟିମ୍‌କୁ ଚକ୍‌ମା ଦେଇ ଆତଙ୍କ ଖେଳାଇ ଖସିଯାଇଥିଲେ। ୨୦୨୫ ଡିସେମ୍ବର ୧୭ରେ ଦୁଇଟି ଗଞ୍ଜେଇ ଗାଡ଼ି ଜବତ କରାଯାଇଥିଲା। ଏହି ମାମଲାରେ ୨ଜଣ ଗିରଫ ହୋଇଥିବା ବେଳେ ପୁଷ୍ପା ଫେରାର ହେବାରେ ସକ୍ଷମ ହୋଇଥିଲେ। ତାଙ୍କୁ ଗିରଫ କରିବା ପାଇଁ ଅବକାରୀ ବିଭାଗ ଖୋଜୁଥିଲା। ଗତ ମାର୍ଚ୍ଚ ୧୭ରେ ଏକ କାର୍‌ରେ ଗଞ୍ଜେଇ ଚାଲାଣ କରୁଥିବାବେଳେ ଅବକାରୀ ଟିମ କାର୍‌ଟିକୁ ପିଛା କରିଥିଲେ। କାର୍ ଚଳାଉଥିବା ପୁଷ୍ପା ଅନ୍ୟ ଗାଡ଼ିକୁ ଧକ୍କା ଦେଇ ଜାତୀୟ ରାଜପଥରେ ଆତଙ୍କ ସୃଷ୍ଟି କରି ଖସି ପଳାଇଥିଲେ। ପରେ ଗତ ୨୬ ମାର୍ଚ୍ଚରେ ପୁଣି ଏକ କାର୍‌ରେ ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ବିଭାଗ ଖବର ପାଇଥିଲେ। କାରଟି ଖୋର୍ଦ୍ଧା ଅଭିମୁଖେ ଯାଉଥିବାବେଳେ ଅବକାରୀ ଟିମ୍ ଖୋର୍ଦ୍ଧା ମେଡିକାଲ ଛକରେ କାରକୁ ଅଟକାଇ ଯାଞ୍ଚ କରିଥିଲେ। କିନ୍ତୁ ଅଭିଯୁକ୍ତ ପୁଷ୍ପା ସରକାରୀ ଗାଡ଼ିକୁ ଧକ୍କା ଦେଇ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଶେଷରେ ଶନିବାର ପୁଷ୍ପା କାର୍‌ଟି ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ବାଟେ ଯିବା ନେଇ ଆଗୁଆ ଖବର ପାଇଥିଲା ଅବକାରୀ ବିଭାଗ। ତାଙ୍କୁ ଧରିବାକୁ ସେଠାରେ ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ଚାରିପଟୁ ଜଗି ରହିଥିଲେ। ଉକ୍ତ କାର୍‌ଟି ପହଞ୍ଚିବା କ୍ଷଣି ବାରିକେଡ୍ ପକାଇ କାରକୁ ଅଟକାଇଥିଲେ। ହେଲେ ପୁଷ୍ପା ଏବଂ ତା'ର ସହଯୋଗୀ ଅମରିଜିତ୍ ସୁତୁଲି ବୋମା ପକାଇ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଅବକାରୀ ଟିମ୍ ତୁରନ୍ତ ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିନେବା ସହ କାରକୁ ଯାଞ୍ଚ କରି ଗଞ୍ଜେଇ, କାର୍ ଓ ବୋମା ଜବତ କରିଥିଲା। ତେବେ ପଚରାଉଚରାବେଳେ ପୁଷ୍ପା କହିଛନ୍ତି, ପୋଲିସକୁ ଚକ୍‌ମା ଦେଇ ଗଞ୍ଜେଇ ଚାଲାଣ କରିବାକୁ ମଜା ଲାଗେ। ତାଙ୍କ ଗ୍ୟାଙ୍ଗରେ ଏକାଧିକ ମହିଳା ସାମିଲ ହୋଇଥିବା ସେ ସୂଚନା ଦେଇଛନ୍ତି। ଏବେ ଗ୍ୟାଙ୍ଗର ଅନ୍ୟ ସଦସ୍ୟାସଦସ୍ୟ ଓ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବାକୁ ଲକ୍ଷ୍ୟ ରଖିଥିବା ସୂଚନା ମିଳିଛି।




ସାରସ୍ୱତ ସମାଜ ସାମାଜିକ ଅନୁଷ୍ଠାନ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରେଡ୍‌କ୍ରସ ଭବନରେ ଶନିବାର ଆୟୋଜିତ ଶିଶୁ ମହୋତ୍ସବ, ପୁରସ୍କାର ବିତରଣ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ ଅନୁଷ୍ଠାନର ପତ୍ରିକା 'ପାବନୀ'କୁ ଉନ୍ମୋଚନ କରୁଛନ୍ତି।

# ଜୁଏଲାରୀ ଦୋକାନରୁ ଡକାୟତି ଯୋଜନା, ଇଗଲ ଗ୍ୟାଙ୍ଗର ୪ ଗିରଫ



ଭୁବନେଶ୍ୱର,୨୮।୩(ତ୍ରିନାଥ ମହାନ୍ତି)

**୨ ଖଣ୍ଡା, ହାତୁଡ଼ି, ଆରୀ ଓ ଲଙ୍କାଗୁଣ୍ଡ ଜବତ**

ଜଗନ୍ନାଥ ନଗର ମେନ୍ ରୋଡ୍‌ରେ ଥିବା ମହାବୀର ଜୁଏଲର୍ସରୁ ଡକାୟତି ପୂର୍ବରୁ ଯୋଜନାକୁ ପଣ୍ଡ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ। କେନାଲ ରୋଡ୍‌ସ୍ଥିତ ଜୋକା ପୋଖରୀ ନିକଟ ଖୋଲା ପଡିଆରେ ଯୋଜନା ଚାଲିଥିବାବେଳେ ପୋଲିସ ଚଢାଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ସବୁ ଇଗଲ ଗ୍ୟାଙ୍ଗ୍‌ର ସଦସ୍ୟ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ଲେଙ୍କାସାହିର କାହ୍ନୁ ଲେଙ୍କା, ତଳ ସାହିର ଓମ୍ ଶ୍ରୀ ସାଇ ଆଶୀର୍ବାଦ, ବଳରାମ ଭୋଇ ଏବଂ ରାଉତସାହିର ବିଶ୍ୱମୋହନ ନାୟକ। ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ହାତୁଡ଼ି, ଗୋଟିଏ ଆରୀ, ଲୁହାରଡ଼, ମଦ ବୋତଲ ଏବଂ ଲଙ୍କାଗୁଣ୍ଡ ଜବତ କରାଯାଇଛି।

ଡକାୟତି ପାଇଁ ଜୋକା ପୋଖରୀ ନିକଟ ଖୋଲା ପଡିଆରେ ଯୋଜନା ଚାଲିଥିବା ଲକ୍ଷ୍ମୀସାଗର ଥାନା ପୋଲିସ ବିଶସ୍ତ ସୂତ୍ରରୁ ସୂଚନା ପାଇବା ପରେ ସ୍ୱତନ୍ତ୍ର ଟିମ୍ ରାତି ପ୍ରାୟ ୧୧ଟା ୫୦ରେ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ହଠାତ୍ ଖଣ୍ଡା ଦେଖାଇ ଭୟଭୀତ କରି ସେଠାରୁ ଖସି ଚାଲି ଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ ପୋଲିସ ଟିମ୍ ସେମାନଙ୍କ ପିଛା କରି ୪ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତେବେ ଏହି ସମୟରେ ଅନ୍ୟ ଜଣେ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଧରାପଡିଥିବା ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ସେମାନେ ଇଗଲ ଗ୍ୟାଙ୍ଗ୍ ସଦସ୍ୟ ଓ ମହାବୀର ଜୁଏଲର୍ସରୁ ଡକାୟତି ପାଇଁ ପଡିଆରେ ବସି ଯୋଜନା କରୁଥିଲେ। ଅଭିଯୁକ୍ତମାନେ ଇଗଲ ଗ୍ୟାଙ୍ଗ ନାମରେ ଏକ ଆପରାଧିକ ଗୋଷ୍ଠୀ କରିଥିଲେ। ଗ୍ୟାଙ୍ଗ୍‌ର ସମସ୍ତ ସଦସ୍ୟ ନିଜ ଛାତିରେ ଇଗଲ ଟାଟୁ କରିଥିଲେ। ଏହି ଗ୍ୟାଙ୍ଗ୍ କିଏ ଚଲାଉଥିଲା ସେନେଇ ପୋଲିସ ଖୋଳତାଡ଼ କରୁଛି। ଖୁବ୍‌ଶୀଘ୍ର ଅନ୍ୟମାନେ ଗିରଫ ହେବେ ବୋଲି ପୋଲିସ କହିଛି।

# ବିଏମ୍‌ସିର ୟୁଜର ଫି' ବର୍ଜନ ପାଇଁ ନିଷ୍ପତ୍ତି

ପୁରୁଣା ଭୁବନେଶ୍ୱର,୨୮।୩(ସୁବାସ ଚନ୍ଦ୍ର ପ୍ରଧାନ)

ନନ୍ଦ କିଶୋର ପୁଷ୍କରିଣୀକୁ ପରିଷ୍କାର ଏବଂ ପୁନରୁଦ୍ଧାର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏଥିସହ ନନ୍ଦ କିଶୋର ନଗର ଅଞ୍ଚଳରେ ଥିବା ଡ୍ରେନ୍‌ଗୁଡିକ ନିୟମିତ ବ୍ୟବଧାନରେ ସଫା ନ ହେବାରୁ ବର୍ଜ୍ୟ ଜଳ ନିଷ୍କାସନ ହେବାରେ ବାଧା ଉପୁଜୁଛି। ଏଥିସହ କଲୋନୀରୁ ବାହାରୁଥିବା ଅଳିଆ ଆବର୍ଜନାକୁ ବିଏମ୍‌ସି କର୍ମଚାରୀମାନେ ସ୍ଥାନାନ୍ତର କରିବା ପରିବର୍ତ୍ତେ ରାସ୍ତା ପାର୍ଶ୍ୱରେ ଜମା କରି ରଖୁଛନ୍ତି। ସ୍ୱଚ୍ଛ ପରିବେଶ ପାଇଁ ନିଜସ୍ୱ ସମ୍ବଳରେ ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ହୋଇ ପଡ଼ିଥିବା ପୁଷ୍କରିଣୀକୁ ଅଞ୍ଚଳବାସୀ ପରିଷ୍କାର କରିଛନ୍ତି। ତେଣୁ ବିଏମ୍‌ସିର ୟୁଜର ଫି' ବର୍ଜନ କରିବା ପାଇଁ ନିଷ୍ପତ୍ତି ହୋଇଥିବା ଏକାମ୍ର ଜନ ଜାଗରଣ ମଞ୍ଚର ସଭାପତି ଭୀଷ୍ମ ନାରାୟଣ ନାୟକ ଓ ନନ୍ଦକିଶୋର ପୁଷ୍କରିଣୀ ଉନ୍ନୟନ କମିଟିର ସଭାପତି ପ୍ରଶାନ୍ତ ଚନ୍ଦ୍ର ମହାପାତ୍ର କହିଛନ୍ତି।

# ଶିବାନନ୍ଦ ଆଶ୍ରମରେ ଶ୍ରୀରାମ ଚରିତ ମାନସ ପାରାୟଣ



ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)

ଭୁବନେଶ୍ୱର ଦିବ୍ୟ ଜୀବନ ସଂଘ ପକ୍ଷରୁ ଅଶୋକନଗରସ୍ଥିତ ଶିବାନନ୍ଦ ଆଶ୍ରମରେ ୯ଦିନ ଧରି ଚାଲିଥିବା ଶ୍ରୀ ଶ୍ରୀରାମ ଚରିତ ମାନସ ପାରାୟଣ ପବିତ୍ର ରାମ ନବମୀ ଅବସରରେ ଉଦ୍‌ଯାପିତ ହୋଇଯାଇଛି। ଆଧ୍ୟାତ୍ମିକ ପ୍ରବଚକ ସ୍ୱାମୀ ଭାଗବତ ପ୍ରସାଦ ନନ୍ଦ ସରସ୍ୱତୀ ଓ ସ୍ୱାମୀ ବ୍ରାହ୍ମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆୟୋଜିତ ଏହି ଦିବ୍ୟ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀରାମ ଚରିତ ମାନସ ପାଠ ସହ କଥାମୃତ ଶ୍ରବଣ ଓ ଭଜନ କୀର୍ତ୍ତନ କରିଥିଲେ। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଦ୍ୱାରା ଶଙ୍ଖ, ହୁଳହୁଳି ଓ ଜୟ ଶ୍ରୀରାମ ଧ୍ୱନିରେ ଆଶ୍ରମ ପରିସର ପ୍ରକମ୍ପିତ ହୋଇଥିଲା। ହନୁମାନ ଚାଳିଶା ପାଠ, ମଙ୍ଗଳା ଚରଣ, ଶ୍ରୀରାମ ଭଜନ ପରିବେଷଣ ସହ ପ୍ରବଚକ ଶ୍ରୀରାମଚରିତ କଥାମୃତ ଶୁଣାଇଥିଲେ। ହୋମ ଯଜ୍ଞ ପରେ ଭକ୍ତମାନେ ହାତରେ ଫୁଲ, ଧୂପ, ପୂଜାର୍ଚ୍ଚନା କରିବା ସହ ରଘୁନାଥଙ୍କୁ ଆରତୀ କରିଥିଲେ। କାର୍ଯ୍ୟକ୍ରମକୁ ଦିବ୍ୟ ଜୀବନ ସଂଘ ସଭାପତି ରାଧାଶ୍ୟାମ ଦାସ, ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ଉପ ସଭାପତି ନରସିଂହ ଆଚାରୀ, ତାରିଣୀ ଚରଣ ପାଢ଼ୀ, ପ୍ରଦୀପ କୁମାର ବେହେରା, ରାଜ ଗୋପାଳ ଆଚାରୀ, ଗୋପାଳ ଚନ୍ଦ୍ର ପାତ୍ର, ଅନ୍ନପୂର୍ଣ୍ଣା ଦାସ, କାଦମ୍ବିନୀ ଦାସ, ଲକ୍ଷ୍ମୀପ୍ରିୟା ବେହେରା ପରିଚାଳନା କରିଥିଲେ।

# ପାସ୍‌ପୋର୍ଟ ନବୀକରଣ ପାଇଁ ୧୫ ହଜାର ନେଇଥିବା ଯୁବକ ଗିରଫ

ଭୁବନେଶ୍ୱର,୨୮।୩(ତ୍ରିନାଥ ମହାନ୍ତି)

ପାସ୍‌ପୋର୍ଟ ନବୀକରଣ ପାଇଁ ୧୫ ହଜାର ଟଙ୍କା ଠକେଇ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଡ଼ସାହିର ସନ୍ତୋଷ କୁମାର ସ୍ୱାଇଁ। ସୂଚନାଯୋଗ୍ୟ, ଅଭିଯୋଗକାରୀ ନବୀନ ମିଶ୍ର ଝାରସୁଗୁଡ଼ା ବାସିନ୍ଦା ଅଟନ୍ତି। ସେ ସ୍ତ୍ରୀଙ୍କ ପାସ୍‌ପୋର୍ଟ ନବୀକରଣ ପାଇଁ ଭୁବନେଶ୍ୱର ପାସ୍‌ପୋର୍ଟ ଅଫିସକୁ ଆସିଥିଲେ। କିନ୍ତୁ କୌଣସି କାରଣବଶତଃ ତାଙ୍କର ଆପଏଣ୍ଟମେଣ୍ଟ ବାତିଲ ହୋଇଯାଇଥିଲା। ସେ ଅଫିସର ଫାଟକ ପାଖରେ ଠିଆ ହୋଇଥିବାବେଳେ ସନ୍ତୋଷ କୁମାର ତାଙ୍କ ସହିତ ଯୋଗାଯୋଗ କରିଥିଲେ। ଦୁଇ ଦିନ ମଧ୍ୟରେ ପାସ୍‌ପୋର୍ଟ କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସନ୍ତୋଷ ଅଭିଯୋଗକାରୀଙ୍କ ଠାରୁ ଦୁଇଟି ପାସପୋର୍ଟ ସହିତ ତତ୍କାଳ ଫି' ବାବଦରେ ୭ ହଜାର ଟଙ୍କା ନେଇଥିଲେ। ପରେ ସେ ହ୍ୱାଟ୍ସ ଆପରେ ଦୁଇଟି ନକଲି ଆପଏଣ୍ଟମେଣ୍ଟ ପେପର୍ ପଠାଇଥିଲେ, ଯାହାକୁ ଅଭିଯୋଗକାରୀ ଚିହ୍ନଟ କରିପାରି ନ ଥିଲେ। ପରେ ଶ୍ୱଶୁରଙ୍କ ନାମ ପରିବର୍ତ୍ତନ ଜନିତ ସୂଚନା ଖବରକାଗଜରେ ପ୍ରକାଶ କରିବା ପାଇଁ ଅଭିଯୋଗକାରୀ ସନ୍ତୋଷଙ୍କୁ ପୁଣି ୩,୪୦୦ ଟଙ୍କା ଦେଇଥିଲେ। ପୁନର୍ବାର ସଚିବାଳୟରେ ନାମ ଯାଞ୍ଚ କରାଇବା କାର୍ଯ୍ୟ ଲାଗି ସେ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଦେଇଥିଲେ। ଅଭିଯୁକ୍ତ ଟଙ୍କା ନେବା ପରେ କିଛି କାମ ନ କରି ଅଭିଯୋଗକାରୀଙ୍କୁ ଜାଲ୍ କାଗଜପତ୍ର ଧରାଇ ଦେଇଥିଲେ। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ବିଭିନ୍ନ ଥାନାରେ ମୋଟ ୭ ଗୋଟି ଆପରାଧିକ ମାମଲା ରହିଛି ।

# ସରାଟ ଶାସନ ଭଗବତ ବାସୁଦେବଙ୍କ ମେଳଣ ଉଦଯାପିତ

ବାଲିପାଟଣା,୨୮।୩(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ଶାସନ ଗ୍ରାମରେ ଭଗବତ ଗୋସେଇଁଙ୍କ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏଠାରେ ଦେଢ଼ ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ମେଳଣ ଓ ଯାତ୍ରା ପାଳନ ହୋଇଆସୁଛି। ଗୁରୁବାର ଅଶୋକାଷ୍ଟମୀ ତିଥିରେ ଜମାଣ ଶୋଭାଯାତ୍ରା ହୋଇଥିଲା। ଭଗବତ ଗୋସେଇଁଙ୍କୁ ବିମାନରେ ବିଜେ କରି ଗ୍ରାମ ପରିକ୍ରମା କରାଯାଇଥିଲା। ବାଜା, ବାଣ, ଘୋଡ଼ା ନାଚରେ ଜମାଣ ଉତ୍ସବ କମ୍ପିଥିଲା। ସରାଟ ଏବଂ ଗୋବିନ୍ଦପୁର ଭଗବତ ଠାକୁର ଦୋଳ ମେଳଣକୁ ଆସିଥିଲେ। ଏହି ଅବସରରେ ଦୁଇଦିନ ସାବିତ୍ରୀ ଗଣନାଟ୍ୟ ଯାତ୍ରା ପରିବେଷଣ କରିଥିଲା। ବିଭିନ୍ନ ଦୋକାନ ବଜାର ଖୋଲିଥିଲା। ହେମନ୍ତ କୁମାର ଦାଶ, ପ୍ରଶାନ୍ତ ମିଶ୍ର, ଫଣିଭୂଷଣ ମହାନ୍ତି, ରଘୁନନ୍ଦନ ଦାଶ, ଶକ୍ତି ପ୍ରସାଦ ଦାଶ, ଡମ୍ବରୁଧର ମିଶ୍ର, ମନୋଜ ମିଶ୍ର ପ୍ରମୁଖ ପରିଚାଳନା ଦାୟିତ୍ୱ ତୁଲାଇଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

# 'ଧ୍ୱଂସର ଅବଶେଷ'ରେ ମହାପ୍ରଭୁଙ୍କ ଲୀଳା



ଭୁବନେଶ୍ୱର,୨୮।୩
(ସୌମ୍ୟରଞ୍ଜନ ରାଉତ)

ଯୁଗ ପରିବର୍ତ୍ତନ ସହ ଭଗବାନଙ୍କ ସ୍ୱରୂପ ମଧ୍ୟ ବଦଳିଛି। ନାମ ବଦଳିବା ସହ ସେ ଧାରଣ କରିଛନ୍ତ ଭିନ୍ନ ଅବତାର। ଏଥିସହ ତାଙ୍କ ଲୀଳା ଲୀଳାକ୍ଷେତ୍ର ବି ବଦଳିଛି। କିନ୍ତୁ ସେ ସେଇ ଆଦି ଓ ଅନାଦି। ବିଶ୍ୱବସୁ ଶବରର ଭକ୍ତି ଭାବରେ ପ୍ରସନ୍ନ ହୋଇ ତାଙ୍କ ପାଖରେ କିଛି ସମୟ ନୀଳମାଧବ ରୂପେ ଅବସ୍ଥାନ କରିଛନ୍ତି। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆକୁଳ କ୍ରନ୍ଦନ ଓ ଭକ୍ତି ପରାକାଷ୍ଠାରେ ବିମୋହିତ ହୋଇ ବାଙ୍କୀ ମୁହାଁଣରେ ତାଙ୍କୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଭକ୍ତ ଓ ଭଗବାନଙ୍କ ଭାବକୁ ନେଇ ଶରତ ସମ୍ରାଟଙ୍କ ନିର୍ଦ୍ଦେଶିତ ନାଟକ 'ଧ୍ୱସଂର ଅବଶେଷ' ମଞ୍ଚସ୍ଥ ହୋଇଛି। ସମ୍ରାଟ ସିଏ କଳାର ପୁଝାରୀ ଅନୁଷ୍ଠାନର କଳକାରମାନେ ଶନିବାର ଗୀତଗୋବିନ୍ଦ ସଦନଠାରେ ଅତି ଚମତ୍କାର ଭାବରେ ଅଭିନୟ କରିଥିଲେ। ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ହରେନ୍ ସାହୁ, ଲେଖକ ପଞ୍ଚାନନ ଦାସ, ନିର୍ଦ୍ଦେଶକ ମୁକୁନ୍ଦ ଶତପଥୀ, ସୁଦର୍ଶନ ସାହୁ, ଅଭିନେତା ପଦ୍ମକାନ୍ତ ସାହୁ ଉପସ୍ଥିତ ଥିଲେ। ଭଜ କୃଷ୍ଣ ମହାନ୍ତି ସଭା ପରିଚାଳନା କରିଥିଲେ।

# ଅଟୋ ଡ୍ରାଇଭର ଦେଖାଇଲେ ମହାନତା

**ଯାତ୍ରୀ ଛାଡ଼ି ଯାଇଥିବା ସୁନା ବ୍ୟାଗ୍ ଫେରାଇଲେ**

ଭୁବନେଶ୍ୱର,୨୮।୩(ତ୍ରିନାଥ ମହାନ୍ତି)

ସାଲିଆ ସାହିରେ ରହୁଥିବା ଅଟୋ ଡ୍ରାଇଭର ସନ୍ତୋଷ କୁମାର ସାହୁ ମହାନତା ଦେଖାଇଛନ୍ତି। ତାଙ୍କ ଅଟୋରେ ଜଣେ ଯାତ୍ରୀ ଛାଡ଼ି ଯାଇଥିବା ଲକ୍ଷାଧିକ ଟଙ୍କାର ସୁନା ଥିବା ବ୍ୟାଗ୍ ଫେରାଇଛନ୍ତି। ତାଙ୍କର ଏହି ସଚ୍ଚୋଟତା ଏବଂ ସାଧୁତା ପାଇଁ ମୈତ୍ରୀବିହାର ଥାନା ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ପ୍ରଶଂସା କରିଛନ୍ତି।




ଶନିବାର ରାତି ପ୍ରାୟ ୮ଟାରେ ବାଲେଶ୍ୱରର ସୁଚିସ୍ମିତା ଦେ ନାମ୍ନୀ ଜଣେ ମହିଳା କିଣାକିଣି ପାଇଁ ଭୁବନେଶ୍ୱର ଆସିଥିଲେ। ସେ ସନ୍ତୋଷଙ୍କ ଅଟୋରେ ଏକ ଟ୍ରଲି ବ୍ୟାଗ ଧରି ଯାତ୍ରା କରୁଥିଲେ। ତରବରିଆ ହୋଇ ଯିବାରୁ ସେ ଅଟୋରେ ତାଙ୍କର ଟ୍ରଲି ବ୍ୟାଗ ଛାଡି ଦେଇଥିଲେ। ବ୍ୟାଗ୍‌ରେ ସୁନା ମଙ୍ଗଳସୂତ୍ର ଏବଂ ସୁନା କାନଫୁଲ ସହିତ ମୂଲ୍ୟବାନ ସୁନା ଅଳଙ୍କାର ଥିଲା। ଡ୍ରାଇଭର ସନ୍ତୋଷ ଘରକୁ ଯାଇ ଅଟୋ ପଛ ସିଟ୍ ଦେଖିବା ପରେ ଟ୍ରଲି ବ୍ୟାଗ୍ ଥିବା ଦେଖିବାକୁ ପାଇଥିଲେ। ସେ ତୁରନ୍ତ ମୈତ୍ରୀ ବିହାର ପୋଲିସ ଷ୍ଟେଶନକୁ ଆଣି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଯାଞ୍ଚ କରି ମହିଳାଙ୍କୁ ଖବର ଦେବା ପରେ ସେ ଆସି ତାଙ୍କ ବ୍ୟାଗ୍ ନେଇଥିଲେ। ବ୍ୟାଗ୍ ପାଇ ସେ ଖୁସି ବ୍ୟକ୍ତ କରିଥିଲେ।

# ରଘୁନାଥପୁର ରାମନବମୀ ମହୋତ୍ସବ

ତ୍ରିଶୁଳିଆ,୨୮।୩(ତୁଷାରକାନ୍ତ ବେହେରା)

ଶ୍ରୀରାମ ନବମୀ ମହୋତ୍ସବ ପାଇଁ ଶୁକ୍ରବାର ରଘୁନାଥପୁର ଚଳଚଞ୍ଚଳ ହୋଇଉଠିଛି। ପୂଜାର୍ଚ୍ଚନା ଓ ନୀତିକାନ୍ତି ପରେ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶରେ ଗ୍ରାମର କୁନି ପିଲାମାନେ ସଜ୍ଜିତ ହୋଇ ରାମ ଧ୍ୱନି ମଧ୍ୟରେ ଏକ ରଥ ଯୋଗେ ଗ୍ରାମ ପରିକ୍ରମା କରିଥିଲେ। ପରେ ଭଜନ ପରିବେଷଣ ହୋଇଥିଲା। ଏହି ମହୋତ୍ସବରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡ. ପ୍ରବୀଣ ଭାଇ ତୋଗାଡ଼ିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖୁବଶୀଘ୍ର ଶ୍ରୀରାମ ମନ୍ଦିର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ମନ୍ଦିର ଟ୍ରଷ୍ଟ ସଭାପତି ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ କୁନାଲ ରାଉତ ସୂଚନା ଦେଇଛନ୍ତି। ମନ୍ଦିର କର୍ମକର୍ତ୍ତାଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ।

# ରଥ କାଠ ଭାଙ୍ଗିଲେ ମା'ପାର୍ବତୀ

ପୁରୁଣା ଭୁବନେଶ୍ୱର,୨୮।୩(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜ ଭଉଣୀ ମା'ରୁକ୍ମଣୀଙ୍କ ସହ ରୁକୁଣା ରଥଯାତ୍ରାରେ ରାମେଶ୍ୱର ମନ୍ଦିର ଯାତ୍ରାରେ ଅଛନ୍ତି। ଶନିବାର ମା'ପାର୍ବତୀ ସନ୍ଧ୍ୟା ଧୂପ ପରେ ସୁସଜ୍ଜିତ ପାଲିଙ୍କିରେ ସମ୍ପୂର୍ଣ୍ଣ ଆବରଣ ହୋଇ ରାମେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ସେଠାରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସମ୍ମୁଖରେ ରହିଥିଲେ। ପରେ ଦୁଇ ପୂଜାପଣ୍ଡା ଲିଙ୍ଗରାଜ ଏବଂ ମା'ପାର୍ବତୀଙ୍କ ମଧ୍ୟରେ ବଚନିକା ହୋଇଥିଲା। ରଥରେ ପ୍ରଭୁ ଲିଙ୍ଗରାଜ ତାଙ୍କୁ କାହିଁକି ଆଣିଲେ ନାହିଁ ବୋଲି ଅଭିମାନରେ ପଚାରିଥିଲେ। ଉତ୍ତରରେ ଆସନ୍ତା ଚନ୍ଦନ ଯାତ୍ରାରେ ନିଶ୍ଚିତ ମା'ପାର୍ବତୀଙ୍କୁ ସାଙ୍ଗରେ ନେଇ ୨୨ଦିନିଆ ଚନ୍ଦନ ଯାତ୍ରାରେ ଚାପ ଡଙ୍ଗାରେ ଚାପକ୍ରୀଡ଼ାରେ ଆଣିବାକୁ କହିବା ପରେ ପାର୍ବତୀ ସେଠାରୁ ଫେରିଥିଲେ। ବାଟରେ ରଥରୁ ଖଣ୍ଡେ



କାଠ ଭାଙ୍ଗି ରାଗରେ ମନ୍ଦିର ଅଭିମୁଖେ ଫେରିଥିଲେ। ତେବେ ମା' ମନ୍ଦିର ଭିତରକୁ ନ ଯାଇ ମନ୍ଦିର ମେଘନାଦ ପାଚେରିର ଐଶାନ୍ୟ କୋଣରେ ଥିବା ଚାହାଣି ମଣ୍ଡପରେ ବିରାଜମାନ କରି ପ୍ରଭୁଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ।

**ପ୍ରଭୁ ଶ୍ରୀଶ୍ରୀ ଦାରୁ ରଘୁନାଥଜୀଉଙ୍କ ତାଡକା ବଧ ବେଶ**

ତିଗିରିଆ,(ଜାଫର ଖାଁ) : ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରର ଆରାଧ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ପ୍ରସିଦ୍ଧ ପବିତ୍ର ରାମ ନବମୀ ପର୍ବର ଶନିବାର ଦ୍ୱିତୀୟ ଦିନରେ ପ୍ରଭୁ ଶ୍ରୀ ଶ୍ରୀ ରଘୁନାଥ ଜୀଉ ଭକ୍ତମାନଙ୍କୁ ତାଡକା ବଦ୍ଧ ବେଶରେ ଦର୍ଶନ ଦେଇଥିବା ପୂଜକ ସନ୍ତୋଷ କୁମାର ଶତପଥୀ ସୂଚନା ଦେଇଛନ୍ତି। ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ସହ ସନ୍ଧ୍ୟା ସମୟରେ ବେଶ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ବର୍ଗ ଉଦ୍‌ଘାଟିତ

ତ୍ରିଶୁଳିଆ,୨୮।୩(ତୁଷାରକାନ୍ତ ବେହେରା): ସୋମନାଥ ମଣ୍ଡଳ ପକ୍ଷରୁ କଲ୍ୟାଣପୁର ଗ୍ରାମ ନିକଟ ଏକ ଘରୋଇ ମଣ୍ଡପରେ ଶନିବାର ସନ୍ଧ୍ୟାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅଭିଯାନ-୨୦୨୬ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହୋଇଯାଇଛି। ଏହି ୨ଦିନିଆ ପ୍ରଶିକ୍ଷଣ ବର୍ଗକୁ ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜିଲା ସଭାପତି ନିରଞ୍ଜନ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବର୍ଗର ପ୍ରମୁଖ ଭାଜପାର ପୂର୍ବତନ ଜିଲାପରିଷଦ କୁନାଲ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ବର୍ଗରେ ସୋମନାଥମଣ୍ଡଳର ଜିଲା ନେତୃତ୍ୱ, ମଣ୍ଡଳକମିଟି, ପଞ୍ଚାୟତ ପ୍ରମୁଖ, ସହ ପ୍ରମୁଖ, ବୁଥ୍ ସଭାପତି ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ କାର୍ଯ୍ୟକର୍ତ୍ତାଙ୍କୁ ଏହି ପ୍ରଶିକ୍ଷଣ ବର୍ଗରେ ଭାଜପାର ବିଚାର, ଇତିହାସ, କାର୍ଯ୍ୟବିସ୍ତାର, ବୁଥ୍ ପରିଚାଳନା ଓ କାର୍ଯ୍ୟ ପ୍ରଣାଳୀ ତଥା କୃତ୍ରିମ ବୁଦ୍ଧିମତ୍ତା ଓ ସାମାଜିକ ଗଣମାଧ୍ୟମ ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଦୀପ ତ୍ରିପାଠୀ ଓ ନବଘନ ବେହେରା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ୧୬୬ ଜଣ ବରିଷ୍ଠ ଭାଜପା କର୍ମକର୍ତ୍ତା ଶିବିରରେ ଅଂଶଗ୍ରହଣ କରିଥିଲେ।

### ଦାଢ଼ାପାଟଣା ଗ୍ରାମ କମିଟି ସଭାପତିଙ୍କ ଦେହାନ୍ତ

ତ୍ରିଶୁଳିଆ/ବାରଙ୍ଗ,୨୮।୩(ତୁଷାରକାନ୍ତ ବେହେରା/ଲିଙ୍ଗରାଜ ରାଉତ): ବାରଙ୍ଗ ବ୍ଲକ ଅଞ୍ଚଳର ଖୁବ୍ ଜଣାଶୁଣା ବ୍ୟକ୍ତିତ୍ୱ ତଥା ଦାଢ଼ାପାଟଣା ଗ୍ରାମ କମିଟିର ସଭାପତି ବିଜୟ କୁମାର ସାହୁ(୬୭)ଙ୍କ ଦେହାନ୍ତ ହୋଇଛି। ହଠାତ୍ ତାଙ୍କର ଦେହ ଅସୁସ୍ଥ ହୋଇପଡ଼ିବାରୁ ସେ କଟକସ୍ଥିତ ଏକ ଘରୋଇ ମେଡିକାଲ୍‌ରେ ଚିକିତ୍ସାଧୀନ ଥିଲେ। ଶନିବାର ଘରକୁ ଫେରିଥିଲେ। କିନ୍ତୁ ତାଙ୍କର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବାରଙ୍ଗ ତଥା ଆଖପାଖ ଅଞ୍ଚଳର ଶତାଧିକ ବିଶିଷ୍ଟ ବ୍ୟକ୍ତି, ସାଧାରଣ ଲୋକ ତାଙ୍କର ଶବାଧାରରେ ପୁଷ୍ପମାଲ୍ୟ ଦେଇ ଶେଷ ଦର୍ଶନ କରିଥିଲେ। ସେ ଜଣେ ବିଶିଷ୍ଟ ସମାଜସେବୀ, ପରୋପକାରୀ, ମିଷ୍ଟଭାଷୀ, ଆଧ୍ୟାତ୍ମିକବାଦୀ ମଣିଷ ଥିଲେ। ସମସ୍ତଙ୍କ ସୁଖଦୁଃଖରେ ଭାଗୀଦାର ହେଉଥିଲେ। ତାଙ୍କ ମୃତ୍ୟୁରେ ବାରଙ୍ଗ ଅଞ୍ଚଳ, ତଥା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ତାଙ୍କର ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ମଝିଆ ପୁଅ ରାଜୀବ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

### ମାଟି ଚୋରି ଉପରେ ଲଗାମ ଲଗାଇପାରୁନି ପ୍ରଶାସନ

ତ୍ରିଶୁଳିଆ,୨୮।୩(ତୁଷାରକାନ୍ତ ବେହେରା): ବାରଙ୍ଗ ଥାନା ଅଞ୍ଚଳରେ ମାଟି ଚୋରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏହା ଉପରେ ରୋକ୍ ଲଗାଇପାରୁନି। କିଛିଦିନ ହେବ ଦିନରାତି ମାଟି, ବାଲି ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ଖଣି ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ବାରଙ୍ଗ ପୋଲିସକୁ ପଚାରିବାରୁ ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି। ରାମଦାସପୁର ରାଜସ୍ୱ ନିରୀକ୍ଷକ କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଚୋରାଚାଲାଣ ଉପରେ କେବେ ରୋକ୍ ଲାଗିବ ସେ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### କମ୍ୟୁନିଟି ହଲ୍, ଭେଣ୍ଡିଂ ଜୋନ୍ ଉଦ୍‌ଘାଟିତ

କଟକ,୨୮।୩(କୁମାରଶ୍ରୀ): କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୨୨ରେ ଏକ କମ୍ୟୁନିଟି ହଲ୍ ଏବଂ ୨୨ ଦୋକାନ ଘର ବିଶିଷ୍ଟ ଭେଣ୍ଡିଂ ଜୋନ୍ ଶନିବାର ଉଦ୍‌ଘାଟିତ ହୋଇଛି। ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, କମିଶନର କିରଣଦୀପ କୌର ସହୋତା ଫଳକ ଅନାବରଣ କରି ଏହାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ। ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ହଲ ନିର୍ମାଣ ହୋଇଥିବା ବେଳେ ୨୨ଟି ଦୋକାନ ଘର ଥିବା ଭେଣ୍ଡିଂ ଜୋନ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ.ଶ୍ରୀଦେବୀ, ମୋନାଲିସା ଦାସ, ପ୍ରଳୟା ବେଉରା, ଗଗନ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ଫଳକରେ ସୀମିତ ହୁଲୁହୁଲା ଉଚ୍ଚତମ ସେତୁ

## ସରିଲାଣି କାର୍ଯ୍ୟ ଅବଧି

ବାଙ୍କୀ, ୨୮।୩(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଓ ରତାଗଡ ଗୋବିନ୍ଦ ପୁର ପଞ୍ଚାୟତରେ ଅବସ୍ଥିତ ହୁଲୁହୁଲା ସେତୁ ଉପରେ ବାଙ୍କୀର ୩ ପଞ୍ଚାୟତ ଓ ତିଗିରିଆ ବ୍ଲକର ୨ ପଞ୍ଚାୟତବାସିନ୍ଦା ନିର୍ଭରଶୀଳ। ମହାନଦୀରେ ବନ୍ୟା ହେବା ମାତ୍ରେ ବନ୍ୟା ଜଳ ଏହି ହୁଲୁହୁଲା ସେତୁ ଦେଇ ଯାଇଥାଏ। ଅଧିକ ବନ୍ୟା ଜଳ ଯିବା ଦ୍ୱାରା ସେତୁ ଉପରେ ୪/୫ ଫୁଟ ର ବନ୍ୟା ଜଳ ସ୍ରୋତ ପ୍ରବାହିତ ହୁଏ। ଏହାଦ୍ୱାରା ଅଞ୍ଚଳବାସୀଙ୍କ ଯାତାୟତ ପ୍ରଭାବିତ ହୁଏ। ଫଳରେ ବହୁ ହଜାର ହଜାର ଚାଷୀ କ୍ଷତିଗ୍ରସ୍ତ ହେଉଥିବା ବେଳେ ପଞ୍ଚାୟତବାସୀ ଯାତାୟାତରୁ ବିଚ୍ଛିନ୍ନ ହୋଇଯାନ୍ତି। ଏହି ହୁଲୁହୁଲା ସେତୁକୁ ପ୍ରଶସ୍ତ ଓ ଉଚ୍ଚତମ କରିବା ପାଇଁ ବିଭିନ୍ନ ପଞ୍ଚାୟତ ଲୋକେ ବାରମ୍ବାର ଦାବି କରି ଆସୁଥିଲେ। ମାତ୍ର ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନଥିଲେ।



ଅଧାପନ୍ତରିଆ ଅବସ୍ଥାରେ ଥିବା ସେତୁ।

ପ୍ରତ୍ୟେକ ବର୍ଷ ବନ୍ୟା ସମୟରେ ସ୍ଥାନୀୟ ବିଧାୟକଙ୍କ ସହ ଅନ୍ୟାନ୍ୟ ଅଞ୍ଚଳର ନେତା ଓ ପ୍ରଶାସନିକ ଅଧିକାରୀମାନେ ବୁଲି ଆସି ସେତୁ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଚାଲିଯାନ୍ତି। ବାରମ୍ବାର ଅଭିଯୋଗ ପରେ ସରକାର ପୂର୍ତ୍ତ ବିଭାଗ ଜରିଆରେ ହୁଲୁହୁଲା ଉଚ୍ଚତମ ସେତୁର ନୂତନ ସେତୁ ନିର୍ମାଣ ନିମନ୍ତେ ନିର୍ଦ୍ଦେଶ ଜାରି କରିଥିଲେ

ଚୌଦାର ଚାରିବାଟିଆ ଆର ଆଣ୍ଡ ଡିଭିଜନ ସୌଜନ୍ୟରେ ୨୦୨୪ ମାର୍ଚ୍ଚ ୧୬ ତାରିଖରେ ଘୋଡ଼ାବର ଠାରେ ହୁଲୁହୁଲା ସେତୁର ଭୂମିପୂଜା ଉତ୍ସବ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ପୂଜାର୍ଚ୍ଚନା କରି ଭୂମିପୂଜା କରିଥିଲେ। ଏହି ଅବସରରେ ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ , ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀ ବଳ, ସରଣ୍ଡା ୩୬ ନମ୍ବର ଜୋନ ଜିଲାପରିଷଦ ରଶ୍ମିରେଖା ପଣ୍ଡାଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ଓ ଲୋକପ୍ରତିନିଧି ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗ ଜରିଆରେ ଯେଉଁ ଠିକା କମ୍ପାନୀକୁ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଇଥିଲା ସେ ଠିକା କମ୍ପାନୀ କାର୍ଯ୍ୟକରିବାର ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ମାଟିରୁ ପିଲାର ଖୁଣ୍ଟ ଉଠି ପାରିନାହିଁ। ଏଥିପ୍ରତି ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ଏହି ସେତୁ ନିର୍ମାଣ ପାଇଁ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଠଗଡ଼ ପୂର୍ତ୍ତ ବିଭାଗ ଅଧିକାରୀ ତ୍ରିଲୋଚନ ସାହୁଙ୍କୁ ପଚାରିବାରୁ, ଠିକାଦାର ମଝିରେ କାର୍ଯ୍ୟ ବନ୍ଦ କରିଥିଲେ। କହିବା ପରେ କାର୍ଯ୍ୟ ଚାଲୁ କରିଛନ୍ତି। କାର୍ଯ୍ୟରେ ବିଳମ୍ବ ହୋଇଥିବା କାରଣରୁ ଠିକାଦାରଙ୍କୁ ନୋଟିସ କରାଯାଇଛି।




ନିର୍ମାଣ ସମୟରେ କରାଯାଇଥିବା ଫଳକ।

## ଆଠଗଡ଼ ଓକିଲ ସଂଘ ନିର୍ବାଚନ:

# ଜଗଦାନନ୍ଦ ସଭାପତି, ବନବିହାରୀ ସମ୍ପାଦକ



ଜଗଦାନନ୍ଦ ତ୍ରିପାଠୀ



ବନବିହାରୀ ସାହୁ

ଆଠଗଡ, ୨୮।୩(ସତ୍ୟ ପ୍ରସାଦ ରଥ)

ଆଠଗଡ ଓକିଲ ସଂଘ ନିର୍ବାଚନ ଓକିଲ ସଂଘର ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷଷ୍ଠଥର ପାଇଁ ସଭାପତି ପଦରେ ଜଗଦାନନ୍ଦ ତ୍ରିପାଠୀ ଓ ଲଗାତର ଦଶମ ଥର ପାଇଁ ସମ୍ପାଦକ ପଦରେ ବନବିହାରୀ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ସୁବାସ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ନାୟକ,ସହ ସମ୍ପାଦକ ସୁପ୍ରଭା ଦୋରା, କୋଷାଧ୍ୟକ୍ଷ ଶ୍ରୀନିବାସ ଦାସ, କାର୍ଯ୍ୟକାରୀ ସଭ୍ୟ ଦୀପାଳୀ ଦାସ, ରାଜେନ୍ଦ୍ର ନାରାୟଣ ମହାପାତ୍ର ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ରାଉତ ସୂଚନା ଦେଇଛନ୍ତି।

## ବଡ଼ମ୍ବା ଓକିଲ ସଂଘ ନିର୍ବାଚନ:

# ବିଧୁଭୂଷଣ ସଭାପତି, ପ୍ରଭାତ କୁମାର ସମ୍ପାଦକ



ବିଧୁଭୂଷଣ ମହାନ୍ତି।



ପ୍ରଭାତ କୁମାର ନାୟକ।

ବଡ଼ମ୍ବା, ୨୮।୩(ମାୟାଧର ମଲ୍ଲିକ)

ବଡ଼ମ୍ବା ଓକିଲ ସଂଘନୂତନ କର୍ମକର୍ତ୍ତା ନିବଚନ ଶନିବାର ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିଭାବେ ଆଇନୀଜୀବୀ ବିଧୁଭୂଷଣ ମହାନ୍ତି ଓ ସମ୍ପାଦକ ଭାବେ ପ୍ରଭାତ କୁମାର ନାୟକ ନିର୍ବାଚିତ ହୋଇଛନ୍ତି।

ଉପସଭାପତି ଭାବେ ପ୍ରମୋଦ କୁମାର ପୁହାଣ ଓ ଗ୍ରନ୍ଥାଗାରିକ ଭାବେ ଶିଶିର କୁମାର ପଲେଇ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ସହ ସମ୍ପାଦକ ଭାବେ ଗିରିଜା ପ୍ରସାଦ ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ସଞ୍ଜୁଲତା ଦେଇ ନିର୍ବାଚିତ ହୋଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନୀଜୀବୀ ଦୁର୍ଗା ପ୍ରସାଦ ସାହୁ ଓ ସହକାରୀ ନିର୍ବାଚନ ଅଧିକାରୀ ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ ନିର୍ବାଚନ ପରିଚାଳନା କରିଥିଲେ।

## ବାଙ୍କୀ ଓକିଲ ସଂଘ ନିର୍ବାଚନ:

# ସୁବାସ ସଭାପତି, ଅଜୟ ସମ୍ପାଦକ

ବାଙ୍କୀ,୨୮।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନରେ ସୁବାସ ଚନ୍ଦ୍ର ମିଶ୍ର ସଭାପତି , ପ୍ରଦୀପ୍ତ କୁମାର ପଟ୍ଟନାୟକ ଉପସଭାପତି, ଅଜୟ କୁମାର ପଟ୍ଟନାୟକ ସମ୍ପାଦକ, ଜୟପ୍ରକାଶ ମିଶ୍ର ସହସମ୍ପାଦକ, ଅମୂଲ୍ୟ କୁମାର ପ୍ରଧାନ କୋଷାଧ୍ୟକ୍ଷ, ଆଲୋକ ରଶ୍ମି ସାମନ୍ତରାୟ ଲାଇବ୍ରେରିଆନ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ଧର୍ମ ପ୍ରସାଦ ମଙ୍ଗରାଜ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଆଇନଜୀବୀ ସୁବାଶିଷ ମହାପାତ୍ର ସହଯୋଗ କରିଥିଲେ ।

## ତିଗିରିଆ ଓକିଲ ସଂଘ ନିର୍ବାଚନ:

# ପ୍ରଶାନ୍ତ ସଭାପତି, ତନ୍ମୟ ସମ୍ପାଦକ



ପ୍ରଶାନ୍ତ କୁମାର ପଟ୍ଟନାୟକ।



ତନ୍ମୟ କୁମାର ମିଶ୍ର।

ତିଗିରିଆ,୨୮।୩(ଜାଫର ଖାଁ )

ତିଗିରିଆ ଓକିଲ ସଂଘର ନଚନ ଶନିବାର ଶେଷ ହୋଇଛି।ଏହି ନିର୍ବାଚରେ ବିଭିନ୍ନ ପଦପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଏଥିରେ ସଭାପତି ଭାବେ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଉପ ସଭାପତିଭାବେ ଆଇନଜୀବୀ ଶ୍ରୀକାନ୍ତ କୁମାର ସାହୁ, ସମ୍ପାଦକ ଭାବେ ଆଇନଜୀବୀ ତନ୍ମୟ କୁମାର ମିଶ୍ର, ସହସମ୍ପାଦକଭାବେ ଆଇନଜୀବୀ ଅର୍ଚ୍ଚନା ସିଂହ ସାମନ୍ତ, କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ଗିରିଜା ପ୍ରସାଦ ପଟ୍ଟନାୟକ, ଇଭ ପଣ୍ଡା, ସଞ୍ଜୀୟ କୁମାର ଦାଶ ନିର୍ବାଚିତ ହୋଇଛନ୍ତି।




ବାଲିଯାତ୍ରା ଉପରପଡ଼ିଆରେ ଅନୁଷ୍ଠିତ କଟକ ବୈଶାଖୀ ବାଣିଜ୍ୟ ମେଳାରେ କଟକ ଦହିବରା ଆଳୁଦମ ବ୍ୟବସାୟୀ ସଂଘ ପକ୍ଷରୁ ଖୋଲିଥିବା ଦହିବରା ଆଳୁଦମ ହାଟକୁ ଉଦ୍‌ଘାଟନ କରୁଛନ୍ତି ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର।

# ସୂଚନା ଅଧିକାର ତଥ୍ୟ ନ ଦେବାରୁ ଏନ୍ଏସିକୁ କାରଣ ଦର୍ଶାଅ ନୋଟିସ

ଆଠଗଡ,୨୮।୩ ( ସତ୍ୟ ପ୍ରସାଦ ରଥ)

**୬ ତାରିଖରେ ସୂଚନା କମିଶନରେ ହାଜର ହେବେ ପ୍ରଥମ ଆପିଲିଏଟ ଅଥରିଟି**

ବିଭିନ୍ନ ବିଭାଗ ସୂଚନା ଆଇନ ଅଧିକାର ବଳରେ ତଥ୍ୟ ମଗାଯାଉଥିଲେ ମଧ୍ୟ ତଥ୍ୟ ଦେଉନଥିବାରୁ ଆଠଗଡ ଏନ୍ଏସିକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏନେଇ ଏପ୍ରିଲ ୬ ତାରିଖରେ ଆଠଗଡ ଏନ୍ଏସିର ପ୍ରଥମ ଆପିଲିଏଟ ଅଥରିଟି ସୂଚନା କମିଶନଙ୍କ ନିକଟରେ ହାଜର ହେବେ ବୋଲି ଜଣାପଡ଼ିଛି। ଉଦୟ ଲାବଣ୍ୟ ସମ୍ପାଦକ ଲଲାଟେନ୍ଦୁ ସେନାପତି ଗତ ୨୦୨୨ରେ ଆଠଗଡ ଏନ୍ଏସିକୁ ତଥ୍ୟ ମାଗିଥିଲେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଏବଂ ମୁକ୍ତା ଯୋଜନା ଉପରେ। ସୂଚନା ଅଧିକାର ଆଇନ ବଳରେ ଏନ୍ଏସି ପିଆଇଓ ତଥ୍ୟ ଦେଇ ନପାରିବା ଯୋଗୁ ପରବର୍ତ୍ତୀ ସମୟରେ ପ୍ରଥମ ଅପିଲିଟି ଅଥରିଟିଙ୍କ ନିକଟରେ ତଥ୍ୟ ପାଇଁ ୯।୩।୨୦୨୩ରେ ପୁନଃ ଆବେଦନ କରାଯାଇଥିଲା। ସେ ମଧ୍ୟ ତଥ୍ୟ ପ୍ରଦାନ କରି ନଥିଲେ। ଫଳରେ ୨୪।୪।୨୦୨୩ରେ ଲଲାଟେନ୍ଦୁ ସେନାପତି ସୂଚନା କମିଶନଙ୍କ ନିକଟରେ ତଥ୍ୟ ନ ମିଳିବା ନେଇ ଅଭିଯୋଗ କରିଥିଲେ। ସେତେବେଳେ କମିଶନ ମଧ୍ୟ ନ୍ୟାୟ ଦେବାରେ ବିଳମ୍ବ କରିଥିଲେ। ଏବେ ପୁଣି ନୂଆ କମିଶନ ଆସିବାପରେ ପୁରୁଣା ଫାଇଲ ସବୁ ଖୋଲିବା ଆରମ୍ଭ କରିଛି। ଜାନୁଆରୀରେ ସୂଚନା କମିଶନଙ୍କ ନିକଟରୁ ଚିଠି ପାଇବାପରେ ଫେବୃଆରୀ ୯ରେ ଅଭିଯୋଗକାରୀ ଲଲାଟେନ୍ଦୁ ସେନାପତି ସୂଚନା କମିଶନଙ୍କ ନିକଟରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ଆଠଗଡ ଏନ୍ଏସି ପିଆଇଓ ଏବଂ ପ୍ରଥମ ଅପିଲିଟି ଅଥରିଟି ତଥ୍ୟ ଦେଇନଥିବା ଅଭିଯୋଗ କରିବାପରେ ସୂଚନା କମିଶନର ପ୍ରାଣବିନ୍ଦୁ ଆଚାର୍ଯ୍ୟ ଆଠଗଡ ଏନ୍ଏସି ପ୍ରଥମ ଅପିଲିଟି ଅଥରିଟିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ପୂର୍ବରୁ ସୂଚନା କମିଶନ ପକ୍ଷରୁ ଆଠଗଡ ପିଆଇଓଙ୍କୁ ନୋଟିସ ଜାରି କରାଯାଇଥିଲେ ମଧ୍ୟ ସେ କମିଶନଙ୍କ ନିକଟରେ ହାଜର ହୋଇ ନଥିଲେ। ସେ ଦୃଷ୍ଟି କୋଣରୁ ସୂଚନା କମିଶନ ପିଆଇଓ ଏବଂ ପ୍ରଥମ ଅପିଲିଟି ଅଥରିଟିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏ ନେଇ କୌଣସି ମତାମତ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବଳୟ ଦେଉରୀ ଦେଇ ନଥିଲେ।

## ସତ୍ୟାଗ୍ରହୀଙ୍କୁ ସମ୍ବର୍ଦ୍ଧନା ପାଇଁ ସ୍ୱାଗତ କମିଟି ଗଠିତ

ଫୁଲନଖରା,୨୮।୩(ସତ୍ୟରଞ୍ଜନ ଦାସମହାପାତ୍ର)

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକତା ଗଣପଦଯାତ୍ରା ଓ ସତ୍ୟାଗ୍ରହ ଗତ ୨୨ ତାରିଖରୁ ଘଟଗାଁ ତାରିଣୀ ମନ୍ଦିରଠାରୁ ଭୁବନେଶ୍ୱର ଅଭିମୁଖେ ବାହାରିଛି। ଏ ନେଇ ଏକ ପ୍ରସ୍ତୁତି ବୈଠକ ପାହାଳ ଥାନା ନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ଉପସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଆଳି, କଣ୍ଟାପଡା, ବାରଙ୍ଗ ଓ କଟକ ସଦର ବ୍ଲକର ବହୁ କୃଷକ ନେତାମାନଙ୍କ ସହିତ ଚାଷୀମାନେ ଯୋଗଦେଇଥିଲେ। ପଦଯାତ୍ରାରେ ଆସୁଥିବା ସତ୍ୟାଗ୍ରହୀମାନଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ଏକ ସ୍ୱତନ୍ତ୍ର ସ୍ୱାଗତ କମିଟି ଗଠନ କରାଯାଇଛି। ବୈଠକରେ ନବନିର୍ମାଣ କୃଷକ ସଙ୍ଗଠନ କଟକ ଜିଲା ସଂଯୋଜକ କୃଷ୍ଣ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ସ୍ୱାଗତ କମିଟି ସଭାପତି ଶରତ କୁମାର ରଥ, ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ମନୋରଞ୍ଜନ ଜେନା, ମନୋଜ କୁମାର ସ୍ୱାଇଁ, ବାଉରୀବନ୍ଧୁ ସାହୁ, ବାବାଜୀ ଚରଣ ପାତ୍ର, ବିଭୁ ପଦାରବିନ୍ଦ ନାୟକ, ଛବିନ୍ଦ୍ର ସେଠୀ, ଦିଲୀପ ବେହେରା, ବିଜୟ କୁମାର ସେଠୀ ପ୍ରମୁଖଙ୍କୁ ଚୟନ କରାଯାଇଛି। ମଣ୍ଡିରେ କଟନୀ ଛଟନୀକୁ ବିରୋଧ କରାଯିବା ପାଇଁ ଆଲୋଚନା ହୋଇଥିଲା। ସରକାର କୃଷକଙ୍କ ପ୍ରତି ଘୋର ଅବିଚାର ଓ ଅନ୍ୟାୟ କରୁଥିବାରୁ ସଙ୍ଗଠିତ ହୋଇ ଏହାର ଦୃଢ଼ ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ

## ରାମନଗରରେ ଶ୍ରୀରାମନବମୀ ପାଳିତ

ଫୁଲନଖରା,୨୮।୩ (ସତ୍ୟରଞ୍ଜନ ଦାସମହାପାତ୍ର):

କଟକ ସଦର ଥାନା ଅଧୀନ ରାମନଗର ଗ୍ରାମରେ ଶ୍ରୀରାମନବମୀ ପାଳିତ ହୋଇଯାଇଛି। ଗ୍ରାମର ରାମଲୀଳା ମଣ୍ଡପରେ ସୁସଜ୍ଜିତ ହୋଇଥିବା ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କୁ ପୂଜା କରାଯାଇଥିଲା। ଆସନ୍ତା ମେ ୫ରୁ ୭ ପର୍ଯ୍ୟନ୍ତ ଗ୍ରାମର କଳାକାରମାନଙ୍କୁ ନେଇ ହେବାକୁ ଥିବା ରାମଲୀଳା କାର୍ଯ୍ୟକ୍ରମର ସଫଳତା ଲାଗି ପ୍ରଭୁଙ୍କୁ ପ୍ରାର୍ଥନା କରାଯାଇଥିଲା। ପରେ ଭଜନ କୀର୍ତ୍ତନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମା' ଫୁଲକମା ରାମଲୀଳା ସମିତିର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଭାଗବତ ଗାଦି ବାର୍ଷିକ ଉତ୍ସବ, ତତ୍ତ୍ୱ ଭଜନ

ଫୁଲନଖରା,୨୮।୩ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅଧୀନ ଉରାଳି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସଇନ୍ଧାର ଭାଗବତ ଗାଦି ପୀଠରେ ବାର୍ଷିକ ଉତ୍ସବ ଏବଂ ତତ୍ତ୍ୱ ଭଜନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଶତାଧିକ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ବାର୍ଷିକ କାର୍ଯ୍ୟକ୍ରମରେ ତତ୍ତ୍ୱ ଭଜନ ଅନୁଷ୍ଠିତ ହୋଇଥିଲା। ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସୂର୍ଯ୍ୟପୂଜା, ହୋମ ଏବଂ ନାମ ସଂକୀର୍ତ୍ତନ ହୋଇଥିଲା। ଦ୍ୱିତୀୟ ଦିନରେ ନିମାପଡାର ଅଜିତ କୁମାର ପ୍ରଧାନ ଏବଂ ପୁରୀର ଜଟାଧାରୀ ପଲେଇ ବାଦୀ ତତ୍ତ୍ୱ ଭଜନ ପରିବେଷଣ କରିଥିଲେ। ଅତିଥି ଭାବେ ଶିକ୍ଷାବିତ ତଥା ସମାଜସେବୀ ମନୋଜ କୁମାର ନାୟକ, ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ, ଜିଲା ପରିଷଦ ସଦସ୍ୟା ଆଶାଲତା ବେହେରା, ସମିତି ସଭ୍ୟ ଶୁକଦେବ ମଲ୍ଲିକ, ପ୍ରଦୀପ ସାହୁ, ଶିକ୍ଷାବିତ ତ୍ରିଲୋଚନ ପଣ୍ଡା ଯୋଗଦେଇଥିଲେ। ସୁକାନ୍ତ ଭୋଇ ଏବଂ ଶୁକଦେବ ସ୍ୱାଇଁ ବିଚାରକ ଥିଲେ। କାର୍ଯ୍ୟକ୍ରମ ବେଣୁଧର ଭୋଇ, ବାହୁଡ଼ି ଭୋଇ, ରବୀନ୍ଦ୍ର ଭୋଇ, ସୁକାନ୍ତ ଭୋଇ, ଦେବେନ୍ଦ୍ର ଭୋଇଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## ଅଗ୍ନି ନିରାପତ୍ତା କର୍ମଶାଳା

ବାଙ୍କୀ, ୨୮।୩(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ଏନ୍ଏସି ପକ୍ଷରୁ ଅଗ୍ନିଶ୍ରମ ବିଭାଗ ଜରିଆରେ ଏକ କର୍ମଶାଳା ସହ ମକ୍‌ଡ୍ରିଲ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦ,ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନଗରପାଳ ମାଣିକ ସାହୁ, ସମ୍ମାନିତ ଅତିଥିଭାବେ ଉପନଗରପାଳ ସନ୍ତୋଷ ରଣା, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ବାଙ୍କୀ ବଣିକ ସଂଘ ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, କାଉନ୍‌ସିଲର ସନାତନ ବେହେରା , ମନୋରମା ବେହେରା, ସଞ୍ଜୟ ପୃଷ୍ଟି , ବାଙ୍କୀ ଅଗ୍ନିଶ୍ରମ କେନ୍ଦ୍ର ଅଧିକାରୀ ହାପିନା ଭୋଲ ପ୍ରମୁଖ ଯୋଗଦେଇ ବାଙ୍କୀ ବଜାରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନଗୁଡିକରେ କିଭଳି ଅଗ୍ନି ନିରାପତ୍ତାର ସୁଦୃଢ଼ ବ୍ୟବସ୍ଥା କରାଯିବ ସେଥିପାଇଁ ଆବଶ୍ୟକ ମୁତାବକ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପସ୍ଥିତ ବ୍ୟବସାୟୀମାନଙ୍କୁ ଅବଗତ କରାଇଥିଲେ। ଆଗାମୀ ଦିନରେ ବାଙ୍କୀ ବଜାରର ଏକ ପ୍ରମୁଖ ବ୍ୟବସାୟ ପ୍ରତିଷ୍ଠାନରେ ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଏନଏସି ସହଯୋଗରେ କରାଯିବ ବୋଲି ଭୋଲ ପ୍ରକାଶ କରିଥିଲେ। ସଞ୍ଜୀବ କୁମାର ସାହୁ, ଦିଗାମ୍ବର ନାୟକ, ପ୍ରକାଶ ଚନ୍ଦ୍ର ବରାଡ ପ୍ରମୁଖ ସହଯୋଗ କରିଥିଲେ।

# ଦାବି ପୂରଣ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଚେତାବନୀ

କଟକ,୨୮।୩(କୁମାରଶ୍ରୀ)

ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ ସର୍ବନିମ୍ନ ଦାବି ପୂରଣ ହୋଇପାରୁନି। ଚିକିତ୍ସା ଭତ୍ତା ପ୍ରଦାନ ଓ ଅବସର ପରେ ପେନ୍‌ସନ ଏବଂ ଗ୍ରାଚୁଇଟି ତଥା ଅନ୍ୟାନ୍ୟ ପ୍ରାପ୍ୟ ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଚରମ ଉଦାସୀନତା ନେଇ କଟକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ସଂଘର ୪୪ତମ ସାଧାରଣ ଅଧିବେଶନ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ହର୍ସଗେଟ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଏନେଇ ସଂଘ ସହ ଆଲୋଚନା ତ ଦୂରର କଥା ସାକ୍ଷାତ ମଧ୍ୟ ନ କରିବା ଅତ୍ୟନ୍ତ ବିସ୍ମୟ ତଥା ଅଗଣତାନ୍ତ୍ରିକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଦାବିଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ରାଜ୍ୟର ସମସ୍ତ ୪ ଲକ୍ଷ ଅବସରପ୍ରାପ୍ତ କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ସମୂହ ପ୍ରତିବାଦ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଥିଲା। ସଭାରେ ସଂଘର ସଭାପତି ଶ୍ରଦ୍ଧାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରତାପ ଦାସ ସମ୍ପାଦକୀୟ ବିବରଣୀ ପାଠ କରି ସମସ୍ୟାଗୁଡ଼ିକ ଉତ୍ଥାପନ କରିଥିଲେ। ରାଜ୍ୟ ସଂଘର ସଭାପତି ସୂର୍ଯ୍ୟମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରୀ ବ୍ୟବସ୍ଥା ମଧ୍ୟରେ ତୁରନ୍ତ ସମାଧାନ ନିହାତି ଅନିବାର୍ଯ୍ୟ ବୋଲି ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ପଣ୍ଡା, ଅନୁପେନ୍ଦ୍ର କୁମାର ମହାନ୍ତି, ଭିକାରୀ ଚରଣ ପଟ୍ଟନାୟକ, ରବି ପଟ୍ଟନାୟକ, ଡା. ମିନାକ୍ଷୀ ମହାପାତ୍ର, ହରିଜୀବନ ଦାସ, ସୌଭାଗ୍ୟ ସାମଲ, ରାମଚନ୍ଦ୍ର ରଣା, ରଞ୍ଜିତ କେଶରୀ ଦାସ, ଅଜୟ ପଣ୍ଡା, ନୀଳମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ଶ୍ରୀଲୋକନାଥଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ**

ସାକ୍ଷୀଗୋପାଳ,(ଭରତ ରାଉତ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ଖଣ୍ଡାୟତ ସାହିରେ ଶ୍ରୀଲୋକନାଥ ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୨୪ ତାରିଖଠାରୁ ଚାଲିଥିବା ମହାଯଜ୍ଞ ଶନିବାର ପୂର୍ଣ୍ଣାହୁତି ପରେ ସମାପନ ହୋଇଛି। ଏହି ଅବସରରେ ଅଙ୍କୁରାରୋପଣ, ଶାଳା ପ୍ରତିଷ୍ଠା, ଜଳାଧିବାସ, ପଞ୍ଚକର୍ମ, ଶାଳା ମଣ୍ଡପ ପୂଜା, ଅଗ୍ନି ସ୍ଥାପନ, ହୋମ, ସୂର୍ଯ୍ୟପୂଜା, ଜୀବନ୍ୟାସ, ପ୍ରାଣ ପ୍ରତିଷ୍ଠା, ପୂଜାର୍ଚ୍ଚନା ଯଥାବିଧି ସମାପନ ହୋଇଥିଲା। ଶନିବାର ସନ୍ଧ୍ୟାରେ ନୂତନ ମନ୍ଦିରରେ ପ୍ରଭୁ ଶ୍ରୀଲୋକନାଥଙ୍କ ବିଗ୍ରହ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା। ଘଣ୍ଟଘଣ୍ଟା, ବାଦ୍ୟ, ଭେରୀତୁରି, ହରିବୋଲ ହୁଳହୁଳି ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ସ୍ଥାନୀୟ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ସଂକ୍ଷେପରେ

### ରାମଚରିତ ମାନସ ନବାହ୍ନ ପାରାୟଣ

**ଅସ୍ତରଙ୍ଗ,୨୮।୩(ମମତା ଜେନା)**

କାକଟପୁର ବ୍ଲକ କଣ୍ଟାପଡ଼ା ପଞ୍ଚାୟତ ଗମ୍ଭାରୀପଦା (କଚେରୀପଡ଼ିଆ)ଠାରେ ଗାଦିବ୍ରହ୍ମ ଆଧାତ୍ମିକ ଜନକଲ୍ୟାଣ ପରିଷଦ ପକ୍ଷରୁ ତ୍ରୟବିଂଶତମ ରାମଚରିତ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ମହୋତ୍ସବ ରାମ ନବମୀରେ ଉଦ୍‌ଯାପିତ ହୋଇଯାଇଛି। ନବଦିନ ଧରି ଆୟୋଜିତ ମହୋତ୍ସବରେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରୁ ବରିଷ୍ଠ ପ୍ରବଚକମାନେ ଆସି ପ୍ରବଚନ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ଘିଅଦୀପ ଜାଳି ନିଜ ମାନସିକ ପୂରଣ ଓ ପରିବାରର ସୁଖ ମନାସିଥିଲେ। ଗାଦିବ୍ରହ୍ମ ଆଧାତ୍ମିକ ଜନ କଲ୍ୟାଣ ପରିଷଦର ସଭ୍ୟ ଓ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

### ଛାତ୍ରୀଛାତ୍ର ସଂସ୍କାରୀ, ଚରିତ୍ରବାନ୍ ହେବା ଜରୁରୀ

**ଗୋପ,୨୮।୩(ଭାରତୀ ଭୂଷଣ ଉପାଧ୍ୟାୟ)**

ଶୋରଭା ପଞ୍ଚାୟତ ଅନ୍ତର୍ଗତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ତୃତୀୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଶିକ୍ଷାବିତ୍ ଭୋଳାନାଥ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ନିରଞ୍ଜନ ରାଉତ, ମୁଖ୍ୟ ବକ୍ତା ଭାବେ ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଅମୂଲ୍ୟ କୁମାର ପଣ୍ଡା, ବରିଷ୍ଠ ଖବରଦାତା ଭାଗୀରଥୀ ସ୍ୱାଇଁ, ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଭାପତି ପଦ୍ମଚରଣ ଲେଙ୍କା ଓ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଛାଟୋଇ ପ୍ରମୁଖ ଯୋଗଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଛାତ୍ରୀଛାତ୍ରମାନେ ଅନୁପ୍ରାଣିତ ହୋଇ ସଂସ୍କାରୀ, ଚରିତ୍ରବାନ ହେବା ସହ ଏକ ଶୈକ୍ଷିକ, ସାଂସ୍କୃତିକ, ଆଧାତ୍ମିକଧର୍ମୀ ସମାଜ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

### ଗାଡ଼ି ଧକ୍କାରେ ମୃତ ଷଣ୍ଢକୁ ଲୋକେ ସଂସ୍କାର କଲେ

**ଯୋଗେଶ୍ୱରପୁର,୨୮।୩(ରଶ୍ମିରଞ୍ଜନ ସାହୁ)**

ନୟାହାଟ ବଜାରରେ ଶୁକ୍ରବାର ଏକ ଗାଡ଼ି ଧକ୍କାରେ ବୁଲା ଷଣ୍ଢର ମୃତ୍ୟୁ ଘଟିଥିଲା। ମୃତଦେହ କାକଟପୁର-ଚାରିଛକ ମୁଖ୍ୟ ରାସ୍ତା ଉପରେ ପଡ଼ିରହିଥିଲା। ନୟାହାଟ ବଜାରର ବ୍ୟବସାୟୀ ସୂର୍ଯ୍ୟକାନ୍ତ ଖଟୋଇଙ୍କ ସହ ବ୍ୟବସାୟୀ ସଂଘ ସଭାପତି ଫକୀର ଚରଣ ବାରିକ ଏବଂ ଅନ୍ୟମାନେ ସହଯୋଗ କରି ରାମେଶ୍ୱର ଜଙ୍ଗଲରେ ଷଣ୍ଢଟିର ସଂସ୍କାର କରାଇଥିଲେ।

### ସତ୍ୟନାରାୟଣ ପୂଜା ସଂସଦ ପକ୍ଷରୁ ବାଦୀପାଲା ଉଦ୍‌ଯାପିତ

**ସାକ୍ଷୀଗୋପାଳ,୨୮।୩(ଭରତ ରାଉତ)**

ପାଶ୍ଚାତ୍ୟ ଯୁଗରେ ଗୀତା, ଭାଗବତ, ଧାର୍ମିକ ସାହିତ୍ୟ ପୁରାଣ ଓ ସାହିତ୍ୟ ସଂସ୍କୃତି ଏବଂ ପରମ୍ପରା ଆଦି ବିଭିନ୍ନ ନାଟକ ପାଲା ମାଧ୍ୟମରେ ପାଲାକାର ପରିବେଷଣ କରି ଲୋକଙ୍କ ମନରେ ଧାର୍ମିକ ଭାବନାକୁ ଜାଗ୍ରତ କରିଥାନ୍ତି। କିନ୍ତୁ ଏହି ଆଧୁନିକ କମ୍ପ୍ୟୁଟର ଯୁଗର ପ୍ରଭାବ ଏବଂ କଳାକାରଙ୍କୁ ସରକାରୀ ପ୍ରୋତ୍ସାହନର ଅଭାବ ପାଇଁ ଏହା ବର୍ତ୍ତମାନ ଲୋପ ପାଇବାକୁ ବସିଲାଣି। ଆଜି ବି ବହୁ ଗ୍ରାମାଞ୍ଚଳର ସାହିତ୍ୟ ସଂସ୍କୃତିପ୍ରେମୀ ରାତିରାତି ବସି ପାଲା ଦେଖୁଛନ୍ତି ଓ ଶୁଣୁଛନ୍ତି। ଦୀର୍ଘ ବର୍ଷ ଧରି ଏହି ପରମ୍ପରାକୁ ବଜାୟ ରଖିଆସିଛନ୍ତି ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ସତ୍ୟନାରାୟଣ ପୂଜା ସଂସଦ କମିଟିର ସଦସ୍ୟମାନେ। ଚଳିତ ବର୍ଷ ପାରମ୍ପରିକ ବିଧିବିଧାନ ଅନୁଯାୟୀ, ଗ୍ରାମର ବସନ୍ତମାଳ ହାଟପଡ଼ିଆଠାରେ ୨୨ତାରିଖ ରବିବାରଠାରୁ ଆରମ୍ଭ ହୋଇ ୨୬ତାରିଖ ଗୁରୁବାର ପରିସମାପ୍ତିହୋଇଛି। ହିରଣ୍ୟପଡ଼ା, ବସନ୍ତମାଳ, ଜିପୁର, କୋଳହଳ, କାହ୍ନୁପୁର ଗ୍ରାମ ସହାୟତାରେ ସତ୍ୟନାରାୟଣ ଦେବଙ୍କର ବାଦିପାଲା ପ୍ରତ୍ୟହ ସନ୍ଧ୍ୟା ୭ଟାଠାରୁ ହୋଇ ରାତି ୧ଟା ପର୍ଯ୍ୟନ୍ତ ୫ ଦିନ ପରିବେଷଣ କରାଯାଇଥିଲା। ଅନେକ ଲୋକ ଏହି ମଣ୍ଡପରେ ଉପସ୍ଥିତ ରହି ପାଲାକୁ ଉପଭୋଗ କରିଥିଲେ। ଚଳିତବର୍ଷ ବାଦି ପାଲା ସ୍ୱନାମଧନ୍ୟ ଗାୟକ ବ୍ୟାସ ଲକ୍ଷ୍ମୀଧର ଦାସ ଓ ଗାୟକ ବିଦ୍ୟାଭାରତୀ ନିରଞ୍ଜନ ବାହିନୀପତିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ସାହିତ୍ୟ ସଂସ୍କୃତିର ପ୍ରଚାର ଓ ଶ୍ରୀହରି କଥାମୃତ ଆଲୋଚନା ହୋଇଥିଲା। ଅନୁଷ୍ଠାନର ସଦସ୍ୟମାନେ ପାଲା ସଂସ୍କୃତିକୁ ବଜାୟ ରଖିବା ପାଇଁ ପ୍ରୟାସ କରିଥିବାରୁ ଉଭୟ ଗାୟକ ସାଧୁବାଦ ଜଣାଇଲେ।

# ୧୪୨ ଦୋକାନ, ୪ରୁ ଉର୍ଦ୍ଧ୍ୱ ବାସଗୃହ ଉଚ୍ଛେଦ

**ଗୋପ,୨୮।୩(ଭାରତୀ ଭୂଷଣ ଉପାଧ୍ୟାୟ)**



ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଗୋପ ତହସିଲ ପ୍ରଶାସନ ପକ୍ଷରୁ ନାଗପୁର ବଜାରରେ ଜବରଦଖଲ ଉଚ୍ଛେଦ କରାଯାଇଛି। ୧୪୨ଟି ଦୋକାନ ସହ ୪ରୁ ଉର୍ଦ୍ଧ୍ୱ ବାସଗୃହକୁ ଜେସିବି ଦ୍ୱାରା ଭାଙ୍ଗିଦିଆଯାଇଛି। ଉଚ୍ଛେଦ କାର୍ଯ୍ୟ ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ ରାଜସ୍ୱ, ପୋଲିସ, ଅଗ୍ନିଶମ ଓ ବିଦ୍ୟୁତ ବିଭାଗର କର୍ମଚାରୀମାନେ ନିୟୋଜିତ ଥିଲେ।

ସୂଚନାଯୋଗ୍ୟ, ସରକାର ପର୍ଯ୍ୟଟନ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଉଥିବା ବେଳେ କିଛିମାସ ତଳେ ନିମାପଡ଼ା-କୋଣାର୍କ ରାସ୍ତାର ଗୋପ ବଜାରର ପ୍ରାୟ ୭୦ ଭାଗ ଉଚ୍ଛେଦ କରାଯାଇଥିଲା। ଶନିବାର ପୁଣି ନାଗପୁର ବଜାରରେ ଉଚ୍ଛେଦ କରାଯାଇଛି। ନାଗପୁର ଅଞ୍ଚଳର ବିଜୟ କୁମାର ପୃଷ୍ଟି ହାଇକୋର୍ଟରେ ଗୋପ ତହସିଲଦାରଙ୍କ ବିରୋଧରେ ଏକ ମାମଲା (ଡବ୍ଲ୍ୟୁପିସି ନଂ. ୨୩୬୭୨/୨୫ କଣ୍ଟେଣ୍ଟ ନଂ.୪୪୭/୨୬) ରୁଜୁ ସହ ନାଗପୁର ବଜାରରେ ଥିବା ତାଙ୍କ ଜାଗାରୁ ଜବରଦଖଲ ହଟାଇବା ପାଇଁ ଆବେଦନରେ ଦର୍ଶାଇଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଜବରଦଖଲ ହଟାଇବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ତହସିଲଦାର ସୂର୍ଯ୍ୟଶଙ୍କର ଦାଶଙ୍କ ନେତୃତ୍ୱରେ ଉଚ୍ଛେଦ ଅଭିଯାନ ହୋଇଥିଲା। ନାଗପୁର ବଜାର ଦେଇ ଲୋକେ ପୁରୀ ଯାତାୟାତ କରୁଥିବାବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ଫଳରେ ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ଗତ ମାସରେ ଜବରଦଖଲକାରୀଙ୍କୁ ନୋଟିସ କରିଥିଲେ।

### ତାତିଲେ ବ୍ୟବସାୟୀ

**ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ)**

ବିଭିନ୍ନ ସମୟରେ ସ୍ଥାନୀୟ ବଜାରଗୁଡ଼ିକରୁ ଦୋକାନଗୃହ ଉଚ୍ଛେଦ କରାଯିବାକୁ ନେଇ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ନାଗପୁର ବଜାର ଉଚ୍ଛେଦ ପରେ ସନ୍ଧ୍ୟାରେ ଶତାଧିକ ବ୍ୟବସାୟୀ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଇସ୍ତଫା ଦାବି କରିଥିଲେ। ଏପରିକି ସେମାନେ ନାଗପୁର ବଜାରରେ ପ୍ରଭାତୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

# ନିମାପଡ଼ାକୁ ଖୁବ୍‌ଶୀଘ୍ର ବିକଶିତ, ଉତ୍କର୍ଷ କରାଯିବ: ଉପମୁଖ୍ୟମନ୍ତ୍ରୀ



ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

**ନିମାପଡ଼ା,୨୮।୩(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଖୁବ୍‌ଶୀଘ୍ର ବିକଶିତ ଓ ଉତ୍କର୍ଷ ନିମାପଡ଼ାରେ ପରିଣତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ଏନ୍‌ଏସି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ନିମାପଡ଼ାକୁ ରାଜ୍ୟରେ ଏକ ଅଗ୍ରଣୀ ଏନ୍‌ଏସି ଭାବେ ଗଢ଼ିତୋଳିବା ପାଇଁ ମୁଁ ଦୃଢ଼ ସଂକଳବଦ୍ଧ ଓ ସଦାଚେଷ୍ଟିତ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପୌରାଞ୍ଚଳରେ ବହୁବିଧ ବିକାଶ କାର୍ଯ୍ୟ ଜାରିରହିଛି ଓ ଆଗକୁ ଆହୁରି ବ୍ୟାପକ ଭାବେ ବିକାଶମୂଳକ କାର୍ଯ୍ୟ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନିମାପଡ଼ା ଏନ୍‌ଏସି କାର୍ଯ୍ୟାଳୟଠାରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିମାପଡ଼ା ଏନ୍‌ଏସିର ବିଭିନ୍ନ ୱାର୍ଡରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, ସାଂସଦ ପାଣ୍ଠି ଓ ବିଧାୟକଙ୍କ ପାଣ୍ଠିର ୨ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ପକ୍କା ସଡ଼କ, ବିଭିନ୍ନ ମନ୍ଦିରର ପୁନରୁଦ୍ଧାର, କ୍ରିକେଟ ପଡ଼ିଆ, କମ୍ୟୁନିଟି ସେଣ୍ଟର ନିର୍ମାଣ ସମେତ ୪୨ ନୂତନ ପ୍ରକଳ୍ପ ନିର୍ମାଣ କରାଯିବ। ବୈଠକରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ସହକାରୀ ଯନ୍ତ୍ରୀ ଅନାଥ ସାହୁ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, କାଉନ୍‌ସିଲର ନିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବହୁ ଏଜେନ୍ସିମାନେ ଉପସ୍ଥିତ ଥିଲେ।

### ଷଣ୍ଢ, ମାଙ୍କଡ଼ଙ୍କ ଦୌରାତ୍ମ୍ୟ: ଚିନ୍ତାରେ ଚାଷୀ

**ପିପିଲି,୨୮।୩(ଦୁର୍ଗାମାଧବ ମିଶ୍ର)**

ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀରେ ଏବେ ଷଣ୍ଢ ଓ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଫଳରେ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ଶାରଦ ଚାଷ ସମୟରେ ଜଙ୍ଗଲୀ ବାରହା, ଜଙ୍ଗଲୀ ଘୁଷୁରୀ, ଷଣ୍ଢ ଏବଂ ମାଙ୍କଡ଼ଙ୍କ ଦାଉରୁ ଧାନ ସହ ପରିବା କ୍ଷେତକୁ ବଞ୍ଚାଇ ରଖିବାରେ ବିଫଳ ହୋଇଥିବା ଚାଷୀ ଏବେ ରବିଚାଷ ବେଳେ ମଧ ମୁଗ, ବିରି, ଧାନ ଏବଂ ବିଭିନ୍ନ ପ୍ରକାର ପରିବା ଫସଲକୁ ସୁରକ୍ଷିତ ରଖିପାରୁ ନାହାନ୍ତି। ଏବେ ଗ୍ରାମାଞ୍ଚଳରେ ଷଣ୍ଢ ସଂଖ୍ୟା ବୃଦ୍ଧି ପାଇଛି। ଏମାନେ କ୍ଷେତରେ ପଶି ମୁଗ, ବିରି, କୋଳଥ, ହରଡ଼ ସହ ପରିବା ଚାଷକୁ ଖାଇ ନଷ୍ଟ କରିଦେଉଛନ୍ତି। ସେହିପରି ମାଙ୍କଡ଼, ଜଙ୍ଗଲୀ ଘୁଷୁରୀ, ବାରହା ମଧ ଫସଲ ନଷ୍ଟ କରୁଛନ୍ତି। ଚାଷୀ ଧାର କରଜ କରି ଚାଷ କରିଥିବା ବେଳେ ଫସଲ ଅମଳ କରି ଜୀବିକା ନିର୍ବାହ ସହ ଧାର କରଜ ସୁଝିଥାନ୍ତା। ଏବେ କିନ୍ତୁ କିପରି ଚଳିବ ସେଇକଥା ଭାବି ମୁଣ୍ଡରେ ହାତଦେଇ ବସିଛି। ସରକାର ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟଥା ଜମି ଥାଇ ପଡ଼ିଆ ପଡ଼ିବ।

# ପଣ୍ଡିତ ବାସୁଦେବ ମହାପାତ୍ର ଯୁବପିଢ଼ିଙ୍କ ପାଇଁ ଆଦର୍ଶ



କାର୍ଯ୍ୟକ୍ରମରେ ଅତିଥିମାନେ ବିଭିନ୍ନ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

**ପୁରୀ,୨୮।୩(ଅଜିତ୍ କୁମାର ମହାନ୍ତି)**

ପଣ୍ଡିତ ବାସୁଦେବ ମହାପାତ୍ର ସ୍ମୃତି ସ୍ମାରକୀ ଓ ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଓଡ଼ିଶା, ପୁରୀର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ୧୩୮ତମ ଜୟନ୍ତୀ ଉତ୍ସବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଯୋଗଦେଇ କହିଛନ୍ତି, ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ଜୀବନ ଦର୍ଶନ ସାମ୍ପ୍ରତିକ ଯୁବ ସମାଜ ପାଇଁ ବାସ୍ତବିକ ପ୍ରଣିଧାନଯୋଗ୍ୟ। ସେ ଏକାଧାରରେ ଜଣେ ସାହିତ୍ୟ ଅନୁରାଗୀ, ସମାଜସେବକ ଭାବେ ଓଡ଼ିଶାରେ ପରିଚିତ ଥିଲେ। ସେ ଥିଲେ ଯୁବପିଢ଼ି ପାଇଁ ନୀତି ନୈତିକତାର ଆଦର୍ଶର ପ୍ରତୀକ ବୋଲି ମୁଖ୍ୟ ଅତିଥି ପାତ୍ର କହିଛନ୍ତି।

ପଣ୍ଡିତ ମହାପାତ୍ରଙ୍କ ପୁତ୍ର ଡ. ବୀରେନ୍ଦ୍ର କୁମାର ମହାପାତ୍ର ସ୍ମୃତି ସ୍ମାରକୀର ସଭାପତି ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର ହରିହର ହୋତା, ଉତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରବିନାରାୟଣ ଦାଶ, ବରିଷ୍ଠ ଶିକ୍ଷାବିତ୍ ରାଜକିଶୋର ସାହୁ, ଐତିହାସିକ ଭୀମସେନ ମହାପାତ୍ର, ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଆୟୋଜକ ସମିତିର ଉପାଧ୍ୟକ୍ଷ ହରିହର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଭୀମସେନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧିବକ୍ତା ସର୍ବାଣୀ ଦାସ ଉତ୍ସବକୁ ସଂଯୋଜନା କରିଥିଲେ। ଏହି ଅବସରରେ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ଜୀବନଚର୍ଯ୍ୟା ସମ୍ପର୍କରେ ସତ୍ୟବାଦୀ ସୌରଭ, ଭୂତ ନାଟକ ଓ ସ୍ମାରକ ଗ୍ରନ୍ଥ ଆଦି ୩ଟି ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ସାମାଜିକ କର୍ମୀ ପ୍ରତିଭା ତ୍ରିପାଠୀ, ଶିକ୍ଷାବିତ ପ୍ରଭାତ ଚନ୍ଦ୍ର ରଥ, ଐତିହାସିକ ଭୀମସେନ ମହାପାତ୍ର, ପ୍ରଫେସର ହରିହର ହୋତା, ସ୍ୱର୍ଗତ ପ୍ରଫେସର ସୁନୀଲ କୁମାର ରଥଙ୍କୁ ପଣ୍ଡିତ ବାସୁଦେବ ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାବିତ୍ ଡମ୍ବରୁଧର ମହାପାତ୍ର, ଭବାନୀ ମହାପାତ୍ର, ବୀରେନ୍ଦ୍ର ମହାପାତ୍ର, ସ୍ୱର୍ଣ୍ଣଲତା ଷଡ଼ଙ୍ଗୀ, ହୃଷୀକେଶ ମିଶ୍ର, ଭାସ୍କର ମିଶ୍ର, ସନ୍ଦୀପ କର୍ମକାର, ତପନ ସେଠୀ, ଦୀପକ କୁମାର ପଣ୍ଡା, ରାଜକିଶୋର ମହାନ୍ତି, ଦେବଦତ୍ତ ମହାପାତ୍ର ଓ ଅରୁଣ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ରମାଦେବୀ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା



ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ଭାବେ ରମାଦେବୀ ରାଉତରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି।

**ଡେଲାଙ୍ଗ,୨୮।୩(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ଭାବେ ରମାଦେବୀ ରାଉତରାୟ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ଲକ ଉନ୍ନୟନ ଅଧିକାରୀ ସମୀର ବେହେରା ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିବା ସହ ବିଭିନ୍ନ ସରକାରୀ କାଗଜପତ୍ରରେ ସ୍ୱାକ୍ଷର କରାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୨୨ ପଞ୍ଚାୟତ ନିର୍ବାଚନରେ ହରିରାଜପୁର ପଞ୍ଚାୟତର ସମିତିସଭ୍ୟା ଭାବେ ବାସନ୍ତୀ ସାହୁ ନିର୍ବାଚିତ ହୋଇଥିଲେ। ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦବୀ ପାଇଁ ସାହୁ ନାମାଙ୍କନ ଦାଖଲ କରିଥିବା ବେଳେ ଡେଲାଙ୍ଗ-କୋଠବାଡ଼ ପଞ୍ଚାୟତ ସମିତସଭ୍ୟା ରମାଦେବୀ ରାଉତରାୟ ତାଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ପ୍ରକ୍ରିୟାରେ ସାହୁ ୩ ଖଣ୍ଡ ଭୋଟରେ ବିଜୟୀ ହୋଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କର ୩ ସନ୍ତାନ ରହିଥିବା ନେଇ ପ୍ରତିଦ୍ୱନ୍ଦ୍ୱୀ ରାଉତରାୟ ପିପିଲି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ନିର୍ବାଚନୀ ମକଦ୍ଦମା ବିଚାର ପରେ ସାହୁଙ୍କ ଉଭୟ ପଦ ଅସିଦ୍ଧ ଘୋଷଣା କରିବାରୁ ସେ ଅତିରିକ୍ତ ଜିଲା ବିଚାରପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ୍ୟ ଉକ୍ତ ମାମଲା ରଦ୍ଦ ହୋଇ ନିମ୍ନ ଅଦାଲତଙ୍କ ଆଦେଶ ବଳବତ୍ତର ରହିବାରୁ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପରି ପ୍ରତିପକ୍ଷ ରାଉତରାୟ ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟ ପକ୍ଷ ମାମଲାର ଶୁଣାଣି କରି ହାଇକୋର୍ଟ ଗତବର୍ଷ ଡିସେମ୍ବର ୧୫ରେ ସାହୁଙ୍କ ଅପିଲ ଆବେଦନକୁ ଖାରଜ କରିଥିଲେ। ପୁରୀ ଜିଲା ଜଜ୍‌ଙ୍କ ଆଦେଶକ୍ରମେ ସାହୁଙ୍କୁ ପଦଚ୍ୟୁତ କରିବା ଓ ପୁନର୍ବାର ନିର୍ବାଚନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଉଭୟ ପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସାହୁଙ୍କ ପଦ ଅସିଦ୍ଧ ଘୋଷଣାକରି ରାଉତରାୟଙ୍କୁ ଅଧ୍ୟକ୍ଷା ଭାବେ ଦାୟିତ୍ୱ ପ୍ରଦାନ କରିବା ସହିତ ଆବଶ୍ୟକ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ୨୩ରେ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ହାଇକୋର୍ଟଙ୍କ ରାୟ ମୁତାବକ ରାଉତରାୟଙ୍କୁ ବିଧିବଦ୍ଧ ଭାବେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ଭାବେ ଦାୟିତ୍ୱ ପ୍ରଦାନ କରିବାକୁ ଚିଠି ମାଧ୍ୟମରେ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇଥିଲେ।

## ଶିଶୁଭବନ ପ୍ରତିଷ୍ଠାତା ସଦସ୍ୟ ବୀରେନ୍ଦ୍ର ଦାସଙ୍କ ସ୍ମୃତିଚାରଣ

**ସାକ୍ଷୀଗୋପାଳ,୨୮।୩(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ସାକ୍ଷୀଗୋପାଳସ୍ଥିତ ଆଚାର୍ଯ୍ୟ ହରିହର ଶିଶୁଭବନର ପ୍ରତିଷ୍ଠାତା ସଦସ୍ୟ ବୀରେନ୍ଦ୍ର କୁମାର ଦାସଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ ଶନିବାର ଶିଶୁଭବନ ସଭାଗୃହରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ସଭାପତିତ୍ୱ କରିଥିବାବେଳେ ଅନ୍ତେବାସୀ, କର୍ମଚାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସ ଜଣେ ସାହିତ୍ୟିକ ଓ ସାମାଜିକ କର୍ମୀ ଥିଲେ। ଉପସଭାପତି ହୋତା, ଅଧ୍ୟକ୍ଷ ସୁବୋଧ କୁମାର ସ୍ୱାଇଁ, ଜ୍ୟୋତିରାଣୀ ମିଶ୍ର, କବିତା ପାତ୍ର, ଶାନ୍ତନୁ କୁମାର ସାହୁ, ସ୍ୱର୍ଣ୍ଣଲତା ନାୟକ, ପ୍ରମୋଦ କୁମାର ଜେନା ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ସ୍ୱର୍ଗତ ଦାସଙ୍କ ପଟ୍ଟଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ତାଙ୍କ ଗୁଣଗାନ କରିଥିଲେ। ତାଙ୍କ କାର୍ଯ୍ୟଶୈଳୀ ଓ ସହୃଦୟତାର ପଥ ଅନୁସରଣ କରିବା ନିମନ୍ତେ ଉପସଭାପତି ହୋତା ଶିଶୁମାନଙ୍କୁ ପରାମର୍ଶ ଦେଇଥିଲେ। ସୁବୋଧ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ସାକ୍ଷୀଗୋପାଳ ମନ୍ଦିର ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର

**ସାକ୍ଷୀଗୋପାଳ,୨୮।୩(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ସାକ୍ଷୀଗୋପାଳ ମନ୍ଦିର ଉନ୍ନୟନ କାମର ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରିବା ସହ ପାରିପାର୍ଶ୍ୱିକ ଉନ୍ନୟନ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ସାକ୍ଷୀଗୋପାଳ ମନ୍ଦିରର ଆବଶ୍ୟକ ଉନ୍ନତୀକରଣ ନିମନ୍ତେ ୮୨ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ବିଧାୟକ ସୂଚନା ଦେଇଥିଲେ। ଏହି ଉତ୍ସବରେ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସମିତିସଭ୍ୟ ଦୀପକ ଶତପଥୀ, ବ୍ଲକ ଭାଜପା କୋର୍ କମିଟି ସଭାପତି ତ୍ରିଲୋଚନ ରଥ, ମନ୍ଦିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି, ଆମ୍ବା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, ଅଶୋକ ରାଉତରାୟ, ସତୀଶ୍ ମିଶ୍ର, ଉମେଶ ଚନ୍ଦ୍ର ପ୍ରଧାନ, ଶ୍ୟାମସୁନ୍ଦର ମହାପାତ୍ର ଓ ଉମେଶ ଚନ୍ଦ୍ର ନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଝଡ଼ରେ ଉଡ଼ିଲା ଘର ଛପର, ଧାନଫସଲ ନଷ୍ଟ

**କଣାସ,୨୮।୩(ବିଭୂତି ଭୂଷଣ ତ୍ରିପାଠୀ)**



କଣାସ ଅଞ୍ଚଳରେ ଶୁକ୍ରବାର ରାତି ପ୍ରାୟ ୧୦ଟା ୩୦ରେ ପ୍ରବଳ ବେଗରେ ପବନ ବୋହିବାରୁ ଗଡ଼ଶାଗୋଦା, ଯାମଳଗୋଦା, ଆଳିଡ, ଗୋପୀନାଥପୁର, କାଦୁଆ, ବଡାଲ, ଦୋଛଆଁ, ସାହୁପଡ଼ା, ଦେଇପୁର, ଗଡ଼ଖାରଦ, ବକୁ, ଦିବ୍ୟସିଂହପୁର, ଚପୁରିଙ୍ଗି, ଗଡ଼ସାହି, ବିନ୍ଧଣ, ବିଜିପୁର, ଅଣ୍ଡାଳସିଂହ ଖଣ୍ଡାହାତ ଗ୍ରାମପଞ୍ଚାୟତରେ ଧାନ ଫସଲ ନଷ୍ଟ ହୋଇଛି। ରବି ଚାଷ ପାଇଁ ଚାଷୀମାନେ ଖରାଟିଆ ଧାନ ଚାଷ କରିଥିଲେ। ବର୍ତ୍ତମାନ ଜମିରେ ଧାନ ପାଚି ଯାଇଥିବାବେଳେ ପ୍ରବଳ ବେଗରେ ପବନ ବୋହିବାରୁ ଧାନଗଛଗୁଡ଼ିକ ତଳେ ଲୋଟିପଡ଼ିବା ସହ ଶିଶାରୁ ଧାନ ଝଡ଼ିପଡ଼ିଛି। ଅନେକ ଧାନ ଗଛରୁ କେଣ୍ଡା ଛିଡ଼ିଯାଇ ଜମିରେ ପଡ଼ିରହିଛି। ଚାଷୀମାନେ ଧାନ ଜମିରେ ଏହି ଦୃଶ୍ୟ ଦେଖି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଳଛପର ଘର ଉଡ଼ିଯାଇଛି । ଦୀର୍ଘ ୧୨ଘଣ୍ଟା ଧରି ଗଡ଼ିଶାଗୋଦା ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା।

## କୋଣାର୍କ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

**କୋଣାର୍କ,୨୮।୩(ଜ୍ୟୋତିରାଜ ମହାନ୍ତି)**

କୋଣାର୍କଥାନା ଛକ ନିକଟସ୍ଥ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା, ଆୟୁଷ ଡାକ୍ତର ବିଧୁଭୂଷଣ ନାୟକ, ସିଆର୍‌ସିସି କୃଷ୍ଣଚନ୍ଦ୍ର ବଳବନ୍ତରାୟ, ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବିକେ ଦମୟନ୍ତୀ ପ୍ରମୁଖ ଯୋଗଦେଇ ଶିକ୍ଷା ହିଁ ସମାଜ ପରିବର୍ତ୍ତନ ଏକ ମାଧ୍ୟମ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଚିନ୍ମୟୀ ପାଢ଼ୀ ସଞ୍ଚାଳନ କରିଥିବା ବେଳେ ଗୀତାଞ୍ଜଳି ସ୍ୱାଇଁ, ସଚଳା ସାହୁ, ପ୍ରଭାସିନୀ ସ୍ୱାଇଁ, ସଙ୍ଗୀତା ସାହୁ, ଦୀପକ କୁମାର ପ୍ରଧାନ, ପ୍ରୀତିସ୍ନାତା ରାଉତ ପ୍ରମୁଖ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

# ବାଲି ଟ୍ରାକ୍ଟର ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

- ନାମଲେଖା ନିମନ୍ତ୍ରଣପତ୍ର ବାଣ୍ଟିବାକୁ ଯାଉଥିଲେ
- ଡେଲାଙ୍ଗରେ ବେଧଡ଼କ ବାଲି ଚୋରାଚାଲାଣ

**ଡେଲାଙ୍ଗ,୨୮।୩(ରଶ୍ମୀରଞ୍ଜନ ପ୍ରଧାନ)**

ଡେଲାଙ୍ଗ ଥାନା ଅଞ୍ଚଳରେ ବେଧଡକ ବାଲି ଚୋରା ଚାଲାଣ ହେଉଛି। ବିଭିନ୍ନ ନଈକୂଳିଆ ଗ୍ରାମ୍ୟ ରାସ୍ତାରେ ବାଲିବୋଝେଇ ଗାଡ଼ି ଗୁଡ଼ିକ ଦ୍ରୁତଗତିରେ ଚଳାଚଳ କରୁଥିବା ଦେଖିବାକୁ ମିଳୁଛି। ଏଥିରେ ରୋକ ଲଗାଇବାକୁ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ପୋଲିସ କିମ୍ବା ରାଜସ୍ୱ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ଶନିବାର ଏକ ବାଲିବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆହାଟ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଡେଲାଙ୍ଗ ଥାନା ଅଧୀନ କଲ୍ୟାଣପୁର ପଞ୍ଚାୟତ ହରିପୁର ଗ୍ରାମର ବାସିନ୍ଦା ପର୍ଶୁରାମ ସାହୁ। ଶନିବାର ସେ ଶିଶୁବାଟିକାରେ ନାମଲେଖା ନିମନ୍ତ୍ରଣପତ୍ର ବଣ୍ଟନ ପାଇଁ ବିଦ୍ୟାଳୟରୁ ନିଜ ବାଇକ ଯୋଗେ ନିକଟସ୍ଥ ଗାଁକୁ ଯାଉଥିଲେ। ବିଦ୍ୟାଳୟଠାରୁ ମାତ୍ର ଶହେ ମିଟର ଦୂରରେ ତାଙ୍କର ଦୁର୍ଘଟଣା ଘଟିଥିଲା।



ଜବତ ଟ୍ରାକ୍ଟର ଓ ବାଇକ୍।

ସୂଚନା ଅନୁଯାୟୀ, ନିକଟସ୍ଥ ଦୟା ନଦୀରୁ ବାଲି ବୋଝେଇକରି ପଛୁଆ ଆସୁଥିବା ଏକ ଟ୍ରାକ୍ଟର ପର୍ଶୁରାମଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତାରେ ପଡ଼ିଯାଇଥିଲେ ଓ ଟ୍ରାକ୍ଟର ତାଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଟି ଗାଡ଼ିକୁ ଜବତ କରି ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ଅନ୍ୟପଟେ ଘଟଣାସ୍ଥଳରୁ ଚାଳକ ଫେରାର ଥିବା ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ କହିଛନ୍ତି। ପର୍ଶୁରାମଙ୍କ ମୃତ୍ୟୁ ଖବର ପାଇ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ଘଟଣାସ୍ଥଳରେ ପହଞ୍ଚି ତାଙ୍କ ସ୍ତ୍ରୀ ମନୋରମା ସାହୁଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ସହାୟତା ପ୍ରଦାନ କରିଛନ୍ତି। ଶିକ୍ଷକ ପବିତ୍ର ମୋହନ ଜେନା, ସାରଥ ପ୍ରଧାନ, ପ୍ରଦୀପ ସେଠୀ ପ୍ରମୁଖଙ୍କ ସମେତ ଶତାଧିକ ଶିକ୍ଷକ ସାହୁଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ମାଟି ଚୋରି ଉପରେ ଲଗାମ ଲଗାଇପାରୁନି ପ୍ରଶାସନ

ତ୍ରିଶୁଳିଆ,୨୮।୩
(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଞ୍ଚଳରେ ମାଟି ଚୋରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏହା ଉପରେ ରୋକ୍ ଲଗାଇପାରୁନି। କିଛିଦିନ ହେବ ଦିନରାତି ମାଟି, ବାଲି ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ଖଣି ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ବାରଙ୍ଗ ପୋଲିସକୁ ପଚାରିବାରୁ ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି। ରାମଦାସପୁର ରାଜସ୍ୱ ନିରୀକ୍ଷକ କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଚୋରାଚାଲାଣ ଉପରେ କେବେ ରୋକ୍ ଲାଗିବ ସେ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଭୁବନେଶ୍ୱର ବାର୍: ଅଶୋକ ସଭାପତି, ସୁମନ ସମ୍ପାଦକ

### ଗୌର ପ୍ରସାଦ ଟ୍ୟାକ୍ସ ବାର୍ ସଭାପତି

ଭୁବନେଶ୍ୱର,୨୮।୩(ତ୍ରିନାଥ ମହାନ୍ତି)



ବିଜୟ ପରେ ସମର୍ଥକଙ୍କ ଗହଣରେ ସଭାପତି ଅଶୋକ କୁମାର ଛୋଟରାୟ ଓ ସମ୍ପାଦକ ସୁମନ ରାଉତରାୟ।

ଭୁବନେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି। ସକାଳ ସାଢେ ୭ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଅପରାହ୍ନ ୪ଟାରେ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ ହୋଇ ରାତି ୯ଟାରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା। ଭୁବନେଶ୍ୱର ବାର୍‌ର ସଭାପତି ଭାବେ ଅଶୋକ କୁମାର ଛୋଟରାୟ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ସୁଶାନ୍ତ ଦାଶ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବେ ସୁମନ ରାଉତରାୟ, ଯୁଗ୍ମ ସମ୍ପାଦକ ସଙ୍ଗୀତା ପଟ୍ଟନାୟକ, ସହ ସମ୍ପାଦକ ଭାବେ ଜ୍ୟୋତିର୍ମୟୀ ପଣ୍ଡା ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ହିତେନ୍ ନାୟକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀରେ ଅକ୍ଷୟ କୁମାର, ଅନୁପ କୁମାର ରାୟ, ଦିବ୍ୟରଞ୍ଜନ ନରେନ୍ଦ୍ର, ପ୍ରଦୀପ କୁମାର ପାଲ, ସୁବ୍ରତ ସେନାପତି, ସୁଶାନ୍ତ କୁମାର ଗୌଡ଼ ଏବଂ ମହିଳା କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀରେ ପ୍ରମିଳା ଜାଲି ଏବଂ ପୁଷ୍ପାଞ୍ଜଳୀ ପଟ୍ଟନାୟକ ବିନା ପ୍ରତିଯୋଗିତାରେ ନିର୍ବାଚିତ ହୋଇଛନ୍ତି। ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ୨,୯୩୭ ଜଣ ଆଇନଜୀବୀ ନିଜର ମତାମତ ପ୍ରଦାନ କରିଥିଲେ। ନିର୍ବାଚନ ଫଳାଫଳ ବାହାରିବା ପରେ ବିଜୟପ୍ରାର୍ଥୀମାନଙ୍କୁ ବାର ଆସୋସିଏସନ୍ ସମ୍ମୁଖରେ ଆଇନଜୀବୀମାନେ ଫୁଲଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

ସେହିପରି ଭୁବନେଶ୍ୱର ଟ୍ୟାକ୍ସ ବାର୍ ନିର୍ବାଚନ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ସଭାପତି ଭାବେ ଗୌର ପ୍ରସାଦ ରଥ, ଉପ ସଭାପତି ଭାବେ ଉପେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ଶତପଥୀ, ଯୁଗ୍ମ ସମ୍ପାଦକ ଭାବେ ବିଶ୍ୱଜିତ୍ ପଟ୍ଟନାୟକ, ସହ ସମ୍ପାଦକ ଭାବେ ସୁଶୀଲ କୁମାର ସାମନ୍ତରାୟ, କୋଷାଧ୍ୟକ୍ଷ ଭାବେ ସୁମନ୍ତ କୁମାର ଆଚାର୍ଯ୍ୟ ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ପ୍ରଦୀପ୍ତ କୁମାର ଦାଶ, ବିଜୟ କୁମାର ସ୍ୱାଇଁ, ସଞ୍ଜୁକ୍ତା ସାହୁ, ସୁରେଶ କୁମାର ପତି ଏବଂ ଧନଞ୍ଜୟ ଜେନା ନିର୍ବାଚିତ ହୋଇଛନ୍ତି।

## ଲଲାଟେନ୍ଦୁ ସଭାପତି, ହୃଦାନନ୍ଦ ସମ୍ପାଦକ

### ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ

କଟକ,୨୮।୩(କାର୍ତ୍ତିକ ସାହୁ)



ଲଲାଟେନ୍ଦୁ ସାମନ୍ତରାୟ



ହୃଦାନନ୍ଦ ମହାପାତ୍ର

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଭାବେ ଲଲାଟେନ୍ଦୁ ସାମନ୍ତରାୟ ମୋଟ ୧୭୧୮ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ହୃଦାନନ୍ଦ ମହାପାତ୍ର ୭୪୦ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଉପସଭାପତି ଭାବେ ପ୍ରଦୀପ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ୍ତ କୁମାର ମହାନ୍ତି, ପାଠାଗାର ସମ୍ପାଦକ ବାସୁଦେବ ବାରିକ୍, କୋଷାଧ୍ୟକ୍ଷ ସଂଯୁକ୍ତାବାଳା ଦାସ, ସହକାରୀ ସମ୍ପାଦକ ସୁଲୋଚନା ପାତ୍ର ଏବଂ କାର୍ଯ୍ୟକାରୀ କମିଟିକୁ ୧୦ଜଣ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ମୋଟ ୩୩୪୬ଜଣ ସଦସ୍ୟ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବା ବେଳେ ୧୦ଟି ଭୋଟ ନାକଚ ହୋଇଥିବା ଜଣାପଡ଼ିଛି।

## ଗୋବିନ୍ଦ ସଭାପତି, ଲକ୍ଷ୍ମୀକାନ୍ତ ସମ୍ପାଦକ

### କ୍ୟାପିଟାଲ ଓକିଲ ସଂଘ ନିର୍ବାଚନ

ଯାଁଲା,୨୮।୩(ବୁଲା ବାରିକ)



ଗୋବିନ୍ଦ ପଟ୍ଟନାୟକ



ଲକ୍ଷ୍ମୀକାନ୍ତ ଚୌଧୁରୀ

କ୍ୟାପିଟାଲ ଓକିଲ ସଂଘ ପରିଚାଳନା ସମିତିର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ଭାବେ ଆଇନଜୀବୀ ଗୋବିନ୍ଦ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି ଆଇନଜୀବୀ ଦାତାରାମ ଅଶୋକ କୁମାର ମଙ୍ଗରାଜ କାର୍ଯ୍ୟକାରୀ ସଭାପତି, ନିରୋଜ କୁମାର ମହାନ୍ତି ଉପସଭାପତି, ଲକ୍ଷ୍ମୀକାନ୍ତ ଚୌଧୁରୀ ସମ୍ପାଦକ ଏବଂ ପ୍ରଶାନ୍ତ କୁମାର ଦାସ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ଲକ୍ଷ୍ମୀଧର ବିଶ୍ୱାଳ, ସୁଶୀଲ କୁମାର ଛୁଆଳସିଂହ, ମଧୁମାଳା ବିଶୋଇ ଓ ସୁରେଶ କୁମାର ରଥ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ନିର୍ବାଚନ ଅଧିକାରୀଭାବେ ନିର୍ବାଚନ ପରିଚାଳନା କରିଥଲେ।



ରୁକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଶ୍ରୀଲିଙ୍ଗରାଜ ମହୋତ୍ସବର ଶନିବାର ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

## ଲୋତକବିନ୍ଦୁ ସଭାପତି, ଲିଙ୍ଗରାଜ ସମ୍ପାଦକ

### ଖୋର୍ଦ୍ଧା ଜିଲା ଓକିଲ ସଂଘ ନିର୍ବାଚନ

ଖୋର୍ଦ୍ଧା,୨୮।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଓକିଲ ସଂଘ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଛି। ସଭାପତି ପଦ ପାଇଁ ୩ଜଣ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଲୋତକବିନ୍ଦୁ ପଟ୍ଟନାୟକ ବାଜିମାତ୍ କରିଛନ୍ତି। ଲୋତକବିନ୍ଦୁ ୧୫୧ଖଣ୍ଡ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ମାନସ ରଞ୍ଜନ ପଟ୍ଟନାୟକ ୧୨୧ଖଣ୍ଡ ଏବଂ ଲିଙ୍ଗରାଜ ସାହୁ ୫୬ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ୩ଜଣ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଲିଙ୍ଗରାଜ ସାହୁ ବାଜିମାତ୍ କରିଛନ୍ତି। ଲିଙ୍ଗରାଜ ୧୯୫ ଖଣ୍ଡ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବଳରାମ ସାହୁ ୭୭ ଏବଂ ସୁରେନ୍ଦ୍ର କୁମାର ସାହୁ ୫୩ଖଣ୍ଡ ଭୋଟ୍ ପାଇଥିଲେ। ସେହିପରି ଉପସଭାପତି ଭାବେ ହରପ୍ରସାଦ ମହାପାତ୍ର ୧୮୨ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ କେଶରୀ ପ୍ରଧାନ ଏବଂ କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ଭଞ୍ଜ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ବିକ୍ରମ କେଶରୀ ଛୁଆଳସିଂହ, ପ୍ରଦୀପ କୁମାର ମିଶ୍ର, ରାଧାକାନ୍ତ ରାୟ ସାମନ୍ତ, ସାବିତ୍ରୀ ଦେବୀ, ଜମ୍ମିରୁଦ୍ଦିନ ଖାନ ଏବଂ ମୋନାଲିସା ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବଚିତ ହୋଇଛନ୍ତି। ଶନିବାର ସକାଳ ସାଢ଼େ ୭ଟାରୁ ନିର୍ବାଚନ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ଭୋଟ ଗଣତି ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା। ମୋଟ୍ ୩୭୧ଭୋଟରଙ୍କ ମଧ୍ୟରୁ ୩୩୪ଜଣ ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବିଜୟ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିବା ବେଳେ ପ୍ରଭଞ୍ଜନ ଜେନା, ପୁଷ୍ପାଞ୍ଜଳି ଉଦୟସିଂ, ପ୍ରଦୀପ୍ତ ପ୍ରସାଦ ରାମ ଏବଂ ସଞ୍ଜୟ ଶତପଥୀ ସହଯୋଗ କରିଥିଲେ। ଆଇନଜୀବୀ ଶିଶିର ପରିଡ଼ା, ଜୀବନ ଜ୍ୟୋତି ମିଶ୍ର, ପ୍ରଭଞ୍ଜନ ଜେନା, ପ୍ରମୋଦ କୁମାର ଜେନା ପ୍ରମୁଖ ନବନିର୍ବାଚିତ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଏନ୍ଏଚ୍ଆର୍‌ସି ସ୍ପେଶାଲ ମନିଟର

### ମାନବାଧିକାର, ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱ ଦେଲେ

ଭୁବନେଶ୍ୱର,୨୮।୩(ସୌମ୍ୟରଞ୍ଜନ ରାଉତ)

ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍‌ସି)ର ସ୍ପେଶାଲ ମନିଟର ପ୍ରଫେସର କନ୍ହେୟା ତ୍ରିପାଠୀ ଶନିବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ପରିଦର୍ଶନ କରିଥିଲେ। ଏହି ଅବସରରେ କନ୍ହେୟା ମାନବଧିକାର, ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱ ଦେବା ସହ ପ୍ରତିଷ୍ଠାନ ପରିସରରେ ମାନବଧିକାର ପ୍ରକୋଷ୍ଠ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ପ୍ରତିଷ୍ଠାନର ସାଂସ୍କୃତିକ ବ୍ୟାପାର କମିଟିନିୟମିତ ବ୍ୟବଧାନରେ ମାନବାଧିକାର ସମ୍ପର୍କିତ କାର୍ଯ୍ୟ କରିବାକୁ ପ୍ରଫେସର ତ୍ରିପାଠୀ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଉପସ୍ଥିତ ରହି ପ୍ରଫେସର ତ୍ରିପାଠୀଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ।



ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଏନ୍ଏଚ୍ଆର୍‌ସି ସ୍ପେଶାଲ ମନିଟର ପ୍ରଫେସର କନ୍ହେୟା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ନୃତ୍ୟରେ ବିମୋହିତ ଅତିଥି, ଦର୍ଶକ

ଭୁବନେଶ୍ୱର/ପୁରୁଣା
ଭୁବନେଶ୍ୱର,୨୮।୩ (ସୌମ୍ୟରଞ୍ଜନ ରାଉତ/ ସୁବାସ ଚନ୍ଦ୍ର ପ୍ରଧାନ)

### ଶ୍ରୀଲିଙ୍ଗରାଜ ମହୋତ୍ସବର ତୃତୀୟ ସନ୍ଧ୍ୟା

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଶ୍ରୀଲିଙ୍ଗରାଜ ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ପ୍ରକାଶନୀ ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବରେ ଅତିଥି ଭାବେ ଏମ୍‌ପି ପ୍ରଦୀପ ପାଣିଗ୍ରାହୀ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ସାମ୍ବାଦିକ ଦିଲୀପ ବିଶୋଇ, ବିଶ୍ୱବାଣୀ ସମ୍ପାଦକ ଅର୍ଜୁନ ଚରଣ ମୁଦୁଲି, ଭାଜପା ନେତା ଜଗନ୍ନାଥ ପ୍ରଧାନ, ସୁଜାତା ମିଶ୍ର, ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା, ନୃତ୍ୟଶିଳ୍ପୀ ପ୍ରତିଭା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ତଥାଗତ କହିଲେ, ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନିର୍ଦ୍ଦେଶରେ ସବୁ ଚାଲିଛି। ଆମେସବୁ ତାଙ୍କ ହାତରେ କଣ୍ଢେଇ ସଦୃଶ। ଆପଣମାନେ ଗୋଟେ ବି ପଇସା ଡାକ୍ତରଖାନାରେ ଖର୍ଚ୍ଚ କରନ୍ତୁ ନାହିଁ। ସମସ୍ତେ ନୀରୋଗ ରୁହନ୍ତୁ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ପ୍ରାକୃତିକ ପରିବେଶରେ ଆୟୋଜନ କରାଯାଉଛି। ସମସ୍ତେ ପରମ୍ପରାକୁ ଉଜ୍ଜୀବିତ କରିବାକୁ ଚେଷ୍ଟା କରିବା ଦରକାର ବୋଲି ସେ କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକ ଓ ଅତିଥିଙ୍କୁ ବିମୋହିତ କରିଥିଲା। ପ୍ରଥମେ ଅନୁଗୋଳର ସ୍ୱପ୍ନାରାନି ସିହ୍ନାଙ୍କ ଦଳ ନୃତ୍ୟ ପରିବେଷଣ କରିଥିଲା। ପରେ ଗୁରୁ ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ଓ ସାକ୍ଷୀଗୋପାଳ ସତ୍ୟବାଦୀ ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ମାହାରୀ ନୃତ୍ୟ ପରିବେଷିତ ହୋଇଥିଲା। କନ୍ଧମାଳର ଆଦିବାସୀ ନୃତ୍ୟରେ ଦଣ୍ଡ ନୃତ୍ୟ ଓ ଝଙ୍ଗୀରି ନୃତ୍ୟ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। କୋଲ୍‌କାତାର ନୃତ୍ୟଲୋକ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଚାଣ୍ଡାଲିକା ନୃତ୍ୟ ଓ କେନ୍ଦ୍ରୀୟ ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ କୋଲକତାର କଳାକାରଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ଚିତ୍ତାକର୍ଷକ ହୋଇଥିଲା। ପରେ ସମସ୍ତ କଳାକାରଙ୍କୁ ଅତିଥିମାନେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପ୍ରକାଶନୀର ସାଧାରଣ ସମ୍ପାଦକ ସନତ ମିଶ୍ର, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ସୁରେନ୍ଦ୍ର ଦାସ, ନାରାୟଣ ମହାପାତ୍ର, କୃଷ୍ଣ ଚନ୍ଦ୍ର ବଟୁ, ବାବନ ଚନ୍ଦ୍ର ପଢିହାରୀ, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ସୁଧୀର ରଞ୍ଜନ ଜେନା, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ, ସରୋଜ ମିଶ୍ର, ବିଶ୍ୱନାଥ ମହାପାତ୍ର ପ୍ରମୁଖ ମହୋତ୍ସବ ପରିଚାଳନା କରିଥିଲେ। ରଶ୍ମୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପ୍ରଫୁଲ୍ଲ କର ପାର୍କରେ ରକ୍ତଦାନ ଶିବିର

ଭୁବନେଶ୍ୱର,୨୮।୩ (ସୌମ୍ୟରଞ୍ଜନ ରାଉତ)

ସ୍ୱାଧୀନ ଫାଉଣ୍ଡେଶନ ଆନୁକୂଲ୍ୟରେ ସତ୍ୟନଗର କଲ୍‌ଚରାଲ ଡେଭଲପ୍‌ମେଣ୍ଟ ସମିତି ଓ କଟକ ପୋଲିସ କମିଶନରେଟ୍‌ର ସହଯୋଗରେ ଶୁକ୍ରବାର ସତ୍ୟନଗରସ୍ଥିତ ପଦ୍ମଶ୍ରୀ ପ୍ରଫୁଲ୍ଲ କର ପାର୍କରେ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାଜପା ନେତା ଜଗନ୍ନାଥ ପ୍ରଧାନ, ନିରଞ୍ଜନ ମିଶ୍ର, ବିଦୁସ୍ମିତା ଦାଶ ମନ୍ତ୍ରୀ, ଅତିରିକ୍ତ ଡିସିପି ମାନସ ରଞ୍ଜନ ଗଡ଼ନାୟକ, ସତ୍ୟନଗର ସାଂସ୍କୃତିକ ଉନ୍ନୟନ ସମିତିର ସମ୍ପାଦକ ରାଜେନ୍ଦ୍ର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ନିବେଦିତା ଭଞ୍ଜ, ସ୍ୱାଧୀନ ଫାଉଣ୍ଡେଶନର ଅଧ୍ୟକ୍ଷ ପ୍ରସନ୍ନ ନାୟକ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଫାଉଣ୍ଡେଶନର କର୍ମକର୍ତ୍ତାଙ୍କ ସହ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ରକ୍ତଦାନ କରିଥିଲେ।



ରକ୍ତଦାନ ଶିବିର ଉଦ୍‌ଘାଟନ ଅବସରରେ ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ।

## ୩୦ରେ ଏମ୍‌ସରେ ଅଙ୍ଗ ପ୍ରତିରୋପଣ, ଏଆଇ କର୍ମଶାଳା

ଭୁବନେଶ୍ୱର, ୨୮।୩(ବନ୍ଦନା ସେଠୀ)- ଅଙ୍ଗ ପ୍ରତିରୋପଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି, ସଂସ୍ଥାଗତ ପ୍ରସ୍ତୁତିକୁ ଦୃଢ଼ କରିବା, ଅଙ୍ଗଦାତାଙ୍କ ସଂଖ୍ୟା ବୃଦ୍ଧି କରିବା ଏବଂ ପ୍ରତିରୋପଣ ଫଳାଫଳକୁ ଉନ୍ନତ କରିବା ପାଇଁ ସମନ୍ୱୟ ସ୍ଥାପନ କରିବା ଜରୁରୀ। ଏହି ପରିପ୍ରେକ୍ଷୀରେ ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ ଆସନ୍ତା ୩୦ ତାରିଖରେ ଏମ୍‌ସ ପରିସରରେ 'ସ୍ୱାସ୍ଥ୍ୟ ସେବାରେ ଅଙ୍ଗ ପ୍ରତିରୋପଣ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)' ଶୀର୍ଷକ କର୍ମଶାଳା ସହ ଆଞ୍ଚଳିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମ୍‌ଇ) କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏଥିରେ ଓଡ଼ିଶା ସମେତ ୪ ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ୩ଶହରୁ ଅଧିକ ଡାକ୍ତର/ଗବେଷକ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଆଇଆଇଟି ଭୁବନେଶ୍ୱର, ପିଜିଆଇଏମ୍‌ଇଆର୍ ଚଣ୍ଡିଗଡ଼, ନାଇଜର୍ ଭୁବନେଶ୍ୱର ଆଦି ଶିକ୍ଷା ପ୍ରତିଷ୍ଠାନ ସହ ଜାତୀୟ ପ୍ରତିରୋପଣ ସଂଗଠନର ବିଶେଷଜ୍ଞମାନେ ଯୋଗଦେବେ।

## 'ପୂର୍ବରଙ୍ଗ'ରେ ପାଞ୍ଚାଳୀଙ୍କ ମହାଗାଥା



ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହିନ୍ଦୀ ନାଟକ 'ପାଞ୍ଚାଳୀ'ର ଏକ ଦୃଶ୍ୟ।

### ଆଜି ବଙ୍ଗଳା ନାଟକ 'ଅନୁକୂଲ ଅତୋପର'

ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତାର ମିଳିତ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଚାଲିଛି ଜାତୀୟ ନାଟକ ଉତ୍ସବ 'ପୂର୍ବରଙ୍ଗ-୨୦୨୬'। ଶନିବାର ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନାଟ୍ୟକାର ନନ୍ଦ କିଶୋର ଆଚାର୍ଯ୍ୟଙ୍କ ରଚିତ ହିନ୍ଦୀ ନାଟକ 'ପାଞ୍ଚାଳୀ' ମଞ୍ଚସ୍ଥ ହୋଇଥିଲା। ହିମାଚଳ କଲ୍‌ଚର ରିସର୍ଚ୍ଚ ଫୋରମ ଓ ଥିଏଟର ରେପରଟୋରି ଦ୍ୱାରା ପ୍ରସ୍ତୁତ 'ପାଞ୍ଚାଳୀ'ର ନିର୍ଦ୍ଦେଶନା ଦେଇଥିଲେ ନାଟ୍ୟକାର ପ୍ରଫେସର ସୁରେଶ ଶର୍ମା। ଅଭିନେତ୍ରୀ ସମ୍ପା ମଣ୍ଡଳ ଓ ରିଧିମା ବାଗ୍ଗା ଚମତ୍କାର ଅଭିନୟ ମାଧ୍ୟମରେ ପାଞ୍ଚାଳୀଙ୍କ ମହାଗାଥାକୁ ଜୀବନ୍ତ ଭାବେ ପରିବେଷଣ କରିଥିଲେ। ପାଞ୍ଚାଳୀଙ୍କ ଆବିର୍ଭାବଠାରୁ ଆରମ୍ଭ କରି ମହାଭାରତ ଯୁଦ୍ଧ ଏବଂ ଯୁଦ୍ଧ ପରର ବିଭୀଷିକାକୁ ପାଞ୍ଚାଳୀଙ୍କ ଦୃଷ୍ଟିକୋଣରେ ଦର୍ଶକଙ୍କ ସମ୍ମୁଖରେ ପ୍ରସ୍ତୁତ କରାଯାଇଥିଲା। ପାଞ୍ଚାଳୀଙ୍କ ଶକ୍ତି, ସାମର୍ଥ୍ୟ, ସାଧନା, ବେଦନା ଏବଂ ମନସ୍ତତ୍ତ୍ୱର ବିଶ୍ଳେଷଣ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ନାଟ୍ୟକାର ଅନନ୍ତ ମହାପାତ୍ର, ଗୌରହରି ଦାସ, ଧୀରେନ୍ଦ୍ର ନାଥ ମଲ୍ଲିକ, ଦୋଳଗୋବିନ୍ଦ ରଥ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିବାର ନାଟକ ଉତ୍ସବର ତୃତୀୟ ସନ୍ଧ୍ୟାରେ ବଙ୍ଗଳା ନାଟକ 'ଅନୁକୂଲ ଅତୋପର' ପରିବେଷଣ କରାଯିବ।

## ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ବର୍ଗ ଉଦ୍‌ଘାଟିତ

ତ୍ରିଶୁଳିଆ,୨୮।୩(ତୁଷାରକାନ୍ତ ବେହେରା): ସୋମନାଥ ମଣ୍ଡଳ ପକ୍ଷରୁ କଲ୍ୟାଣପୁର ଗ୍ରାମ ନିକଟ ଏକ ଘରୋଇ ମଣ୍ଡପରେ ଶନିବାର ସନ୍ଧ୍ୟାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅଭିଯାନ-୨୦୨୬ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହୋଇଯାଇଛି। ଏହି ୨ଦିନିଆ ପ୍ରଶିକ୍ଷଣ ବର୍ଗକୁ ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜିଲା ସଭାପତି ନିରଞ୍ଜନ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବର୍ଗର ପ୍ରମୁଖ ଭାଜପାର ପୂର୍ବତନ ଜିଲାପରିଷଦ କୁନାଲ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ବର୍ଗରେ ସୋମନାଥମଣ୍ଡଳର ଜିଲା ନେତୃତ୍ୱ, ମଣ୍ଡଳକମିଟି, ପଞ୍ଚାୟତ ପ୍ରମୁଖ, ସହ ପ୍ରମୁଖ, ବୁଥ୍ ସଭାପତି ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ କାର୍ଯ୍ୟକର୍ତ୍ତାଙ୍କୁ ଏହି ପ୍ରଶିକ୍ଷଣ ବର୍ଗରେ ଭାଜପାର ବିଚାର, ଇତିହାସ, କାର୍ଯ୍ୟବିସ୍ତାର, ବୁଥ୍ ପରିଚାଳନା ଓ କାର୍ଯ୍ୟ ପ୍ରଣାଳୀ ତଥା କୃତ୍ରିମ ବୁଦ୍ଧିମତ୍ତା ଓ ସାମାଜିକ ଗଣମାଧ୍ୟମ ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଦୀପ ତ୍ରିପାଠୀ ଓ ନବଘନ ବେହେରା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ୧୬୬ ଜଣ ବରିଷ୍ଠ ଭାଜପା କର୍ମକର୍ତ୍ତା ଶିବିରରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଶ୍ରୀରାମ ନବମୀ ପାଳିତ

ଖୋର୍ଦ୍ଧା,୨୮।୩(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚେତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାର ପରିସରରେ ଥିବା ଶ୍ରୀଅଯୋଧ୍ୟା ବିହାରୀ ଶ୍ରୀରଘୁନାଥଙ୍କ ଶୁଭ ଆର୍ବିଭାବ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ପ୍ରାତଃରୁ ମଙ୍ଗଳ ଆଳତି, ମଧ୍ୟାହ୍ନରେ ଆର୍ବିଭାବ ଅଭିଷେକ ହୋଇଥିଲା। ଶ୍ରୀରାମଚରିତ ମାନସ ପାରାୟଣ ପରେ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୁର୍ଗା ଚରଣ ନାୟକ, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଜନାକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରୀରାମଙ୍କ ଗୁଣାବଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋଧାୟନ ମହାରାଜ, ଅନନ୍ତ ହରି ମହାରାଜ, ବନମାଳି ଦାସ ଯୋଗଦେଇଥିଲେ। ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

ବାଘମାରୀ,୨୮।୩(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମରେ ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଶନିବାର ଅଧିବାସ, କଳସ ଯାତ୍ରା ପରେ ପ୍ରାତଃରେ ମଙ୍ଗଳ ଆଳତି ପରେ ନାମ ସଂକୀର୍ତ୍ତନ ହୋଇଥିଲା। ରବିବାର ନଗର କୀର୍ତ୍ତନ ଗ୍ରାମ ପରିକ୍ରମା ସହିତ ଉଦ୍‌ଯାପିତ ହବ। ଏଥିରେ ସାତ ଦଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଛନ୍ତି।

### ରାମନବମୀ ଉତ୍ସବ ପାଳିତ

ବେଗୁନିଆ,୨୮।୩(ସନ୍ଧ୍ୟାରାଣୀ ମିଶ୍ର)

ସିକୋସ୍ଥିତ ଦୋଳ ପଡ଼ିଆରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ଶ୍ରୀରାମ ନବମୀ ଶୋଭାଯାତ୍ରା ପରିଚାଳନା ସମିତି ପକ୍ଷରୁ ପ୍ରଭୁ ଶ୍ରୀରାମଚନ୍ଦ୍ର ଏବଂ ହନୁମାନଜୀଉଙ୍କ ବିଗ୍ରହ ଶୋଭାଯାତ୍ରା ହୋଇଥିଲା । ଅନୁଷ୍ଠାନ ପକ୍ଷରୁ କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ଅରବିନ୍ଦ ରାୟ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥିଭାବେ ମାନସ ବେହେରା ଓ ମନୋଜ କୁମାର ପ୍ରଧାନ ଯୋଗଦେଇଥିଲେ। ସଞ୍ଜୟ କୁମାର ବାହୁବଳେନ୍ଦ୍ର ସଂଯୋଜନା କରିଥିଲେ। ପବିତ୍ର ପ୍ରଧାନ, ସୁଶାନ୍ତ ସୁନ୍ଦରାୟ, କମଳେଶ ପରମଗୁରୁ, ତାପସ ଆଚାର୍ଯ୍ୟ, ଚନ୍ଦନ ନାୟକଙ୍କ ସମେତ ୩ ଶହରୁ ଉର୍ଦ୍ଧ୍ୱ ସଭ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଭା ଶେଷରେ ପ୍ରଥମେ ରାମମନ୍ଦିର ପରିକ୍ରମା ଏବଂ ଶ୍ରୀରାମ ଓ ଶ୍ରୀହନୁମାନଙ୍କର ବିଗ୍ରହ ସହ ବାଜା ରୋଷଣୀ ମଧ୍ୟରେ ଗ୍ରାମ ପଦଯାତ୍ରା କରାଯାଇଥିଲା।

### ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୨୮।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଆରାଧ୍ୟ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ୧୭ତମ ବାର୍ଷିକ ବିଶଶାନ୍ତି ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ୪ଦିନ ଧରି ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ଥାନପତି ବାଲୁଙ୍କେଶ୍ୱର ଦେବଙ୍କ ପୁରାତନ ପରମ୍ପରା ଅନୁଯାୟୀ ଅତିଥି ଠାକୁର ଭାବେ ଗ୍ରାମର ବିଭିନ୍ନ ମନ୍ଦିରରେ ପୂଜା ପାଉଥିବା ଚାରିଦେବଙ୍କୁ ନିମନ୍ତ୍ରିତ କରାଯାଇଥିଲା। ରଘୁନାଥ ଦେବ, ଗୋପାଳଜୀଉ, ଗୋପୀନାଥ ଦେବ ଏବଂ ରାଧାକାନ୍ତ ଦେବଙ୍କ ଚଳନ୍ତି ପ୍ରତିମା ଆଟପ ପଟୁଆରରେ ଆସି ଯଜ୍ଞ ମଣ୍ଡପରେ ପୂଜା ପାଉଛନ୍ତି। ଯଜ୍ଞ ବିଧିମୁତାବକ ଅଙ୍କୁରାରୋପଣ, କଳସ ଯାତ୍ରା, ଅଗ୍ନି ସ୍ଥାପନା, ଆହୁତି ପ୍ରଦାନ ଆଦି ଶନିବାର ସମ୍ପନ୍ନ ହୋଇଛି। ରବିବାର ସୂର୍ଯ୍ୟ ପୂଜା ଏବଂ ସୋମବାର ପୂର୍ଣ୍ଣାହୁତି ପରେ ଠାକୁର ସ୍ୱ-ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ଲୋତକବିନ୍ଦୁ ସଭାପତି, ଲିଙ୍ଗରାଜ ସମ୍ପାଦକ

## ଖୋର୍ଦ୍ଧା ଜିଲା ଓକିଲ ସଂଘ ନିର୍ବାଚନ

ଖୋର୍ଦ୍ଧା,୨୮।୩(ପ୍ରଭାତ ପାଣିଗ୍ରାହୀ)




ଖୋର୍ଦ୍ଧା ଜିଲା ଓକିଲ ସଂଘ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଛି। ସଭାପତି ପଦ ପାଇଁ ୩ଜଣ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଲୋତକବିନ୍ଦୁ ପଟ୍ଟନାୟକ ବାଜିମାତ୍ କରିଛନ୍ତି। ଲୋତକବିନ୍ଦୁ ୧୫୧ଖଣ୍ଡ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ମାନସ ରଞ୍ଜନ ପଟ୍ଟନାୟକ ୧୨୧ଖଣ୍ଡ ଏବଂ ଲିଙ୍ଗରାଜ ସାହୁ ୫୬ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ୩ଜଣ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଲିଙ୍ଗରାଜ ସାହୁ ବାଜିମାତ୍ କରିଛନ୍ତି। ଲିଙ୍ଗରାଜ ୧୯୫ ଖଣ୍ଡ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବଳରାମ ସାହୁ ୭୭ ଏବଂ ସୁରେନ୍ଦ୍ର କୁମାର ସାହୁ ୫୩ଖଣ୍ଡ ଭୋଟ୍ ପାଇଥିଲେ। ସେହିପରି ଉପସଭାପତି ଭାବେ ହରପ୍ରସାଦ ମହାପାତ୍ର ୧୮୨ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ କେଶରୀ ପ୍ରଧାନ ଏବଂ କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ଭଞ୍ଜ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ବିକ୍ରମ କେଶରୀ ଛୁଆଳସିଂହ, ପ୍ରଦୀପ କୁମାର ମିଶ୍ର, ରାଧାକାନ୍ତ ରାୟ ସାମନ୍ତ, ସାବିତ୍ରୀ ଦେବୀ, ଜମ୍ମିରୁଦ୍ଦିନ ଖାନ ଏବଂ ମୋନାଲିସା ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବଚିତ ହୋଇଛନ୍ତି। ଶନିବାର ସକାଳ ସାଢ଼େ ୭ଟାରୁ ନିର୍ବାଚନ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ଭୋଟ ଗଣତି ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା। ମୋଟ୍ ୩୭୧ ଭୋଟରଙ୍କ ମଧ୍ୟରୁ ୩୩୪ଜଣ ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବିଜୟ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିବା ବେଳେ ପ୍ରଭଞ୍ଜନ ଜେନା, ପୁଷ୍ପାଞ୍ଜଳି ଉଦୟସିଂ, ପ୍ରଦୀପ୍ତ ପ୍ରସାଦ ରାମ ଏବଂ ସଞ୍ଜୟ ଶତପଥୀ ସହଯୋଗ କରିଥିଲେ। ଆଇନଜୀବୀ ଶିଶିର ପରିଡ଼ା, ଜୀବନ ଜ୍ୟୋତି ମିଶ୍ର, ପ୍ରଭଞ୍ଜନ ଜେନା, ପ୍ରମୋଦ କୁମାର ଜେନା ପ୍ରମୁଖ ନବନିର୍ବାଚିତ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ।

## ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ

# ଲଲାଟେନ୍ଦୁ ସାମନ୍ତରାୟ ସଭାପତି, ହୃଦାନନ୍ଦ ମହାପାତ୍ର ସମ୍ପାଦକ

କଟକ,୨୮।୩(କାର୍ତ୍ତିକ ସାହୁ)




ଲଲାଟେନ୍ଦୁ ସାମନ୍ତରାୟ ହୃଦାନନ୍ଦ ମହାପାତ୍ର

ଓଡ଼ିଶା ହାଇକୋର୍ଟବାର୍ ଆସୋସିଏଶନର ସଭାପତି ଭାବେ ଲଲାଟେନ୍ଦୁ ସାମନ୍ତରାୟ ମୋଟ ୧୭୧୮ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ହୃଦାନନ୍ଦ ମହାପାତ୍ର ୭୪୦ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଉପସଭାପତି ଭାବେ ପ୍ରଦୀପ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ୍ତ କୁମାର ମହାନ୍ତି, ପାଠାଗାର ସମ୍ପାଦକ ବାସୁଦେବ ବାରିକ୍, କୋଷାଧ୍ୟକ୍ଷ ସଂଯୁକ୍ତାବାଳା ଦାସ, ସହକାରୀ ସମ୍ପାଦକ ସୁଲୋଚନା ପାତ୍ର ଏବଂ କାର୍ଯ୍ୟକାରୀ କମିଟିକୁ ୧୦ଜଣ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ମୋଟ ୩୩୪୬ଜଣ ସଦସ୍ୟ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବା ବେଳେ ୧୦ଟି ଭୋଟ ନାକଚ ହୋଇଥିବା ଜଣାପଡ଼ିଛି।

# ସଭାପତି ଜ୍ଞାନେନ୍ଦ୍ର, ସମ୍ପାଦକ ବ୍ରଜବନ୍ଧୁ

## ଜଟଣୀ ବାର୍ ଆସୋସିଏଶନ ନିର୍ବାଚନ

ଜଟଣୀ,୨୮।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଜ୍ଞାନେନ୍ଦ୍ର ସେନାପତି ନିର୍ବାଚିତ ହୋଇଛନ୍ତି। ଜ୍ଞାନେନ୍ଦ୍ର ୭୩ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଶୀଲ କୁମାର ରଥ ୨୧ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ସମ୍ପାଦକ ଭାବେ ବ୍ରଜବନ୍ଧୁ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ବ୍ରଜବନ୍ଧୁ ୬୪ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରଶ୍ମିରଞ୍ଜନ ମହାନ୍ତି ୩୨ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ଉପସଭାପତି ଭାବେ ପ୍ରଦୀପ କୁମାର ସୁବୁଦ୍ଧି, ସହ ସମ୍ପାଦକ ମିହିର କାନ୍ତ କୋଠାରି, କୋଷାଧ୍ୟକ୍ଷ ସୌଭାଗ୍ୟ କୁମାର ସୁନ୍ଦରାୟ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ ସଦସ୍ୟଭାବେ ଭାସ୍କର ଚନ୍ଦ୍ର ଘଡ଼େଇ, ଚକ୍ରଧର ଦାସ, ଜୟଲକ୍ଷ୍ମୀ ମହାନ୍ତି, ପ୍ରିୟଙ୍କା ବେହେରା, ରଶ୍ମିତା ବଡ଼ଜେନା ଏବଂ ଉଷାରାଣୀ ଦାଶ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ଉମେଶ ଚନ୍ଦ୍ର ମିଶ୍ର ନିର୍ବାଚନ ଅଧିକାରୀଭାବେ ଯୋଗ ଦେଇଥିଲେ। ଆସନ୍ତା ଏପ୍ରିଲ ୧ରେ ନିର୍ବାଚିତ ପଦାଧିକାରୀମାନେ ଶପଥ ଗ୍ରହଣ କରିବେ ବୋଲି ଆଇନଜୀବୀ ସୌଭାଗ୍ୟ ଜଗଦ୍ଦେବ କହିଛନ୍ତି।

## ଟାଙ୍ଗୀ ବାର୍ ଆସୋସିଏଶନ

# ସୁରେନ୍ଦ୍ର ସଭାପତି, ରମାମଣୀ ସମ୍ପାଦକ



ଟାଙ୍ଗୀ,୨୮।୩ (ରଘୁନାଥ ସାହୁ)

ଟାଙ୍ଗୀ ବାର୍ ଆସୋସିଏଶନ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଛି। ବାର୍ ଆସୋସିଏଶନର ସଭାପତି ଭାବେ ସୁରେନ୍ଦ୍ର ବେହେରା ନିର୍ବାଚିତ ହୋଇଛନ୍ତି। ସୁରେନ୍ଦ୍ର ୩୨ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନିରଞ୍ଜନ ଦାସ ୨୭ ଖଣ୍ଡ ଭୋଟ୍ ପାଇଛନ୍ତି। ଅନ୍ୟ ପଦବୀ ଗୁଡ଼ିକରେ ଜଣେ ଲେଖାଏ ନାମାଙ୍କନ କରିଥିବାରୁ ସମସ୍ତେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଛନ୍ତି। ଉପସଭାପତି ଭାବେ ମଙ୍ଗରାଜ ସାମନ୍ତରାୟ, ସମ୍ପାଦକ ରମାମଣୀ ଦେଇ, ଯୁଗ୍ମ ସମ୍ପାଦକ ତପନ କୁମାର ମହାନ୍ତି, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ପାଠାଗାର ସମ୍ପାଦକ ଦେବୀ ପ୍ରସାଦ ମର୍ଦ୍ଦରାଜ, କୋଷାଧ୍ୟକ୍ଷ ସୁଜାତା ପଲାଇ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ବିଶ୍ୱଜିତ୍ ରାଉତରାୟ, ଦେବ ପ୍ରସନ୍ନ ମାଲୁ, ଗଙ୍ଗାଧର ପ୍ରଧାନ, ହୃଷିକେଶ ପ୍ରଧାନ, ଅଶୋକ କୁମାର ପାତ୍ର, ରବୀନ୍ଦ୍ର କୁମାର ରଣା ପ୍ରମୁଖ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଛନ୍ତି। ପର୍ଯ୍ୟବେକ୍ଷକ ଭାବେ ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଅକ୍ଷୟ କୁମାର ପତି ଏବଂ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ଯୋଗଦେଇଥିଲେ।

# ଜଗନ୍ନାଥ ସଭାପତି, ମହେନ୍ଦ୍ର ସମ୍ପାଦକ

## ବାଣପୁର ଓକିଲ ସଂଘ ନିର୍ବାଚନ

ବାଣପୁର,୨୮।୩ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ଓକିଲ ସଂଘ ନିର୍ବାଚନ ଶନିବାରେ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ସଭାପତି ଭାବେ ଜଗନ୍ନାଥ ଭୋଳ ନିର୍ବାଚିତ ହୋଇଥିବା ବେଳେ ଉପ ସଭାପତି ଭାବେ ନିରୋଜ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ମହେନ୍ଦ୍ର ପ୍ରସାଦ ସାମନ୍ତସିଂହାର ନିର୍ବାଚିତ ହୋଇଥିବା ବେଳେ ନରେନ୍ଦ୍ର କୁମାର ନାୟକ ସହସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସୁଦର୍ଶନ ଜାଲି, ଚିରସ୍ମିତା ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ମନୋଜ କୁମାର ମହାପାତ୍ର ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିବା ବେଳେ ଆଇନଜୀବୀ ସୁନିଲ କୁମାର ମହାପାତ୍ର ଏବଂ ସୁଧିର କୁମାର ପ୍ରଧାନ ସହଯୋଗ କରିଥିଲେ।

# ଗୋବିନ୍ଦ ସଭାପତି, ଲକ୍ଷ୍ମୀକାନ୍ତ ସମ୍ପାଦକ

## କ୍ୟାପିଟାଲ ଓକିଲ ସଂଘ ନିର୍ବାଚନ

ଯାଁଳା,୨୮।୩(ବୁଲା ବାରିକ)




ଗୋବିନ୍ଦ ପଟ୍ଟନାୟକ ଲକ୍ଷ୍ମୀକାନ୍ତ ଚୌଧୁରୀ

କ୍ୟାପିଟାଲ ଓକିଲ ସଂଘ ପରିଚାଳନା ସମିତିର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ଭାବେ ଆଇନଜୀବୀ ଗୋବିନ୍ଦ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି ଆଇନଜୀବୀ ଦାତାରାମ ଅଶୋକ କୁମାର ମଙ୍ଗରାଜ କାର୍ଯ୍ୟକାରୀ ସଭାପତି, ନିରୋଜ କୁମାର ମହାନ୍ତି ଉପସଭାପତି, ଲକ୍ଷ୍ମୀକାନ୍ତ ଚୌଧୁରୀ ସମ୍ପାଦକ ଏବଂ ପ୍ରଶାନ୍ତ କୁମାର ଦାସ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ଲକ୍ଷ୍ମୀଧର ବିଶ୍ୱାଳ, ସୁଶୀଲ କୁମାର ଛୁଆଳସିଂହ, ମଧୁମାଳା ବିଶୋଇ ଓ ସୁରେଶ କୁମାର ରଥ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ନିର୍ବାଚନ ଅଧିକାରୀଭାବେ ନିର୍ବାଚନ ପରିଚାଳନା କରିଥଲେ।

# ସରିଲା ଭାଗବତ ବାସୁଦେବ ମେଳଣ

ଜଟଣୀ,୨୮।୩(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଜଟଣୀ ଗାଁ ହାଟବଜାର ଗୋପୀନାଥପୁରର ଭାଗବତ ବାସୁଦେବ ମେଳଣ ଉତ୍ସବ ଶନିବାର ଗୋଧୂଳି ବେଳାରେ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ଠାକୁର ଦୋଳ ବିମାନରେ ରଙ୍ଗ ଅବିର ଖେଳି ବିଦାୟ ନେଇଛନ୍ତି। ଗତ ୨୬ତାରିଖ ଜମାଣ ରାତିରୁ ମେଳଣ ପର୍ଯ୍ୟନ୍ତ ଆୟୋଜକ କମିଟି ପକ୍ଷରୁ ଭଜନ, ସଂକୀର୍ତ୍ତନ, ମେଲୋଡ଼ି ସହିତ ସାମାଜିକ ନାଟକ ପରିବେଷଣ ହୋଇଥିଲା। ଥାନପତି ଭାଗବତ ବାସୁଦେବଙ୍କ ସହିତ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ଠାକୁର ସୁସଜ୍ଜିତ ଦୋଳ ବିମାନରେ ଆସି ଖୁଣ୍ଟି ଲାଗି ହୋଇ ରୀତିନୀତିରେ ବିରାଜିତ ହୋଇଥିଲେ। ଶନିବାର ବିଦାୟୀ ସମୟରେ ଥାନପତି ଭାଗବତ ବାସୁଦେବଙ୍କ ସହିତ ଅନ୍ୟ ଠାକୁରଙ୍କ ବିମାନଙ୍କୁ ବିଭିନ୍ନ ସୁଗନ୍ଧିତ ପୁଷ୍ପରେ ସଜ୍ଜିତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଉପରେ ଅବିର ଏବଂ ପୁଷ୍ପ ପକାଇ ଆଶୀର୍ବାଦ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଘଣ୍ଟଘଣ୍ଟା, ସଂକୀର୍ତ୍ତନ, ହରିବୋଲ ହୁଳହୁଳି ଓ ମନ୍ତ୍ରଧ୍ୱନିରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଉଠିଥିଲା। ଆମନ୍ତ୍ରିତ ଠାକୁରଙ୍କ ନିକଟରେ ଆଟିକା ଭୋଗ ଲାଗି ପରେ ଠାକୁରଙ୍କ ମେଳଣ ହୋଇଥିଲା। ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା। ମେଳଣ ପଡ଼ିଆରେ ପଡ଼ିଥିବା ବିଭିନ୍ନ ଦୋକାନରେ ଲୋକଙ୍କ ଗହଳି ହୋଇଥିଲା। ମେଳଣ ଉତ୍ସବକୁ ଭାଗବତ ବାସୁଦେବ ମେଳଣ କମିଟିର ସଦସ୍ୟମାନେ ପରିଚାଳନା କରିଥିବା ବେଳେ ଜଟଣୀ ଗାଁ, ହାଟବଜାର ଏବଂ ଗୋପୀନାଥପୁର ଗ୍ରାମବାସୀ ସହଯୋଗ କରିଥିଲେ।

# ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ୨ରୁ

ବେଗୁନିଆ,୨୮।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ଇଷ୍ଟଦେବ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଆସନ୍ତା ଏପ୍ରିଲ ୨ରୁ ୫ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ୨ତାରିଖରେ ଅଙ୍କୁରାରୋପଣ, ୩ ତାରିଖରେ ତୀର୍ଥାବାହନ, ମଣ୍ଡଳକରଣ, ଅଗ୍ନିସ୍ଥାପନ, ଆହୁତି ପ୍ରଦାନ ଏବଂ ସନ୍ଧ୍ୟା ୭ଟାରେ ପ୍ରବଚକ ଡ.ଗଣେଶ୍ୱର ସ୍ୱାଇଁ ପ୍ରବଚନ ଦେବେ। ସେହିପରି ୪ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ଶିବଙ୍କ ଷୋଡ଼ଶ ଉପଚାର ପୂଜା, ଶିବ ମନ୍ତ୍ରରେ ଆହୁତି ପ୍ରଦାନ ଏବଂ ଡ. ଗୁରୁପ୍ରସାଦ ମହାନ୍ତି ସନ୍ଧ୍ୟା ୭ଟାରେ ପ୍ରବଚନ ଦେବେ। ୫ ତାରିଖରେ ସର୍ବଦେବଦେବୀ ପୂଜା ଓ ଆହୁତି ପ୍ରଦାନ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି ବୋଲି ମକୁନ୍ଦପୁର-କଣ୍ଟାବାଡ଼ ଗ୍ରାମବାସୀ କହିଛନ୍ତି।

# ‘ଚରିତ୍ର ଗଠନ ଶିକ୍ଷାର ମୂଳ ଲକ୍ଷ୍ୟ’



ଟାଙ୍ଗୀ,୨୮।୩ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାନେତ୍ରୀ ସୋନାଲି ମଣ୍ଡଳ, ସଭ୍ୟା ରତ୍ନ ମଣ୍ଡଳ, ପଞ୍ଚସଖା ଶିକ୍ଷା ସେତୁ ସଭାନେତ୍ରୀ ରାଜେଶ୍ୱରୀ ହାଲଦାର, ଚିତ୍ତରଞ୍ଜନ ମଣ୍ଡଳ, ଅଙ୍ଗନୱାଡ଼ି କର୍ମୀ ଭାରତୀ ଦେଇ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚରିତ୍ର ଗଠନ ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ମନୋରମା ସାହୁ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସ୍ୱାଗତିକା ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ସଫଳତା ଆଣେ

ବୋଲଗଡ଼,୨୮।୩(ଦେବବ୍ରତ ହୋତା)



ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି।

ବୋଲଗଡ଼ ଶିକ୍ଷା ବ୍ଲକ ଫାସିଓଦା ପଞ୍ଚାୟତ ଅନ୍ତର୍ଗତ ଭୀମପଡ଼ା ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁବାଳା ମନ୍ତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ସଫଳତା ଆଣିଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଭଞ୍ଜ ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଆର୍‌ସିସି ପଦ୍ମ ଚରଣ ବେହେରା, ଏସ୍‌ଏମ୍‌ସି ସଭାପତି ସୁରେନ୍ଦ୍ର ରାଉତ, ପଞ୍ଚସଖା ଶିକ୍ଷାସେତୁ ସଭାପତି ସୁବଳ ମାଝୀ, ପ୍ରଧାନଶିକ୍ଷକ ଅପର୍ତ୍ତି ଅଚ୍ଚ, ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦେବୀ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ଦେଇ, ଶିକ୍ଷକ ବିଜୟ ସାହୁ ଓ ସଂଗ୍ରାମ କେଶରୀ ମାଝୀ, ସାମାଜିକ କର୍ମୀ ସାରଥୀ ମୁଦୁଲି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ଶିକ୍ଷକ ହେମନ୍ତ ପରିଡ଼ା ଅତିଥି ପରିଚୟ ଓ ଶିକ୍ଷକ ତ୍ରିନାଥ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉକ୍ତ ବିଦ୍ୟାଳୟରୁ ଏକବର୍ଷ ପୂର୍ବେ ଅବସର ନେଇଥିବା ପ୍ରଧାନ ଶିକ୍ଷକ ବାନାମ୍ବର ଷଡ଼ଙ୍ଗୀ ବିନା ପାରିଶ୍ରମିକରେ ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ ଜାରି ରଖିଥିବାରୁ ଗ୍ରାମବାସୀ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶିକ୍ଷା, କ୍ରୀଡ଼ା, ନୃତ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଶୁଭ୍ରାଜ୍ୟୋତି ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସହକାରୀ ଶିକ୍ଷକ ଭକ୍ତଚରଣ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ରମେଶ ଚନ୍ଦ୍ର ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୧ଦିନ ପରେ ବି ଅଭିଯୁକ୍ତଙ୍କୁ ଗିରଫ କରିନି ପୋଲିସ

## ଭେଷରୀ ଗ୍ରାମର ପ୍ରକାଶ ମହାପାତ୍ରଙ୍କୁ ଆକ୍ରମଣ ଘଟଣା

■ ବିଜେଡିର ଥାନା ଘେରାଉ ଚେତାବନୀ

ବାଣପୁର,୨୮।୩ (ଦିଲୀପ କୁମାର ସ୍ୱାଇଁ)



ଅଭିଯୋଗପତ୍ର ଦେବାକୁ ଆସିଥିବା ବିଜେଡି କର୍ମକର୍ତ୍ତା।

ବାଣପୁର ବ୍ଲକ ଅନ୍ତର୍ଗତ ଭେଷରୀ ଗ୍ରାମର ପ୍ରକାଶ ମହାପାତ୍ର କାର୍‌ରେ ଗତ ଫେବୃଆରୀ ୨୬ତାରିଖ ସକାଳେ ଘରକୁ ଫେରୁଥିବା ବେଳେ କେତେଜଣ ଯୁବକ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ଘଟଣାକୁ ୩୧ଦିନ ବିତିଯାଇଥିଲେ ମଧ୍ୟ ଏଯାବତ୍ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନାହିଁ। ଏହାର ପ୍ରତିବାଦରେ ଶନିବାର ବାଣପୁର ବିଜୁ ଜନତା ଦଳ ପକ୍ଷରୁ ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପୂର୍ବତନ ବ୍ଲକ ଅଧକ୍ଷ ମାନସ ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟ ସାଧାରଣ ସମ୍ପାଦକ ମିଙ୍କୁନ ସାହୁ, ବାସୁ ହାବୁଡ଼ାସିଂ, ଗାଲୁଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାମନ୍ତରାୟ, ସୁମନ୍ତ ହାବୁଡ଼ାସିଂ, ପୂର୍ବତନ ସମିତିସଭ୍ୟ ରମେଶ ପାଢ଼ି, ସୂର୍ଯ୍ୟକାନ୍ତ ରଣସିଂହ, ଯଦୁ ପ୍ରଧାନ, ବାବୁଲା ଦଳେଇ, ତୋରସିଂହ ପଞ୍ଚାୟତ ସରପଞ୍ଚ ଆକାଶ ପ୍ରଧାନ, ଶରତ ନାୟକଙ୍କ ସମେତ ଶତାଧିକ ବିଜେଡି କର୍ମୀ ବାଣପୁର ଥାନାରେ ପହଞ୍ଚି ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଗଲେ ଏପ୍ରିଲ ୫ରେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଥାଉ କି, ପ୍ରକାଶ କାର୍‌ରେ ଗତ ଫେବୃଆରୀ ୨୬ତାରିଖ ସକାଳେ ଘରକୁ ଫେରୁଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଯୁବକ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡିଥିଲେ। କେତେଜଣ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରରଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ନନ୍ଦପୁର ଗ୍ରାମର ଭାଜପା ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ ଏବଂ ତାଙ୍କ ସହଯୋଗୀ ପ୍ରଶାନ୍ତ ଜେନା, ସମୀର ଖୁଣ୍ଟିଆ, ରାଜା ପ୍ରଧାନ, ସାଗର ଜେନା, ରାମ ଖୁଣ୍ଟିଆ ପ୍ରମୁଖ ସଂଘବଦ୍ଧଭାବେ ପ୍ରକାଶଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ପ୍ରକାଶଙ୍କ ଭାଇ ତଥା ବାଣପୁର ବ୍ଲକ ବିଜୁ ଜନତା ଦଳର ସଭାପତି କୈଳାସ ମହାପାତ୍ର ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଏନେଇ ଏସ୍‌ଆଇ ବିନାୟକ ମନ୍ତ୍ରୀ କହିଛନ୍ତି ଯେ, ଘଟଣାର ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

**ଡେଲାଙ୍ଗରେ ଖଣି ମାଫିଆ ସକ୍ରିୟ**

ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)- ଡେଲାଙ୍ଗରେ ଗତ କିଛିଦିନ ହେଲା ଖଣିମାଫିଆ ସକ୍ରିୟ ହେବା ସହିତ ବାଲି, ମୋରମ, ମାଙ୍କଡ଼ା ପଥର ଆଦି ଚୋରାଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଗୋଡ଼ିପୁଟ-ମାଟିଆପଡ଼ା ପଞ୍ଚାୟତ ବରପଦା ମୌଜାରେ ଥିବା ତାଳେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଖଣି ମାଫିଆମାନେ ବେଧଡ଼କ ମୋରମ୍ ଓ ମାଙ୍କଡ଼ା ପଥର ଚୋରାଚାଲାଣ କରିବା ସହିତ ଲକ୍ଷାଧିକ ଟଙ୍କାର ସରକାରୀ ରାଜସ୍ୱ ହାନି କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏନେଇ ପୋଲିସ ଓ ଖଣି ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଖଣିମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ତେବେ ଦୀର୍ଘଦିନ ଧରି ସେଠାରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଶୁକ୍ରବାର ସକାଳୁ ସେହି ସ୍ଥାନରେ ଏକ ଜେସିବି ମେଶିନ ହୁତୁହୁତୁ ହୋଇ ଜଳୁଥିବା ଲୋକେ ଦେଖିବାକୁ ପାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୩।୨୦୨୬

| | |
|---|---|
| ୪,୯୪,୯୮୯ ଟଙ୍କା | |
| ସୁନା | ୫.୩୫୦ ଗ୍ରାମ୍ |
| ରୁପା | ୧୬.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ସମୁଦ୍ରରେ ନିଖୋଜ ଯୁବକଙ୍କ ମୃତଦେହ ଜବତ

ପୁରୀ,୨୮।୩(ଅଜିତ୍ କୁମାର ମହାନ୍ତି)

ସମୁଦ୍ରରେ ନିଖୋଜ ହୋଇଯାଇଥିବା ଜଣେ ପର୍ଯ୍ୟଟକଙ୍କ ମୃତଦେହ ଶନିବାର ପୋଲିସ ଜବତ କରିଛି। ନିଖୋଜ ଜଣଙ୍କ ଯାଜପୁର ଜିଲାର ଶୁଭେନ୍ଦୁ ପ୍ରଧାନ(୧୮)। ଶୁଭେନ୍ଦୁଙ୍କ ମୃତଦେହକୁ ଶନିବାର ପୂର୍ବାହ୍ନରେ ସେକ୍ଟର ୪ସ୍ଥିତ ବେଳାଭୂମିରୁ ଲାଇଫ୍‌ଗାର୍ଡ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁଭେନ୍ଦୁ ସାଙ୍ଗମାନଙ୍କ ସହ ଶୁକ୍ରବାର ପୁରୀ ବୁଲିବାକୁ ଆସିଥିଲେ। ପରେ ସେମାନେ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ସ୍ନାନ କରୁଥିବା ବେଳେ ଡିପ୍ କରେଣ୍ଟ ଯୋଗୁ ଶୁଭେନ୍ଦୁ ସମୁଦ୍ର ମଧ୍ୟକୁ ଭାସିଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ।

### ସାତଗଡ଼ କାଳନ୍ଦୀ କୂଳ ବାସୁଦେବ ମେଳଣ

ଚାରିଛକ,୨୮।୩(ଶିଶିର କୁମାର ସ୍ୱାଇଁ)

ସାତଗଡ଼ କାଳନ୍ଦୀ କୂଳ ବାସୁଦେବ ଭାଗବତ ଠାକୁରଙ୍କ ମେଳଣ ଚାରିଛକ ନିକଟସ୍ଥ ତୁଳସୀପୁର ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ଉପତ୍ୟକାର ବନମାଳୀପୁରଠାରେ ପୂଜା ପାଉଥିବା ଭାଗବତଗାଦୀ ଠାକୁରଙ୍କୁ ସାତଗଡ଼ କାଳନ୍ଦୀକୂଳର ଶ୍ରଦ୍ଧାଳୁମାନେ ସୁସଜ୍ଜିତ ବିମାନରେ ବସାଇ ଗଜାବର, ତଇଲା, ପୀତାପଡ଼ା, ମୋଟିଆଁ, ଭଇଁଚି ଗୋରଡ଼ି, ନୂଆଗାଁ, ତୁଳସୀପୁର, ଛଣିଜଙ୍ଗ, ଆଇଁଶମୂଳ, ଦର୍ଣ୍ଡିକିରା, ଚିତଉଡିପ ଆଦି ପରିକ୍ରମା କରି ଭୋଗଲାଗି ହୋଇଥିଲା। ସୁଧ ବାଗିମୂଳରେ ପହଞ୍ଚିବା ପରେ ସେଠାରୁ ଏକ ବିରାଟ ପଟୁଆରରେ ଘଣ୍ଟ, ଶଙ୍ଖ, ମାଦଳ ବଜାଇ ଆତସବାଜି ଫୁଟାଇ ଏକ ଶୋଭାଯାତ୍ରାରେ ଆସି ତୁଳସୀପୁରସ୍ଥିତ ମେଳଣ ପଡ଼ିଆରେ ପହଞ୍ଚିବା ପରେ ବିମାନକୁ ମଣ୍ଡପ ଉପରେ ବିରାଜମାନ କରାଯାଇଥିଲା। ରବିବାର ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ଆତସବାଜି ପ୍ରତିଯୋଗିତା ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# ଯଜ୍ଞରକ୍ଷା ନୀତି ସହ ନିଶାଣ ଶୋଭାଯାତ୍ରା

ପୁରୀ,୨୮।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରରେ ପାରମ୍ପରିକ ସମରକଳା ନୃତ୍ୟ ସାହିଯାତର ଶନିବାର ଦ୍ୱିତୀୟ ଦିବସରେ ଯଜ୍ଞରକ୍ଷା ନୀତି ଏବଂ ଖର, ଦୂଷଣ (ନାକ, କାନ) ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେକରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ପ୍ରଭୁ ଶ୍ରୀରାମ ଏବଂ ଲକ୍ଷ୍ମଣ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଯ ଉପରକୁ ବିଜେ କରାଯାଇଥିଲା।



ହରଚଣ୍ଡୀ ସାହି ପକ୍ଷରୁ ଖର, ଦୂଷଣ ବେଶଧାରୀ ନୀତି ପାଇଁ ଶ୍ରୀମନ୍ଦିରକୁ ଯାଉଛନ୍ତି ।

ସେହିପରି ସାହିଯାତର ଦ୍ୱିତୀୟ ଦିବସରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ଯଜ୍ଞରକ୍ଷା, ଖର, ଦୂଷଣ (ନାକ, କାନ)ଙ୍କ ବଧନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ହରଚଣ୍ଡୀ ସାହି ଆଖଡ଼ାରୁ ରାମାୟଣର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା ଚରିତ୍ରମାନେ ଆସି ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କ ଦ୍ୱାରା ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ଶୀତଳଭୋଗ ମଣୋହି କରାଯିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

### ସାହିଯାତର ଦ୍ୱିତୀୟ ଦିନ

ସେହିପରି ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡ଼ାରୁ ନିଶାଣ ବାହାରି ଦକ୍ଷିଣକାଳୀ ମନ୍ଦିରରେ ପହଞ୍ଚିବା ସହ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡ଼ାରୁ ଓ ଆଠସାହି ଆଖଡ଼ାର ମୁରବିମାନେ ମାଟିମଣ୍ଡପ ସାହିର ବାଦୀ ବା ବନ୍ଧୁସାହି କାଳିକାଦେବୀ ସାହିକୁ ଯାତ ନେଇ ଯାଇଥିଲେ। ଯାତରେ ନବଶିରା ହନୁମାନ, କାଳୀମେଢ଼, ନାଗା, ମେଢ଼ ସହ ବିଭିନ୍ନ ପ୍ରକାର ସମରକଳା ପ୍ରଦର୍ଶନ କରି ମାଟିମଣ୍ଡପ ସାହିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଶୋଭାଯାତ୍ରାରେ ଆଠସାହି ଆଖଡ଼ା ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସାହିବାସିନ୍ଦା ସାହିଯାତର ପାରମ୍ପରିକ ନୃତ୍ୟ ଓ ସମରକଳା ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା।





ସାହିଯାତ ଅବସରରେ ଶୁକ୍ରବାର ରାତିରେ କାଳିକା ଦେବୀ ସାହି ପକ୍ଷରୁ ବାହାରିଥିବା ବେଶଧାରୀ ।

# ପ୍ରେମାନନ୍ଦ ସଭାପତି, ଶରତ ସମ୍ପାଦକ



ପୁରୀ ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

### ପୁରୀ ଓକିଲ ସଂଘ ନିର୍ବାଚନ

ପୁରୀ,୨୮।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଓକିଲ ସଂଘର ୨୦୨୬-୨୭ ବର୍ଷର ବିଭିନ୍ନ ପଦବୀ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନିର୍ବାଚନ ସକାଳୁ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ପୁରୀ ଓକିଲ ସଂଘର ସଦସ୍ୟମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଆସି ଭୋଟ୍‌ଦେଇ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ଏଥିରେ ପ୍ରେମାନନ୍ଦ ମହାନ୍ତି ସଭାପତି ଓ ଶରତ ରାୟଗୁରୁ ସାଧାରଣ ସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି। ସଭାପତି ପଦ ପାଇଁ ପ୍ରେମାନନ୍ଦ ମହାନ୍ତି ଏବଂ ସାରଦା ପ୍ରସାଦ ସାମଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ପ୍ରେମାନନ୍ଦ(୬୫୭ ଭୋଟ୍) ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସାରଦା ପ୍ରସାଦ ସାମଲ(୫୨୭ ଭୋଟ)ଙ୍କୁ ୧୩୦ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିପରି ସମ୍ପାଦକ ପ୍ରାର୍ଥୀ ନିମନ୍ତେ ବିଭୂତି ଶଙ୍କର ତ୍ରିପାଠୀ ଏବଂ ଶରତ କୁମାର ରାୟଗୁରୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସମ୍ପାଦକ ଶରତ (୬୫୭ ଭୋଟ) ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଭୂତି ଶଙ୍କର ତ୍ରିପାଠୀ(୫୩୮)ଙ୍କୁ ୧୧୯ ଖଣ୍ଡ ଭୋଟ୍‌ରେ ପରାସ୍ତକରି ବିଜୟୀ ହୋଇଛନ୍ତି। ସେହିପରି ଉପସଭାପତି ପଦ ନିମନ୍ତେ ବିଭୁଦତ୍ତ ପଟ୍ଟନାୟକ ଏବଂ ପ୍ରଦୀପ କୁମାର ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେବେ ଉପସଭାପତି ପଦରେ ପ୍ରଦୀପ କୁମାର ଦାସ (୮୦୬ ଭୋଟ) ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଭୁଦତ୍ତ ପଟ୍ଟନାୟକ (୩୮୪)ଙ୍କୁ ୪୨୨ ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ପଦରେ ଅସୀମ କୁମାର ବାନାର୍ଜୀ, ସୋମନାଥ ରଣା, ତପନ କୁମାର ବାରିକି ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ସେହିପରି କାର୍ଯ୍ୟକାରୀ ସଭ୍ୟ ୫ଟି ପଦ ପାଇଁ ୮ ପ୍ରାର୍ଥୀ ନଗେନ୍ଦ୍ର ନାଥ ମିଶ୍ର, ତାପସ ରଞ୍ଜନ ବଳିଆରସିଂହ, ବିଜୟ କୁମାର ସାହୁ, ଦେବାଶିଷ ଦାଶ, କର୍ଣ୍ଣବୀର ମହାପାତ୍ର, ଶିବାନନ୍ଦ ପାତ୍ର, ଜ୍ୟୋତି ପ୍ରକାଶ ମହାନ୍ତି ଓ ନମିତା ସାମଲ ନିର୍ବାଚନ ଲଢ଼ିଥିଲେ। ସେମାନଙ୍କ ମଧ୍ୟରେ ଦେବାଶିଷ ୫୯୧ ଖଣ୍ଡ ଭୋଟ, ଶିବାନନ୍ଦ ପାତ୍ର ୫୮୩, କର୍ଣ୍ଣବୀର ମହାପାତ୍ର୫୬୫, ବିଜୟ କୁମାର ସାହୁ୫୩୦ ଏବଂ ନମିତା ସାମଲ ୫୧୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି ବୋଲି ନିର୍ବାଚନ କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ରଥ ଘୋଷଣା କରିଛନ୍ତି।

# ବିନାନୁମତିରେ ରାସ୍ତା ଖୋଳୁଛି ଠିକାସଂସ୍ଥା

ଅସ୍ତରଙ୍ଗ/କାକଟପୁର,୨୮।୩
(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

- ଯାତାୟାତ ପାଇଁ ଲୋକେ ହଇରାଣ
- ଅଭିଯୋଗ ଶୁଣୁନି ପୋଲିସ ପ୍ରଶାସନ

ଅସ୍ତରଙ୍ଗ ବ୍ଲକର ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ ପାଇଁ ବିଭାଗ ପକ୍ଷରୁ ପାଇପ୍ ବିଛାଇବା କାର୍ଯ୍ୟ ଚାଲିଛି। ତେବେ ଏଥିଲାଗି ବିନାନୁମତିରେ ରାସ୍ତା ଖୋଳାଯାଉଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ଠିକା ସଂସ୍ଥାର ମନମୁଖି କାର୍ଯ୍ୟକୁ ନେଇ ଅସନ୍ତୋଷ ବଢୁଛି। ଆଳସାହି ପଞ୍ଚାୟତର ବିଭିନ୍ନ ସ୍ଥାନରେ ସମ୍ପୃକ୍ତ ଠିକାସଂସ୍ଥା ରାସ୍ତାକୁ ଖୋଳିବାରେ ଲାଗିଛି। କିଛିଦିନ ପୂର୍ବେ ଓଳିହାଁ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ କାମ କରୁଥିବା ଏକ ଠିକା ସଂସ୍ଥା କଂକ୍ରିଟ ରାସ୍ତାକୁ ଖୋଳି ନଷ୍ଟ କରିଦେଇଛି। ସେହି ସ୍ଥାନରେ ବ୍ୟାରିକେଡ୍ କିମ୍ବା ସତର୍କତା ସୂଚନାଫଳକ ଲଗାଯାଇନାହିଁ। ମାଟି, ପାଇପ୍ ଗଦାହୋଇ ରହୁଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇ ଦୁର୍ଘଟଣା ଘଟୁଛି। ପାଇପ୍ ବିଛାଯିବା ପରେ କେବଳ ମାଟି ଘୋଡ଼ାଇ କାମ ସାରି ଦିଆଯାଉଛି। ରାସ୍ତା ଖୋଳିବା ପରେ ପୁଣି ସମତୁଲ କରିବା କଥା। ମାତ୍ର ସେପରି କରାଯାଉନାହିଁ। ମାଟି ପଡ଼ିରହୁଥିବାରୁ ବର୍ଷାହେଲେ ରାସ୍ତା କର୍ଦ୍ଦମାକ୍ତ ହେଉଛି। ଲୋକେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଏ ନେଇ ଗତ ଫେବୃଆରୀରେ ଡ. ଲକ୍ଷ୍ମୀଧର ବିଶ୍ୱାଳ, ତ୍ରିଲୋଚନ ମହାନ୍ତି ଓ ସୁନୀଲ କୁମାର ପ୍ରଧାନ ପ୍ରମୁଖ ଅସ୍ତରଙ୍ଗ ଥାନାରେ ୨ଥର ଅଭିଯୋଗ କରିଥିଲେ। ତେବେ ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଡ. ବିଶ୍ୱାଳ କହିଛନ୍ତି। ଜିଲାପାଳ ଏବଂ ଏସ୍‌ପି ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ତେବେ ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସାଗର ବିଶ୍ୱାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ନୟାହାଟରେ ନକଲି ଥଣ୍ଡା, ପାଣିପାଉଚ୍ ବିକ୍ରି

ଯୋଗେଶ୍ୱରପୁର,୨୮।୩(ରଶ୍ମିରଞ୍ଜନ ସାହୁ)

### ଚଢ଼ାଉ କିମ୍ବା ମାନ ଯାଞ୍ଚ କରୁନି ପ୍ରଶାସନ

ନୟାହାଟ ଅଞ୍ଚଳରେ ବିନା ଲାଇସେନ୍ସରେ ନକଲି ପାଣିପାଉଚ ଓ ପାନୀୟଜଳ ବୋତଲ ପ୍ରସ୍ତୁତ ସାଙ୍ଗକୁ ବିଭିନ୍ନ ନାମୀଦାମୀ କମ୍ପାନୀ ଲୋଗୋରେ ନକଲି ଥଣ୍ଡା ଓ ପାନୀୟ ସୋଡା ବେଆଇନ ଭାବେ ବିକ୍ରି ଚାଲିଛି। ସମ୍ପୃକ୍ତ କାରଖାନା କିମ୍ବା ବ୍ୟବସାୟୀଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଖାଦ୍ୟ ନିରାପତ୍ତା ଓ ଜନସ୍ୱାସ୍ଥ୍ୟ ବିଭାଗ ସ୍ଥାଣୁ ପାଲଟିଥିବା ଅଭିଯୋଗ ହେଉଛି। ଏହି ନିମ୍ନମାନର ପାନୀୟଜଳ ଓ ସୋଡ଼ା ପିଇବା ଦ୍ୱାରା ଲୋକେ ଚର୍ମ ଓ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଜାରରେ ବିକ୍ରି ହେଉଥିବା ଅନେକ ପାଣି ବୋତଲ, ପାଉଚ ଓ ଥଣ୍ଡା ବୋତଲରେ ବ୍ୟବହାର ଅବଧି ସମ୍ପର୍କରେ କୌଣସି ସୂଚନା ନାହିଁ। ଏସବୁ ପ୍ରସ୍ତୁତ ଓ ବିକ୍ରି ପାଇଁ ଲାଇସେନ୍ସ ସମେତ ଅନେକ ନିୟମ ରହିଛି। କେତେକ ବେନାମୀ ପାଣି କମ୍ପାନୀ ଯେନତେନ ପ୍ରକାରେ ଫୁଡ୍ ଲାଇସେନ୍ସ ହାତେଇ କାନ୍ଥରେ ଟାଙ୍ଗିଦେଇ ଦୀର୍ଘଦିନ ଧରି ବେପାର କରିଆସୁଛନ୍ତି। ଉକ୍ତ ପାଣି ପାଉଚ୍ ଓ ଥଣ୍ଡା ବୋତଲଗୁଡ଼ିକ କିଛି ଦିନ ରହିବା ପରେ ଗନ୍ଧ ବାହାରୁଥିବା ବେଳେ ଅନ୍ୟ ପ୍ରକାର ସ୍ୱାଦ ହେଉଛି। ଜିଲା ଖାଦ୍ୟ ନିରାପତ୍ତା ବିଭାଗ ଏସବୁ କାରଖାନାର ଜଳ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା କିମ୍ବା ଚଢ଼ାଉ କରିବା ତ ଦୂରର କଥା, ତାଗିଦା ମଧ୍ୟ କରୁନାହିଁ। ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲାପାଳ ଏବଂ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଏପ୍ରିଲ ୧୦ରେ ସମୂହ ବ୍ରତୋପନୟନ

ପୁରୀ,୨୮।୩(ଅଜିତ୍ କୁମାର ମହାନ୍ତି)

ମା' ଉଗ୍ରତାରା ଯୁବକ ସଂଘ ପଶ୍ଚିମଦ୍ୱାର ପକ୍ଷରୁ ନିଃଶୁଳ୍କ ସମୂହ ବ୍ରତୋପନୟନ ଆସନ୍ତା ୧୦ରେ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ନିକଟରେ ଅନୁଷ୍ଠିତ ହେବ। ଗରିବ ବ୍ରାହ୍ମଣ ବାଳକମାନେ ଏହି ବ୍ରତୋପନୟନ ଉପଲକ୍ଷେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଶନିବାର ସନ୍ଧ୍ୟାରେ ସଂଘ ପକ୍ଷରୁ ହଲିଡେ ରିସର୍ଟ ହୋଟେଲ ସଭାଗୃହରେ ଏକ ଖବରଦାତା ସମ୍ମିଳନୀ ସଭାପତି ସୌମେନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ଗରିବ ବ୍ରାହ୍ମଣ ପିଲାଙ୍କୁ ବିନା ଖର୍ଚ୍ଚରେ ବ୍ରତ କରାଯିବ। ବ୍ରାହ୍ମଣ ବାଳକ ତାଙ୍କର ପିତାମାତା ଓ ମାମୁ, ମାଇଁଙ୍କ ପାଇଁ ରହିବା ଖାଇବା ଓ ବ୍ରତ ସରଞ୍ଜାମ ଯୋଗାଇ ଦିଆଯିବ। ଶ୍ରୀମନ୍ଦିର ଚାରିପଟ ବର୍ଣ୍ଣାଢ୍ୟ ରୋଶଣି ଶୋଭାଯାତ୍ରାରେ ବ୍ରତଧାରୀମାନେ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ। ବ୍ରତଧାରୀମାନେ ଖୁସିରେ ଘରକୁ ଫେରିବେ ସେଥିପାଇଁ ଅନୁଷ୍ଠାନ ଅଧିକ ଯତ୍ନବାନ ହେବ। ବ୍ରାହ୍ମଣ ଓ ବାରିକ ଉପସ୍ଥିତ ରହିବେ। ଚଳିତବର୍ଷ ୧୦୦ ବ୍ରାହ୍ମଣ ବାଳକଙ୍କୁ ବ୍ରତ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଉଛି। ଏହି ମହତ୍ କାର୍ଯ୍ୟରେ ଯୋଗଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ମହାନ୍ତି, ନାରାୟଣ ପ୍ରତିହାରୀ, ରାଜକିଶୋର ମହାନ୍ତି, ଅଭିଜିତ ପଣ୍ଡା ,ବୃନ୍ଦାବନ ମହାନ୍ତି ଓ ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ଥିଲେ। ବ୍ରତ ରେଜିଷ୍ଟ୍ରେଶନ ପାଇଁ ଏପ୍ରିଲ୍ ୫ ସୁଦ୍ଧା ୯୯୩୭୩୧୪୦୫୦, ୯୩୩୭୬୦୮୨୯୨, ୯୦୪୦୧୪୬୯୩୬, ୯୮୬୧୨୬୮୦୦, ୯୩୩୮୦୫୮୯୧୩ ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

# ଅଭିମନ୍ୟୁ ସଭାପତି, ପ୍ରସ୍ମିଜିତ ସମ୍ପାଦକ

### ନିମାପଡ଼ା ବାର୍ ଆସୋସିଏଶନ

ନିମାପଡ଼ା,୨୮।୩
(ବିଚିତ୍ରାନନ୍ଦ ସାହୁ)



ସଭାପତି ଅଭିମନ୍ୟୁ ସ୍ୱାଇଁ



ସମ୍ପାଦକ ପ୍ରସ୍ମିଜିତ ପରିଡ଼ା

ନିମାପଡ଼ା ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ବାର୍ ଆସୋସିଏଶନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ନୂତନ ସଭାପତି ଭାବେ ଅଭିମନ୍ୟୁ ସ୍ୱାଇଁ, ଉପସଭାପତି ଦୁର୍ଯ୍ୟୋଧନ ବାରିକ, ସାଧାରଣ ସମ୍ପାଦକ ପ୍ରସ୍ମିଜିତ ପରିଡ଼ା ଏବଂ ସହସମ୍ପାଦକ ଭାବେ ପ୍ରିୟଙ୍କା ରଥ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀଭାବେ ଆଇନଜୀବୀ ଗୌରାଙ୍ଗ ଚରଣ ସାହୁ, ବାଦଲ ସାହେବ ରଥ, ଜୟଦେବ ମିଶ୍ର ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି।

# ବାମନ ସଭାପତି, ପ୍ରଶାନ୍ତ ସମ୍ପାଦକ

### ନିମାପଡ଼ା ଜୁଡିସିଆଲ ବାର୍ ଆସୋସିଏଶନ



ବାମନ ଚରଣ ନାୟକ



ପ୍ରଶାନ୍ତ କୁମାର ରାଉତରାୟ

ନିମାପଡ଼ା ଜୁଡିସିଆଲ ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ଭାବେ ବାମନ ଚରଣ ନାୟକ, ଉପସଭାପତି ପ୍ରଦୀପ୍ତ କୁମାର ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ରାଉତରାୟ ଓ ସହସମ୍ପାଦକ ଭାବେ ସରୋଜ କୁମାର ଦାଶ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ପ୍ରତାପ କୁମାର ପଣ୍ଡା ନିର୍ବାଚନ ଅଧିକାରୀଭାବେ ଏହି ନିର୍ବାଚନ ପରିଚାଳନା କରିଥିଲେ।

# ଡେଲାଙ୍ଗରେ ଚୋରି, ଡକାୟତି ଘଟଣା ବଢୁଛି: ପୋଲିସ ନିଷ୍କ୍ରିୟ

ଡେଲାଙ୍ଗ,୨୮।୩(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳରେ ଗତ ୧୦ଦିନରେ ୧୫ରୁ ଉର୍ଦ୍ଧ୍ୱ ସ୍ଥାନରେ ଚୋରି ହୋଇଥିବାବେଳେ ପୁଣି ସିରିଜ ଚୋରି ପୋଲିସର ନିଦ ହଜାଇଦେଇଛି। କଲ୍ୟାଣପୁର ପଞ୍ଚାୟତର ହରିପୁର ଓ କଲ୍ୟାଣପୁର ଗ୍ରାମର ୫ଜଣଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ସହିତ ନଗଦ ଟଙ୍କା ଚୋରି ହୋଇଥିବା ଥାନାରେ ପୃଥକ ଭାବେ ଅଭିଯୋଗ ହୋଇଛି। ହରିପୁର ଗ୍ରାମର ମାନସ ସାହୁଙ୍କ ଘରୁ ଗୋଟିଏ ସୁନାହାର, ୨ଟି ଚେନ, ୫ହଳ କାନଫୁଲ, ଗୋଟିଏ ରୁପା ଚେନ ଓ ନଗଦ ୨୭ହଜାର ଟଙ୍କା ଚୋରି ହୋଇଛି। ସେହିପରି ଧଜକିଶୋର ସାହୁ, ଭୁବନାନନ୍ଦ ସାହୁ, ଯୋଗେନ୍ଦ୍ର ମେଷ୍ଟା ଓ କଲ୍ୟାଣପୁର ଗ୍ରାମର ସହଦେବ ପ୍ରଧାନଙ୍କ ଘରୁ ମଧ୍ୟ ଟଙ୍କା ଓ ସୁନାଗହଣା ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଜାରି ରଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଟେର୍ ପାଉନାହିଁ। ସୂଚନା ଥାଉକି, ଗତ ସୋମବାର ରାତିରେ ହୁରୁହୁରା, ଥେଣ୍ଟେଣା ଓ ଡମପୁର ଗ୍ରାମରୁ ଚୋରି ହୋଇଥିବାବେଳେ ସାନଗୁଆଳିପଡ଼ାର ୨ଜଣଙ୍କ ଘରୁ ଚୋରି ଉଦ୍ୟମ ହୋଇଥିଲା। ସେହିପରି ଗତ କିଛିଦିନ ପୂର୍ବେ ଓଡତରବୋଇ ଓ ମୁନିନ୍ଦାରୁ ଚୋରି ହୋଇଥିବାବେଳେ ପୁରୁଣା ଡେଲାଙ୍ଗରେ ଜଣେ ମହିଳାଙ୍କ ବେକରେ ଛୁରି ଲଗାଇ ଦୁର୍ବୃତ୍ତ ଲୁଟ କରିଥିଲେ। ତେବେ ପୋଲିସ ଅଦ୍ୟାବଧି କୌଣସି ଘଟଣାରେ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇପାରିନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି।

# ରାବଣ ତାଟିକୁ ଆମିଷ ଭୋଗ, ପଣା ସମର୍ପଣ

ପୁରୀ,୨୮।୩(ଅଜିତ୍ କୁମାର ମହାନ୍ତି)

ରାମନବମୀଠାରୁ ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ରୀତିନୀତି ସହ ସମ୍ପୃକ୍ତ ଏହି ସାହିଯାତରେ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଶ୍ରୀରାମ ଜନ୍ମଠାରୁ ଆରମ୍ଭକରି ରାମାଭିଷେକ ପର୍ଯ୍ୟନ୍ତ ନୀତିକାନ୍ତି ଅନୁଷ୍ଠିତ ହେବ। ଗତ ୨୭ ତାରିଖରେ କାଳିକାଦେବୀ ସାହି ପକ୍ଷରୁ ଶ୍ରୀରାମ ଜନ୍ମ ଉତ୍ସବ ପାଳିତ ହେବା ସହ ସାହିଯା ଆରମ୍ଭ ହୋଇଥିଲା। ଏପ୍ରିଲ୍ ୪ରେ ବାଲିସାହି ପକ୍ଷରୁ ରାବଣ ଚରିତ୍ରରେ ବାହାରୀ ସେତୁବନ୍ଧ ପ୍ରତିଷ୍ଠା କରିବେ। ସେହିଭଳି ୫ରେ ବାଲିସାହି ପକ୍ଷରୁ ରାବଣବଧ ନୀତି କରାଯିବ। ଏହାପୂର୍ବରୁ ଶନିବାର ଚୈତ୍ର ଦଶମୀ ତିଥିରେ ରାବଣଙ୍କ ତାଟି ମା' ବରାହୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଛି। ପଞ୍ଚୋପଚାରରେ ତାଟିକୁ ଆମିଷ ଭୋଗ ଓ ପଣା ସମର୍ପଣ ହୋଇ ପାରମ୍ପରିକ ଚିତ୍ରକରଙ୍କ ନିକଟକୁ ତାଟି ପଠାଯାଇଛି।

ପାରମ୍ପରିକ ଚିତ୍ରକର ତାଟି ରଙ୍ଗକରି ସେତୁବନ୍ଧ ପ୍ରତିଷ୍ଠା ଦିନ ସକାଳେ ହସ୍ତାନ୍ତର କରିବେ। ଚଳିତବର୍ଷ ବାଲିସାହି ପକ୍ଷରୁ ୩ ଜଣ ବ୍ୟକ୍ତି ରାବଣ ଚରିତ୍ରରେ ଅଭିନୟ କରିବେ। ନରସିଂହ ସୁଆର ସେତୁବନ୍ଧ ପ୍ରତିଷ୍ଠା ରାବଣ ଭୂମିକାରେ, ମହାବୀର ସୁବୁଦ୍ଧି ଦିନ ରାବଣ ଭୂମିକାରେ ଓ ସାହି ନାୟକ ନିରଞ୍ଜନ ମହାପାତ୍ର ବଧ ରାବଣ ନୀତି ସମ୍ପାଦନ କରିବେ। ଏନେଇ ନରସିଂହ କହିଛନ୍ତି, ଚଳିତ ବର୍ଷକୁ ମିଶାଇ ସେ ୪ର୍ଥ ଥର ପାଇଁ ଏହି ନୀତି ସମ୍ପାଦନ କରିବାକୁ ଯାଉଛନ୍ତି। ରାବଣ ମହାଜ୍ଞାନୀ ଥିଲେ। ରାବଣ ତାଟି ବନ୍ଧେଇବାକୁ ହେଲେ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ନିଷ୍ଠାର ସହ ରହି ପରିଶ୍ରମ କରିବାକୁ ପଡ଼ିଥାଏ ବୋଲି ସେ କହିଛନ୍ତି। ଦିନ ରାବଣ ନୀତି କରିବାକୁ ଯାଉଥିବା ମହାବୀର କହିଛନ୍ତି, ପ୍ରଭୁଙ୍କ ଇଚ୍ଛାରେ ସମସ୍ତ କାର୍ଯ୍ୟ ହେଉଛି। ତାଙ୍କ ମହିମା ବଳରେ ବହୁତ ଓଜନର ତାଟି ମଧ୍ୟ ହାଲୁକା ହୋଇଯାଏ। ରାବଣ ହେବା ଭାଗ୍ୟର କଥା ବୋଲି ସେ କହିଛନ୍ତି।

ସେହିପରି ବଧ ରାବଣ ନୀତି କରିବାକୁ ଯାଉଥିବା ସାହି ନାୟକ ମହାପାତ୍ର କହିଛନ୍ତି, ବଧନୀତି ଦିନ ଏଠାରେ ବେଶ ହୋଇ ବନ୍ଧୁସାହି ହରଚଣ୍ଡୀ ସାହିକୁ ନୃତ୍ୟ ପ୍ରଦର୍ଶନ କରି ଯାଇଥାଉ। ଯଜ୍ଞେଶ୍ୱର ମନ୍ଦିର ପରିସରରେ ରୁକ୍ମିଣୀ ବଟ ରହିଛି। ସେଠାରେ ରାବଣ ଯଜ୍ଞ କରିବା ବେଳେ ହନୁମାନ ବାଧା ଦେବେ। ସେଠାରୁ ରାବଣ ମଣିକର୍ଣ୍ଣିକା ସାହିଦେଇ ମାର୍କଣ୍ଡେଶ୍ୱର ସାହି ଆଖଡ଼ା ଭଗବତୀ କୋଟକୁ ଯିବେ। ସେଠାରେ ପଣା ପିଇବା ପରେ ଗଜପତିଙ୍କ ରାଜନଅର ସମ୍ମୁଖକୁ ଯାଇ ଶ୍ଳୋକ ଗାଇବା ପରେ ଜଗନ୍ନାଥବଲ୍ଲଭଠାରେ ନୀତି ସମ୍ପାଦନ ହେବ। ଶ୍ରୀରାମଙ୍କ ଶରରେ ରାବଣ ବଧନୀତି କରାଯିବ। ରାବଣ ତାଟ ବନ୍ଧେଇବା ପାଇଁ ସ୍ୱତନ୍ତ୍ର ପରିଶ୍ରମ କରିବାକୁ ପଡ଼ିବ। ଯେଉଁମାନେ ଏହି ନୀତି କରିବେ ସେମାନେ ୨୧ ଦିନ ପୂର୍ବରୁ ବାହାରେ ଖାଦ୍ୟ ଗ୍ରହଣ କରନ୍ତି ନାହିଁ। ନିଷ୍ଠାର ସହ ରହିବାକୁ ପଡ଼େ। ବିବାହ ପରେ ହିଁ ଜଣେ ବ୍ୟକ୍ତି ରାବଣ ତାଟି ବନ୍ଧେଇପାରିବେ। ତାଟିର ଓଜନ ୩୫ କି.ଗ୍ରା.ରୁ ଅଧିକ ହୋଇଥାଏ। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ହୋଇଥାଏ ବୋଲି ସାହି ନାୟକ କହିଛନ୍ତି।

### 'ରାବଣ ତାଟି ବନ୍ଧେଇ ଭାଗ୍ୟର କଥା'



ରାବଣ ତାଟିକୁ ପୂଜାର୍ଚ୍ଚନା କରାଯାଉଛି ।

ତାଟି ରଙ୍ଗ ଦେଉଥିବା ଯୁବ ଚିତ୍ରକର ରଜତ ମହାରଣା କହିଛନ୍ତି, ବଂଶାନୁକ୍ରମେ ରାବଣ ତାଟି ରଙ୍ଗ କରୁଛୁ। ତାଟି ପୂଜାପରେ ରାବଣ ତାଟି ରଙ୍ଗ ପାଇଁ ଘରକୁ ଯାଇଥାଏ। ସେଠାରେ ରଙ୍ଗହୋଇ ପୁନର୍ବାର ବରାହି ମନ୍ଦିରକୁ ଆସିଥାଏ। ବାଲିସାହି ଆଖଡ଼ା ସମ୍ପାଦକ ନରେନ୍ଦ୍ର ମହାନ୍ତି କହିଛନ୍ତି, କାହିଁ କେଉଁ ଆବହମାନ କାଳରୁ ଏହି ତାଟି ରହିଛି। ପରମ୍ପରା ଅନୁଯାୟୀ, ଦଶମୀ ତିଥିରେ ମା'ଙ୍କ ନିକଟରେ ପୂଜା ହୋଇଛି। ବର୍ଷତମାମ୍ ତାଟି ମା'ଙ୍କ ମନ୍ଦିରରେ ରହିଥାଏ। ୩୦ କି.ଗ୍ରା.ରୁ ଅଧିକ ଏହି ତାଟିର ଓଜନ। ଝୁଣା, ଚନ୍ଦନଗୁଣ୍ଡ ଆଦି ଔଷଧରେ ତିଆରି ରାକ୍ଷସ ମସ୍ତକ। ବଳକା ଅଂଶ ହୁଙ୍କା ମାଟି ଓ ନିମକାଠ ଗୁଣ୍ଡମିଶ୍ରିତ ବିଭିନ୍ନ ପଦାର୍ଥ। ଦୈନିକ ତାଟିକୁ ଫୁଲ ପାଣି ପକାଯାଏ। ତାଟିକୁ ଚିତ୍ରକର ରଙ୍ଗ କରନ୍ତି, ମାତ୍ର ପୂଜକ ଯାଇ ପଣା ଭୋଗ କରିବା ପରେ ହିଁ ଆଖି ଦିଆଯାଇଥାଏ। ତାଟି ରଖିବାରେ ବିଶୃଙ୍ଖଳା ହେଲେ ବିଭ୍ରାଟ ହୁଏ। ଏପରିକି ଚିତ୍ରକରଙ୍କ ଘରେ ଅଘଟଣ ଘଟିଥିବା ନେଇ ଲୋକକଥା ରହିଛି।

**ଶିରିଡ଼ି ସାଇ ମନ୍ଦିରର ବାର୍ଷିକୋତ୍ସବ**

ଚୌଦ୍ୱାର,(ଆଶୁତୋଷ ଦାସ): ଚାରବାଟିଆ ହାଉସିଂବୋର୍ଡସ୍ଥିତ ଶିରିଡ଼ି ସାଇବାବା ମନ୍ଦିରର ଚତୁର୍ଦ୍ଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳସ ଯାତ୍ରା, ଅଧିବାସ, ମଣ୍ଡଳ ସ୍ଥାପନ, ଗୋପୂଜା ଆଦି ସହିତ ବାବାଙ୍କ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ମହାଯଜ୍ଞରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରି ଆହୁତି ପ୍ରଦାନ କରିଥିଲେ। ଶୁକ୍ରବାର ବାବାଙ୍କର ପାଲିଙ୍କି ଶୋଭାଯାତ୍ରା ହାଉସିଂବୋର୍ଡ଼, ଟେନାମେଣ୍ଟ, ବିରାଟ ବଜାର ଆଦି ଅଞ୍ଚଳ ପରିକ୍ରମା କରିଥିଲା। ଏହି ଉପଲକ୍ଷେ ସାଇବାବାଙ୍କ ମନ୍ଦିରରେ ଭଜନ ସମାରୋହ ଏବଂ ଆନନ୍ଦବଜାର ଅନୁଷ୍ଠିତ ହୋଇଥିଲା।

# ଏସ୍‌ସିବି ଆଇସିୟୁରେ ଶଯ୍ୟା ଅଭାବ

- ୨୦୭ରୁ କାମରେ ଲାଗୁଛି ୧୯୩
- ଅଗ୍ନିକାଣ୍ଡରେ ନଷ୍ଟ ହୋଇଛି ୧୪ ଶଯ୍ୟା

କଟକ,୨୮।୩(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଆଇସିୟୁ ଶଯ୍ୟା ପାଇବାକୁ ଗୁରୁତର ରୋଗୀ ହଇରାଣ ହେଉଛନ୍ତି। ଏପରିକି ଆଇସିୟୁ ଆବଶ୍ୟକ କରୁଥିବା ରୋଗୀ କିଏ ଶଯ୍ୟା ପାଇଁ ଅପେକ୍ଷା କରି ରହିଛି ତ କିଏ ଅନ୍ୟ ହସ୍ପିଟାଲ ଯାଉଥିବା ଦେଖିବାକୁ ମିଳିଛି। ଏବେ ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ପରଠୁ ଏହି ସମସ୍ୟା ଅଧିକ ବଢ଼ିବାରେ ଲାଗିଛି। ନିଆଁ ଲାଗି ସମ୍ପୂର୍ଣ୍ଣ ଆଇସିୟୁ ପୋଡିବାରୁ ଏବେ ମେଡିକାଲରେ ରୋଗୀ ଆଇସିୟୁ ସୁବିଧା ପାଇବାକୁ ନାକେଦମ ହେଉଛନ୍ତି। ଅନ୍ୟପଟେ ମେଡିକାଲରେ ରୋଗୀଙ୍କୁ ଆଇସିୟୁ ଶଯ୍ୟା ଯୋଗାଇ ଦେବାକୁ ପ୍ରଚେଷ୍ଟା କରାଯିବା ସହ ଟ୍ରମା ଆଇସିୟୁ ବଦଳରେ ଅନ୍ୟାନ୍ୟ ବିଭାଗରେ ଥିବା ଆଇସିୟୁକୁ ରୋଗୀଙ୍କୁ ପଠାଯାଉଛି। ଏବେ ଏଥିପାଇଁ ସଂଘର୍ଷ କରିବାକୁ ପଡୁଥିବା ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡିକାଲରେ ସମୁଦାୟ ୨୦୭ଟି ଆଇସିୟୁ ଶଯ୍ୟା ରହିଛି। ସେଥିରୁ ମାତ୍ର ୧୯୩ଟି ଶଯ୍ୟାରେ ଗୁରୁତରଙ୍କ ଚିକିତ୍ସା କରାଯାଉଛି। ମେଡିକାଲର ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ହେବାରୁ ଅନ୍ୟ ୧୪ଟି ଶଯ୍ୟା ସମ୍ପୂର୍ଣ୍ଣ ଭାବେ ପୋଡିଯାଇଛି। ତେବେ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ପରେ ଉକ୍ତ ଶଯ୍ୟା ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଯୋଗାଉଥିବା ସଂସ୍ଥାର ସ୍ୱତନ୍ତ୍ର ଟିମ୍ ଆସି ଆଇସିୟୁ ଯାଞ୍ଚ କରିଛି। ହେଲେ ଏହି ଘଟଣାକୁ ଦୁଇ ସପ୍ତାହ ବିତିବାକୁ ଥିବାବେଳେ ଏବେ ଯାଏ ବଳକା ଥିବା ୧୪ଟି ଶଯ୍ୟାର କୌଣସି ବିକଳ୍ପ କରାଯାଇ ନାହିଁ। ବରଂ କେବଳ ଟ୍ରମା ଆଇସିୟୁ ବଦଳରେ ରୋଗୀଙ୍କୁ ଅନ୍ୟ ବିଭାଗର ଆଇସିୟୁକୁ ପଠାଯାଉଥିବା ସୂଚନା ମିଳିଛି। ତେବେ ଏସ୍‌ସିବିକୁ ପ୍ରତ୍ୟେକ ଦିନ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବାବେଳେ ସେଥିମଧ୍ୟରୁ ବହୁ ଗୁରୁତର ମଧ୍ୟ ରହିଥାନ୍ତି। ଏସ୍‌ସିବି ଆଇସିୟୁ ଶଯ୍ୟା ସଙ୍କଟ ଏବେ ଯେପରି ବୋଝ ପାଲଟିଛି। ଉକ୍ତ ପ୍ରସଙ୍ଗରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

## ମହିଳାଙ୍କ ବେକରୁ ସୁନା ଚେନ ଲୁଟିନେଲେ ମହିଳା

ମଙ୍ଗୁଲି-ଜଗତପୁର,୨୮।୩(ମାନସ ସାମଲ)

ଜଗତପୁର ଥାନା ଅଧୀନ ଇମାମନଗରସ୍ଥିତ ରାମ ମନ୍ଦିର ପରିସରରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଚୌଦ୍ୱାର ଥାନା ଅଧୀନ ୯ ନମ୍ବର ୱାର୍ଡର ବାସିନ୍ଦା ବିନତି ବିଶ୍ୱାଳ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପୂଜାର୍ଚ୍ଚନା ପାଇଁ ଜଗତପୁରସ୍ଥିତ ଇମାମନଗର ରାମ ମନ୍ଦିରକୁ ଆସିଥିଲେ। ପୂଜା ସାରି ମନ୍ଦିରରେ ମୁଣ୍ଡିଆ ମାରୁଥିବା ସମୟରେ ଜଣେ ମହିଳା ପଛ ପଟୁ ତାଙ୍କ ଶାଢିରେ ହାତ ପୂରାଇ ବେକରୁ ୧୪ ଗ୍ରାମ ଓଜନର ସୁନା ଚେନ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ବିନତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦୦/୨୬) ରୁଜୁ କରିବା ସହ ସିସିଟିଭି ଆଧାରରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

## ଉଭୟ ପକ୍ଷଙ୍କୁ ୩୫ ଧାରାରେ ଛାଡ଼ିଲା ପୋଲିସ

**ବିଦ୍ୟାଳୟରେ ଗଣ୍ଡଗୋଳ ଘଟଣା**

କଟକ ସଦର,୨୮।୩(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ସୋମପୁର ପଞ୍ଚାୟତ ଥୋରିଆପଡା ସରକାରୀ ବିଦ୍ୟାଳୟରେ ଗତ ୧୭ ତାରିଖରେ ଏକ ନିର୍ଦ୍ଦିଷ୍ଟ ପରିବାର ଲୋକଙ୍କ ସହିତ ଶିକ୍ଷକଙ୍କ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଶନିବାର ପୋଲିସ ଉଭୟ ପକ୍ଷକୁ ବିଏନଏସ ଧାରା ୩୫(୩)ରେ ନୋଟିସ କରି ଛାଡ଼ି ଦେଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାଜିଦ ଅଲ୍ଲୀ ଥାନାରେ ଏତଲା ଦେଇ ତାଙ୍କୁ ଜଣେ ମହିଳା ମାରଧର କରିବା ସହ ବିଦ୍ୟାଳୟର ଆସବାବପତ୍ର ଭାଙ୍ଗି ଦେଇଛନ୍ତି ବୋଲି ଅଭିଯୋଗ କରିଥିଲେ। ସେହିପରି ମହିଳାଙ୍କ ପକ୍ଷରୁ ଶିକ୍ଷକ ମାଡ଼ମାରି ଆହତ କରିଛନ୍ତି ବୋଲି ମଧ୍ୟ ପାଲଟା ଏତଲା ଦିଆଯାଇଥିଲା।

## ଭାଜପା କଟକ ଜିଲା କାର୍ଯ୍ୟାଳୟ ପାଇଁ ଜମି ଅଧିଗ୍ରହଣ

କଟକ,୨୮।୩(ଶିଳ୍ପା ପ୍ରିୟଦର୍ଶିନୀ)

ସିଡିଏ ସେକ୍ଟର-୧୩ରେ କଟକ ଜିଲା ଭାଜପା କାର୍ଯ୍ୟାଳୟ ନିମନ୍ତେ ଦଶହଜାର ବର୍ଗଫୁଟ୍‌ର ଜମି ଦଳ ନାମରେ ପଞ୍ଜୀକରଣ କରାଯାଇଛି। ତେବେ ଏହି ଜମି ପଞ୍ଜୀକରଣ ପାଇଁ କିଛି ଦିନ ପୂର୍ବେ ରାଜ୍ୟ ସଭା ସଦସ୍ୟ ମନମୋହନ ସାମଲ କଟକ ରେଜିଷ୍ଟ୍ରି କାର୍ଯ୍ୟାଳୟରେ ଏହାର ପଞ୍ଜୀକରଣ କରାଇଥିଲେ। ତେବେ ଏହି ପଞ୍ଜୀକରଣ ସ୍ୱଷ୍ଟୀକରଣ ପରେ କର୍ମୀମାନେ ରାଜ୍ୟ ସଭା ସଦସ୍ୟ ମନମୋହନ ସାମଲ ଓ ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କୁ କୃତଜ୍ଞତା ଜଣାଇଥିବା ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

## ଶ୍ରୀରାମଲାଲା ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଚୌଦ୍ୱାର,୨୮।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧ ନଂ. ୱାର୍ଡ ଗୁପ୍ତେଶ୍ୱର ସାହିରେ ଶ୍ରୀରାମଲାଲାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ମହାଯଜ୍ଞରେ ରଘୁନାଥ ପରିଡ଼ା ଓ ତାଙ୍କ ପତ୍ନୀ କର୍ତ୍ତାକର୍ତ୍ତୀ ଭାବେ ଆହୁତି ପ୍ରଦାନ କରିଥିଲେ। ନବନିର୍ମିତ ମନ୍ଦିର ପ୍ରତିଷ୍ଠା କରାଯାଇ ଶ୍ରୀରାମ, ଲକ୍ଷ୍ମଣ, ସୀତାମାତା ଓ ହନୁମାନଙ୍କ ବିଗ୍ରହକୁ ନଗର ପରିକ୍ରମା କରାଯାଇ ମନ୍ଦିର ପ୍ରବେଶ କରାଯାଇଥିଲା। ଅଞ୍ଚଳର ବହୁ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ସହିତ ଆନନ୍ଦ ବଜାରରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ଚନ୍ଦନ କୁମାର ଦାସ ଓ ସାଥିମାନେ ବୈଦିକ ରୀତିନୀତିରେ ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଗୁପ୍ତେଶ୍ୱର ସାହି ସଭାପତି ବିଷ୍ଣୁ ଚରଣ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ହରିହର ପରିଡ଼ା, ରବୀନ୍ଦ୍ର ସାହୁ, ଧରଣୀଧର ପରିଡ଼ା, ପ୍ରଶାନ୍ତ କୁମାର ସ୍ୱାଇଁ, ଚିତ୍ତରଞ୍ଜନ ମହାରଣା, ବିକ୍ରମ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା, ପାରିଷଦ ଓ ସ୍ଥାନୀୟ ନାଗରିକ ଉତ୍ସବରେ ଯୋଗଦେଇ ବିଭୁକୃପା ଲାଭ କରିଥିଲେ।



ମୃଣ୍ମୟୀ ପ୍ରତିମାଙ୍କୁ ବିସର୍ଜନ ପାଇଁ ଶନିବାର ଶୋଭାଯାତ୍ରାରେ ନିଆଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

## ଆରମ୍ଭ ହେଲା ବାସନ୍ତୀ ଦୁର୍ଗାଙ୍କ ଭସାଣି ଯାତ୍ରା

କଟକ,୨୮।୩(ଶିଳ୍ପା ପ୍ରିୟଦର୍ଶିନୀ)

ବାସନ୍ତୀ ଦୁର୍ଗାଙ୍କ ଭସାଣି ଉତ୍ସବ ଆରମ୍ଭ ହୋଇଯାଇଛି। ଦୁଇଦିନ ଧରି ଭସାଣି ଯାତ୍ରା ଅନୁଷ୍ଠିତ ହେବାକୁଥିବାବେଳେ ଶନିବାର ବଙ୍ଗାଳୀସାହି, ମର୍କତନଗର ଭାରତ ମାତା ପୂଜନ ସମିତି, ଶିଖରପୁର, ବୈଷ୍ଣବ ପରିବାର ଫିରିଙ୍ଗି ବଜାର (ଚାନ୍ଦି) ଓ ମାଛୁଆ ବଜାର ସର୍ପାଦୁର୍ଗା ପ୍ରତିମା (ଚାନ୍ଦି) ଦେବୀଗଙ୍କ ବିସର୍ଜନ କରାଯାଇଛି। ପ୍ରତିମାଗୁଡିକ ନିଜ ନିଜ ସାହି ପରିକ୍ରମା କରିବା ପରେ ଅପରାହ୍ନ ୪ଟାରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରଥମ ପର୍ଯ୍ୟାୟ ଭସାଣ ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ କରାଯିବା ନିମନ୍ତେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ରବିବାର ଦ୍ୱିତୀୟ ପର୍ଯ୍ୟାୟ ଭସାଣି ଯାତ୍ରାରେ ସହରର ପ୍ରମୁଖ ୧୩ଟି ପ୍ରତିମା ସାମିଲ ହେବେ। ସୂଚନାଥାଉକି, ଗତ ୨୪ରୁ ସହରର ୧୮ଟି ମଣ୍ଡପରେ ବାସନ୍ତୀ ଦୁର୍ଗାଙ୍କ ପ୍ରତିମା ପୂଜା ପାଉଥିବାବେଳେ ୨ଟି ପର୍ଯ୍ୟାୟରେ ଭସାଣ ଉତ୍ସବ କରାଯିବାକୁ ପୂର୍ବରୁ ସ୍ଥିର ହୋଇଥିଲା।

## ଶୈଳବାଳା ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର

କଟକ,୨୮।୩(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ଶରତ କୁମାର ପାଲିତ ଯୋଗଦେଇ ଜୈବବିବିଧତାର ସଂରକ୍ଷଣ ଏବଂ ନିରନ୍ତର ବିକାଶ ଶୀର୍ଷକରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୨୦୨୪-୨୫ ଶିକ୍ଷାବର୍ଷରେ ପ୍ରାଣୀ ବିଜ୍ଞାନ ବିଭାଗ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ନାତକ ଛାତ୍ରୀ ଅଲିଶା ବିଶ୍ୱାଳ ଓ ସ୍ନାତକୋତ୍ତର ଛାତ୍ରୀ ବରିରା ଉକ୍‌ବାଙ୍କୁ ବ୍ରଜମୋହନ ମେମୋରିଆଲ ଆୱାର୍ଡ ତଥା ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୪୭ତମ ସେମିନାର ବୁଲେଟିନ ଲାଇପ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ପୁଷ୍ପଲତା ପାଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସେମିନାର ଇନ୍‌ଚାର୍ଜ ଡ. ପ୍ରୀତିପ୍ରଜ୍ଞା ରାଏ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହକାରୀ ପ୍ରାଧ୍ୟାପକ ସୁରେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିବାନୀ ଦାଶ, ଆନନ୍ଦା ରୁକ୍ମିଣୀ, ନାରାୟଣ ମହାନ୍ତି, ସ୍ୱରାଞ୍ଜଳି ଜେନା, ଅରୋଶିଖା ମହାନ୍ତି, ଏଲୋରା ପ୍ରିୟଦର୍ଶିନୀ ପାଲ, ଡେଜି ସେନାପତି, ପ୍ରିୟଦର୍ଶିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହରପ୍ରସାଦ ଦାସ ପାଇବେ ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ

କଟକ,୨୮।୩(କାର୍ତ୍ତିକ ସାହୁ)

ଉତ୍କଳସାହିତ୍ୟସମାଜପକ୍ଷରୁକବି, ପ୍ରାବନ୍ଧିକ, ଅନୁବାଦକ ତଥା ସ୍ତମ୍ଭକାର ହରପ୍ରସାଦ ଦାସଙ୍କୁ ଚଳିତ ବର୍ଷର ଜଷ୍ଟିସ ଦୀପକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏପ୍ରିଲ ୩ ତାରିଖ ସନ୍ଧ୍ୟାରେ ଶତାବ୍ଦୀ ଭବନଠାରେ ଆୟୋଜିତ ଭବ୍ୟ ସମାରୋହରେ ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ସମ୍ମାନ ବାବଦରେ ଏକ ଲକ୍ଷ ଟଙ୍କା, ମାନପତ୍ର, ତାମ୍ରଫଳକ, ଉତ୍କଳ ସାହିତ୍ୟ ସମାଜର ପ୍ରତୀକ ଚିହ୍ନ ଓ ଉପଢ୍ୗୌକନ ପ୍ରଦାନ କରାଯିବ। ଅନୁଷ୍ଠାନ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ଏନେଇ ଅନୁମୋଦନ କରାଯାଇଛି। ଜଣେ ଖ୍ୟାତିସମ୍ପନ୍ନ କବି ଭାବେ ଦାସଙ୍କ ପରିଚୟ ରହିଛି। ଗର୍ଭଗୃହ, ମନ୍ତ୍ରପାଠ, ହାର୍ମୋନିୟମ, ତୋ ବଂଶ, ଓ ଜାତିର ଜୀବନକଥା, ଆଧୁନିକତାର ପରମ୍ପରା, ଆଧୁନିକତାର ସମକାଳ ଆଦି ଅନେକ କୃତିର ସେ ସ୍ରଷ୍ଟା। ଗତବର୍ଷଠାରୁ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଓ ତାଙ୍କ ପରିବାରର ସହଯୋଗରେ ଏହି ସମ୍ମାନ ପ୍ରଦାନ କରାଯାଉଛି। ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ଦାଶରଥି ଦାସ ପ୍ରଥମେ ଏହି ସମ୍ମାନ ଲାଭ କରିଥିଲେ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଓ ସଙ୍ଗଠନ ସମ୍ପାଦକ ଶଶିକାନ୍ତ ରାଉତ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ହୋପ୍ ଫାଉଣ୍ଡେଶନ ପକ୍ଷରୁ ଓ୍ୱଣ୍ଡର ଫାଷ୍ଟ ଆୱାର୍ଡ-୨୦୨୬ ପ୍ରଦାନ

ଫୁଲନଖରା,୨୮।୩(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅଧୀନ ଅନନ୍ତପୁରସ୍ଥିତ ଶ୍ରୀସାଇ ପବ୍ଲିକ ସ୍କୁଲରେ ସ୍ୱେଚ୍ଛାସେବୀ ସଙ୍ଗଠନ ହୋପ୍ ଫାଉଣ୍ଡେଶନ ପକ୍ଷରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ମହାରଣା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ଆଦିତ୍ୟ ଛୋଟରାୟ ଏବଂ ସାଇ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଜିତେନ୍ଦ୍ର କୁମାର ସାସମଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଇଣ୍ଟର ସ୍କୁଲସ୍ତରୀୟ ଓ୍ୱଣ୍ଡର ଫାଷ୍ଟ ଆୱାର୍ଡ ୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗୀତାରେ ମୋଟ ୨୫ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ପ୍ରିନ୍ସିପାଲ ସୁଚିସ୍ମିତା ସାସମଲଙ୍କ ନିର୍ଦ୍ଦେଶନାରେ ଶିକ୍ଷୟିତ୍ରୀ ସୁନିତା ରଣା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଲୋପିତା ବେହେରା, ବନ୍ଦିତା ପ୍ରଧାନ, ଦିବ୍ୟାଶା ଦାସ, ସ୍ମୃତିରେଖା ପ୍ରଧାନ, ମୌସୁମୀ ସାସମଲ, ରିତୁପର୍ଣ୍ଣା ପାତ୍ର, ଗୀତାଞ୍ଜଳି ମହାନ୍ତି, ଶୁଭଶ୍ରୀ ପରିଡ଼ା, ଭାଗ୍ୟଶ୍ରୀ ମହାପାତ୍ର, ଦେବଦର୍ଶନୀ ରାଉତରାୟ ଓ ନୂତନ ବାରିକ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ଲଲାଟେନ୍ଦୁ ସଭାପତି, ହୃଦାନନ୍ଦ ସମ୍ପାଦକ

**ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ**

କଟକ,୨୮।୩(କାର୍ତ୍ତିକ ସାହୁ)





ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଭାବେ ଲଲାଟେନ୍ଦୁ ସାମନ୍ତରାୟ ମୋଟ ୧୭୧୮ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ହୃଦାନନ୍ଦ ମହାପାତ୍ର ୭୪୦ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଉପସଭାପତି ଭାବେ ପ୍ରଦୀପ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ୍ତ କୁମାର ମହାନ୍ତି, ପାଠାଗାର ସମ୍ପାଦକ ବାସୁଦେବ ବାରିକ୍, କୋଷାଧ୍ୟକ୍ଷ ସଂଯୁକ୍ତାବାଳା ଦାସ, ସହକାରୀ ସମ୍ପାଦକ ସୁଲୋଚନା ପାତ୍ର ଏବଂ କାର୍ଯ୍ୟକାରୀ କମିଟିକୁ ୧୦ଜଣ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ମୋଟ ୩୩୪୬ଜଣ ସଦସ୍ୟ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବା ବେଳେ ୧୦ଟି ଭୋଟ ନାକଚ ହୋଇଥିବା ଜଣାପଡ଼ିଛି।

## ଗୋବର୍ଦ୍ଧନ ସଭାପତି, ଦିଲୀପ ସମ୍ପାଦକ

**କଟକ ବାର୍ ଆସୋସିଏଶନ ନିର୍ବାଚନ**

କଟକ,୨୮।୩(କାର୍ତ୍ତିକ ସାହୁ)





କଟକ ବାର୍ ଆସୋସିଏଶନର ସଭାପତି ଭାବେ ଗୋବର୍ଦ୍ଧନ ସ୍ୱାଇଁ ଓ ସମ୍ପାଦକ ଭାବେ ଦିଲୀପ କୁମାର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଅନାଦି ଚରଣ ଷଡ଼ଙ୍ଗୀ, ଯୁଗ୍ମ ସମ୍ପାଦକ ଭାବେ ମହେନ୍ଦ୍ରଲାଲ୍ ଜେନା, କୋଷାଧ୍ୟକ୍ଷ ଦେବାଶିଷ ମହାନ୍ତି, ସହକାରୀ ସମ୍ପାଦକ ଶୈବାଳିନୀ ମଲ୍ଲିକ୍ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ମମତା ସ୍ୱାଇଁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ପାଠାଗାର ସମ୍ପାଦକ ପଦ ଲାଭ କରିଛନ୍ତି। କାର୍ଯ୍ୟକାରୀ କମିଟିକୁ ଲିଜା ଭଞ୍ଜଦେଓ, ରାମଚନ୍ଦ୍ର ସ୍ୱାଇଁ, ସତ୍ୟ ରାଉତରା, ଗୋବିନ୍ଦ ଚନ୍ଦ୍ର ରାୟ ନିର୍ବାଚିତ ହୋଇଛନ୍ତି।

## ବାଦଲ ସଭାପତି, ଗଦାଧର ସମ୍ପାଦକ

**କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ ନିର୍ବାଚନ**

କଟକ,୨୮।୩(କାର୍ତ୍ତିକ ସାହୁ)





କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ ନିର୍ବାଚନରେ ସଭାପତି ଭାବେ ବାଦଲ ଚନ୍ଦ୍ର ରାୟ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅକ୍ଷୟ କୁମାର ସାହୁଙ୍କଠାରୁ ୨୬୪ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଉପସଭାପତି ପଦରେ ତାପସ କୁମାର ନାୟକ ଓ ଯୁଗ୍ମ ସମ୍ପାଦକ ଭାବେ ଲକ୍ଷ୍ମୀପ୍ରିୟା ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ଗଦାଧର ସାହୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜଗନ୍ନାଥ ମହାନ୍ତିଙ୍କଠାରୁ ୨୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ସମରେନ୍ଦ୍ର ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଞ୍ଜୟ କୁମାର ବେହେରାଙ୍କଠାରୁ ୩୨୨ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ପାଠାଗାର ସମ୍ପାଦକ ପ୍ରାର୍ଥୀ ଭାବେ ସନ୍ଧ୍ୟାରାଣୀ ଦାଶ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଷ୍ଣୁପ୍ରିୟା ବେହେରାଙ୍କଠାରୁ ୧୫୬ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ ସଦସ୍ୟ ଭାବେ ବିଛନ୍ଦା ନାୟକ, ବିଜୟ କୁମାର ସାହୁ, ଦେବୀପ୍ରସାଦ ଦଳେଇ, ମାନସ ରଞ୍ଜନ ପୃଷ୍ଟି, ନେପାଳ ପ୍ରକାଶ ସାମନ୍ତ, ପ୍ରଦୀପ୍ତ କୁମାର ମହାନ୍ତି ଓ ପ୍ରତୀକ୍ଷା ରଥ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## ଏମ୍.ଭି ଲୟର୍ସ ଆସୋସିଏଶନ ନିର୍ବାଚନ

କଟକ,୨୮।୩(କାର୍ତ୍ତିକ ସାହୁ)

ମୋଟର ଭେହିକିଲ (ଏମ୍.ଭି) ଲୟର୍ସ ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଜିତେନ୍ଦ୍ର ମହାନ୍ତି, ସମ୍ପାଦକ ଭାବେ ବିଜୟ କମାର ମହାନ୍ତି, ଉପସଭାପତି ଭାବେ ଜ୍ୟୋତିରଞ୍ଜନ ମହାନ୍ତି, ଯୁଗ୍ମ ସମ୍ପାଦକ (୧)ଭାବେ ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ଯୁଗ୍ମ ସମ୍ପାଦକ (୨) ଭାବେ ଈଶ୍ୱର ଚନ୍ଦ୍ର ହରିଚନ୍ଦନ, କୋଷାଧ୍ୟକ୍ଷ ଭାବେ ଲିଟୁ ପ୍ରଧାନ, ପାଠାଗାର ସମ୍ପାଦକ ଭାବେ ଚିତ୍ତରଞ୍ଜନ ଧଳ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ରାଜେଶ ପ୍ରସାଦ ଭଗତ୍, ସିଦ୍ଧାର୍ଥ ଶଙ୍କର ଘୋଷ, ସୁବ୍ରତ କୁମାର ନାୟକ, ଶାନ୍ତନୁ କୁମାର ଦାସ, ଜିତେନ୍ଦୁ ମହାନ୍ତି, ସୁଧାଂଶୁ ଶେଖର ପ୍ରଧାନ, ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ ଏବଂ ଶୁଭଲକ୍ଷ୍ମୀ ବେହେରା ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ସଦସ୍ୟ ଅନିରୁଦ୍ଧ ନାୟକ ନିର୍ବାଚନା ପରିଚାଳନା କରିଥିଲେ।

# ଦୁର୍ବୃତ୍ତଙ୍କ ନିଆଁରେ ଜଳିଗଲା ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ଗଛ

ବ୍ରାହ୍ମଣଝରିଲୋ,୨୮।୩

କଟକ ସଦର ଥାନା ଅନ୍ତର୍ଗତ ଉଷୁମା ଗ୍ରାମପଞ୍ଚାୟତ ଅଧୀନ ଦେଓକାଳି ନଦୀପଠାରେ ଅଗ୍ରଣୀ ସାମାଜିକ ସେବା ସଙ୍ଗଠନ ହିନ୍ଦୁସ୍ଥାନ ହେଲପିଙ୍ଗ ହ୍ୟାଣ୍ଡ ସୋସାଇଟି ପକ୍ଷରୁ ସୃଷ୍ଟି 'ନ୍ୟୁ ସୁନ୍ଦର ବନ' ଜଙ୍ଗଲରେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ଫଳରେ ଜଙ୍ଗଲରେ ଥିବା ୨୦୦୦ରୁ ଅଧିକ ଆମ୍ବ, କିଛି ପେସ୍ତା ସହ ବିଭିନ୍ନ ପ୍ରଜାତିର ଫଳନ୍ତିଗଛ ପୋଡିଯାଇଥିବା ଜଣାପଡିଛି। ହୀନ ଉଦ୍ଦେଶ୍ୟ ରଖି ଦୁର୍ବୃତ୍ତ ଜଙ୍ଗଲ ସାରା ଉଠିଥିବା ଶୁଖିଲା ଖରି ଗଛରେ ନିଆଁ ଲଗାଇ ଦେଇଥିଲେ। ପରେ ନିଆଁ ସମଗ୍ର ଅଞ୍ଚଳକୁ ବ୍ୟାପିବାରୁ ଲଗାଯାଇଥିବା ଗଛଗୁଡିକ ପୋଡିଯାଇଛି। ଗତ ୨ବର୍ଷ ତଳେ ହିନ୍ଦୁସ୍ଥାନ ହେଲପିଙ୍ଗ ହ୍ୟାଣ୍ଡ ସଂସ୍ଥା ପକ୍ଷରୁ ପାଖାପାଖି ୧୦ ଏକର ପରିମିତ ଜାଗାରେ ୫ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଗଛ ଲଗାଯାଇ 'ନ୍ୟୁ ସୁନ୍ଦର ବନ' ନାମ ରଖାଯାଇଥିଲା। ଗଛ ଲଗାଯିବା ପରେ ସଂସ୍ଥାର ସଦସ୍ୟମାନେ ଖତ, ସାର ଓ ଟ୍ୟାଙ୍କରରେ ପାଣି ନେଇ ଗଛରେ ଦେଇଥିଲେ। ୨ ବର୍ଷ ଭିତରେ ଗଛଗୁଡିକ ଭଲଭାବେ ବଢ଼ି ଆସୁଥିବା ବେଳେ ଚୋଟ ଗଛଗୁଡିକ ନିଆଁର ପ୍ରଭାବରେ ନଷ୍ଟ ହୋଇଯାଇଥିବା ଜଣାପଡିଛି। ସାପ୍ତାହିକ ତନଖି ପାଇଁ ସଂସ୍ଥାର ସଭାପତି ମାନସ ନାୟକ ପଠାକୁ ଯାଇଥିବାବେଳେ ବୃକ୍ଷଗୁଡିକର ଏଭଳି ପରିସ୍ଥିତି ଦେଖିଥିଲେ। ଏପରି ଅମାନବୀୟ କାଣ୍ଡ କରିଥିବା ଦୁର୍ବୃତ୍ତଙ୍କୁ ସଂସ୍ଥାର ପ୍ରତିଷ୍ଠାତା ବାସୁଦେବ ପାତ୍ର, ଉପଦେଷ୍ଟା ଡ. ଶରତ କୁମାର ରଥ, ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ, ବୃକ୍ଷମାନବ ପ୍ରଭାସ ମଙ୍ଗରାଜ ପ୍ରମୁଖ ଦୃଢ ନିନ୍ଦା କରିଛନ୍ତି। ଏହାକୁ ନେଇ ସଦର ଥାନାରେ ଅଭିଯୋଗ କରାଯିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ମିଳିଛି।



ନିଆଁରେ ପୋଡି ଯାଇଥିବା ଗଛ।

## ରେଭେନ୍‌ଶାରେ ଏଏଏସ୍ ଦ୍ୱାରା ଧାତୁ ପରିମାପନ କର୍ମଶାଳା

କଟକ,୨୮।୩(କୁମାରଶ୍ରୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରେ ଏଏଏସ୍ (ଆଟମିକ୍ ଆବଜର୍ପସନ ସ୍ପେକ୍ଟ୍ରୋସ୍କୋପି) ଦ୍ୱାରା ଧାତୁ ପରିମାପନ ବିଷୟରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଆଧୁନିକ ଗବେଷଣା ଯନ୍ତ୍ର ଏବଂ ଧାତୁ ତତ୍ତ୍ୱ ମାପନ ପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ ଦେବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଦ୍ଭିଦ ବିଜ୍ଞାନ ମୁଖ୍ୟ ପ୍ରଫେସର ନିହାର ରଞ୍ଜନ ସିଂହ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଗବେଷକ ଡ. କ୍ଷୀରୋଦ କୁମାର ସାହୁ ଏଏଏସ୍ ଯନ୍ତ୍ରର ମୂଳ ତତ୍ତ୍ୱ, କାର୍ଯ୍ୟ ପ୍ରଣାଳୀ ଓ ପ୍ରୟୋଗ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଜଳ, ମାଟି, ଉଦ୍ଭିଦ ଇତ୍ୟାଦି ନମୁନାରେ ଥିବା ଧାତୁର ଠିକ ପରିମାପନ କିପରି କରାଯାଏ ତାହା ବୁଝାଇଥିଲେ। ପ୍ରଫେସର ସୌମେନ୍ଦ୍ର କୁମାର ନାୟକ, ପ୍ରଫେସର ଦୁର୍ଗା ପ୍ରସାଦ ବାରିକ ଏବଂ ସହକାରୀ ଶିକ୍ଷକମାନେ କର୍ମଶାଳାରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ନମୁନା ପ୍ରସ୍ତୁତି, ଷ୍ଟାଣ୍ଡାର୍ଡ ସଲ୍ୟୁସନ୍ସ ତିଆରି, କ୍ୟାଲିବ୍ରେଶନ ଓ ଡାଟା ବିଶ୍ଳେଷଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ଗ୍ୟାସ୍ ଟାଙ୍କି ଧରି ଏଜେନ୍ସି ଆଗରେ ବିକ୍ଷୋଭ

## ମୋବାଇଲ୍‌କୁ ଆସୁଛି ଓଟିପି, ଘରକୁ ହେଉନି ଡେଲିଭରି

ଭୁବନେଶ୍ୱର,୨୮।୩(ତ୍ରିନାଥ ମହାନ୍ତି)

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଭାରତରେ ଦେଖାଦେଇଛି। ବିଶେଷକରି ଦେଶ ତଥା ଆମ ରାଜ୍ୟରେ ରନ୍ଧନ ଗ୍ୟାସ୍‌ର ଅଭାବ ଦେଖାଦେଇଛି। ଲୋକଙ୍କୁ ଠିକ୍ ସମୟରେ ଗ୍ୟାସ୍ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳୁଛି। ମୋବାଇଲ୍ ନମ୍ବରକୁ ଡେଲିଭରି ଓଟିପି ଆସୁଛି, ହେଲେ ଘରକୁ ଗ୍ୟାସ୍ ଡେଲିଭରି ହେଉନି, ଯାହାକୁ ନେଇ ରାଜଧାନୀରେ ତାତିଛନ୍ତି ଲୋକେ। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଥିବା ଏକ ଗ୍ୟାସ୍ ଏଜେନ୍ସି ଆଗରେ ଶନିବାର ଗ୍ରାହକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ଗ୍ୟାସ୍ ଟାଙ୍କିଧରି ଧାରଣାରେ ଶତାଧିକ ଲୋକ ବସିଥିଲେ। ଡହ ଡହ ଖରାରେ ଗ୍ୟାସ୍ ଟାଙ୍କି ପାଇବା ପାଇଁ ସେମାନେ ଘଣ୍ଟା ଘଣ୍ଟା ଛିଡା ହୋଇଥିଲେ ମଧ୍ୟ ଗ୍ୟାସ୍ ନ ମିଳିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା



ଉତ୍ତ୍ୟକ୍ତ ଗ୍ରାହକଙ୍କୁ ପୋଲିସ ବୁଝାସୁଝା କରୁଛି।



ଗ୍ୟାସ୍ ଏଜେନ୍ସି ଆଗରେ ଖାଲି ଟାଙ୍କିଗୁଡ଼ିକୁ ଧାଡ଼ି କରି ରଖାଯାଇଛି।

କରିବା ସହ ଏନେଇ ଗ୍ୟାସ୍ ଏଜେନ୍ସିଙ୍କ ନାମରେ ଏକ ମାମଲା ରୁଜୁ କରିଛି।

ଉପଭୋକ୍ତାଙ୍କ ଅଭିଯୋଗ ହେଲା, ଗ୍ୟାସ୍ ଡେଲିଭରି ନେଇ ସେମାନଙ୍କ ମୋବାଇଲ ନମ୍ବରକୁ ମେସେଜ୍ ଆସିଛି। ହେଲେ ଏଜେନ୍ସି ସିଲିଣ୍ଡର ଦେଉନି। ସେଠାକାର କର୍ମଚାରୀ ଗ୍ୟାସ୍‌କୁ ନେଇ ବ୍ଲାକ୍‌ରେ ସାଢେ ୩ହଜାର ଟଙ୍କାରେ ବିକ୍ରି କରି ଦେଉଥିବା ଅଭିଯୋଗ କରିଥିଲେ। ଯାହାକୁ ନେଇ ସେଠାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା। ଗ୍ୟାସ୍ ଏଜେନ୍ସିର ମ୍ୟାଜେନର ଦେଖା ନ ମିଳବାରୁ ଲୋକେ ଅଧିକ ତାତିଥିଲେ। ସେଠାରେ ଥିବା କର୍ମଚାରୀଙ୍କୁ ମାଡ଼ ମାରିବାକୁ ମଧ୍ୟ ଉଦ୍ୟମ କରିଥିଲେ। ଗୋଟିଏ ପଟେ ସଙ୍କଟ ଆଉ ଅନ୍ୟପଟେ ବିତରଣ। ଠିକ ପରିଚାଳନା ଦ୍ୱାରା ହିଁ ତୈଳ ଓ ଗ୍ୟାସ ସଙ୍କଟକୁ ମୁକାବିଲା କରାଯାଇପାରିବ

### ମାମଲା ରୁଜୁ କରି ତଦନ୍ତ କଲା ପୋଲିସ

ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ଦୃଷ୍ଟାନ୍ତମୂଳକ ପଦକ୍ଷେପ ସ୍ୱରୂପ ଜନପ୍ରତିନିଧିମାନେ ବ୍ୟବହାର କରୁଥିବା ପାଟ୍ରୋଲିଂ ଗାଡ଼ି ସମେତ ଏକାଧିକ ବିଭାଗୀୟ ଗାଡ଼ି ବ୍ୟବହାରକୁ ନିୟନ୍ତ୍ରଣକୁ ଆଣିବା ଆବଶ୍ୟକ। ଏନେଇ ଏୟାରଫିଲ୍ଡ ଥାନା ଅଧିକାରୀ ଦୀପିକା ଦେବୀ ରାୟ କହିଛନ୍ତି ଯେ, ଲୋକଙ୍କ ମୋବାଇଲ୍‌କୁ ଗ୍ୟାସ୍ ଡେଲିଭରି ମେସେଜ୍ ଆସିଛି। କିନ୍ତୁ ଘରକୁ ହେଉନି ଡେଲିଭରି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏଜେନ୍ସିର କର୍ମଚାରମାନେ ଗ୍ୟାସ୍‌ର କଳାବଜାରୀ କରୁଥିବା ନେଇ ଯେଉଁ ଅଭିଯୋଗ ଆସିଛି, ସେନେଇ ତଦନ୍ତ ପରେ ସତ୍ୟତା ଜଣାପଡ଼ିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଚନ୍ଦ୍ରଶେଖର



@ ଦେବେନ୍ଦ୍ର



@ ଦିଲୀପ



@ ଓଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ସ୍ଥଳସେନା ମୁଖ୍ୟ



ସିଂହଦ୍ୱାର ସମ୍ମୁଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥଳସେନା ମୁଖ୍ୟ ଏବଂ ତାଙ୍କ ପତ୍ନୀଙ୍କୁ ମହାପ୍ରଭୁଙ୍କ ଓଲାଗି ଧ୍ୱଜା ପ୍ରଦାନ କରାଯାଉଛି।

ପୁରୀ,୨୮।୩( ଅଜିତ୍ କୁମାର ମହାନ୍ତି )

### ଭାରତୀୟ ସେନା ପାଇଁ ପ୍ରାର୍ଥନା କଲେ

ଭାରତର ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଶନିବାର ପୁରୀରେ ପହଞ୍ଚିଛନ୍ତି। ଜେନେରାଲ ଦ୍ୱିବେଦୀ କଡ଼ା ସୁରକ୍ଷା ମଧ୍ୟରେ ପୁରୀରେ ପହଞ୍ଚିବା ପରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ସେବାୟତ ଓ ପ୍ରଶାସନ ପକ୍ଷରୁ ଜେନେରାଲ ଦ୍ୱିବେଦୀ ଓ ତାଙ୍କ ପତ୍ନୀଙ୍କୁ ସ୍ୱାଗତ କରାଯାଇଥିଲା। ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନ ରୂଢ଼ ଶ୍ରୀବିଗ୍ରହଙ୍କୁ ଦର୍ଶନ କରି ଆଶିଷ ନେବାସହ ସେନା ନିମନ୍ତେ ପ୍ରାର୍ଥନା କରିଥିଲେ। ଶ୍ରୀମନ୍ଦିର ବେଢ଼ା ପରିସରରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିବା ପରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଜେନେରାଲ ଦ୍ୱିବେଦୀ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଖୁସି ଓ ଶାନ୍ତି ଲାଗିଲା। ମହାପ୍ରଭୁଙ୍କ କୃପା ସେନା ଉପରେ ଥାଉ, ଆଗକୁ ସେନା ଭଲ ପ୍ରଦର୍ଶନ କରିବ। ପ୍ରତିବର୍ଷ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ ବୋଲି ଜେନେରାଲ ଦ୍ୱିବେଦୀ ମତବ୍ୟକ୍ତ କରିଛନ୍ତି। ଶ୍ରୀମନ୍ଦିର ବିଷୟରେ ଜାଣିବାର ଆଗ୍ରହ ଦେଖାଇବା ସହ ମୁକ୍ତିମଣ୍ଡପ, ରୋଷ ଘର ଇତ୍ୟାଦି ବୁଲି ଦେଖିଥିଲେ। ଦର୍ଶନ କରି ଫେରିବା ପରେ ସିଂହଦ୍ୱାର ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥଳସେନା ମୁଖ୍ୟ ଏବଂ ତାଙ୍କ ପତ୍ନୀଙ୍କୁ ମହାପ୍ରଭୁଙ୍କ ଓଲାଗି ଧ୍ୱଜା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତି, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ବରିଷ୍ଠ ସେବାୟତ ପ୍ରମୁଖ ସହଯୋଗ କରିଥିଲେ।

# ଠିକଣା ଅପ୍‌ଡେଟ୍ ନାଁରେ ନେଇଗଲେ ସାଢ଼େ ୯ ଲକ୍ଷ

ଭୁବନେଶ୍ୱର,୨୮।୩(ତ୍ରିନାଥ ମହାନ୍ତି)

### ଅନ୍‌ଲାଇନ୍‌ରେ ମେଡିସିନ ମଗାଇବାବେଳେ ସାଇବର ଠକେଇ

ଅନ୍‌ଲାଇନ୍‌ରେ ମେଡିସିନ ମଗାଇ ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହେବା ସହ ସାଢେ ୯ ଲକ୍ଷ ଟଙ୍କା ହରାଇଛନ୍ତି। ସେ ହେଲେ ପୁରୀର ନରେନ୍ଦ୍ର କୁମାର ଜେନା। ଏନେଇ ନରେନ୍ଦ୍ର ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଉକ୍ତ ଟଙ୍କା ଯାଇଥିବା ଆକାଉଣ୍ଟଟି ରାଜ୍ୟ ବାହାରର ହୋଇଥିବାବେଳେ ତାକୁ ପୋଲିସ ଫ୍ରିଜ୍ କରିଛି। ହେଲେ ସାଇବର ଠକ ସବୁ ଟଙ୍କା ଉଠାଇ ନେଇଥିବା ପୋଲିସ କହିଛି।

ଅଭିଯୋଗ ଅନୁସାରେ, ନରେନ୍ଦ୍ର ଗତ ୧୧ ତାରିଖରେ ଅନ୍‌ଲାଇନ୍‌ରେ ମେଡିସିନ୍ ମଗାଇଥିଲେ। ମେଡିସିନ୍ ନ ଆସିବାରୁ ସେ ଟ୍ରାକିଂ ଆଇଡିରୁ ଫୋନ୍ ନମ୍ବର ପାଇ କଲ୍ କରି ମେଡିସିନ ନ ପହଞ୍ଚିବାର କାରଣ ପଚାରି ବୁଝିଥିଲେ। ୧୦ ମିନିଟ୍ ଭିତରେ ତାଙ୍କର ଅଧିକାରୀ କଥା ହେବେ ବୋଲି ଜଣେ ବ୍ୟକ୍ତି କହିଥିଲେ। ଏହାପରେ ଅନ୍ୟ ଜଣେ ନରେନ୍ଦ୍ରଙ୍କୁ କଲ୍ କରି ଅର୍ଡରରେ ଠିକଣା ଠିକ୍ ନ ଥିବାରୁ ମେଡିସିନ ଯାଇପାରି ନ ଥିବା ଜଣାଇଥିଲେ। ତେଣୁ ଠିକଣା ଅପଡେଟ୍ କରିବାକୁ ହେବ ଓ ଏଥିପାଇଁ ୨ଟଙ୍କା ଦେବାକୁ ପଡ଼ିବ ବୋଲି ଅଭିଯୁକ୍ତ କହିଥିଲେ। ନରେନ୍ଦ୍ର ରାଜି ହେବାରୁ ତାଙ୍କ ଫୋନ୍ ନମ୍ବରକୁ ଏକ୍ ଲିଙ୍କ୍ ପଠାଇଥିଲେ। ଏହି ଲିଙ୍କ୍‌କୁ କ୍ଲିକ୍ କରିବା ପରେ ଫୋନ୍ ପେ'ରେ ୨ଟଙ୍କା ପଠାଇଥିଲେ ନରେନ୍ଦ୍ର। ଇଣ୍ଟରନେଟ୍ ସମସ୍ୟା ରହିଛି, ଠିକଣା ଅପ୍‌ଡେଟ୍ ପାଇଁ ସମୟ ଲାଗିବ ବୋଲି କହି ଅଭିଯୁକ୍ତ ଫୋନ୍ କାଟି ଦେଇଥିଲେ। ପରେ ତାଙ୍କ ଆକାଉଣ୍ଟରୁ ୮ରୁ ଅଧିକ ଥରରେ ସାଢେ ୯ଲକ୍ଷ ଟଙ୍କା କଟିଯାଇଥିଲା। ଅଭିଯୁକ୍ତ ଚତୁରତାର ସହ ବେଆଇନ ଆପ୍‌ର ଲିଙ୍କ୍ ନରେନ୍ଦ୍ରଙ୍କ ମୋବାଇଲ୍‌କୁ ଛାଡ଼ିଥିଲେ। ଲିଙ୍କ୍‌କୁ କ୍ଲିକ୍ କରିବା ପରେ ତାହା ତାଙ୍କ ଫୋନ୍‌ରେ ଇନ୍‌ଷ୍ଟଲ ହୋଇଯାଇଥିଲା। ସେ ଫୋନ୍ ପେ'ରେ ୨ଟଙ୍କା ପଠାଇବା ପରେ ଅଭିଯୁକ୍ତ ତାଙ୍କ ମୋବାଇଲ୍‌କୁ ହ୍ୟାକ୍ କରି ଆକାଉଣ୍ଟ ଖାଲି କରି ଦେଇଥିଲେ ବୋଲି ପୋଲିସ ତଦନ୍ତ କରି ଜାଣିବାକୁ ପାଇଛି।

# ୨ରେ କେନ୍ଦ୍ରୀୟ ଶ୍ରମିକ ସଂଗଠନର 'କଳା ଦିବସ'

ଭୁବନେଶ୍ୱର,୨୮।୩(ବନ୍ଦନା ସେଠୀ)

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ୪ଟି ଶ୍ରମ କୋଡ୍‌କୁ ବାତିଲ କରିବା ଦାବିରେ ଏପ୍ରିଲ ୨ରେ ଓଡ଼ିଶାରେ 'କଳା ଦିବସ' ପାଳନ କରାଯିବ। ଏନେଇ ଶନିବାର ସିଆଇଟିୟୁ ନେତା ଦୁଷ୍ମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯିବା ସହ ଆନ୍ଦୋଳନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ଦେଶର ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଯଥା ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି ଏବଂ ଏଲ୍‌ପିଏଫ୍ ମିଳିତ ସଂଘ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ସମଗ୍ର ଦେଶରେ ଏପ୍ରିଲ ୧ରେ 'କଳା ଦିବସ' ପାଳନ କରାଯାଉଥିବାବେଳେ ଓଡ଼ିଶାରେ 'ଉତ୍କଳ ଦିବସ' ଥିବାରୁ ଏହାକୁ ସମ୍ମାନ ଜଣାଇ ରାଜ୍ୟ ଶ୍ରମିକ ସଂଗଠନଗୁଡ଼ିକ ପ୍ରତିବାଦକୁ ୨ ତାରିଖରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ୪ଟି ଶ୍ରମ କୋଡ୍ ଶ୍ରମିକଙ୍କ ଦୀର୍ଘବର୍ଷର ସଂଘର୍ଷର ଅଧିକାରକୁ ଛଡ଼ାଇ ନେଉଛି ଏବଂ ମାଲିକମାନଙ୍କୁ ଅହେତୁକ ସୁବିଧା ପ୍ରଦାନ କରୁଛି। ତେଣୁ ଏହି କଳା ଆଇନକୁ ତୁରନ୍ତ ପ୍ରତ୍ୟାହାର ପାଇଁ ସେମାନେ ଦାବି କରିଛନ୍ତି। ପ୍ରତିବାଦ ସମୟରେ ରାଜ୍ୟର ସମସ୍ତ ଶ୍ରମିକ କଳା ବ୍ୟାଜ ପରିଧାନ କରିବା ସହ ବିଭିନ୍ନ ଜିଲା ଓ ବ୍ଲକସ୍ତରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଛି।

# ୩୦ରେ ମିଳିତ ବିରୋଧୀ ଦଳଙ୍କ ଗଣଧାରଣା

ଭୁବନେଶ୍ୱର, ୨୮।୩ (ସୁନିତ ମିଶ୍ର)

### ଏସ୍‌ସିବି ଅଗ୍ନିକାଣ୍ଡ

କଟକ ଏସ୍‌ସିବି ମେଡିକାଲ ଟ୍ରମା କେୟାର ଆଇସିୟୁ ଅଗ୍ନିକାଣ୍ଡ ଘଟଣାକୁ ନେଇ ମିଳିତ ବିରୋଧୀ ଦଳ ପକ୍ଷରୁ କ୍ଷୋଭ ପ୍ରକାଶ ପାଇବା ସହ ରାଜ୍ୟ ସରକାରଙ୍କ ଅବହେଳା ଓ ବିଫଳତାକୁ ଦାୟୀ କରି ବଡ଼ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଛି। ଏନେଇ ସ୍ଥାନୀୟ ଏକ ହୋଟେଲରେ ମିଳିତ ବିରୋଧୀଦଳଗୁଡିକ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ନେତୃବୃନ୍ଦ କହିଲେ, ଏହା କୌଣସି ଦୁର୍ଘଟଣା ନୁହେଁ, ବରଂ ସରକାର ଓ ହସ୍ପିଟାଲ ପ୍ରଶାସନର ଆପରାଧିକ ଅବହେଳା ଯୋଗୁ ଘଟିଥିବା ଏକ ସ୍ପଷ୍ଟ ବ୍ୟବସ୍ଥାକୃତ ହତ୍ୟା। ତେଣୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା କିମ୍ବା ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ପାଇଁ ବୈଠକରେ ଦାବି ହୋଇଥିଲା। ଏହି ଦାବି ନେଇ ମାର୍ଚ୍ଚ୩୦ରେ ବିଧାନସଭା ସମ୍ମୁଖରେ ପ୍ରତିବାଦ ସଭା ଓ ଧାରଣା ଦିଆଯିବ। ଏଥିସହ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ପ୍ରତ୍ୟେକ ମୃତକଙ୍କ ପରିବାରକୁ ଅନ୍ୟୂନ ୧ କୋଟି ଟଙ୍କା କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି, ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ, ସମସ୍ତ ଆହତଙ୍କୁ ମାଗଣା ଉଚ୍ଚମାନର ଚିକିତ୍ସା ଓ ଅନ୍ୟୂନ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ଘଟଣା ପାଇଁ ଦାୟୀ ସରକାରୀ ଅଧିକାରୀ, କର୍ମଚାରୀ ଏବଂ ବିଦ୍ୟୁତ୍ ଠିକାଦାରଙ୍କୁ ତୁରନ୍ତ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ, ସରକାରୀ ଓ ବେସରକାରୀ ହସ୍ପିଟାଲର ଫାୟାର୍ ସେଫ୍ଟି ଓ ସୁରକ୍ଷା ବ୍ୟବସ୍ଥାର ସାମଗ୍ରିକ ଅଡିଟ୍ ଆଦି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ରଖାଯାଇଛି। ବୈଠକରେ ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବିଜେଡି ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସହସମ୍ପାଦକ ଜୟନ୍ତ ଦାସ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସିପିଆଇ(ଏମ୍‌ଏଲ୍) ଲିବରେଶନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଯୋଗଦେଇଥିଲେ।

# ଶହୀଦ ପାର୍କ ନିର୍ମାଣ, ପୂର୍ବ ସୈନିକ ନିଗମ ଗଠନ ପ୍ରସ୍ତାବ

### ଅଲ୍ ଓଡ଼ିଶା ଭେଟେରାନ ସୋଲଜର୍ସ ଆସୋସିଏଶନର ପ୍ରତିଷ୍ଠା ଦିବସ

### ସମ୍ମାନିତ ହେଲେ କାର୍ଗିଲ ଶହୀଦଙ୍କ ପରିବାର, ୧୯୭୧ ଯୁଦ୍ଧ ସୈନିକ

ଭୁବନେଶ୍ୱର, ୨୮।୩(ବନ୍ଦନା ସେଠୀ)



ଉତ୍ସବରେ ବିଧାୟକ ବାବୁ ସିଂ ଓ ଅନ୍ୟ ଅତିଥିଙ୍କ ସହ ଆସୋସିଏଶନ କର୍ମକର୍ତ୍ତା।

ଅଲ୍ ଓଡ଼ିଶା ଭେଟେରାନ ସୋଲଜର୍ସ ଆସୋସିଏଶ୍‌ନର ଚତୁର୍ଥ ପ୍ରତିଷ୍ଠା ଦିବସ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ସୁରକ୍ଷା ଏବଂ ଦେଶ ନିର୍ମାଣରେ ସୈନିକଙ୍କ ଅତୁଳନୀୟ ଭୂମିକା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ କଳିଙ୍ଗନଗରରେ ଶହୀଦ ପାର୍କ ନିର୍ମାଣ ଏବଂ ଓଡ଼ିଶାରେ ପୂର୍ବ ସୈନିକ ନିଗମ ଗଠନ କରିବା ପାଇଁ ଆସୋସିଏଶନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ସରକାରଙ୍କ ପକ୍ଷରୁ ସହଯୋଗ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପପତି ଶ୍ରୀକାନ୍ତ ମିଶ୍ର ଯୋଗଦେଇ ଦେଶ ଓ ରାଜବାସୀଙ୍କ ସୁରକ୍ଷା ଏବଂ ସୈନିକଙ୍କ ସାହସିକତା ସମ୍ପର୍କରେ କହିଥିଲେ। ଏହି ଅବସରରେ କାର୍ଗିଲ ଯୁଦ୍ଧରେ ଶହୀଦ ପରିବାର ସଦସ୍ୟାସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଗିଲ ଶହୀଦ ଗୋପୀନାଥ ମହାରଣାଙ୍କ ମା', ଶହୀଦ ସଚ୍ଚିଦାନନ୍ଦ ମଲିକ, ଶହୀଦ ଶ୍ରୀନିବାସ ପାତ୍ର, ଶହୀଦ ଦେବାଶିଷ ବିଶ୍ୱାଳ ଓ ଶହୀଦ ଶଶାଙ୍କ ଶେଖର ସାମଲଙ୍କ ସ୍ତ୍ରୀଙ୍କ ସମେତ ଅନେକ ବୀର ନାରୀ ଏବଂ ୧୯୭୧ ଯୁଦ୍ଧ ସୈନିକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସୈନ୍ୟଶିକ୍ଷା ଅଭିଯାନରେ ପ୍ରଥମ ସ୍ଥାନରେ ଥିବା ନାରଗଦା ୟୁପି ସ୍କୁଲର ଦୁଇଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଆସୋସିଏଶନର ବାର୍ଷିକ ପତ୍ରିକା 'ସୈନିକ ସ୍ୱାଭିମାନ'ର ଦ୍ୱିତୀୟ ସଂସ୍କରଣ ଏବଂ ଆସୋସିଏଶନର ପତାକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମସ୍ତ ଜିଲାରେ ଥିବା ସଂଗଠନ ଏହି ପତାକାକୁ ନିଜ କାର୍ଯ୍ୟାଳୟରେ ଲଗାଇ ପାରିବେ ଓ ଏହା ଓଡ଼ିଶାରେ ପୂର୍ବ ସୈନିକଙ୍କ ଏକତାର ପ୍ରତୀକ ହେବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଆସୋସିଏଶନର ସମ୍ବଲପୁର ଜିଲା ସଭାପତି ରବିନାରାୟଣ ବେହେରା, ବାଲେଶ୍ୱରର ସମ୍ପାଦକ ଡି.କେ ପଣ୍ଡା, ନୂଆପଡାର ସଭାପତି ଶରତ ସାହୁ, କାମାକ୍ଷାନଗରର ସମ୍ପାଦକ ରବୀନ୍ଦ୍ରନାଥ ସାହୁ, ନିମାପଡା ସଭାପତି ରଘୁନାଥ ମହାରଣା, ରାଉରକେଲା ସଭାପତି ନିର୍ମଳ ଦାସ, ଦେବଗଡ଼ ସଭାପତି ଚକ୍ରାନ୍ତ ଜେନା, ଖୋର୍ଦ୍ଧା ସମ୍ପାଦକ ରତ୍ନାକର ଗୁମାନସିଂଙ୍କ ସମେତ ଅନ୍ୟ ଜିଲା କର୍ମକର୍ତ୍ତା ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସୋସିଏଶନ ସଭାପତି ଭେଟେରାନ ପରମେଶ୍ୱର ସ୍ୱାଇଁ, ଉପସଭାପତି ମଧୁସୂଦନ ଦାସ, ପତିତପାବନ ସେନାପତି, ସମ୍ପାଦକ ଉମେଶ କୁମାର ଚଇନି, ସହସଂଯୋଜକ ଦେବେନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ରାଜକିଶୋର ସ୍ୱାଇଁ ସଭା ସଞ୍ଚାଳନ କରିଥିଲେ।

# ପେଟ୍ରୋଲ, ଡିଜେଲ ଦର ନିୟନ୍ତ୍ରଣ ପାଇଁ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ ଦାବି

ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)

କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ୧୦ ଟଙ୍କା ଉତ୍ପାଦନ ଶୁଳ୍କ ହ୍ରାସ କରିଛନ୍ତି। ଫଳରେ ପେଟ୍ରୋଲ ଓ ଡିଜେଲ ଶସ୍ତା ହେବାର ସମ୍ଭାବନା ସୃଷ୍ଟି ହୋଇଛି। କେନ୍ଦ୍ର ସରକାରଙ୍କୁ ଅନୁସରଣ କରି ରାଜ୍ୟ ସରକାର ମଧ୍ୟ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଉପରୁ ଭାଟ୍ କମାଇବା ପାଇଁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଓଡ଼ିଶାରେ ପେଟ୍ରୋଲ ଓ ଡିଜେଲ ଉପରେ ଯଥାକ୍ରମେ ୨୮% ଓ ୨୪% ଭାଟ ରହିଛି। ଏହାକୁ ୧୦%କୁ କମାଇ ଗ୍ରାହକଙ୍କୁ ଲାଭ ଦେବାକୁ ପରିଷଦର ଆବାହକ ରବି ବେହେରା କହିଛନ୍ତି। ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଦରକୁ ଓଡ଼ିଶାରେ ନିୟନ୍ତ୍ରଣ କରିବା ପାଇଁ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରିବା ସହ ଜିଲାସ୍ତରରେ ଜଣେ ନୋଡାଲ ଅଫିସରଙ୍କୁ ନିଯୁକ୍ତି ଦେବାକୁ ବେହେରା ଦାବି କରିଛନ୍ତି।

# ନିବେଶ, ଅଭିବୃଦ୍ଧି ନେଇ ବଢ଼ିଲା ଅନିଶ୍ଚିତତା

## ଭାରତର ଅର୍ଥନୀତିକୁ 'ଶକ୍ତି ମୂଲ୍ୟ ବୃଦ୍ଧି' ଝଟକା




### ମାସିକ ଅର୍ଥନୈତିକ ସମୀକ୍ଷା- ମାର୍ଚ୍ଚ ୨୦୨୬

ନୂଆଦିଲ୍ଲୀ, ୨୮।୩ (ପି.ଟି.)

ମଧ୍ୟପ୍ରାଚ୍ୟରେ ସଙ୍କଟ ଏବଂ ବିଶ୍ୱବ୍ୟାପୀ ବଢ଼ୁଥିବା ଶକ୍ତି (ଇନ୍ଧନ ଓ ରନ୍ଧନ) ମୂଲ୍ୟ ଭାରତର ଆର୍ଥିକ ଅଭିବୃଦ୍ଧି ପାଇଁ ବିପଦ ସୃଷ୍ଟି କରିଛି। ନିବେଶ ଓ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଅନିଶ୍ଚିତତା ବଢ଼ିଯାଇଛି ବୋଲି ଶନିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ସମୀକ୍ଷା ରିପୋର୍ଟରେ ସତର୍କ କରାଇ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ 'ମାସିକ ଅର୍ଥନୈତିକ ସମୀକ୍ଷା – ମାର୍ଚ୍ଚ ୨୦୨୬' ଅନୁଯାୟୀ, ବର୍ତ୍ତମାନର ଭୂ-ରାଜନୈତିକ ଅସ୍ଥିରତା ଯୋଗୁ ନିକଟ ଭବିଷ୍ୟତର ଆର୍ଥିକ ସ୍ଥିତି ଅନିଶ୍ଚିତତା ମଧ୍ୟରେ ରହିଛି। ରିପୋର୍ଟରେ କୁହାଯାଇଛି ଯେ, ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ଏବଂ ଗ୍ୟାସ୍ ଦରରେ ବୃଦ୍ଧି ଘଟିଛି। ଭାରତ ଏକ ପ୍ରମୁଖ ଶକ୍ତି ଆମଦାନୀକାରୀ ଦେଶ ହୋଇଥିବାରୁ ଏହି ବର୍ଦ୍ଧିତ ମୂଲ୍ୟ ଉତ୍ପାଦନ ଖର୍ଚ୍ଚ ବଢ଼ାଇବା ସହ ଦେଶର ଅଭିବୃଦ୍ଧି ହାରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏହାସହିତ ଯୋଗାଣ ଶୃଙ୍ଖଳ ବ୍ୟାଘାତ ହେବା ଫଳରେ ମୁଦ୍ରାସ୍ଫୀତି ବା ଦରଦାମ ବୃଦ୍ଧି ଘଟିପାରେ।

ଅର୍ଥ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଆର୍ଥିକ ବର୍ଷ ୨୦୨୬ର ତୃତୀୟ ତ୍ରୈମାସିକରେ ଚାଲୁ ଖାତା ନିଅଣ୍ଟ (ସିଏଡି) ବୃଦ୍ଧି ପାଇ ଜିଡିପିର ୧.୩%ରେ ପହଞ୍ଚିଛି। ସେହିପରି ମୋଟ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ପ୍ରବାହରେ ବୃଦ୍ଧି ଘଟିଥିଲେ ସୁଦ୍ଧା ନେଟ୍ ଏଫ୍‌ଡିଆଇ କ୍ରମାଗତ ୫ ମାସ ଧରି ନକାରାତ୍ମକ ରହିଛି। ବିଶ୍ୱବ୍ୟାପୀ ଅନିଶ୍ଚିତତା ଯୋଗୁ ବିଦେଶୀ ନିବେଶକମାନେ ସତର୍କତା ଅବଲମ୍ବନ କରୁଥିବାରୁ ମାର୍ଚ୍ଚ ମାସରେ ପୋର୍ଟଫୋଲିଓ ପ୍ରବାହ (ବିଦେଶୀ ନିବେଶକ କିମ୍ବା ସଂସ୍ଥାଙ୍କ ଅନ୍ୟ ଦେଶର ଆର୍ଥିକ ସମ୍ପତ୍ତି ଯଥା ଶେୟାର କିମ୍ବା ବଣ୍ଡରେ କରୁଥିବା ନିବେଶ) ମଧ୍ୟ ନକାରାତ୍ମକ ରହିଛି।

ଅନ୍ୟପକ୍ଷରେ ଭାରତୀୟ ଅର୍ଥନୀତି ପାଇଁ ରେମିଟାନ୍ସ ବା ବିଦେଶରୁ ଆସୁଥିବା ଅର୍ଥ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ବର୍ଷ ୨୦୨୪ରେ ଭାରତକୁ ଆସିଥିବା ମୋଟ ରେମିଟାନ୍ସର ପ୍ରାୟ ୩୮% କେବଳ ଗଲ୍ଫ ଦେଶଗୁଡ଼ିକରୁ ଆସିଥିଲା। ପଶ୍ଚିମ ଏସିଆର ସଙ୍କଟ ଏହି ପ୍ରବାହକୁ ପ୍ରଭାବିତ କରିପାରେ ବୋଲି ମନ୍ତ୍ରଣାଳୟ ଆଶଙ୍କା ବ୍ୟକ୍ତ କରିଛି।

ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ବର୍ତ୍ତମାନ ସନ୍ତୋଷଜନକ ସ୍ଥିତିରେ ଅଛି। ଏହା ଦେଶର ପ୍ରାୟ ୧୧ ମାସର ଆମଦାନୀ ଖର୍ଚ୍ଚ ତୁଲାଇବା ପାଇଁ ଯଥେଷ୍ଟ, ଯାହା ବାହ୍ୟ ଅର୍ଥନୈତିକ ଝଟକାକୁ ସହିବା ପାଇଁ ଭାରତକୁ ଶକ୍ତି ପ୍ରଦାନ କରିବ। ସରକାରୀ ରିପୋର୍ଟ ଅନୁସାରେ, ଭାରତର ଘରୋଇ ଚାହିଦା ଏବଂ ମାକ୍ରୋ-ଇକୋନୋମିକ ଭିତ୍ତିଭୂମି ଦୃଢ଼ ରହିଛି। ତଥାପି ବିଶ୍ୱବ୍ୟାପୀ ସ୍ଥିତି ଉପରେ ନଜର ରଖି ଠିକ୍ ସମୟରେ ଉପଯୁକ୍ତ ନୀତିଗତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅର୍ଥ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି।

## ପହିଲାରୁ ଡିଜିଟାଲ ପେମେଣ୍ଟ ନିୟମରେ ପରିବର୍ତ୍ତନ

ନୂଆଦିଲ୍ଲୀ, ୨୮।୩

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଡିଜିଟାଲ ପେମେଣ୍ଟର ସୁରକ୍ଷା ଦୃଢ଼ କରିବା ପାଇଁ ନୂଆ ନିୟମ ଲାଗୁ କରୁଛି। ଏପ୍ରିଲ ୧ରୁ ୟୁପିଆଇ, ନେଟ ବ୍ୟାଙ୍କିଙ୍ଗ ଓ ମୋବାଇଲ ୱାଲେଟ ଦ୍ୱାରା ପେମେଣ୍ଟ କରିବା ସମୟରେ କେବଳ ଏକ ପିନ କିମ୍ବା ପାସୱାର୍ଡ ଯଥେଷ୍ଟ ହେବ ନାହିଁ। ନୂଆ ନିୟମ ଅନୁଯାୟୀ ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ପାଇଁ ୨ ପ୍ରକାରର ପରିଚୟ ଯାଞ୍ଚ (ଟୁ-ଫ୍ୟାକ୍ଟର୍ ଅଥେଣ୍ଟିକେସନ) ଆବଶ୍ୟକ ହେବ। ଏଥିରେ ଏକ ଫ୍ୟାକ୍ଟର୍ ପ୍ରତି ଥରେ ବଦଳୁଥିବା ଡାଇନାମିକ କୋଡ୍ ରହିବ। ଗ୍ରାହକ ଓଟିପି ଏବଂ ପିନ, ବାୟୋମେଟ୍ରିକ (ଫିଙ୍ଗରପ୍ରିଣ୍ଟ କିମ୍ବା ଫେସ ଆଇଡି) କିମ୍ବା ଡିଭାଇସ ଟୋକେନ ବ୍ୟବହାର କରିପାରିବେ। ଏହି ବ୍ୟବସ୍ଥା ଅନ୍‌ଲାଇନ ଠକେଇ ଓ ଫିସିଂ ଆଦିକୁ ହ୍ରାସ କରିବ। ଯଦି ପାସୱାର୍ଡ କଟିଯାଏ ତେବେ ଦ୍ୱିତୀୟ ଯାଞ୍ଚ ବିନା ଟଙ୍କା ଉଠାଯାଇ ପାରିବ ନାହିଁ।

## ଛାତ୍ରୀଛାତ୍ରଙ୍କ ପାଇଁ ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ ବିଦ୍ୟା

ଭୁବନେଶ୍ୱର,୨୮।୩(ଅନୁରାଧା ମହାରଣା)



ବେଦାନ୍ତ ଆଲୁମିନିୟମ ପକ୍ଷରୁ ୨୦୨୫ ଏପ୍ରିଲରେ ଆରମ୍ଭ ହୋଇଥିବା 'ପ୍ରକଳ୍ପ ବିଦ୍ୟା' ଜରିଆରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ର ସରକାରୀ ବିଦ୍ୟାଳୟରେ ପାଠପଢ଼ାକୁ ସୁଦୃଢ଼ କରୁଛି। ଗଣିତ, ବିଜ୍ଞାନ ଏବଂ ଇଂଲିଶ ଭଳି ବିଷୟ ସହ ମୌଳିକ ସାକ୍ଷରତା ଉପରେ ଧ୍ୟାନ କେନ୍ଦ୍ରିତକରି ୨୦ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି କରିଛି। ଏହାଦ୍ୱାରା ଶ୍ରେଣୀଗୃହରେ ଛାତ୍ର ଶିକ୍ଷକ ଅନୁପାତରେ ବୃଦ୍ଧିକରି ୧୭ଟି ଗ୍ରାମୀଣ ବିଦ୍ୟାଳୟର ୧୮୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ନିକଟରେ ଏହି କାର୍ଯ୍ୟକ୍ରମ ପହଞ୍ଚିପାରିଛି। ସୁନ୍ଦରଗଡ଼ରେ ଅଧାରୁ ପାଠ ଛାଡ଼ିବାର ହାର ଅଧିକ ରହୁଥିବାରୁ ଲକ୍ଷ୍ମଣପୁର ବ୍ଲକ୍‌ରେ ୬୪% ରୁ ୭୬% ଏବଂ ହେମଗିର ବ୍ଲକ୍‌ରେ ୬୬% ରୁ ୮୨%କୁ ଛାତ୍ରୀଛାତ୍ରଙ୍କ ଉପସ୍ଥିତି ବୃଦ୍ଧି କରିବାରେ ପ୍ରକଳ୍ପ ବିଦ୍ୟାର ଉଲ୍ଲେଖନୀୟ ଯୋଗଦାନ ରହିଛି। ଏହି ପ୍ରକଳ୍ପରେ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ମୁଣ୍ଡେରଖେ ସରକାରୀ ୟୁପିଏସ୍, ଭୋଗ୍ରାକଚ୍ଛର ସରକାରୀ ୟୁପିଏସ୍, ଘୋଘରପଲ୍ଲୀ ସରକାରୀ ପିଏସ୍, ରେଙ୍ଗାଲପାଣି ସରକାରୀ ପିଏମ୍, ଛତାବର ସରକାରୀ ୟୁଜିଏଚ୍‌ଏସ୍, ଘୋଘରପଲ୍ଲୀରେ ଥିବା ବିଲେମୁଣ୍ଡା ସରକାରୀ ୟୁପିଏସ୍, ଜାମକାନି ସରକାରୀ ପିଏସ୍ ଏବଂ ଜାମକାନିଠାରେ ଥିବା ଝାରପାଲମ ସରକାରୀ ୟୁଜିଏଚ୍‌ଏସ୍ ରହିଛି । କୁଡାଲୋଇ ସରକାରୀ ୟୁପିଏସ୍, ବଞ୍ଜାରୀ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ, ବଞ୍ଜାରୀ ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ସରକାରୀ ପିଏସ୍, କାର୍ଲାଖାମନ ସରକାରୀ ୟୁପିଏସ୍ , ମୋହନପୁର ସରକାରୀ ପିଏସ୍, ଝାରସୁଗୁଡ଼ା ଜିଲାର କୁରାଲୋଇର ବାର୍ଡପ ସରକାରୀ ୟୁପିଏସ୍ ଏବଂ କୁଡାଲୋଇ ଆଶ୍ରମ ବିଦ୍ୟାଳୟ ଆଦି ଅନ୍ତର୍ଭୁକ୍ତ ।

# ଶିକ୍ଷା ବୋଝ ନୁହେଁ, ଆବିଷ୍କାର ଭଳି ଅନୁଭବ ହେବା ଉଚିତ

**ଶିକ୍ଷା ଶିଳ୍ପରେ ଜଣେ ଆଗଧାଡ଼ିର ଉଦ୍ୟୋଗୀ ଭାବେ ସୁମନ ଡାଲମିଆଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ସମ୍ବଲପୁରର ଇଣ୍ଡିଆନ୍ ପବ୍ଲିକ ସ୍କୁଲ (ଆଇପିଏସ୍)ର ଚେୟାର ପର୍ସନ ସୁମନ ଡାଲମିଆ ଛାତ୍ରୀଛାତ୍ରଙ୍କ ସହ ବ୍ୟକ୍ତିଗତ ଭାବେ ଜଡ଼ିତହୋଇ ମାର୍ଗଦର୍ଶନରେ ସର୍ବଦା ଗୁରୁତ୍ୱ ଦେଇଥାନ୍ତି। ଶିକ୍ଷାକ୍ଷେତ୍ରକୁ ନୂତନ ଶିଖରରେ ପହଞ୍ଚାଇବାକୁ ସ୍ୱପ୍ନ ଦେଖୁଥିବା ସୁମନଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**



ସୁମନ ଡାଲମିଆ

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର- ଶିକ୍ଷା ଶିଳ୍ପର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ଦେଶରେ ଶିକ୍ଷା କ୍ଷେତ୍ର କେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି ବୋଲି ଆପଣ ଭାବନ୍ତି?**

ଉ- ଛାତ୍ରୀଛାତ୍ର ଏବଂ ସେମାନଙ୍କ ଜୀବନଯାତ୍ରା ସହ ଗଭୀର ଭାବରେ ଜଡ଼ିତ ଥିବାରୁ ମୁଁ ଭାବୁଛି, ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ସନ୍ତୁଳନ ରକ୍ଷା କରିବା। ଆମେ ଶିକ୍ଷାର ମୂଳ ଉଦ୍ଦେଶ୍ୟକୁ ଭୁଲିଯିବା ଉଚିତ ନୁହେଁ। ଶିକ୍ଷାର ମୂଳ ଉଦ୍ଦେଶ୍ୟ କେବଳ ଭଲ ନମ୍ବର ଓ ବଡ଼ ସଫଳତା ଆଣିବା ନୁହେଁ, ବରଂ ଭଲ ମଣିଷ ତିଆରି କରିବା।

**ପ୍ର-ଡିଜିଟାଲ ବିପ୍ଳବ ଆସିଯାଇଥିବାବେଳେ ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ କିପରି ରହିବ?**

ଉ- କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏକ ଶକ୍ତିଶାଳୀ ଉପକରଣ। ଅନ୍ୟ ଉପକରଣ ଭଳି ଏଆଇର ବ୍ୟବହାର ଉପରେ ଏହାର ପ୍ରଭାବ ନିର୍ଭରକରେ। ମୁଁ ଏଆଇକୁ ଏକ ସହାୟକ ଭାବେ ଦେଖୁଛି। ଏହା ପିଲାମାନଙ୍କ ଦୁର୍ବଳତା ଚିହ୍ନଟ କରିପାରେ ଏବଂ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଏପରି ସହାୟତା ଦେଇପାରେ, ଯାହା ପୂର୍ବରୁ କଳ୍ପନା କରାଯାଇ ନ ଥିଲା। ମାତ୍ର ଜଣେ ମା' ଭାବରେ ମୁଁ ଗୋଟିଏ କଥା ଖୁବ୍ ଦୃଢ଼ଭାବରେ ଅନୁଭବ କରୁଛି, କେବେ ବି ମାନବୀୟ ସମ୍ପର୍କର ସ୍ଥାନ ନେଇପାରିବ ନାହିଁ। ପିଲାମାନେ କେବଳ ଜ୍ଞାନ ବା ତଥ୍ୟ ଆବଶ୍ୟକ ରଖନ୍ତି ନାହିଁ, ସେମାନଙ୍କୁ ପ୍ରୋତ୍ସାହନ, ସମବେଦନା ଏବଂ ମାର୍ଗଦର୍ଶନ ମଧ୍ୟ ଦରକାର। ତେଣୁ ଆମେ ଶିକ୍ଷାରେ ଏଆଇକୁ ସ୍ୱାଗତ କରୁଛୁ। ହେଲେ ଆମେ ନିଶ୍ଚିତ ହେବା ଉଚିତ ଯେ, ଏହା ଶିକ୍ଷକଙ୍କ ପାଇଁ ପରିପୂରକ ହେଉ, କିନ୍ତୁ ଶିକ୍ଷକଙ୍କ ଉପସ୍ଥିତିର ମହତ୍ତ୍ୱକୁ ବଦଳାଇ ନ ଦେଉ। ଶିକ୍ଷାର ହୃଦୟ ସବୁବେଳେ ମାନବୀୟ ହୋଇ ରହିବା ଉଚିତ।

**ପ୍ର. ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଚିନ୍ତନ, ସୃଜନଶୀଳତା ଏବଂ ବ୍ୟବହାରିକ ଜ୍ଞାନ ଅପେକ୍ଷା ଘୋଷା ପାଠ ଏବଂ ପରୀକ୍ଷା ଫଳାଫଳ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ ବୋଲି ଅନେକେ ସମାଲୋଚନା କରନ୍ତି। ଛାତ୍ରୀଛାତ୍ରଙ୍କୁ କିପରି ପ୍ରସ୍ତୁତ କରାଯିବା ଉଚିତ?**

ଉ- ଏହା ଏପରି ଏକ ବିଷୟ ଯାହାକୁ ମୁଁ ଗଭୀର ଭାବେ ଅନୁଭବକରେ। ଶିକ୍ଷା କେବେ ବି ବୋଝ ଭଳି ଲାଗିବା ଉଚିତ ନୁହେଁ, ଏହା ଆବିଷ୍କାର ଭଳି ଅନୁଭବ ହେବା ଉଚିତ। ଶ୍ରେଣୀଗୃହରେ ପିଲାମାନେ ନିର୍ଭୟରେ ଚିନ୍ତାଧାରା ପ୍ରକାଶ କରିବା, ପ୍ରଶ୍ନ ପଚାରିବା ଏବଂ ଅଭିଜ୍ଞତା ମାଧ୍ୟମରେ ଶିଖିବା ଉଚିତ। ବ୍ୟବହାରିକ ଶିକ୍ଷା, ପ୍ରକଳ୍ପ ଆଧାରିତ କାର୍ଯ୍ୟକଳାପ, କଳା, କ୍ରୀଡ଼ା ଏବଂ ବାସ୍ତବ ଜୀବନର ସମସ୍ୟା ସମାଧାନ ସହ ପରିଚିତ ହେବା ଅତ୍ୟନ୍ତ ଜରୁରୀ। ଶିକ୍ଷକମାନଙ୍କୁ ମଧ୍ୟ ଅଧିକ ଶିଶୁ କୈନ୍ଦ୍ରିକ ପଦ୍ଧତି ଗ୍ରହଣ କରିବା ପାଇଁ ସଶକ୍ତ ଏବଂ ପ୍ରଶିକ୍ଷିତ କରାଯିବା ଆବଶ୍ୟକ। ଅଭିଭାବକ ଏବଂ ଶିକ୍ଷକ ଭାବରେ ଆମକୁ ମଧ୍ୟ ନିଜର ମାନସିକତା ବଦଳାଇବାକୁ ହେବ ଯେ, ମାର୍କ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ତାହା ହିଁ ସବୁକିଛି ନୁହେଁ। ଆତ୍ମବିଶ୍ୱାସ, କୌତୂହଳ ଏବଂ ଚରିତ୍ର ଗଠନ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ।

**ପ୍ର-ଏ ପର୍ଯ୍ୟନ୍ତ ଆପଣଙ୍କ ଯାତ୍ରା କିପରି ରହିଛି? ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ଛାତ୍ରମାନଙ୍କ ପାଇଁ କାହିଁକି ଏକ ପସନ୍ଦର ସ୍ଥାନ?**

ଉ- ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ନିର୍ମାଣ ମୋ ପାଇଁ କେବଳ ଏକ ବୃତ୍ତିଗତ ଯାତ୍ରା ନୁହେଁ, ଏହା ଏକ ଶିଶୁର ଲାଳନପାଳନ କରିବା ଭଳି ଯାତ୍ରା। ପ୍ରତ୍ୟେକ ଚ୍ୟାଲେଞ୍ଜ ମୋତେ କିଛି ନା କିଛି ଶିଖାଇଛି ଏବଂ ପ୍ରତ୍ୟେକ ସଫଳତା ଆମର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକମାନଙ୍କ ସାମୂହିକ ପ୍ରୟାସ ଦ୍ୱାରା ସମ୍ଭବ ହୋଇଛି। ମୁଁ ବିଶ୍ୱାସକରେ ଯେ ଆମେ ସୃଷ୍ଟିକରିଥିବା ପରିବେଶ 'ଆଇପିଏସ୍'କୁ ସ୍ୱତନ୍ତ୍ର କରାଏ। ଆମେ କେବଳ ଶିକ୍ଷା ଉପରେ ଧ୍ୟାନଦେଉନାହୁଁ, ବରଂ ପ୍ରତ୍ୟେକ ପିଲାଙ୍କ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଉଛୁ। ଏକ ଆବାସିକ ବିଦ୍ୟାଳୟ ଭାବରେ ଆମେ ଏକ ଘର ଭଳି ପରିବେଶ ମଧ୍ୟ ପ୍ରଦାନ କରୁ, ଯେଉଁଠାରେ ପିଲାମାନେ ସର୍ବଦା ଯତ୍ନବାନ୍ ଓ ସ୍ୱାଧୀନତା ଅନୁଭବ କରନ୍ତି।

**ପ୍ର. ଆପଣଙ୍କ ଦୂରଦୃଷ୍ଟି ଏବଂ ନିଷ୍ଠା ଏହି ଅନୁଷ୍ଠାନକୁ ନୂତନ ଉଚ୍ଚତାରେ ପହଞ୍ଚାଇଛି। ଏହି କ୍ଷେତ୍ରରେ କ୍ୟାରିୟର ଆରମ୍ଭ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଆପଣ କି ପରାମର୍ଶ ଦେବେ?**

ଉ- ଶିକ୍ଷା କେବଳ ଏକ ବୃତ୍ତି ନୁହେଁ, ଏହା ଏକ ଦାୟିତ୍ୱ ଏବଂ ଏକ ଆହ୍ୱାନ। ଏହି କ୍ଷେତ୍ରରେ ଆସୁଥିବା ଯେକୌଣସି ବ୍ୟକ୍ତିଙ୍କୁ ମୋର ପରାମର୍ଶ, ହୃଦୟର ସହ ନେତୃତ୍ୱ ନିଅନ୍ତୁ। ଯଦି ଜଣେ ପ୍ରକୃତରେ ପିଲାମାନଙ୍କ ଯତ୍ନ ନେଉଛନ୍ତି, ତେବେ ସେ ସର୍ବଦା ଠିକ୍ ବାଟ ପାଇବେ। ଧୈର୍ଯ୍ୟବାନ୍ ହୁଅନ୍ତୁ, କାରଣ ଶିକ୍ଷାର ଫଳାଫଳ ତୁରନ୍ତ ମିଳେନାହିଁ। ପରିବର୍ତ୍ତନ ପାଇଁ ପ୍ରସ୍ତୁତ ରୁହନ୍ତୁ, କାରଣ ଦୁନିଆ ବଦଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିଜର ମୂଲ୍ୟବୋଧ ସହ ଯୋଡ଼ିହୋଇ ରୁହନ୍ତୁ, କାରଣ ଏହା ହିଁ ଭବିଷ୍ୟତ ପିଢ଼ିକୁ ଗଢ଼ିଥାଏ। କେବଳ ଏକ ଅନୁଷ୍ଠାନ ଗଢ଼ିବାକୁ ଲକ୍ଷ୍ୟ ରଖନ୍ତୁ ନାହିଁ, ଏପରି ଏକ ସ୍ଥାନ ଗଢ଼ିବାକୁ ଲକ୍ଷ୍ୟରଖନ୍ତୁ, ଯେଉଁଠାରେ ପିଲାମାନେ ପ୍ରେରଣା, ସମ୍ମାନ ଏବଂ ଶ୍ରଦ୍ଧା ପାଇପାରିବେ।

# କଟକରେ କିସ୍‌ନାର ୧୩୬ତମ ଶୋ'ରୁମ୍ ଉଦ୍‌ଘାଟିତ

କଟକ,୨୮।୩(କାର୍ତ୍ତିକ ସାହୁ)




କିସ୍‌ନା ଡାଇମଣ୍ଡ ଓ ଗୋଲ୍ଡ ଜୁଏଲେରି ପକ୍ଷରୁ ୧୩୬ତମ ଶୋ'ରୁମ୍ କଟକର କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ହେଉଛି ଓଡ଼ିଶାରେ ୪ର୍ଥ ଶୋ'ରୁମ୍। ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ଫ୍ଲାଟ ୪୦% ରିହାତି ଓ ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୩୦%ର ରିହାତି ପ୍ରଦାନ କରାଯାଉଛି। ଉପଭୋକ୍ତାମାନେ ହୀରା ଓ ସୁନା ଅଳଙ୍କାରର ନିର୍ଦ୍ଦିଷ୍ଟ କ୍ରୟ ଉପରେ ୧୦ ଗ୍ରାମ ଓ ୨୦ ଗ୍ରାମର ସିଲ୍‌ଭର କଏନ୍ ମାଗଣାରେ ପାଇପାରିବେ ଏବଂ ପୁରୁଣା ସୁନା ଉପରେ ୧୦୦% ଏକ୍ସଚେଞ୍ଜ ମୂଲ୍ୟ ପାଇପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହରି କ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ ଯୋଗଦେଇ କହିଲେ, କଟକ ଶୋ'ରୁମ୍ ବିକଶିତ ଉପଭୋକ୍ତା ପସନ୍ଦ ଦ୍ୱାରା ପରିଚାଳିତ ମଜଭୁତ ଅଭିବୃଦ୍ଧି ସମ୍ଭାବନା ଦେଉଛି। ଓଡ଼ିଶାର ଲୋକମାନଙ୍କ ପାଇଁ ଚାରାରୋପଣ, ଅସହାୟଙ୍କ ସହାୟତା, ରକ୍ତଦାନ ପରି ମହତ୍ ସାମାଜିକ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତା ବଜାୟ ରହିବ। ଜୁଏଲେରିର ସିଇଓ ପରାଗ ଶାହ କହିଛନ୍ତି, କଟକରେ ଆମର ଶୋ'ରୁମ୍‌କୁ ଏକ ସହଜ ଓ ନିୟୋଜିତ ଶପିଂ ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟ୍‌ଲେଟ୍ ପାର୍ଟନର ଶେଖ ଗୁଲାମ ମୁସ୍ତାଫା ଓ ଶେଖ ନିସାର ମୁସ୍ତାଫା କଟକରେ ଆମର ଶୋ'ରୁମ୍‌ର ଶୁଭାରମ୍ଭ ପାଇଁ କିସ୍‌ନା ସହ ସହଭାଗିତାକରି ଆମେ ଆନନ୍ଦିତ ବୋଲି କହିଛନ୍ତି।

# ୨ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍‌ର ଚଳାଚଳ

ଭୁବନେଶ୍ୱର,୨୮।୩(ଅନୁରାଧା ମହାରଣା)

ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ ପାଇଁ ୨ଟି ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍‌ର ପ୍ରଚଳନ କରାଯାଇଛି। ଟ୍ରେନ୍ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ଯାଲାହାଙ୍କା ଏସି ଏକ୍ସପ୍ରେସ୍ ଏପ୍ରିଲ ୨ରୁ ପ୍ରତି ଗୁରୁବାର ମଧ୍ୟାହ୍ନ ୧୨ଟା ୫୦ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶନିବାର ରାତି ୧୨ଟା ୨୦ରେ ଯାଲାହାଙ୍କାରେ ପହଞ୍ଚିବ। ଫେରିବା ଦିଗରେ ୧୮୦୬୪ ଯାଲାହାଙ୍କା ସାନ୍ତ୍ରାଗାଛି ଏସି ଏକ୍ସପ୍ରେସ୍ ଏପ୍ରିଲ ୪ ଠାରୁ ପ୍ରତି ଶନିବାର ଯାଲାହାଙ୍କାରୁ ଭୋର ୪ଟା ୫୦ରେ ଛାଡିବ ଏବଂ ରବିବାର ସନ୍ଧ୍ୟା ୫ଟାରେ ସାନ୍ତ୍ରାଗାଛିରେ ପହଞ୍ଚିବ। ଯାତ୍ରା ସମୟରେ, ଟ୍ରେନ୍‌ଟି ପୂର୍ବ ତଟ ରେଳପଥ ଅଧୀନ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ ରୋଡ୍, ବିଜୟନଗରମ, କୋଟ୍ଟଭାଲସା, ପେନ୍ଦୁର୍ତି ଏବଂ ଦୁଭାଡା ଆଦି ଦେଇ ଗତି କରିବ। ୧୮୦୪୧ ଶାଲିମାରଏମ୍‌ଜିଆର୍ ଚେନ୍ନାଇ ଏକ୍ସପ୍ରେସ୍ ଏପ୍ରିଲ ୬ଠାରୁ ପ୍ରତି ସୋମବାର ଅପରାହ୍ନ ୨ଟା ୪୫ରେ ଶାଲିମାରରୁ ଛାଡ଼ିବ ଏବଂ ମଙ୍ଗଳବାର ସନ୍ଧ୍ୟା ୬ଟା ୪୫ରେ ଏମ୍‌ଜିଆର୍ ଚେନ୍ନାଇରେ ପହଞ୍ଚିବ। ଫେରିବା ଦିଗରେ ୧୮୦୪୨ ଏମଜିଆର ଚେନ୍ନାଇ-ଶାଲିମାର ଏକ୍ସପ୍ରେସ୍ ଏପ୍ରିଲ ୭ ଠାରୁ ପ୍ରତି ମଙ୍ଗଳବାର ସନ୍ଧ୍ୟା ୬ଟା ୪୫ରେ ଏମ୍‌ଜିଆର୍ ଚେନ୍ନାଇରୁ ଛାଡ଼ିବ ଏବଂ ଗୁରୁବାର ଭୋର ୪ଟାରେ ଶାଲିମାରରେ ପହଞ୍ଚିବ। ଏହି ଟ୍ରେନ୍ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବିଜୟନଗରମ ଏବଂ ଦୁଭାଡା ଆଦି ଷ୍ଟେଶନ ଦେଇ ଗତି କରିବ। ଏହି ନୂତନ ସେବାଗୁଡ଼ିକ ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ଯୋଗାଯୋଗରେ ଉଲ୍ଲେଖନୀୟ ଉନ୍ନତି ଆଣିବ।

# ପିଏମ୍ ଇ-ଡ୍ରାଇଭ ଯୋଜନାରେ ସଂଶୋଧନ

ନୂଆଦିଲ୍ଲୀ, ୨୮।୩

କେନ୍ଦ୍ର ସରକାର ପିଏମ୍ ଇ-ଡ୍ରାଇଭ ଯୋଜନାରେ ସଂଶୋଧନକରି ଇ-ସ୍କୁଟର ଏବଂ ଇ-ରିକ୍ସା ପାଇଁ ନୂଆ ସମୟସୀମା ଏବଂ ସଂଖ୍ୟା ସୀମା ନିର୍ଦ୍ଧାରଣ କରିଛନ୍ତି। ୧୦,୯୦୦ କୋଟି ଟଙ୍କାର ପିଏମ୍ ଇଲେକ୍ଟ୍ରିକ ଡ୍ରାଇଭ ରିଭୋଲ୍ୟୁଶନ ଇନ୍ ଇନୋଭେଟିଭ ଭେହିକଲ ଏନ୍‌ହାନ୍ସମେଣ୍ଟ (ପିଏମ୍ ଇ-ଡ୍ରାଇଭ) ଯୋଜନାର ନୂଆ ନିୟମ ଅନୁଯାୟୀ, ୨୦୨୬ ଜୁଲାଇ ୩୧ ପର୍ଯ୍ୟନ୍ତ ପଞ୍ଜୀକୃତ ହୋଇଥିବା ଇଲେକ୍ଟ୍ରିକ ଟୁ-ହୁଇଲର (ଇ-ସ୍କୁଟର) ଏବଂ ୨୦୨୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପଞ୍ଜୀକରଣ ହୋଇଥିବା ଇଲେକ୍ଟ୍ରିକ ଥ୍ରି-ହୁଇଲର (ଇ-ରିକ୍ସା ଏବଂ ଇ-କାର୍ଟ) ପାଇଁ ଇନ୍‌ସେଣ୍ଟିଭ ମିଳିବ। ଇନ୍‌ସେଣ୍ଟିଭ ପାଇବା ପାଇଁ ଇ-ଟୁ-ହୁଇଲରର ସର୍ବାଧିକ ଏକ୍ସ-ଫ୍ୟାକ୍ଟ୍ରି ମୂଲ୍ୟ ୧.୫ଲକ୍ଷ ଏବଂ ଇ-ଥ୍ରି-ହୁଇଲରର ସର୍ବାଧିକ ମୂଲ୍ୟ ୨.୫ ଲକ୍ଷ ପର୍ଯ୍ୟନ୍ତ ସୀମିତ ରଖାଯାଇଛି। ଏହି ଯୋଜନାରେ ମୋଟ ଖର୍ଚ୍ଚ ୧୦,୯୦୦ କୋଟି ଟଙ୍କା ମଧ୍ୟରେ ସୀମିତ ରହିବ। ଯଦି ଯୋଜନାର ଅର୍ଥ ଶେଷ ହୋଇଯିବା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଭାରି ଶିଳ୍ପ ମନ୍ତ୍ରଣାଳୟ ଜଣାଇଛି। ଯୋଜନାର ଶେଷ ତାରିଖ ୨୦୨୮ମାର୍ଚ୍ଚ ୩୧ ରହିଥିଲେ ମଧ୍ୟ ଇ-ଟୁ-ହୁଇଲର ପାଇଁ ୨୦୨୬ ଜୁଲାଇ ୩୧ ଏବଂ ଇ-ରିକ୍ସା ଓ ଇ-କାର୍ଟ ପାଇଁ ୨୦୨୮ ମାର୍ଚ୍ଚ ୩୧ ରହିବ। ପିଏମ୍ ଇ-ଡ୍ରାଇଭ ଯୋଜନା ଅଧୀନରେ ସର୍ବାଧିକ ୨୪,୭୯,୧୨୦ଟି ଇ-ଟୁ-ହୁଇଲର ଏବଂ ୩୯,୦୩୪ଟି ଇ-ରିକ୍ସା ଓ ଇ-କାର୍ଟକୁ ପ୍ରୋତ୍ସାହନ ଦିଆଯିବ। ଏଲ୍-୫ ବର୍ଗର ଇ-ଥ୍ରି-ହୁଇଲର ଲକ୍ଷ୍ୟ ପୂରଣ ହୋଇଯାଇଥିବାରୁ ୨୦୨୫ ଡିସେମ୍ବର ୨୬ରେ ସେହି ବର୍ଗ ବନ୍ଦ କରାଯାଇଛି।

# କଟକରେ ଯେତେ ବ୍ୟବସାୟ ହେବ ସେତେ ଚାରା ଲଗାଇବୁ

**ସାରା ପୃଥିବୀରେ ହୀରା ଓ ସୁନା ଅଳଙ୍କାର ବ୍ୟବସାୟ ପ୍ରସାରକରିଛି ମୁମ୍ବଇର ହରିକ୍ରିଷ୍ଣା ଗ୍ରୁପ୍। ହରିକ୍ରିଷ୍ଣା ଗ୍ରୁପ୍ ନିଜର ବ୍ୟବସାୟିକ ସଫଳତା ସାଙ୍ଗକୁ ବିବିଧ ସାମାଜିକ କାର୍ଯ୍ୟ ମାଧ୍ୟମରେ ସମାଜର ଉନ୍ନତି ପ୍ରତି ମଧ୍ୟ ଯତ୍ନବାନ୍। ତେବେ ଓଡ଼ିଶାର ଯାଜପୁର ଓ କଟକରେ ଗୋଟିଏ ଦିନରେ ଏକକାଳୀନ ଦୁଇଟି ଷ୍ଟୋର ଉଦ୍‌ଘାଟନ କରିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହରିକ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ କଟକ ଆସିଥିବା ବେଳେ ତାଙ୍କ ସହ ଧରିତ୍ରୀ ପକ୍ଷରୁ ଏହି ସାକ୍ଷାତ୍‌କାର।**



ଘନଶ୍ୟାମ ଢୋଲକିଆ

**ପ୍ର- ହରିକ୍ରିଷ୍ଣା ଗ୍ରୁପ୍ କେବେ ଆରମ୍ଭ କରିଥିଲେ?**

ଉ-ଆମେ ୪ଭାଇ ମିଶି ୧୯୯୨ରେ ହରିକ୍ରିଷ୍ଣା ଗ୍ରୁପ୍ ଗଠନ କରିଥିଲୁ। ଆମ ବାପା ଚାଷ କରିବା ସହ ହୀରା ସମ୍ବନ୍ଧୀୟ କାମ କରୁଥିଲେ। ସେ ୨୦୦୫ରେ କିସ୍‌ନା ବ୍ରାଣ୍ଡ କରିଥିଲେ ଯାହା ଆଜି ସୁପ୍ରତିଷ୍ଠିତ ହୋଇଛି।

**ପ୍ର- ବ୍ୟବସାୟିକ ସମ୍ପ୍ରସାରଣ ଯୋଜନା କ'ଣ ରହିଛି?**

ଉ- ହରିକ୍ରିଷ୍ଣା ଗ୍ରୁପ୍ ବର୍ତ୍ତମାନ ସୁଦ୍ଧା ସାରା ଭାରତରେ ୧୫୦୦ରୁ ଊର୍ଦ୍ଧ୍ୱ ଶୋ'ରୁମ୍‌ରେ ନିଜସ୍ୱ ଉତ୍ପାଦକୁ ଉପଲବ୍ଧ କରାଇଛି। ସେହିପରି ଦେଶରେ ଆଜି ସୁଦ୍ଧା ନିଜସ୍ୱ ବ୍ରାଣ୍ଡର ୧୩୬ଟି ଏକ୍ସକ୍ଲୁସିଭ ଶୋ'ରୁମ୍ ଥିବାବେଳେ ୨୦୨୭ ସୁଦ୍ଧା ୧୫୦ଟି ଖୋଲିବା ଲକ୍ଷ୍ୟ ରହିଛି। ଓଡ଼ିଶାରେ ୪ଟି ଶୋ'ରୁମ୍ ଖୋଲାଯାଇଥିବା ବେଳେ ୨୨ଟି ଶୋ'ରୁମ୍ ଖୋଲିବା ଯୋଜନା ରହିଛି।

**ପ୍ର- ଆପଣଙ୍କ ଉତ୍ପାଦର ସ୍ୱତନ୍ତ୍ରତା କ'ଣ?**

ଉ- ଆମେ ନିଜେ ହୀରା ଓ ସୁନା ଅଳଙ୍କାର ଡିଜାଇନ ଓ ନିର୍ମାଣ କରୁଛୁ। ସେଥିପାଇଁ ଉପଭୋକ୍ତାଙ୍କୁ ଉଚିତ ଦାମ ସହ ସମସ୍ତ ସୁବିଧା ଆମ ତରଫରୁ ପ୍ରଦାନ କରିବାକୁ ଯତ୍ନବାନ୍ ଅଛୁ।

**ପ୍ର- ବିଦେଶରେ ବ୍ୟବସାୟିକ କାରବାର କିପରି ରହିଛି?**

ଉ- ପୃଥିବୀର ୧୧୦ଟି ଦେଶକୁ ଆମ ଦ୍ୱାରା ପ୍ରସ୍ତୁତ ଅଳଙ୍କାର ଉତ୍ପାଦ ରପ୍ତାନି କରାଯାଉଛି। ସର୍ବାଧିକ ଆମେରିକାକୁ କରାଯାଉଛି। ୧୨୫ଟି ଦେଶକୁ ଅଳଙ୍କାର ରପ୍ତାନି କରିବା ଲକ୍ଷ୍ୟ ରଖିଛୁ।

**ପ୍ର- କଞ୍ଚାମାଲ କେଉଁଠୁ ଆଣୁଛନ୍ତି?**

ଉ- ରୁଷିଆ ଏବଂ ଆଫ୍ରିକାରୁ କଞ୍ଚାମାଲ ଆମଦାନୀ କରାଯାଉଛି। ଗୁଜରାଟରେ ଥିବା ଆମ କମ୍ପାନୀରେ ୧୦ ହଜାର ଲୋକ ପ୍ରତିଦିନ କାମ କରୁଛନ୍ତି।

**ପ୍ର- ବ୍ୟବସାୟକୁ କିଭଳି ପରିଚାଳନା କରିପାରୁଛନ୍ତି?**

ଉ- ଆମର ହେଡ୍ ଅଫିସ୍ ମୁମ୍ବଇରେ ରହିଥିବା ବେଳେ ସେଠାରେ ମୁଁ ନିଜେ ରହି ସବୁ ବୁଝେ ଓ ମୋ ଭାଇ ଗୁଜରାଟରେ ରହି ଉତ୍ପାଦନ କଥା ବୁଝନ୍ତି।

**ପ୍ର- ସାମାଜିକ ପ୍ରତିବଦ୍ଧତାକୁ ଆପଣ କିପରି ଭାବେ ଦେଖନ୍ତି?**

ଉ- ଆମ ଗ୍ରୁପ୍ ବହୁ ସାମାଜିକ କାର୍ଯ୍ୟ ଚାଲୁ ରଖିଛି। ଗୁଜରାଟ ଓ ରାଜସ୍ଥାନରେ ପାଣି ସମସ୍ୟା ଦୂରକରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୩୦ ଲକ୍ଷ ଚାରାରୋପଣ କରିଛି। କଟକରେ କିସ୍‌ନାର ଯେତେ ବ୍ୟବସାୟ ହେବ ସେହି ପରିମାଣର ଚାରାରୋପଣ କରାଯିବ, ଗରିବ ଲୋକଙ୍କୁ ଖାଦ୍ୟ ବିତରଣ ସହ ରକ୍ତଦାନ କରାଯିବ।

ସାକ୍ଷାତକାର- କାର୍ତ୍ତିକ ସାହୁ, କଟକ

# ଏନ୍‌ଟିପିସି ପକ୍ଷରୁ ନୈତିକ ସାମ୍ବାଦିକତା ଶୀର୍ଷକ କର୍ମଶାଳା

ସୁନ୍ଦରଗଡ,୨୮।୩(ଜୟ ନାରାୟଣ ମେଣ୍ଡୁଲି)



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଏନ୍‌ଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଓ ଅନ୍ୟ ଅଧିକାରୀ।

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ନୈତିକ ସାମ୍ବାଦିକତା ଶୀର୍ଷକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ଖବରକାଗଜ 'ହିନ୍ଦୁ'ର ବରିଷ୍ଠ ଖବରଦାତା ଶିଶିର ସିହ୍ନା ଯୋଗଦେଇ କହିଛନ୍ତି, ପରିବର୍ତ୍ତିତ ସମୟର ତାଳରେ ସାମାଜିକ ଗଣମାଧ୍ୟମର ବହୁଳତା, ଦ୍ରୁତ ଓ ପ୍ରତିଯୋଗିତାମୂଳକ ଖବର ପରିବେଷଣ ବେଳେ କେତେକ କ୍ଷେତ୍ରରେ ଭୁଲ୍ ଖବର ଜନମାନସରେ ବିଭ୍ରାନ୍ତି ସୃଷ୍ଟିକରୁଛି। ଏଣୁ ଗଣମାଧ୍ୟମ ପ୍ରତିନିଧିମାନେ ଠିକ୍ ଖବର, ନିରପେକ୍ଷ ଭାବନା ଓ ସମାଜ ପ୍ରତି ଥିବା ନୈତିକ ଦାୟିତ୍ୱ ବୋଧକୁ ଆଖି ରଖି ଖବର ପରିବେଷଣକରି ଗଣମାଧ୍ୟମ ପ୍ରତି ଲୋକଙ୍କ ରହିଥିବା ବିଶ୍ୱସନୀୟତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏନ୍‌ଟିପିସି ଦର୍ଲିପାଲିର ମୁଖ୍ୟ ଫୈଜ ତୈୟାବ ଓ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳକରି ଉଦ୍‌ଘାଟନ କରିଥିଲେ। ଏନ୍‌ଟିପିସି ଦର୍ଲିପାଲି ମାନବ ସମ୍ବଳ ବିଭାଗ ମୁଖ୍ୟ ସଞ୍ଜିତ କୁମାର ମିଞ୍ଜ ଏହି କର୍ମଶାଳା ପରିଚାଳନା କରିଥିଲେ। କର୍ମଶାଳାରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କିଟ୍ ଓ କିସ୍ ଆଥ୍‌ଲେଟଙ୍କୁ ୨୩ ପଦକ

## ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ

**ଭୁବନେଶ୍ୱର,୨୮।୩(ଅନାଦି କର)**

ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ କିଟ୍ ଓ କିସ୍ ଆଥ୍‌ଲେଟମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ ୨୩ ପଦକ ସହିତ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ପଦକ ତାଲିକାରେ ୯ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୦ ବ୍ରୋଞ୍ଜ ରହିଛି, ଯାହାକି ଓଡ଼ିଶାର ଆଥ୍‌ଲେଟଙ୍କର ବିଭିନ୍ନ ଇଭେଣ୍ଟରେ ସ୍ଥିର ପ୍ରଦର୍ଶନକୁ ଦର୍ଶାଉଛି। ଏହି ସଫଳତା ପଛରେ କିଟ୍ ଓ କିସ୍ ଆଥ୍‌ଲେଟଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ସେମାନେ ପ୍ରତିଯୋଗିତାରେ ୬ ସ୍ୱର୍ଣ୍ଣ,୧ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ଜିତିଛନ୍ତି।

ଶନିବାର ଅଞ୍ଜଳି ମୁଣ୍ଡା ୫୦ମି. ବ୍ୟାକଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହିତ ତାଙ୍କ ପ୍ରତିନିଧିତ୍ୱରେ ଓଡ଼ିଶା ୪X୧୦୦ ମି. ମିଡଲେ ରିଲେ ଦଳ ସ୍ୱର୍ଣ୍ଣ ପଦକ ଜିତିଛି। ଏହି ଦଳରେ ରୁପାଲି ହେମ୍ବ୍ରମ ଓ ଅଞ୍ଜଳି ମଲିକ ସଦସ୍ୟ ଥିଲେ। କୃଷ୍ଣା ପ୍ରିୟା ନାୟକ ୧୦୦ ମି. ଫ୍ରିଷ୍ଟାଇଲରେ ରୌପ୍ୟ ପଦକ ଜିତିଥିବା ବେଳେ ପୁରୁଷ ୫୦ ମି. ବ୍ୟାକଷ୍ଟ୍ରୋକରେ ରାଜେଶ ସୋରେନ୍ ବ୍ରୋଞ୍ଜ ପଦକ ଅକ୍ତିଆର କରିଥିଲେ। ଏଥିପୂର୍ବରୁ ମିନା ସାନ୍ତା ମହିଳା ୫୩ କେଜି ୱେଟଲିଫ୍ଟିଙ୍ଗ୍ କାଟେଗୋରୀରେ ମୋଟ ୧୬୫ କେଜି ଭାର ଉଠାଇ ବ୍ରୋଞ୍ଜ ପଦକ ହାତେଇଥିଲେ। ସୁଇମିଂରେ ୭ରୁ ୬ ସ୍ୱର୍ଣ୍ଣ ପଦକ କିଟ୍-କିସ୍ ଆଥ୍‌ଲେଟ୍ସ ଜିତିଛନ୍ତି। ଏହା ଆକ୍ୱାଟିକ ଇଭେଣ୍ଟରେ କିଟ୍-କିସ୍ ଆଥ୍‌ଲେଟଙ୍କର ପ୍ରାଧାନ୍ୟକୁ ଦର୍ଶାଉଛି। କିଟ୍‌ରେ ଥିବା ଅଲିମ୍ପିକ୍ ସ୍ତରର ୫୦ ମି. ସୁଇମିଂପୁଲ୍ ସହିତ ଅନ୍ତର୍ଜାତୀୟ କୋଚିଂ, ଅତ୍ୟାଧୁନିକ ଟ୍ରେନିଂ ଜାତୀୟ ସ୍ତରରେ ସେମାନଙ୍କର ପଦକ ବିଜୟୀ ପ୍ରଦର୍ଶନ ପଛରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏଭଳି ସଫଳ ପ୍ରଦର୍ଶନ ଲାଗି ଆଥ୍‌ଲେଟ୍ସଙ୍କୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




# ୧୩ରୁ ଏଆଇଟିଏ-ଓଟିଏ ଜୁନିୟର ସୁପର ସିରିଜ୍ ଟେନିସ




**ଭୁବନେଶ୍ୱର,୨୮।୩(ଅନାଦି କର)**

ଆସନ୍ତା ୧୩ ତାରିଖରୁ ଗୁରୁକୁଳ ରିଜର୍ଟ ଆଣ୍ଡ୍ କଣ୍ଟ୍ରି କ୍ଲବଠାରେ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ସ୍ୱୀକୃତିପ୍ରାପ୍ତ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଜୁନିୟର ୧୬ ବର୍ଷରୁ କମ୍ ସୁପର ସିରିଜ୍ ଟେନିସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଭାରତୀୟ ସେନା ଅଧିକାରୀ ମେଜର ସନ୍ଦୀପଙ୍କ ସ୍ମୃତିରେ ୨୦୧୪ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ଜାତୀୟ ଜୁନିୟର ସ୍ତରରେ ଖେଳାଯିବ। ଏହି ପ୍ରତିଯୋଗିତାରେ ୧୬ ବର୍ଷରୁ କମ୍ ବୟସ ବର୍ଗର ଉଭୟ ବାଳିକା ଓ ବାଳକମାନେ ଭାଗନେବେ। ଆସନ୍ତା ୧୧ ଓ ୧୨ ତାରିଖରେ ଯୋଗ୍ୟତା ପର୍ଯ୍ୟାୟ ଖେଳାଯିବ। ୧୩ରୁ ଆରମ୍ଭ ହେଉଥିବା ମୁଖ୍ୟ ଇଭେଣ୍ଟରେ ପାଖାପାଖି ୩୨ ମହିଳାଙ୍କ ସମେତ ୬୪ ଖେଳାଳି ଭାଗ ନେବେ। ଏ ନେଇ ସ୍ଥାନୀୟ ଏକ ହୋଟେଲରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।


# ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**√ସତ୍ୟବ୍ରତ ଦାଶ**

ସ୍ଥାନ- ଏସ୍.ଜି-୩୨, ଶ୍ରୀକ୍ଷେତ୍ର ବିହାର ଆଇଗିଣିଆ, ଭୁବନେଶ୍ୱର
ଆବିର୍ଭାବ: ୨୫।୦୨।୧୯୭୦
ତିରୋଧାନ: ୨୦।୦୩।୨୦୨୬

ତୁମର ଅକାଳ ବିୟୋଗ ଆମ ପରିବାର ପାଇଁ ଅପୂରଣୀୟ କ୍ଷତି। ତୁମ ସ୍ମୃତି ସଦା ଆମ ହୃଦୟରେ ଅମର ରହିଥିବ । ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ମଧୁସ୍ମିତା, ଅନନ୍ୟା, ଆଦିତ୍ୟ ଓ ପରିବାରବର୍ଗ

ଧ-୩୭୭୪

### ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସହିଦ ରାଜକିଶୋର ମୁଣ୍ଡା**

(୨୪ ଜୁଲାଇ ୧୯୮୧-୨୯ ମାର୍ଚ୍ଚ ୨୦୨୫)

ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା ଜଣାଉଛୁ । ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ତୁମ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ।

ଶୋକସନ୍ତପ୍ତ: ଧର୍ମପତ୍ନୀ: ଅମିତା ମୁଣ୍ଡା, କନ୍ୟା- ସୋନିଆ, ରିଙ୍କି, ଭାଇ: ମକର, ଯାଦବ ଓ ପରିବାରବର୍ଗ- ଲୋକନାଥ, ସବିତା, ପିଣ୍ଟୁ, ପରୀ, ମମତା, ଚିନ୍ତୁ, ସୁରୁ, ପୂଜା, ଲିଜା, ମିକୁ, ଦୁଃଶାସନ, ସୁନି, ପାର୍ବତୀ, ଦ୍ରୁପତୀ

ଧ-୩୭୭୩

### ୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**√ ଶରତ ମଞ୍ଜରୀ ରଥ**

ଚାହୁଁଚାହୁଁ ୨୨ ବର୍ଷ ପୁରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ଏହି ପୁଣ୍ୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ

ଧ-୭୫୮୭୭


# ଗିରଫ ପରେ ଜାମିନରେ ଖଲାସ ହେଲେ ଉଡ୍ସ

**କୁପିଟର ଆଇଲାଣ୍ଡ (ୟୁଏସ୍ଏ), ୨୮।୩ (ଏପି)**



ବିଶିଷ୍ଟ ଗଲ୍‌ଫ ଖେଳାଳି ଟାଇଗର ଉଡ୍ସ ନିଶାଗ୍ରସ୍ତ ଅବସ୍ଥାରେ ଡ୍ରାଇଭିଂ କରିଥିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହେବାପରେ ଶୁକ୍ରବାର ବିଳମ୍ବିତ ରାତିରେ ଜାମିନରେ ଖଲାସ ହୋଇଛନ୍ତି। ଉଡ୍ସଙ୍କ ଲାଣ୍ଡ ରୋଭର ଏକ ଟ୍ରକ୍‌କୁ ଧକ୍କାଦେବା ପରେ ଏହାର ପାର୍ଶ୍ୱକୁ ଗଡ଼ିଯାଇଥିଲା। ଉଡ୍ସଙ୍କର ବ୍ରିଥାଲାଇଜର ଟେଷ୍ଟ କରାଯାଇଥିଲା। ସେ ମଦ୍ୟପାନ କରି ନ ଥିବା ଜଣାପଡ଼ିଥିଲା। ମାତ୍ର ସେ ମୂତ୍ର ପରୀକ୍ଷାକୁ ମନା କରି ଦେଇଥିଲେ। ସେ କୌଣସି ନିଶାଦ୍ରବ୍ୟ ସେବନ କରିଥିବା ଅନୁମାନ କରାଯାଉଛି। ଫ୍ଲୋରିଡା ଆଇନ ଅନୁସାରେ ଜାମିନ ପାଇବା ପୂର୍ବରୁ ଜଣକୁ ଅତିକମ୍‌ରେ ୮ଘଣ୍ଟା ଜେଲ୍‌ରେ ରହିବାକୁ ପଡ଼ିବ। ଉଡ୍ସଙ୍କ ମ୍ୟାନେଜର ଏହି ଘଟଣା ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇନାହାନ୍ତି।

# କ୍ଲବ ଦି ରେଡ୍ ଷ୍ଟାର୍, ରାମେଶ୍ୱର ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର ତା ୨୮।୩ (ବିଜୟ ରଣା)**

ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପାଣ୍ଡରା ନିକଟସ୍ଥ ହାଇ ଟେକ୍ କଲେଜ ଖେଳପଡିଆରେ ଆରମ୍ଭ ହୋଇଛି। ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୮ଉଇକେଟ ହରାଇ ୯୫ ରନ କରିଥିଲା। କ୍ଲବ ଦି ରେଡ୍ ଷ୍ଟାରର ସଫଳ ବୋଲର ମୃତ୍ୟୁଞ୍ଜୟ ଦାସ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୬ ରନ ବିନିମୟରେ ୪ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କ୍ଲବ ଦି ରେଡ ଷ୍ଟାର ୧୬ ଓଭରର ୬ ଉଇକେଟ ବିନିମୟରେ ୯୬ ରନ କରି ମ୍ୟାଚ ଜିତିଥିଲା। ଦଳର ଟପ୍ ସ୍କୋରର ଶ୍ରେୟାଂଶ ବିଧାର ୩୪ ବଲରୁ ୩୪ ରନ କରିଥିଲେ। ବିପକ୍ଷ ଦଳର ବୋଲର ରୋହିତ ପାଲ ଓ ନିଲ ମହାନ୍ତି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ କ୍ଲବ ଦି ରେଡ୍ ଷ୍ଟାର ୪ ଉଇକେଟରେ ବିଜୟ ଲାଭ କରିଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ମୃତ୍ୟୁଞ୍ଜୟ ଦାସଙ୍କୁ ପୂର୍ବତନ କ୍ରିକେଟ ଖେଳାଳି ଓ କୋଚ ରାଧେଶ୍ୟାମ ନାୟକ ପୁରସ୍କୃତ କରିଥିଲେ ।

ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ସନ୍‌ସାଇନ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୧୪ ରନ କରିଥିଲା। ଦଳ ପକ୍ଷରୁ ଶୁଭଙ୍କର ସ୍ୱାଇଁ ୧୫ବଲ୍‌ରୁ ସର୍ବାଧିକ ୨୭ ରନ କରିଥିଲେ। ବିପକ୍ଷ ଦଳର ବୋଲର ଅଭାନ ମିଶ୍ର ୩ ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୧୬.୩ ଓଭରରେ ୫ ଉଇକେଟ ବିନିମୟରେ ୧୧୬ ରନ କରି ନେଇଥିଲା। ଲିଓଲିନ ମେହେର ୪୩ ବଲରେ ସର୍ବାଧିକ ୫୬ ରନ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ ୫ ଉଇକେଟରେ ବିଜୟ ଲାଭ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ଲିଓଲିନ ମେହେରଙ୍କୁ ପୂର୍ବତନ ରଣଜୀ ଖେଳାଳି ଦୀପକ ମଙ୍ଗରାଜ ପୁରସ୍କୃତ କରିଥିଲେ। ଶନିବାର ଅତିଥି ଭାବରେ ଭାଜପା ନେତ୍ରୀ ତଥା ଓଡ଼ିଆ ସିନେମା ଅଭିନେତ୍ରୀ ବିଦ୍ୟୁସ୍ମିତା ମନ୍ତ୍ରୀ, ସ୍ୱର୍ଗତ ପଣ୍ଡିତ ରାମକୃଷ୍ଣ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଗିରିଶ ମହାପାତ୍ର, ଜୟଦେବ କ୍ରୀଡ଼ା ସଂଘ ଉପସଭାପତି ବଲ୍ଲଭ ଚରଣ ସାହୁ ପ୍ରମୁଖ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ ।





# Classified Everyday
0674-2580101, 9692975378



MATRIMONIAL

## BRIDE WANTED

Wanted Software Engineer Bride for handsome Brahmin Boy 1997, 6'2", B.Tech, serving MNC Hyderabad "SUNASANSAR". 9937512659. D-3739

ବାହାଘର ପାଇଁ ପୋଲିସ ଝିଅ ଦରକାର। N6-44, I.R.C. Mo-7978120820 Kamala Das. D-3768

## GROOM WANTED

Wanted Service groom for beautiful Teli girl 1986, 5'5", Serving Manager reputed Hotel Bhubaneswar. 9078226280, "SUNASANSAR". 9937512659. D-3740

60 ବୟସ୍କା Pension Holder Widow ନିଜର Business କରୁଥିବା ଖଣ୍ଡାୟତ ଝିଅଙ୍କୁ ପୁଅ ଦରକାର। Urgent 8249280543. D-3770



REAL ESTATE

## SALE

**DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.** D-249

3BHK Flats near 200sqft. Sikharchandi Chandaka Road, Sundarpur (The New Patia) Bhubaneswar. Rera & BDA approved. Near DN Wisdom Tree School and KIMS Hospital. Bricks work completed. Book Site Visit- 8018461579, 9437095996. D-105

Duplex 5BHK, 4000sqft. Construction, ready to move for sale at Laxmisagar, Bhubaneswar, Rs.3.33Cr only, Genuine Buyer, contact: 7894775333. D-3780

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

**Limited CDA and RERA (RP/07/2023/01069) Approved Plot available near K.V-3 & CISF Munduli with all Infrastructure Development. Contact-7008513309.** D-3764

PRIME LAND FOR SALE AT ANGUL- Boundary wall plots near RIMIT College, just 100m from NH-16, 15ft. road, East/West facing. High growth area- perfect for home. Limited plots- grab fast! Best price. Contact: 8249696877. D-3781

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

GA Colony ଭରତପୁରରେ Fully Developed Colony ମଝିରେ 2700 ବର୍ଗଫୁଟ ସ୍ଥିତିବାନ୍ Plot For sale. Owner- 8917622925. D-3763

Ready to move 3BHK Duplex Bungalow, BOTANDA, SUNDARPADA, BHUBANESWAR, near SBI, Ranging: 1.18Cr. Contact: 9861125539, 9040521173. D-301

**ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834.** D-3649

## LOST

ମୁଁ, ଯୁଗଳ କିଶୋର ନାୟକ. ପି: କୈଳାସ ଚନ୍ଦ୍ର ନାୟକ, ସା: ଡାକଢୋଲ, ପୋ: ଗାଡେରି, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼ ଏହି ମାଧ୍ୟମରେ ଘୋଷଣା କରୁଛି ମୁଁ ମହିପୁରରୁ ନୂଆଗାଁ ବସ୍‌ରେ ଯାଉଥିବା ସମୟରେ ମୋର ମହିନ୍ଦ୍ରା ଫାଇନାନ୍ସରୁ ଆଣିଥିବା ଗାଡ଼ି ନଂ. OD 12-A-1183ର NOC ପେପରଟି ତା.୨୦।୦୩।୨୦୨୬ରିଖରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି, ଏହି ନମ୍ବରରେ ଯୋଗାଯୋଗ କରିବେ 9439347873. D-3772

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit No 1346 sworn before Executive Magistrate, Angul, dated 25.03.2026, I, Reena Devi Samal, Address: At- Kishoripal, P.O.- Kankili, Dist.- Angul, PIN- 759100 (Odisha) declare that I have changed my name from Reena Mohanty to Reena Devi Samal. Henceforth, I shall be known as Reena Devi Samal for all purposes.
Reena Devi Samal
D-3776

By virtue of an affidavit before Notary Public, Bhubaneswar, Sl. No.- 597, Dtd- 20.03.2026, I, SK RAHEMAT ALI, S/o- Sk Kamiruddin, At/P.O.- Indupur, P.S.- Nikirai, Dist.- Kendrapara declare that I have changed my name from ASHOK KUMAR to SK RAHEMAT ALI. Henceforth, I shall be known as SK RAHEMAT ALI for all porposes. D-3777

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Ghatagaon, Keonjhar, dated 22.12.2025, I, MANGILAL RATHI, Address: At/P.O.- Dhenkikote, Ghatagaon, Keonjhar declare that I have changed the name of my daughter from KIRTI to KIRTI RATHI. Henceforth, she shall be known as KIRTI RATHI for all purposes.
MANGILAL RATHI
D-3778

By virtue of an affidavit sworn before Executive Magistrate, Ghatagaon, Keonjhar, dated 22.12.2025, I, MANGILAL RATHI, Address: At/P.O.- Dhenkikote, Ghatagaon, Keonjhar declare that I have changed the name of my daughter from PURNIMA to PURNIMA RATHI. Henceforth, she shall be known as PURNIMA RATHI for all purposes.
MANGILAL RATHI
D-3779

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ନିରୁଦ୍ଦିଷ୍ଟ



ନାମ: ସଦନ ପେଣ୍ଡିଆ, ବୟସ-୫୫, ଉଚ୍ଚତା- ୫ଫୁଟ୍ ୬ଇଞ୍ଚ, ଶ୍ୟାମଳ ବର୍ଣ୍ଣ, ଗାଡ଼କଣ ନବୀନ ନଗର ଭୁବନେଶ୍ୱରରୁ ରବିବାର ଦିନ ୧୨ରୁ ନିଖୋଜ ଅଛନ୍ତି। ନିଜ ଘର କୁନ୍ଦୁରା ବ୍ଲକ୍ କୋରାପୁଟ ଜିଲ୍ଲା। ଲୋକଟିର ମାନସିକ ସ୍ଥିତି ଅସୁବିଧା ଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ଲୋକଙ୍କୁ କେଉଁଠି ଦେଖନ୍ତି, ନିକଟସ୍ଥ ପୋଲିସ ଷ୍ଟେସନ କିମ୍ବା ଏହି ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ। 8018981080, 8658387366. D-3775

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ବଢ଼ୁଛି ଡୋପାମାଇନ୍ ଡିଟକ୍ସ ଟ୍ରେଣ୍ଡ

ଡୋପାମାଇନ୍ ହେଉଛି ମସ୍ତିଷ୍କରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ନ୍ୟୁରୋଟ୍ରାନ୍ସମିଟର ବା ପ୍ରାକୃତିକ ରାସାୟନିକ ସନ୍ଦେଶବାହକ ହର୍ମୋନ। ଯାହା ଖୁସି, ପ୍ରେରଣା, ସ୍ମୃତି ଏବଂ ଶାରୀରିକ ଗତି ଆଦି ନିୟନ୍ତ୍ରଣରେ ବିଶେଷ ଭୂମିକା ବହନ କରିଥାଏ। ଏହାକୁ ଫିଲ୍‌ଗୁଡ୍ ହର୍ମୋନ୍ ବା ହାପି ହର୍ମୋନ୍ ମଧ୍ୟ କୁହାଯାଇଥାଏ।

**ଡୋପାମାଇନ୍ ଡିଟକ୍ସ କ'ଣ:** କାଲିଫର୍ନିଆର ମାନସିକରୋଗ ବିଶେଷଜ୍ଞ କ୍ୟାମେରନ୍ ସେପାଙ୍କ ଦ୍ୱାରା ଏହି ଡୋପାମାଇନ୍ ଡିଟକ୍ସ ବା ଡୋପାମାଇନ୍ ଫାଷ୍ଟିଙ୍ଗ୍ ଟ୍ରେଣ୍ଡ ଆରମ୍ଭ କରାଯାଇଛି। ତେବେ ଅନେକଙ୍କ ମନରେ ପ୍ରଶ୍ନ ଆସିପାରେ, ଯଦି ଡୋପାମାଇନ୍ ହର୍ମୋନ ମଣିଷକୁ ଖୁସି, ପ୍ରେରଣା ଦେବା କାର୍ଯ୍ୟ କରିଥାଏ ; ତେବେ ଏହାକୁ ଡିଟକ୍ସ କରିବା କ'ଣ ଦରକାର ? ଏହି କଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ମଧ୍ୟ ଦେଖାଦେଇଥିଲା। ହେଲେ ସେପାଙ୍କ କହିବା ଅନୁଯାୟୀ, ଅଧିକ ସମୟ ସୋସିଆଲ୍ ମିଡିଆ ଦେଖିବା, ଓଟିଟି କିମ୍ବା ଗେମିଂରେ ସମୟ ବିତାଇବା ଏବଂ ରିଲ୍ସ କିମ୍ବା ବିଭିନ୍ନ ଶର୍ଟ ଭିଡିଓ ଦେଖିବା ଦ୍ୱାରା ହଠାତ୍ ଡୋପାମାଇନ୍ ସ୍ତର ବଢ଼ିଯିବା ଦ୍ୱାରା ଅନେକଙ୍କୁ ଖୁସି ଲାଗୁଛି ଏବଂ ମସ୍ତିଷ୍କ ମଧ୍ୟ ଏହି ଅଳ୍ପରେ ବା କ୍ଷଣିକ ଖୁସି ହେବାରେ ଅଭ୍ୟସ୍ତ ହୋଇଯାଉଛି। ଏହାର ପ୍ରଭାବରେ ଯେଉଁ କାମ ଅଧିକ ସମୟ କରିବାକୁ ହେଉଛି ଯେମିତିକି ପାଠ ପଢ଼ିବା, ଲେଖିବା, ଅଫିସ୍ କାମ, ଏକ୍ସରସାଇଜ୍ ଆଦି ପାଇଁ ସେମାନଙ୍କର ଆଦୌ ଏକାଗ୍ରତା ଏବଂ ଧୈର୍ଯ୍ୟ ରହୁନାହିଁ। ବରଂ କିଛି ସମୟ ଏହି ଇ-ଗ୍ୟାଜେଟ୍‌ଠୁ ଦୂରେଇ ରହିଲେ ମନ ବ୍ୟସ୍ତ, ଚିଡ଼ିଚିଡ଼ା, ଚାପଗ୍ରସ୍ତ ଲାଗୁଛି ଏବଂ ମନକୁ ହାଲୁକା କରିବା ଲାଗି କାମ ମଝିରେ ସେମାନେ କିଛି ସମୟ ଲେଖାଏଁ ପୁଣି ମୋବାଇଲ୍ ଦୁନିଆକୁ ଫେରିଯାଉଛନ୍ତି। ବାରମ୍ବାର ଡିଜିଟାଲ୍ କଣ୍ଟେଣ୍ଟ ଦେଖିବା ଦ୍ୱାରା ମସ୍ତିଷ୍କରେ ଡୋପାମାଇନ୍ ହର୍ମୋନ କ୍ଷରଣରେ ଅସନ୍ତୁଳନ ଦେଖାଯାଉଛି, ଯାହାକି ଅପରପକ୍ଷେ ମାନସିକ ଥକାପଣ, ଏକାଗ୍ରତାର ଅଭାବ, ଚିନ୍ତା, ଅବସାଦ, ନିଦ୍ରାହୀନତା, କାର୍ଯ୍ୟଦକ୍ଷତା ହ୍ରାସ ପାଇବା, ଡିଜିଟାଲ୍ ଡିମେନ୍‌ସିଆ ଭଳି ବିଭିନ୍ନ ସମସ୍ୟାର କାରଣ ସାଜୁଛି। ତେବେ ବର୍ତ୍ତମାନ ଯୁବପିଢ଼ିଙ୍କ ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍ ଦେଖିବା ନିଶା ଯେ ଅଜାଣତରେ ସେମାନଙ୍କ ପାଇଁ ସ୍ଲୋ ପଏଜନ୍ ଭଳି କାମ କରୁଛି, ସେ ଦିଗରେ ସେମାନେ ଆଦୌ ସଚେତନ ହେଉନାହାନ୍ତି। ତେଣୁ ଏଭଳି ସମସ୍ୟାଠାରୁ ଦୂରେଇ ରହିବାକୁ ହେଲେ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଯୋଗୁ ହେଉଥିବା ଡୋପାମାଇନ୍ କ୍ଷରଣ ଓ ଶରୀରରେ ଏହାର ଅସନ୍ତୁଳନକୁ ନିୟନ୍ତ୍ରଣରେ ରଖିବା ଲାଗି ମସ୍ତିଷ୍କକୁ ପ୍ରାକୃତିକ ଉପାୟରେ ଖୁସି ରଖିବା ଦରକାର। ତେଣୁ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ମଧ୍ୟରେ ଡୋପାମାଇନ୍ ଡିଟକ୍ସର ଟ୍ରେଣ୍ଡ ବଢ଼ିବାରେ ଲାଗିଛି।



**ମନ ଭଲ ନ ଥିଲେ କିମ୍ବା ଚାପରେ ଥିଲେ ଅନେକେ ମୋବାଇଲ୍‌ରେ କିଛି ସମୟ ଖେଳନ୍ତି ଅବା ପସନ୍ଦର ଭିଡିଓ ଦେଖିଥାଆନ୍ତି। ଫଳରେ ମସ୍ତିଷ୍କରେ ଡୋପାମାଇନ୍ କ୍ଷରଣ ହୁଏ ଏବଂ ମୁଡ୍ ଫ୍ରେସ୍ ହୋଇଯାଏ। ହେଲେ ଖୁସି ଆଳରେ ଅଧିକ ସମୟ ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍ ଦେଖିବା ନିଶା ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ମସ୍ତିଷ୍କକୁ ପ୍ରାକୃତିକ ଉପାୟରେ ଖୁସି ଓ ଫିଟ୍ ରଖିବା ଲାଗି ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ମଧ୍ୟରେ ଡୋପାମାଇନ୍ ଡିଟକ୍ସର ଟ୍ରେଣ୍ଡ ବଢ଼ିବାରେ ଲାଗିଛି...**





### ଡୋପାମାଇନ୍ ଡିଟକ୍ସ ପାଇଁ କ'ଣ କରିବେ:

**ପରିବାର ଓ ବନ୍ଧୁଙ୍କ ସହ ଖୁସିର ସମୟ ବିତାନ୍ତୁ:** ଫାଙ୍କା ସମୟ ମିଳିଲେ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ କ୍ୱାଲିଟି ଟାଇମ୍ ବିତାନ୍ତୁ। ଏକାଠି ବୁଲିବା, ଖାଇବା, ଗପସପ କରିବା, ହସିବା, ମୋବାଇଲ୍ ଦେଖିବା ଯୋଗୁ ହେଉଥିବା କ୍ଷଣିକ ଖୁସି ନୁହେଁ ବରଂ ମନ ପ୍ରକୃତରେ ଖୁସି ରହିଥାଏ। ଏହାଦ୍ୱାରା ପ୍ରାକୃତିକ ଉପାୟରେ ଡୋପାମାଇନ୍ ଏବଂ ଏଣ୍ଡୋର୍‌ଫିନ ହର୍ମୋନ୍ ଶରୀରରୁ ନିର୍ଗତ କରାଇଥାଏ, ଯାହା ମଣିଷକୁ ଭଲ ମାନସିକ ସ୍ଥିତି ଆଡ଼କୁ ନେଇଥାଏ, ମାନସିକ ଅବସାଦକୁ ଦୂରେଇ ଦେଇଥାଏ ଏବଂ ଷ୍ଟ୍ରେସ୍ ହରମୋନ୍ କମାଇଦିଏ।

**ଫୋନ୍ ବ୍ୟବହାର କମାନ୍ତୁ:** ଯଥାସମ୍ଭବ ନିଜର ଫୋନ୍ ବ୍ୟବହାର ବିଶେଷକରି ସୋସିଆଲ୍ ମିଡିଆ ଦେଖିବା କମାଇବାକୁ ଚେଷ୍ଟା କରନ୍ତୁ। କାରଣ ସ୍କ୍ରିନ୍ ଟାଇମ୍ ଅଧିକ ରହିବା ଦ୍ୱାରା ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଫୋନ୍‌ରେ ଅଧିକ ସମୟ ରିଲ୍ସ, ଶର୍ଟ୍ସ ଦେଖିବା କମ୍ କଲେ ହଠାତ୍ ଡୋପାମାଇନ୍ ସ୍ତରରେ ହେଉଥିବା ଅସନ୍ତୁଳନ କମିଯିବ ଏବଂ ଏହା ଡୋପାମାଇନ୍ ଡିଟକ୍ସ ଭାବେ କାର୍ଯ୍ୟ କରିବ। ଏହି ସମୟରେ ଆପଣ ପାଠପଢ଼ା କିମ୍ବା କୌଣସି ଏଭଳି କାର୍ଯ୍ୟ କରନ୍ତୁ, ଯାହା ମାନସିକ ଖୁସି ଦେଇପାରିବ।

**ନିଜ ରୁଚି ଉପରେ ଧ୍ୟାନ ଦିଅନ୍ତୁ:** ମନକୁ ଖୁସି କରିବା ଲାଗି ଡିଜିଟାଲ୍ ଆଡିକ୍ସନ ରଖିବା ଉଚିତ୍ ନୁହେଁ। ବରଂ ଅଧିକରୁ ଅଧିକ ବହି ପଢ଼ିବା, ବୁଲାବୁଲି କରିବା, କିଛି ନୂଆ ଶିଖିବା, ଗାର୍ଡେନିଂ କରିବା, ପେଣ୍ଟିଂ, ଡ୍ୟାନ୍ସିଂ, ସିଙ୍ଗିଙ୍ଗ୍ ଭଳି ନିଜ ରୁଚି ଥିବା କାର୍ଯ୍ୟ କରିବା ଅଧିକ ଲାଭଦାୟକ। ଏହା ବ୍ୟତୀତ ପ୍ରତିଦିନ କିଛି ସମୟ ମେଡିଟେଶନ୍ କରନ୍ତୁ ଏହା ମନକୁ ପ୍ରାକୃତିକ ଉପାୟରେ ଖୁସି ଓ ଶାନ୍ତ ରଖିବାରେ ସାହାଯ୍ୟ କରିବ।

**ଡିଜିଟାଲ୍ ଡିଟକ୍ସ ଆପଣାନ୍ତୁ:** ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଡିଜିଟାଲ୍ ଗ୍ୟାଜେଟ୍ ଆଦୌ ବ୍ୟବହାର ନ କରିବା। ଏପରି କରିବା ଦ୍ୱାରା ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ହେବାରେ ବି ସାହାଯ୍ୟ କରିବ। ଏଥିପାଇଁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବା ଦ୍ୱାରା କୌଣସି ଲାଭ ହେବ ନାହିଁ। ତେଣୁ ମୋବାଇଲ୍ ବ୍ୟବହାର ନ କରିବା ଲାଗି ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରନ୍ତୁ। ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖି ବିଭିନ୍ନ ଆପ୍‌ଗୁଡ଼ିକର ନୋଟିଫିକେଶନ ଅଫ୍ କରିଦିଅନ୍ତୁ।

**ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ:** ବିଶେଷଜ୍ଞଙ୍କ ମତରେ ରାତିରେ ଶୋଇବା ବେଳେ ମୋବାଇଲ୍‌ରେ ଗେମ୍ ଖେଳିବା, ଭିଡିଓ ଦେଖିବା ଆଦି ଦ୍ୱାରା ଯଦିଓ ସେହି ସମୟରେ ଡୋପାମାଇନ୍ ବଢ଼ିବା ଯୋଗୁ ଖୁସି ଲାଗିଥାଏ ; ହେଲେ ଏହାଦ୍ୱାରା ନିଦ ସମ୍ପୂର୍ଣ୍ଣ ହୋଇ ନ ଥାଏ। ପ୍ରତିଦିନ ଏପରି ହେବା ଯୋଗୁ ଦିନରେ ନିଦ ଆସିବା, ମୁଣ୍ଡ ବୁଲେଇବା, ଥକାପଣ, ଗ୍ୟାସ୍, ବ୍ଲଡ୍‌ପ୍ରେସର ଭଳି ଅନେକ ନିଦ୍ରାହୀନତାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଷ୍ଟ୍ରେସ୍ ହର୍ମୋନ ବଢ଼ିବା ସହ ଇମ୍ୟୁନିଟି ସିଷ୍ଟମ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ମାନସିକ ସ୍ତରରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ତେଣୁ ରାତିରେ ଆଦୌ ମୋବାଇଲ୍ କିମ୍ବା ଅନ୍ୟ କୌଣସି ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ନ କରି ଆବଶ୍ୟକ ପରିମାଣରେ ଶୁଅନ୍ତୁ। ଏହାଦ୍ୱାରା ଉଭୟ ମାନସିକ ଏବଂ ଶାରୀରିକସ୍ତରରେ ସୁସ୍ଥ ରହିପାରିବେ।



## ଏ ସପ୍ତାହର ପ୍ରଶ୍ନ

୧- ଯୋଗ ମହୋତ୍ସବ ୨୦୨୬ ...........ଠାରେ ଆୟୋଜିତ ହୋଇଛି ?
୨- କୁରୁମ୍ବା ଆର୍ଟ ମୁଖ୍ୟତଃ ଭାରତର ...........ଅଞ୍ଚଳରେ ଦେଖିବାକୁ ମିଳିଥାଏ ?
୩- ନ୍ୟାଶନାଲ୍ ଭ୍ୟାକ୍ସିନେଶନ୍ ଡେ' ପ୍ରତିବର୍ଷ .......... ତାରିଖରେ ପାଳନ କରାଯାଏ ?
୪- ଜ୍ଞାନପୀଠ ପୁରସ୍କାର .......... କ୍ଷେତ୍ରରେ ଦିଆଯାଏ ?
୫- ଆଙ୍ଗୋରା ଉଲ୍ ............ ଲୋମରୁ ପ୍ରସ୍ତୁତ କରାଯାଏ।

## ଗତ ଥରର ଉତ୍ତର

୧ ଏଣ୍ଟୁଅ ପ୍ରଜାତି
୨ ଆମେରିକା
୩ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଏନ୍ ଟେକ୍ନୋଲୋଜି
୪ ଭାରତର ସମସ୍ତ ଗ୍ରାମପଞ୍ଚାୟତକୁ ବ୍ରଡ୍‌ବ୍ୟାଣ୍ଡ କନେକ୍ସନ ଯୋଗାଇଦେବା
୫ ହ୍ୟୁମାନ୍ ମେଟାନ୍ୟୁମୋଭାଇରସ୍

## ଉତ୍ତରଦାତା



ସଚ୍ଚିଦାନନ୍ଦ ପରିଡ଼ା, ଭୁବନେଶ୍ୱର



ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ସର୍ବାଧିକ ଧାନ ଉତ୍ପାଦନକାରୀ ଦେଶ

| | |
|---|---|
| ୧. ଭାରତ | ୨୬୫,୦୯୮,୮୮୫ ଟନ୍ |
| ୨. ଚାଇନା | ୨୫୫,୨୪୫,୨୩୫ ଟନ୍ |
| ୩. ବାଂଲାଦେଶ | ୫୭,୧୮୯,୧୯୩ ଟନ୍ |
| ୪. ଇଣ୍ଡୋନେସିଆ | ୫୪,୭୪୮,୯୭୭ ଟନ୍ |
| ୫. ଭିଏତ୍‌ନାମ | ୪୨,୬୭୨,୩୩୯ ଟନ୍ |
| ୬. ଥାଇଲାଣ୍ଡ | ୩୪,୩୧୭,୦୨୮ ଟନ୍ |
| ୭. ମ୍ୟାନ୍‌ମାର୍ | ୨୪,୬୮୦,୨୦୦ ଟନ୍ |
| ୮. ଫିଲିପାଇନ୍ସ | ୧୯,୭୫୬,୩୧୨ ଟନ୍ |
| ୯. କାମ୍ବୋଡିଆ | ୧୧,୬୨୦,୦୦୦ ଟନ୍ |
| ୧୦. ପାକିସ୍ତାନ | ୧୦,୯୮୩,୦୮୧ ଟନ୍ |

## ୟୁଥ୍ ଆଲର୍ଟ

# ହାନିକାରକ ପ୍ୟାକେଟ୍ ଫ୍ରୁଟଜୁସ୍

**ଗରମ ବଢ଼ିବା ସହିତ ମାର୍କେଟ୍‌ରେ ବିଭିନ୍ନ ଥଣ୍ଡାପାନୀୟର ଡିମାଣ୍ଡ ବଢ଼ିବାରେ ଲାଗିଛି। ଏମିତିରେ ଅଧିକାଂଶ ଯୁବପିଢ଼ି ମାର୍କେଟ୍‌ରେ ମିଳୁଥିବା ପ୍ୟାକେଟ୍ ଫ୍ରୁଟ୍‌ଜୁସ୍ ପିଉଥିବା ଦେଖିବାକୁ ମିଳୁଛି। ହେଲେ ସ୍ୱାସ୍ଥ୍ୟ ପାଇଁ ଏହା ହାନିକାରକ ହୋଇପାରେ...**

▶ପ୍ୟାକେଟ୍ ଜୁସ୍‌ରେ ପ୍ରଚୁର ମାତ୍ରାରେ କୃତ୍ରିମ ମିଠା ଥିବା ବେଳେ ଫାଇବର୍ ମାତ୍ରା କମ୍ ରହିବା ଯୋଗୁ ଶରୀରରେ ଇନ୍‌ସୁଲିନ୍‌ର ମାତ୍ରା ବଢ଼ିଥାଏ। ଏଥିରେ ଶର୍କରା ଏବଂ କ୍ୟାଲୋରିର ମାତ୍ରା ମଧ୍ୟ ଅଧିକ ଥିବାରୁ ମେଦବହୁଳତା, ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦିଏ।

▶ ଫ୍ରୁଟଜୁସ୍ ପ୍ରସ୍ତୁତି କରିବା ସମୟରେ ସେଥିରେ କ୍ୟାଡମିୟମ, ଆର୍ସେନିକ୍ ଏବଂ ସୀସା ଇତ୍ୟାଦି ମିଶାଯାଇଥାଏ, ଯାହାକୁ ପିଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଉପରେ ଖରାପ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ଏହିସବୁ ହାନିକାରକ ଉପାଦାନ କ୍ୟାନ୍‌ସର ଆଶଙ୍କାକୁ ମଧ୍ୟ ବଢ଼ାଇଥାଏ।

▶ପ୍ରତିଦିନ ପ୍ୟାକେଟ୍ ଜୁସ୍ ପିଇବା ଦ୍ୱାରା ଗ୍ୟାସ୍, ଏସିଡିଟି, ଡାଇରିଆ ଏବଂ ବଦହଜମି ଭଳି ସ୍ୱାସ୍ଥ୍ୟ ସମସ୍ୟା ବି ଦେଖା ଦେଇଥାଏ।



▶ପ୍ୟାକେଡ୍ ଜୁସ୍ ପିଇବା ପରିବର୍ତ୍ତେ ଘର ତିଆରି ଫଳରସ ପିଇପାରିବେ।

▶ଅଧିକ ସମୟଯାଏଁ ଷ୍ଟୋର୍ କରି ରଖିବା ଲାଗି ପ୍ୟାକେଟ୍ ଫ୍ରୁଟ୍ ଜୁସ୍‌କୁ ଆର୍ଟିଫିସିଆଲ୍ କଲର୍ ମିଶାଯାଇଥାଏ, ଯାହା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।



## ଜାଣନ୍ତୁ ଦୁନିଆ

# କଳାଯାଦୁର ଗାଁ

**ଯାଦୁ, ଯାହାକୁ କିଏ କୁହେ ତନ୍ତ୍ର-ମନ୍ତ୍ର ତ ଆଉ କିଏ କୁହେ ହାତସଫେଇ। ହେଲେ ଏହି କଳା ମାତ୍ର ହାତଗଣତି କେତେଜଣଙ୍କୁ ହିଁ ଜଣା। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏଭଳି ଏକ ଗାଁ ଅଛି, ଯେଉଁଠି ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଯାଦୁ ଶିଖିଛନ୍ତି। ଜାଣନ୍ତୁ ସେହି ଗାଁ ସମ୍ପର୍କରେ...**

➤ ଆସାମର ରାଜଧାନୀ ଗୌହାଟୀଠାରୁ ୪୦କିମି. ଦୂରରେ ଅବସ୍ଥିତ ମାୟୋଙ୍ଗ ନାମକ ଗାଁ, ଯାହାକି କଳାଯାଦୁର ଗାଁ ଭାବେ ସାରା ଦେଶରେ ପରିଚିତ। ସଂସ୍କୃତ ଶବ୍ଦ ମାୟା ଅର୍ଥାତ୍ ଭ୍ରମରୁ ଏହି ଗାଁର ନାମ ଏପରି ରଖାଯାଇଥିବା ସ୍ଥାନୀୟ ଲୋକ ମତ ଦିଅନ୍ତି।



➤ଏଠାକାର ଲୋକେ ଆଖି ଆଗରୁ କାହାକୁ ଅଦୃଶ୍ୟ କରିଦେବା କିମ୍ବା ନିଜେ ଅଦୃଶ୍ୟ ହୋଇଯିବା ଅବା ନିଜକୁ ପଶୁରେ ବଦଳାଇ ଦେବାର କଳା ବେଶ୍ ଭଲ ଭାବେ ଜାଣନ୍ତି। ଏମିତିକି ସେମାନେ ଯାଦୁ ପ୍ରୟୋଗ କରି ହିଂସ୍ର ଜଙ୍ଗଲୀ ପଶୁଙ୍କୁ ବି ପୋଷା ମନେଇପାରନ୍ତି।

➤କୁହାଯାଏ, ଏଠାକାର ଲୋକେ ମନ୍ତ୍ର ଦ୍ୱାରା ରୋଗ ଭଲକରିବା, ଯାଦୁ ଦ୍ୱାରା ଚୋର ଧରିବା, ଭବିଷ୍ୟବାଣୀ କହିବା ଭଳି କାର୍ଯ୍ୟରେ ପାରଙ୍ଗମ।

➤ଏଠାକାର ଲୋକମାନଙ୍କ ମୁଖ୍ୟ ପେସା ଚାଷ ହୋଇଥିବା ବେଳେ ସମସ୍ତେ ଯାଦୁ ଶିକ୍ଷା କରନ୍ତି ଏବଂ ପିଲାମାନଙ୍କୁ ମଧ୍ୟ ଏହି କଳା ଶିଖାଯାଇଥାଏ।

➤ଏକ ପୌରାଣିକ କଥା ଅନୁଯାୟୀ, ୧୩୩୨ରେ ଆସାମକୁ ମୋଗଲ ବାଦଶାହ ମହମ୍ମଦ ଶାହ ଏକ ଲକ୍ଷ ଘୋଡ଼ାସବାରଙ୍କୁ ନେଇ ଆକ୍ରମଣ କରିଥିଲେ। ସେତେବେଳେ ସେଠାରେ ଉପସ୍ଥିତ ଥିବା ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ତାନ୍ତ୍ରିକ ମାୟୋଙ୍ଗ୍ ଗାଁକୁ ରକ୍ଷା କରିବା ଲାଗି ତନ୍ତ୍ର ବଳରେ ଏପରି ଏକ ପାଚେରି ଠିଆ କରିଦେଇଥିଲେ, ଯାହାକୁ ପାର କରିବା ମାତ୍ରେ ସୈନିକମାନେ ଅଦୃଶ୍ୟ ହୋଇଯାଉଥିଲେ। ତେବେ ସେହି ସେନାବାହିନୀ ବାସ୍ତବରେ କେଉଁଆଡ଼େ ଗଲେ ତାହା ସବୁଦିନ ପାଇଁ ରହସ୍ୟ ପାଲଟିଗଲା।



➤ଏହି ଗାଁ ମହାଭାରତ ସମୟର ବୋଲି ଅନେକେ କୁହନ୍ତି। ଭୀମଙ୍କ ପୁଅ ଘଟୋତ୍କଚ ଏହି ଗାଁର ରାଜା ଥିଲେ ବୋଲି କିମ୍ବଦନ୍ତୀ ରହିଛି।

➤ଏଠାରେ ଶକ୍ତି ପୂଜା ସହ ମହାଦେବ ଏବଂ ଗଣେଶଙ୍କ ପୂଜା ମଧ୍ୟ କରାଯାଏ। ଏହି ଗାଁ ମଧ୍ୟରେ ବୁଢ଼ା ମାୟୋଙ୍ଗ ନାମକ ଏକ ସ୍ଥାନ ରହିଛି, ଯାହାକୁ କଳାଯାଦୁର କେନ୍ଦ୍ର କୁହାଯାଏ। ସେଠାରେ ଅଷ୍ଟଦଳ ଏବଂ ଯୋନି ନାମକ ଦୁଇଟି କୁଣ୍ଡ ରହିଛି। ଅଷ୍ଟଦଳ କୁଣ୍ଡରେ ବୌଦ୍ଧଧର୍ମୀ ଏବଂ ଯୋନି କୁଣ୍ଡରେ ହିନ୍ଦୁମାନେ ତନ୍ତ୍ର ବିଦ୍ୟା ସାଧନା କରିଥାନ୍ତି। କୁହାଯାଏ କଳାଯାଦୁର ମନ୍ତ୍ରଶକ୍ତି ଯୋଗୁ ଏହି କୁଣ୍ଡ ଦ୍ୱୟରେ ପାଣି ସବୁବେଳେ ପୂର୍ଣ୍ଣ ରହିଥାଏ।

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୨୯ ମାର୍ଚ୍ଚ, ୨୦୨୬ | Bhubaneswar, Sunday, 29 March, 2026

# ଆର୍‌ସିବିର ସହଜ ବିଜୟ


ବିରାଟ କୋହଲି

**ବେଙ୍ଗାଲୁରୁ,୨୮।୩**

ଆଇପିଏଲ୍‌ର ୧୯ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସହଜରେ ୬ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍)କୁ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଗତ ବର୍ଷ ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ଲାଗି ନିରବ ପ୍ରାର୍ଥନା କରାଯାଇଥିଲା ଏବଂ ଆର୍‌ସିବି ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଏସ୍‌ଆର୍‌ଏଚ୍ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୨୯ ରନ ମଧ୍ୟରେ ଟ୍ରାଭିସ ହେଡ୍ (୧୧), ଅଭିଷେକ ଶର୍ମା (୭), ନୀତୀଶ କୁମାର ରେଡ୍ଡୀ (୧)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଧିନାୟକ ଇଶାନ କିଶନ ଓ ହେନରିକ କ୍ଲାସେନ ଚତୁର୍ଥ ଉଇକେଟରେ ୫୩ ବଲରେ ୯୭ ରନର ପାର୍ଟନରଶିପ କରିଥିଲେ। କ୍ଲାସେନ ୩୧ (୨ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବାବେଳେ ୧୬ତମ ଓଭରରେ ବାଉଣ୍ଡ୍ରି ଲାଇନରେ ସଲ୍ଟଙ୍କ ଏକ ଚମତ୍କାର କ୍ୟାଚ୍ ଯୋଗୁ କିଶନଙ୍କ ଇନିଂସର ଅନ୍ତ ଘଟିଥିଲା। ସେ ୩୮ ବଲରେ ୮୦ (୮ ଚୌକା ଓ ୫ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅନିକେତ ବର୍ମାଙ୍କ ୧୮ ବଲରେ ବିସ୍ଫୋରକ ୪୩ (୩ ଚୌକା ଓ ୪ ଛକା) ରନର ପାଳି ଖେଳିଥିଲେ। ଫଳରେ ଏସ୍‌ଆର୍‌ଏଚ୍ ୨୦ ଓଭରରେ ୯ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ଆର୍‌ସିବି ୧୫.୪ ଓଭରରେ ୪ ଉଇକେଟ ହରାଇ ୨୦୩ ରନ କରିନେଇଥିଲା। ଦଳ ପାଇଁ ବିରାଟ କୋହଲି ୩୮ ବଲରେ ଅପରାଜିତ ୬୯ (୫ ଲେଖାଏ ଚୌକା ଓ ଛକା) ଓ ଦେବଦତ୍ତ ପଡିକଲ ୨୬ ବଲରେ ୬୧ (୭ ଚୌକା ଓ ୪ ଛକା) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରଜତ ପାଟିଦାର ୧୨ ବଲରେ ୩୧ (୨ ଚୌକା ଓ ୩ ଛକା) ଓ ଟିମ ଡେଭିଡ୍ ଅପରାଜିତ ୧୬ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ : ୨୦ ଓଭରରେ ୨୦୧/୯(ଇଶାନ କିଶନ-୮୦, ଅନିକେତ ବର୍ମା-୪୩, ହେନରିକ କ୍ଲାସେନ-୩୧, ଜେକବ ଡଫି-୩/୨୨, ରୋମାରିଓ ଶେଫର୍ଡ-୩/୫୪)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୫.୪ ଓଭରରେ ୨୦୩/୪(ବିରାଟ କୋହଲି-୬୯*, ଦେବଦତ୍ତ ପଡିକଲ-୬୧, ରଜତ ପଟିଦାର-୩୧, ଡେଭିଡ ପେନ-୨/୩୫)।

**ଆଜିର ଆଇପିଏଲ୍ ମ୍ୟାଚ୍**

ମୁମ୍ବାଇ ବନାମ କେକେଆର୍
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ଉପରୁ ବ୍ୟାନ ହଟିନି

**ଢାକା,୨୮।୩**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରସାରଣ ଉପରୁ ବାଂଲାଦେଶରେ ବ୍ୟାନ ହଟାଯାଇଥିବା ନେଇ ପ୍ରକାଶ ପାଇଥିବା ରିପୋର୍ଟକୁ ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡନ କରାଯାଇଛି। ଆଇପିଏଲ୍ ପ୍ରସାରଣ ଉପରେ ଲଗାଯାଇଥିବା ବ୍ୟାନ ଏବେ ବି ବଳବତ୍ତର ରହିଥିବା ଦେଶର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବାଂଲାଦେଶ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ବିବୃତିରେ କୁହାଯାଇଛି, ପୂର୍ବ ସରକାର ଲଗାଇଥିବା ବ୍ୟାନ ଏବେ ବି ବଳବତ୍ତର ରହିଛି। ଏ ସଂକ୍ରାନ୍ତରେ ଗତ ୨୫ ତାରିଖରେ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟକୁ ପ୍ରତିକ୍ରିୟା ରଖିବାକୁ ଚିଠି କରାଯାଇଥିଲା। ଏହାର ପ୍ରତିକ୍ରିୟା ଉପରେ ପରବର୍ତ୍ତୀ ନିଷ୍ପତ୍ତି ନିର୍ଭର କରେ। ପୂର୍ବରୁ ପ୍ରକାଶ ପାଇଥିବା କିଛି ଗଣମାଧ୍ୟମ ରିପୋର୍ଟରେ ଆଇପିଏଲ୍ ପ୍ରସାରଣ ଉପରୁ ବ୍ୟାନ ହଟାଯାଇଥିବା ଦାବି କରାଯାଇଥିଲା। ରିପୋର୍ଟରେ ନବ ନିଯୁକ୍ତ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଜାହିର ଉଦ୍ଦିନ ସ୍ୱପନ ଏକ ସାକ୍ଷାତ୍‌କାରରେ ଦେଇଥିବା ମନ୍ତବ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଆମ ଦେଶରେ ଆଇପିଏଲ୍ ପ୍ରସାରଣ ଲାଗି କେହି ଆବେଦନ କରି ନାହାନ୍ତି। ଆମେ କ୍ରୀଡ଼ାରେ ରାଜନୀତିକୁ ସାମିଲ କରିବାକୁ ଚାହୁଁନୁ।

# ଆଇପିଏଲ୍‌ର ପ୍ରଥମ ଦୁଇ ସପ୍ତାହ ଖେଳିବେନି ଧୋନୀ

**ନୂଆଦିଲ୍ଲୀ, ୨୮।୩ (ପି.ଟି.)**


ଏମ୍‌ଏସ୍ ଧୋନୀ

ପେଣ୍ଡାରେ ଇଞ୍ଜୁରୀ ଯୋଗୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଆଇକନ୍ ଏମ୍‌ଏସ୍ ଧୋନୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଥମ ଦୁଇ ସପ୍ତାହ ଖେଳିପାରିବେନି। ପେଣ୍ଡାରେ ଯନ୍ତ୍ରଣା ଯୋଗୁ ସେ ବର୍ତ୍ତମାନ ରିହାବିଲିଟେଶନରେ ଅଛନ୍ତି। ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଧୋନୀ ଆଇପିଏଲ୍‌ରେ ତାଙ୍କ ଖେଳ ଜାରି ରଖିଛନ୍ତି। ପ୍ରତ୍ୟେକ ସିଜନରେ ସିଏସ୍‌କେର ଅଭିଯାନ ପରେ ଆଇପିଏଲ୍‌ରେ ଏହି ୪୪ ବର୍ଷୀୟ କ୍ରିକେଟରଙ୍କ ଭବିଷ୍ୟତକୁ ନେଇ ବେଶ୍ ଚର୍ଚ୍ଚା ହୋଇଥାଏ। ମ୍ୟାଚ୍ ଫିଟ୍‌ନେସ ବଜାୟ ରଖିବା ତାଙ୍କ ପାଇଁ ଏବେ କଷ୍ଟକର ହୋଇପଡ଼ିଛି। ଋତୁରାଜ ଗାଏକ୍ୱାଡ୍ ଯଦିଓ ଦଳର ଅଧିନାୟକ ଅଛନ୍ତି, ପ୍ରଚ୍ଛଦ ପଟେ ପ୍ରକୃତରେ ଧୋନୀ ଦଳର ନେତୃତ୍ୱ ନେଉଛନ୍ତି। ୨୦୦୮ରୁ ସେ ଦଳ ସହିତ ଅଛନ୍ତି। ଗତ ଆଇପିଏଲ୍‌ରେ ଧୋନୀ ୧୪ଟି ଗେମ୍ ଖେଳିଛନ୍ତି ଏବଂ ଫିନିଶର ଭୂମିକାରେ ବ୍ୟାଟିଂ ଅର୍ଡରରେ ସେ ଲୋୟର ଡାଉନ୍‌ରେ ଖେଳିଥିଲେ। ୨୦୨୩ରେ ଆଣ୍ଠୁରେ ଇଞ୍ଜୁରୀ ପାଇଁ ତାଙ୍କର ଏକ ଅସ୍ତ୍ରୋପଚାର କରାଯାଇଛି। ମାର୍ଚ୍ଚ ୩୦ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳି ସିଏସ୍‌କେ ଆଇପିଏଲ୍ ୨୦୨୬ରେ ଏହାର ଅଭିଯାନ ଆରମ୍ଭ କରିବ।






# ଭୁବନେଶ୍ୱର ଚାମ୍ପିୟନ, ଖୋର୍ଦ୍ଧା ରନରଅପ୍


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ, ରନରଅପ୍ ଦଳର ଖେଳାଳି।

**ଭୁବନେଶ୍ୱର,୨୮।୩(ଅନାଦି କର)**

**ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ**

ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନ (କେଡିବିଏ) ଦ୍ୱାରା ଆୟୋଜିତ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ୪୮-୩୦ ବ୍ୟବଧାନରେ ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିପୂର୍ବରୁ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ କ୍ଲବ ଦି ଏଣ୍ଟରଟେନମେଣ୍ଟ ୩୬-୨୦ ବ୍ୟବଧାନରେ ଜିଜିଏସ୍‌ଏସ୍‌କୁ ପରାସ୍ତ କରିଥିଲା। ଚାମ୍ପିୟନ, ରନରଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଟ୍ରଫି ସହ ଯଥାକ୍ରମେ ୫, ୩, ୨ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାନସଭା ସ୍ପିକର ସୁରମା ପାଢ଼ି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ଅନ୍ତର୍ଜାତୀୟ ବାସ୍କେଟବଲ ଖେଳାଳି ସିତାମଣୀ ଟୁଡୁ, ଓଡ଼ିଶା ବାସ୍କେଟବଲ ଆସୋସିଏଶନର ସମ୍ପାଦକ ଅଶୋକ ସାହୁ, ସଭାପତି ଜ୍ଞାନରଞ୍ଜନ ପରିଡ଼ା, ପ୍ରଶାନ୍ତ କୁମାର ନାୟକ ଓ ଆର୍‌ପି ପାଣି ଉପସ୍ଥିତ ଥିଲେ।

# ନିଉ ଫିଟ୍‌ନେସ୍ ପାର୍କରେ ମି. ୟୁନିଭର୍ସ ଚୌଗୁଲେ

**ଭୁବନେଶ୍ୱର ୨୮।୩**
**(ବିଜୟ ରଣା)**

ପୂର୍ବତନ ମିଷ୍ଟର ୟୁନିଭର୍ସ ସଂଗ୍ରାମ ଚୌଗୁଲେ ବରମୁଣ୍ଡା ରୁଚିକା ମାର୍କେଟରେ ଥିବା ନିଉ ଫିଟ୍‌ନେସ୍ ପାର୍କ ପରିଦର୍ଶନ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେ ଶହେରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ଫିଟ୍‌ନେସ୍ ମନ୍ତ୍ର ଦେଇଥିଲେ। ଚୌଗୁଲେ ସୁନ୍ଦର ସ୍ୱାସ୍ଥ୍ୟ ନେଇ ସାରାବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ୨୦୧୨ରେ ମି. ୟୁନିଭର୍ସ ଓ ୨୦୧୪ରେ ମି. ୱାର୍ଲ୍ଡ ଟାଇଟଲ ହାସଲ କରିଥିଲେ। ସେ ୨୦୧୦ରୁ ୨୦୧୫ ମଧ୍ୟରେ ୬ଥର ମି. ଇଣ୍ଡିଆ ଟାଇଟଲ ଜିତିଛନ୍ତି। ଚୌଗୁଲେ କହିଥିଲେ, ଖାଲି ପରିଶ୍ରମ କଲେ ହେବନାହିଁ, ନିଜ ମଧ୍ୟରେ ଦୃଢ଼ ଏକାଗ୍ରତା ଓ ଶୃଙ୍ଖଳା ରହିବା ଆବଶ୍ୟକ। ସ୍ୱାସ୍ଥ୍ୟ ଯେତେ ସୁନ୍ଦର ହେବ ଆମ ଜୀବନଶୈଳୀ ମଧ୍ୟ ସେତିକି ଉନ୍ନତ ହେବ। ଫିଟ୍ ରହିବା ପାଇଁ ଆମେ ସମସ୍ତେ ଦୈନିକ କିଛିନା କିଛି ଶାରୀରିକ ପରିଶ୍ରମ କରିବା ଉଚିତ। ଏହି ଅବସରରେ ନିଉ ଫିଟ୍‌ନେସ୍ ପାର୍କ ମାଲିକ ଚିତ୍ତରଞ୍ଜନ ପୃଷ୍ଟି କହିଥିଲେ, ତାଙ୍କ ଜିମ୍ କେନ୍ଦ୍ର ଇତିମଧ୍ୟରେ ୨୧ ବର୍ଷ ପୂରଣ କରିଛି। ଏଥିରେ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଟ୍ରେନର ମନୋଜ ଦାସ, ସୁନନ୍ଦା ନାୟକ ଓ ଲୋକନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।









1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ